

କୁଲଦୀପ ସେଙ୍ଗର ବର୍ତ୍ତିବା କଷ୍ଟକର

ପୃଷ୍ଠା ୪


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17



## ଜିଲ୍ଲା ପ୍ରତିନିଧି ଆବଶ୍ୟକ

ଦୈନିକ 'ସଂଚାର' ଓ 'ସଂଚାର ଡିଜିଟାଲ' ପାଇଁ ନିମ୍ନଲିଖିତ ଜିଲ୍ଲା ପାଇଁ 'ଜିଲ୍ଲା ପ୍ରତିନିଧି' ଆବଶ୍ୟକ। ଅନ୍ୟୂନ ତିନି ବର୍ଷର ଅଭିଜ୍ଞତା ଥିବା ସାମ୍ବାଦିକମାନେ ଆବେଦନ କରିପାରିବେ। ଆଗ୍ରହୀ ବ୍ୟକ୍ତି ୭ ଦିନ ମଧ୍ୟରେ ଆବେଦନ କରିପାରିବେ। ଜିଲ୍ଲାଗୁଡ଼ିକ ହେଲା ପୁରୀ, କଟକ, ଖୋର୍ଦ୍ଧା, ନୟାଗଡ, ଯାଜପୁର, ଭଦ୍ରକ, ଜଗତସିଂହପୁର, ବାଲେଶ୍ୱର, କେନ୍ଦୁଝର, ଢେଙ୍କାନାଳ ଓ ଅନୁଗୁଳ।

ଯୋଗାଯୋଗ

Mail :- sancharodisha@gmail.com

Whatsapp :- +91 8093008776



Vol. 33 | ISSUE 273 | ଭାଗ ୩୩ | ସଂଖ୍ୟା ୨୭୩ Friday 26 December 2025 | Page 8 Rs. 5.00 ● ଭୁବନେଶ୍ୱର ଶୁକ୍ରବାର ୨୬ ଡିସେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


## ଦିଲ୍ଲୀକୁ ଟପିଲା ଓଡ଼ିଶା ପ୍ରଦୂଷଣ

# ବିଷ ବଳୟରେ ତିନି ସହର

- ବାଲେଶ୍ୱର, ତାଳଚେର ଓ ବାରିପଦାରେ ସ୍ଥିତି ଗମ୍ଭୀର
- ହଳଦିଆ ଓ ରୂପନଗର ଅନ୍ୟତମ ପ୍ରଦୂଷିତ ସହର
- ସ୍ୱାସ୍ଥ୍ୟ ସମସ୍ୟା ଗୁରୁତର ହେବା ଆଶଙ୍କା



ଭୁବନେଶ୍ୱର/ନୂଆଦିଲ୍ଲୀ,୨୫।୧୨: ଗତ କିଛି ବର୍ଷ ହେଲା ଜାତୀୟ ରାଜଧାନୀ ଦିଲ୍ଲୀରେ ବାୟୁ ପ୍ରଦୂଷଣ ଯୋଗୁଁ ଦିନବେଳା ବି ଜନସାଧାରଣ ସଠିକ୍ ଭାବେ ଯାତାୟାତ କରିନପାରିବା ଭଳି ସ୍ଥିତି ଜାରି ରହିଛି। ପ୍ରଦୂଷଣଜନିତ ସ୍ଥିତିରେ ସୁଧାର ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଉଥିଲେ ମଧ୍ୟ ତା'ର କାଣିଚାଏ ପ୍ରଭାବ ବି ପଡୁଥିବା ପରିଲକ୍ଷିତ ହେଉନାହିଁ। ଏପରି ସ୍ଥିତିରେ ନିକଟରେ ଓଡ଼ିଶାର କେତେକ ପ୍ରମୁଖ ସହରର ସ୍ଥିତି ବି ରାଜଧାନୀ ଦିଲ୍ଲୀକୁ ଅନୁସରଣ କରିବା ଭଳି ମନେ ହେଉଛି। କିଛିଦିନ ତଳେ ରାଜଧାନୀ ଭୁବନେଶ୍ୱରରେ ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ଉଦ୍‌ବେଗଜନକ ଥିବା ସାମ୍ନାକୁ ଆସିଥିଲା। ଏହି କ୍ରମରେ ଆଜି ଓଡ଼ିଶା ଭାରତର ପ୍ରମୁଖ ପ୍ରଦୂଷିତ ରାଜ୍ୟ ମଧ୍ୟରେ ଅନ୍ୟତମ ରାଜ୍ୟ ଭାବେ ପରିଗଣିତ ହେଉଛି। କାରଣ ଆଜି ରାଜ୍ୟର ୩ ଜିଲ୍ଲାରେ ଗୋଟିଏ ଲେଖାଏଁ ସହରରେ ଏକ୍ୟୁଆଇ ସର୍ବାଧିକ ଥିବା ଜଣାପଡ଼ିଛି। ଏହି ତିନିଟି ସହର ହେଲା ବାଲେଶ୍ୱର, ତାଳଚେର ଓ ବାରିପଦା। ଏହି ସହରଗୁଡ଼ିକରେ ଆଜି ପ୍ରଦୂଷଣଜନିତ ସ୍ଥିତି ସଙ୍ଗୀନ ହୋଇଥିବା ବେଳେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସ୍କୁଲଗୁଡ଼ିକୁ ମଧ୍ୟ ବନ୍ଦ ରଖାଯାଇଥିଲା। ଉପରୋକ୍ତ ୩ ସହର ମଧ୍ୟରୁ ବାଲେଶ୍ୱରରେ ଏକ୍ୟୁଆଇ ସବୁଠାରୁ ଦୁର୍ବଳ ସ୍ଥିତିରେ ରହିଥିଲା। ଏପରିକି ଓଡ଼ିଶାର ତିନିଟିଯାକ ସହରରେ ଏକ୍ୟୁଆଇ ଦିଲ୍ଲୀଠାରୁ ବି ଅଧିକ ରହିଥିବା ରେକର୍ଡ କରାଯାଇଛି। ଆଜି ବାଲେଶ୍ୱରରେ ଏକ୍ୟୁଆଇ ୩୩୬ ରହିଥିବା ବେଳେ ତାଳଚେରରେ ୩୨୪ ଓ ବାରିପଦାରେ ୩୦୪ ରହିଥିଲା। ତିନୋଟିଯାକ ସହରରେ ଏକ୍ୟୁଆଇ 'ଭେରି ପୁଅର୍' ଅର୍ଥାତ୍ 'ଅତିଶୟ ଗୁରୁତର' ରହିଛି। ଆଜି ଦିଲ୍ଲୀରେ ଏକ୍ୟୁଆଇ ୨୧୮ ଥିବା ବେଳେ ଉପରୋକ୍ତ ତିନି ସହରର ପ୍ରଦୂଷଣଜନିତ ସ୍ଥିତି ଏହାଠାରୁ ଯଥେଷ୍ଟ ସାଙ୍ଘାତିକ ସ୍ତରରେ ରହିଥିବା ଜଣାପଡ଼ିଛି।

ସେହିପରି ଆଜି ଦେଶର ଶୀର୍ଷ ୫ ପ୍ରଦୂଷିତ ସହର ମଧ୍ୟରେ ଓଡ଼ିଶାର ୩ ସହର ବ୍ୟତୀତ କୋଲ୍‌କାତାର ହଳଦିଆ ଓ ପଞ୍ଜାବର ରୂପ ନଗର ରହିଛନ୍ତି। ହଳଦିଆଠାରେ ଏକ୍ୟୁଆଇ ୩୧୯ ଥିବା ବେଳେ ରୂପନଗରରେ ଏହା ୩୧୧ ରହିଥିବା ରେକର୍ଡ କରାଯାଇଛି। ଅବଶ୍ୟ ବାରିପଦା, ବାଲେଶ୍ୱର ଓ ତାଳଚେର ସହର ତୁଳନାରେ ରାଜ୍ୟର ଦୁଇ ପ୍ରମୁଖ ସହର ରାଜଧାନୀ ଭୁବନେଶ୍ୱର ଓ କଟକରେ ଏକ୍ୟୁଆଇ ଯଥେଷ୍ଟ ଉନ୍ନତ ସ୍ତରରେ ରହିଥିଲା। ଭୁବନେଶ୍ୱରରେ ଏହା ୨୩୯ ରହିଥିବା ବେଳେ କଟକରେ ୨୬୨ ରହିଥିଲା। ଏହି ଦୁଇ ସହରକୁ ଏକ୍ୟୁଆଇରେ 'ପୁଅର୍' ବର୍ଗରେ ରଖାଯାଇଛି।

ଗତକାଲି ମଧ୍ୟ ଦେଶର ୫ ସର୍ବାଧିକ ପ୍ରଦୂଷିତ ସହର ମଧ୍ୟରେ ଓଡ଼ିଶାର ୨ଟି ସହର ସ୍ଥାନ ପାଇଥିଲା। ସେଗୁଡ଼ିକ ହେଲା ଅନୁଗୁଳ ଓ ତାଳଚେର। ଅନୁଗୁଳରେ ଏକ୍ୟୁଆଇ ୩୦୩ ଥିବା ବେଳେ ତାଳଚେରରେ ଏହା ୩୩୬ ରହିଥିଲା। ଅର୍ଥାତ୍ ତାଳଚେରରେ କ୍ରମାଗତ ଭାବେ ପ୍ରଦୂଷଣଜନିତ ସ୍ଥିତି ସାଙ୍ଘାତିକ ସ୍ତରରେ ରହିଛି। ଅବଶ୍ୟ ଆଜି ଏଥିରେ ଗତକାଲି ତୁଳନାରେ ସାମାନ୍ୟ ଉନ୍ନତି ଆସିଛି। କିନ୍ତୁ ଦେଶର ସର୍ବାଧିକ ପ୍ରଦୂଷିତ ସହର ମଧ୍ୟରେ ଓଡ଼ିଶାର ସହର ନିୟମିତ ଭାବେ ସ୍ଥାନ ପାଇଆସୁଥିବାରୁ ରାଜ୍ୟରେ ଦିନକୁ ଦିନ ପରିବେଶ ସଙ୍କଟଜନକ ➾ପୃଷ୍ଠା-୬

## ଭାଙ୍ଗିଲା ଲାଲ୍ ଗଡ଼ ମେରୁହାଡ଼

# ଗଣେଶ ସମେତ ୬ ନକ୍ସଲ ନିହତ

**ଦୁଇ ଜଣଙ୍କ ମୁଣ୍ଡରେ ଥିଲା କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ପୁରସ୍କାର**



ଫୁଲବାଣୀ,୨୫।୧୨ (ସଂଚାର ବ୍ୟୁରୋ): ରାଜ୍ୟ ସୁରକ୍ଷା ବାହିନୀକୁ ମିଳିଛି ବଡ଼ ସଫଳତା। କନ୍ଧମାଳ ଜିଲ୍ଲା ଚକାପଡ଼ ପୁଲିସ ସହ ମୁହାଁମୁହିଁ ହେବା ଫଳରେ ମୋଟ ୬ ନକ୍ସଲଙ୍କ ଜୀବନ ଯାଇଛି। ସେମାନଙ୍କ ମଧ୍ୟରେ ଦୁଇ ଜଣ ହାର୍ଡକୋର୍ ମାଓବାଦୀ ମଧ୍ୟ ସାମିଲ୍, ଯେଉଁମାନଙ୍କ ମୁଣ୍ଡରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ଗତ ୨୪ ଘଣ୍ଟା ମଧ୍ୟରେ ବାଲିଗୁଡ଼ାସ୍ଥିତ ବେଲଘର ଥାନା ଅନ୍ତର୍ଗତ ଗୁମ୍ମା ଜଙ୍ଗଲରେ ସର୍ଚ୍ଚ ଅପରେସନ ସମୟରେ ଏହି ଏନ୍‌କାଉଣ୍ଟର୍ ହୋଇଛି। ଗତକାଲି ➾ପୃଷ୍ଠା-୬

### ସୁରକ୍ଷାକର୍ମୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ବଧେଇ

ଭୁବନେଶ୍ୱର: ଗଣେଶ ଉଇକି ସମେତ ୬ ଜଣ ନକ୍ସଲଙ୍କ ନିପାତ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କନ୍ଧମାଳରେ ମୁତୟନ ହୋଇଥିବା ସୁରକ୍ଷାକର୍ମୀଙ୍କୁ ବଧେଇ ଜଣାଇଛନ୍ତି। ସେ ସୋସିଆଲ୍ ମିଡିଆ 'ଏକ୍ସ'ରେ ଏକ ପୋଷ୍ଟରେ ଉଲ୍ଲେଖ କରିଛନ୍ତି ଯେ ନକ୍ସଲମୁକ୍ତ ଭାରତ ଗଠନ ଅଭିଯାନରେ ଆଜି ଓଡ଼ିଶା ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଏପରିକି ଏକ ସାହସିକ ଓ ସଠିକ ସମନ୍ୱୟ ଭିତ୍ତିକ ପଦକ୍ଷେପ ପାଇଁ ସେମାନେ ପ୍ରଶଂସାର ପାତ୍ର। ➾ପୃଷ୍ଠା-୬

## ଆଦର୍ଶ ବିଦ୍ୟାଳୟ ସହ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ଲୋକାର୍ପିତ ଓ ଶିଳାନ୍ୟାସ

# ଶିକ୍ଷାର ମାନ ବଢ଼ାଇବ ୨୪୫ କୋଟିର ପ୍ରକଳ୍ପ: ଧର୍ମେନ୍ଦ୍ର

**ହିତାଧିକାରୀଙ୍କୁ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ହସ୍ତାନ୍ତର**

**'ଆକାଂକ୍ଷୀ ବ୍ଲକ' ନାକଟିଦେଉଳର ସର୍ବାଙ୍ଗୀନ ବିକାଶ ପ୍ରତିଶ୍ରୁତି**



ରେଢ଼ାଖୋଲ/ସମ୍ବଲପୁର, ୨୫।୧୨(ସଂଚାର ବ୍ୟୁରୋ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି 'ସୁଶାସନ ଦିବସ' ଅବସରରେ ସମ୍ବଲପୁର ରେଢ଼ାଖୋଲଠାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଉଦଘାଟନ ସହ ପ୍ରାୟ ୨୪୫ କୋଟି ୫୭ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ୪୦ଟି ଜନହିତକର ପ୍ରକଳ୍ପର ଲୋକାର୍ପଣ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।

ଏହି ଅବସରରେ ଶ୍ରୀ ପ୍ରଧାନ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କୁ ସ୍ମରଣ କରିବା ସହ ଓଡ଼ିଶା ଏବଂ ଦେଶ ପ୍ରତି ତାଙ୍କର ଅବଦାନକୁ ମନେ ➾ପୃଷ୍ଠା-୬

## ଏସ୍‌ଓଜି ଚନ୍ଦକାର ପ୍ରଶିକ୍ଷଣ ଓ ବ୍ରିଫିଙ୍ଗ କେନ୍ଦ୍ର, ସିଟିଟିସି ଉଦ୍‌ଘାଟିତ

# ୨୫ ହଜାର ବଢ଼ିଲା ଏସ୍‌ଓଜି ଯବାନ ଓ ଅଧିକାରୀଙ୍କ ଭତ୍ତା



ଭୁବନେଶ୍ୱର,୨୫।୧୨(ସଂଚାର ବ୍ୟୁରୋ): ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏସଓଜି ଚନ୍ଦକାର ନୂତନ ପ୍ରଶିକ୍ଷଣ ଓ ବ୍ରିଫିଙ୍ଗ୍ କେନ୍ଦ୍ରକୁ ଉଦଘାଟନ କରିଛନ୍ତି। ଏଥିରେ ଏକକାଳୀନ ୪୦୦ ଯବାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇପାରିବ। ଏଥିସହ ମୁଖ୍ୟମନ୍ତ୍ରୀ ସେଠାରେ ଏକ ଅତ୍ୟାଧୁନିକ ଆତଙ୍କବାଦ ବିରୋଧୀ ପ୍ରଶିକ୍ଷଣ କେନ୍ଦ୍ର (ସିଟିଟିସି)ର ମଧ୍ୟ ଶୁଭ ଉଦଘାଟନ କରିଛନ୍ତି। ଆହୁରି ମୁଖ୍ୟମନ୍ତ୍ରୀ ୧୬ଟି ଜିଲ୍ଲାର ୧୬ଟି ଥାନା ଗୃହ, ୭୦ଟି କ୍ୱାର୍ଟର୍ସ, ଅଫିସ ଗୃହ, ବାରାକ୍, ଅସ୍ତ୍ରାଗାର, ପ୍ରଶାସନିକ ବିଲ୍ଡିଂ ଆଦି ପ୍ରକଳ୍ପର ମଧ୍ୟ ଉଦଘାଟନ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତିଯେ ଗଣତନ୍ତ୍ରରେ ହିଂସାର କୌଣସି ସ୍ଥାନ ନାହିଁ ଏବଂ ହିଂସାରେ ଲିପ୍ତ ସଂଗଠନ ଏବଂ ବ୍ୟକ୍ତିବିଶେଷଙ୍କୁ ସରକାର ଅତ୍ୟନ୍ତ

### ମାଓ ଦମନରେ ଏସ୍‌ଓଜିଙ୍କ ଅବଦାନ ଅନନ୍ୟ: ମୁଖ୍ୟମନ୍ତ୍ରୀ

କଠୋର ଭାବରେ ଦମନ କରିବା ପାଇଁ ବଦ୍ଧପରିକର। ଏଥିସହ ମୁଖ୍ୟମନ୍ତ୍ରୀ ମାଓବାଦୀମାନଙ୍କୁ ଆତ୍ମସମର୍ପଣ କରି ସମାଜର ମୁଖ୍ୟଧାରାରେ ସାମିଲ ହେବା ସହ ବିକାଶ ପାଇଁ ସରକାରଙ୍କ ପ୍ରଗତି ରଥରେ ସାରଥି ସାଜିବାକୁ ଆହ୍ୱାନ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ଦୀର୍ଘ ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ ➾ପୃଷ୍ଠା-୬

# ନୂଆବର୍ଷରେ ପ୍ରଶାସନର ନବକଳେବର



**ଏକାଧିକ ଦାୟିତ୍ୱରୁ ମୁକ୍ତ ହେବେ ସଚିବ**

**ବଦଳି ଉପରେ ସମସ୍ତଙ୍କ ନଜର**

ଭୁବନେଶ୍ୱର, ୨୫।୧୨ (ସଂଚାର ବ୍ୟୁରୋ): ରାଜ୍ୟର ପ୍ରଥମ ମହିଳା ମୁଖ୍ୟ ଶାସନ ସଚିବ ଭାବେ ନିଯୁକ୍ତ ହୋଇଥିବା ୧୯୯୧ ବ୍ୟାଚ୍‌ର ଆଇଏଏସ୍ ଅଫିସର ଅନୁ ଗର୍ଗ ଆସନ୍ତା ଜାନୁଆରୀ ପହିଲାରେ ଦାୟିତ୍ୱ ଗ୍ରହଣ କରିବେ। ତେବେ ଶ୍ରୀମତୀ ଗର୍ଗ ଦାୟିତ୍ୱ ଗ୍ରହଣ କରିବା ସହ ରାଜ୍ୟ ପ୍ରଶାସନରେ ନବକଳେର କରିବା ଏକପ୍ରକାର ନିଶ୍ଚିତ। ବିଶେଷକରି ନୂଆ ମୁଖ୍ୟ ସଚିବ ଏକାଧିକ ଦାୟିତ୍ୱରେ ଥିବା ସଚିବମାନଙ୍କୁ ଭାରମୁକ୍ତ କରିବା ସହ ସଚିବ ସ୍ତରରେ ବଡ଼ ପରିବର୍ତ୍ତନ ହେବା ନେଇ ଆଲୋଚନା ଆରମ୍ଭ ହୋଇଛି।

ରାଜ୍ୟର ଏକାଧିକ ଶାସନ ସଚିବ ଏବେ ବହୁ ବିଭାଗ ଦାୟିତ୍ୱରେ ରହିଛନ୍ତି। ଏମାନଙ୍କ ମଧ୍ୟରେ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କଠାରୁ ଆରମ୍ଭ କରି କମିଶନର ଓ ଶାସନ ସଚିବ ପାହ୍ୟାର ଅଫିସର ରହିଛନ୍ତି। ମୁଖ୍ୟ ଶାସନ ସଚିବ ପାହ୍ୟାର ଅଫିସର ଥିବା ସତ୍ୟବ୍ରତ ସାହୁଙ୍କ ହାତରେ ଗୃହ ସହ ଜଙ୍ଗଲ ଓ ପରିବେଶ ଭଳି ବଡ଼ ବିଭାଗ ରହିଛି। ସେହିଭଳି ସୁରେନ୍ଦ୍ର କୁମାରଙ୍କ ନିକଟରେ ସାଧାରଣ ପ୍ରଶାସନ, ଇସ୍ପାତ ଓ ଖଣି ବିଭାଗ ସହିତ ସଂସଦୀୟ ବ୍ୟାପାର ବିଭାଗ ରହିଥିବା ବେଳେ ବିଶାଳ ଦେବଙ୍କ ହାତରେ ଶକ୍ତି ଓ ଆଇଟି ଭଳି ବିଭାଗ ରହିଛି।

ଶିଳ୍ପ ସଚିବ ହେମନ୍ତ ଶର୍ମାଙ୍କ ହାତରେ ଅତିରିକ୍ତ ଭାବେ ସୂଚନା ଓ ଲୋକସମ୍ପର୍କ ବିଭାଗ ରହିଥିବା ବେଳେ ଉଷା ପାଢ଼ୀଙ୍କ ହାତରେ ଗୃହ ଓ ନଗର ଉନ୍ନୟନ ସହିତ ବାଣିଜ୍ୟ ଓ ପରିବହନ ବିଭାଗ ରହିଛି। ଅରବିନ୍ଦ ପାଢ଼ୀ କୃଷି ବିଭାଗ ସହ ଶ୍ରୀମନ୍ଦିର ପ୍ରଶାସନର ଗୁରୁ ଦାୟିତ୍ୱରେ ରହିଛନ୍ତି। ସଞ୍ଜୟ ସିଂହଙ୍କ ହାତରେ ଖାଦ୍ୟ ଓ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସହ ପୂର୍ତ୍ତ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ ରହିଛି। ଏନବିଏସ୍ ରାଜପୁତ ସାଧାରଣ ➾ପୃଷ୍ଠା-୬

# ଓଏସ୍‌ଆରଟିସିରେ ଅଧସ୍ତନ କର୍ମଚାରୀଙ୍କ ହାକିମାତି

- ପ୍ରମୁଖ ସଚିବଙ୍କ ନିର୍ଦ୍ଦେଶ ମାନୁନାହାଁନ୍ତି ତଳିଆ ଅଧିକାରୀ
- ମନମାନୀ ସହ କଲେକ୍ସନରେ ମାତିଛନ୍ତି ଅଧିକାରୀ




ଭୁବନେଶ୍ୱର,୨୫।୧୨(ସଂଚାର ବ୍ୟୁରୋ): ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମରେ ବିଚିତ୍ର ସ୍ଥିତି ସୃଷ୍ଟି ହୋଇଛି। ପ୍ରମୁଖ ସଚିବଙ୍କ ନିର୍ଦ୍ଦେଶ ମାନୁନାହାଁନ୍ତି ତଳିଆ ଅଧିକାରୀ। ମୁଖ୍ୟ ପରିଚାଳନା ନିର୍ଦ୍ଦେଶକଙ୍କ ପାଖକୁ ଫାଇଲ ଛାଡୁନାହାଁନ୍ତି। ଯେଉଁଥିପାଇଁ ନିକଟରେ ଜଣେ ଜିଲ୍ଲା ମ୍ୟାନେଜରଙ୍କ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ପତ୍ନୀଙ୍କୁ ଏଯାଏଁ ମିଳୁନି ଚାକିରି।

ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ରାଜ୍ୟ ସଡ଼କ ପରିବହନ ନିଗମ ବା ଓଏସଆରଟିସି ଅଧିକ କ୍ରିୟାଶୀଳ ହୋଇଛି। ଏଥିପାଇଁ ଦାୟିତ୍ୱରେ ଅଛନ୍ତି ଦୁଇ ଜଣ ଦକ୍ଷ ଅଧିକାରୀ। ପ୍ରମୁଖ ସଚିବ ଉଷା ପାଢ଼ୀ ଓ ନିଗମର ସିଏମଡି ଭାବେ ଦାୟିତ୍ୱରେ ଅଛନ୍ତି ବରିଷ୍ଠ ଆଇଏଏସ ଅଫିସର ଏନବିଏସ ରାଜପୁତ। କିନ୍ତୁ ଅଭିଯୋଗ ହେଉଛି ଯେ ଜଣେ ଅଧସ୍ତନ ଅଧିକାରୀ କାହାରି ନିର୍ଦ୍ଦେଶ ମାନୁନାହାଁନ୍ତି। ନିକଟରେ ସୁନ୍ଦରଗଡ଼ରେ ଜିଲ୍ଲା ମ୍ୟାନେଜର ଭାବେ କାର୍ଯ୍ୟ କରୁଥିବା ଅମରେଶ ମହାନ୍ତିଙ୍କ ମୃତ୍ୟୁ ପରେ ଏହି ତଳିଆ ଅଧିକାରୀଙ୍କ କାରନାମା ପଦାକୁ ଆସିଛି।

ଅମରେଶ ମହାନ୍ତିଙ୍କ ସନ୍ଦେହଜନକ ମୃତ୍ୟୁର ଦୁଇ ମାସ ପୂର୍ବରୁ ତାଙ୍କ ବାପା ପ୍ରମୁଖ ସଚିବଙ୍କୁ ଭେଟି ପୁଅର ଜୀବନ ପ୍ରତି ବିପଦ ଥିବା ଏବଂ ତାଙ୍କୁ ଉପକୂଳକୁ ବଦଳି କରି ଆଣିବାକୁ ଅପିଲ କରିଥିଲେ। ପ୍ରମୁଖ ସଚିବ ମଧ୍ୟ ସିଏମଡିଙ୍କ ସହ ଆଲୋଚନା କରି ତାଙ୍କୁ ଜଗତସିଂହପୁର ବଦଳି କରିବାକୁ କହି ଅମରେଶଙ୍କ ବାପାଙ୍କ ଆବେଦନକୁ ବିଭାଗକୁ ପଠାଇଦେଇଥିଲେ। ହେଲେ ଓଏସଆରଟିସିରେ କାର୍ଯ୍ୟରତ ଏହି ଅଧିକାରୀ ଜଣକ ଦୁଇ ମାସ ଧରି ଫାଇଲ ଚାପିକି ବସିପଡ଼ିଲେ। ସିଏମଡିଙ୍କ ପାଖକୁ ଫାଇଲ ପଠାଇଲେ ନାହିଁ ବୋଲି ଅଭିଯୋଗ ହେଉଛି। ଯାହାର ପରିଣତି ଅମରେଶଙ୍କ ସନ୍ଦେହଜନକ ମୃତ୍ୟୁ। କେବଳ ସେତିକି ନୁହେଁ, ତାଙ୍କ ପତ୍ନୀଙ୍କୁ ଚାକିରି ଦେବା ସମ୍ପର୍କିତ ଫାଇଲ ମଧ୍ୟ ସମ୍ପୃକ୍ତ ଅଧିକାରୀ ଏଯାଏଁ ଉପରକୁ ➾ପୃଷ୍ଠା-୬

# ଦକ୍ଷ ଏସିପିଙ୍କୁ ପନିସମେଣ୍ଟ ପୋଷ୍ଟିଂ




ପୁଲିସ ବିଭାଗରେ ଏବେ ତେଲମରାଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। କିଏ ବସ୍ ଙ୍କୁ ତେଲ ମାରି ପ୍ରାଇଜ ପୋଷ୍ଟିଂ ପାଉଛି ତ ଆଉ କିଏ ରାଜନେତା କିମ୍ବା ସାହେବଙ୍କ ଆକ୍ରୋଶର ଶିକାର ହୋଇ କଷ୍ଟ ସହୁଛି। ଠିକ ସମାନ ଘଟଣା ଏବେ ଦେଖିବାକୁ ମିଳିଛି ରାଜଧାନୀ ଭୁବନେଶ୍ୱରରେ। ଦୁଇଦିନ

**ମଣ୍ଡଳ ସଭାପତିଙ୍କ ପାଇଁ ୬ ଶହ କିମି ଦୂର ବଦଳି**

ତଳେ ଡ଼ିଏସପି ରାଙ୍କ ସ୍ତରରେ ଏକ ବଡ଼ ଧରଣର ଅଦଳବଦଳ ହୋଇଥିଲା। ଯେଉଁ ଅଦଳବଦଳ ରେ ଭୁବନେଶ୍ୱର ୟୁପିଡ଼ିର କାମ କରୁଥିବା ଜଣେ ଡିଏସପି ରାଙ୍କ ଅଫିସର ଙ୍କ ୬୫୦ କିମି ଦୂରରେ ଥିବା ଏକ ସୀମାବର୍ତ୍ତୀ ଜିଲ୍ଲାକୁ ବଦଳି କରାଯାଇଛି। ଆଉ ବଦଳିର କାରଣ କୁଆଡେ ରାଜନେତାଙ୍କ ଆକ୍ରୋଶ। ଚର୍ଚ୍ଚା ମୁତାବକ ଜମିବାଡି ବିବାଦ ଓ ପରେ ବୋମାମାଡ଼ ଘଟଣାକୁ ନେଇ କିଛିଦିନ ତଳେ ଜଣେ ମଣ୍ଡଳ ସଭାପତିଙ୍କୁ ଗିରଫ କରାଯାଇଥିଲା। ଜଣେ ପରାଜିତ ବିଧାୟକ ପ୍ରାର୍ଥୀଙ୍କ ବେଶ ଖାସ ଥିଲେ ଏହି ମଣ୍ଡଳ ସଭାପତି ବା ଯୁବନେତା ଜଣଙ୍କ। କିନ୍ତୁ କେସ ରୁଜୁ ହେବା ପରେ ଏସିପି ଜଣଙ୍କ ପ୍ରକୃତ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଥାନାଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯେତେ କହିଲେ ବି ଶୁଣିନଥିଲେ ଏସିପି ଜଣଙ୍କ। ଯେଉଁଥିପାଇଁ ରକ୍ତ ଚାଉଳ ଚୋବାଉଥିଲେ ରାଜନେତା। ଆଉ ଶେଷରେ ଠିକ ସମୟରେ ନିଜ ପାୱାର ର ଅପବ୍ୟବହାର କରି ଅଫିସର ଜଣଙ୍କୁ ସେ ବଦଳି କରିଥିବା ଚର୍ଚ୍ଚା ଏବେ ପୋଲିସ ମହଲରେ ଜୋର ଧରିଛି। କେବଳ ଏହି ଗୋଟିଏ ଘଟଣା ନୁହେଁ, ସମ୍ପୃକ୍ତ ରାଜନେତା ଜଣଙ୍କ ଏକାଧିକ ଥାନାରେ ଅଯଥା ମୁଣ୍ଡ ଖେଳାଉଥିବା ଅଭିଯୋଗ ହେଉଛି।



## କାନ ଡେରିଆ

ସିମେଣ୍ଟ ଷଣ୍ଢକୁ ମୁଣ୍ଡିଆ ମାରନ୍ତି
ଆଜିର ଜିଅନ୍ତା ମଣିଷ
ଜିଅନ୍ତା ଷଣ୍ଢଟି ବାଡ଼ିରେ ପଶିଲେ
ହାତରେ ଧରନ୍ତି ବାଉଁଶ
ଇଏ ହିଁ ଭକତି ବିଶ୍ୱାସ...
ମଣିଷ ମରିଲେ ଶବକୁ ମୁଣ୍ଡିଆ
ଜିଇଁ ଥିଲେ ଅବିଶ୍ୱାସ।

■ ଦେବାଶିଷ

## ନବୀନଙ୍କ ନିଷ୍ପତ୍ତି, ବିଜେଡିର ଭବିଷ୍ୟତ

# ପ୍ରତିଷ୍ଠା ଦିବସରେ ସୁପ୍ରିମୋଙ୍କ ଘୋଷଣାକୁ ଅପେକ୍ଷା



**କିଏ ହେବେ ଉତ୍ତରାଧିକାରୀ, ସୁଜାତା, ଅରୁଣ ନା ସଂତୃପ୍ତ ?**

ଭୁବନେଶ୍ୱର,୨୫।୧୨(ସଂଚାର ବ୍ୟୁରୋ): ଆସନ୍ତାକାଲି ବିଜେଡିର ପ୍ରତିଷ୍ଠା ଦିବସ। ୧୯୯୭ ଡିସେମ୍ବର ୨୬ ତାରିଖରେ ବିଜୁ ପଟ୍ଟନାୟକଙ୍କ ଅବର୍ତ୍ତମାନରେ ପ୍ରତିଷ୍ଠା ହୋଇଥିବା ରାଜ୍ୟର ଏହି ସର୍ବବୃହତ ଆଞ୍ଚଳିକ ଦଳକୁ ୨୮ ପୂରି ୨୯ ଚାଲିବ। ପରିବର୍ତ୍ତିତ ରାଜନୈତିକ ଦୃଶ୍ୟପଟ୍ଟରେ ବିଜେଡି ଆଉ କ୍ଷମତାରେ ନାହିଁ। ୨୦୦୦ ମସିହା ପରେ ପ୍ରଥମ ଥର ପାଇଁ ଦଳ ବିରୋଧୀ ଆସନରେ ବସିଛି ଆଉ ନବୀନ ପଟ୍ଟନାୟକ ବିରୋଧୀ ଦଳ ନେତା ହୋଇଛନ୍ତି। ଆଉ ଦଳର ଏହି ବିପର୍ଯ୍ୟୟ ପରେ ବିଜେଡି ତୀବ୍ର ହୋଇଛି ଗୋଷ୍ଠୀ କନ୍ଦଳ। ଓଡ଼ିଶା ରାଜନୀତିରେ ବଞ୍ଚିବାକୁ ହେଲେ ନବୀନ ବିଜେଡି ପାଇଁ ଉତ୍ତରାଧିକାରୀ ବାଛିବାର ଆବଶ୍ୟକତା ରହିଛି ବୋଲି ସବୁ ସ୍ତରରେ ଆଲୋଚନା ହେଉଛି। କିନ୍ତୁ ସଭାପତି କି ନିଷ୍ପତ୍ତି ନେବେ, ସେନେଇ ସମସ୍ତେ ଆସନ୍ତାକାଲିର ପ୍ରତିଷ୍ଠା ଦିବସ ସମାରୋହକୁ ଅପେକ୍ଷା କରିଛନ୍ତି।

ନବୀନଙ୍କ ଉତ୍ତରାଧିକାରୀ ସୁଜାତା କାର୍ତ୍ତିକେୟନ, ପୁତୁରା ଅରୁଣ ପଟ୍ଟନାୟକ ଓ କର୍ପୋରେଟ ଟାଇକୁନରୁ ରାଜନେତା ସାଜିଥିବା ସଂତୃପ୍ତ ମିଶ୍ରଙ୍କ ନାଁ ଉପରେ ଚର୍ଚ୍ଚା ବେଶ୍ ଜମିବାରେ ଲାଗିଛି।

କିନ୍ତୁ ନବୀନଙ୍କ ନିକଟତମ ସୂତ୍ର କହୁଛି, ନବୀନ ଆସନ୍ତାକାଲି ତାଙ୍କ ଉତ୍ତରାଧିକାରୀ ଘୋଷଣା କରିବାର ସମ୍ଭାବନା କ୍ଷୀଣ। କାରଣ ବରିଷ୍ଠ ଓ କନିଷ୍ଠ ନେତାଙ୍କ ଗୋଷ୍ଠୀ ଭିକେ ପାଣ୍ଡିଆନ କିମ୍ବା ତାଙ୍କ ପତ୍ନୀ ସୁଜାତାଙ୍କୁ ନେତା ଭାବେ ଗ୍ରହଣ କରିବାକୁ ରାଜି ନୁହଁନ୍ତି। ସେପଟେ ନବୀନ ତାଙ୍କ ପୁତୁରାଙ୍କୁ ଆଣିବାକୁ ଚେଷ୍ଟା କରି ବି ଫେଲ ମାରିଛନ୍ତି। ତଥାପି ପରିବାର ଭିତରେ ସେ କେବେ ଯେ ରାଜି ନ ହେବେ ତାହା କହି ହେବନି। ସେହିଭଳି କର୍ପୋରେଟ ୱାର୍ଲ୍ଡରୁ ଆସି ରାଜନେତା ସାଜିଥିବା ସଂତୃପ୍ତ ମିଶ୍ରଙ୍କୁ ନବୀନ ଦାୟିତ୍ୱ ଦେଇପାରନ୍ତି ବୋଲି ମଧ୍ୟ ଚର୍ଚ୍ଚା ହେଉଛି। କିନ୍ତୁ ଦଳରେ ତାଙ୍କର ମଧ୍ୟ ଗ୍ରହଣୀୟତା ନାହିଁ, ଯେଉଁଥିପାଇଁ ନବୀନ ତାଙ୍କ ବାପାଙ୍କ ନୀତିରେ ନିଜେ ନିଜର ଉତ୍ତରାଧିକାରୀ ବାଛିବେ ନାହିଁ। ତାଙ୍କ ଅନ୍ତେ ରାଜ୍ୟବାସୀ ଯାହାକୁ ଚାହିଁବେ, ସେ ବିଜେଡିର ମଙ୍ଗ ଧରିବେ ବୋଲି ବାରମ୍ବାର କହୁଛନ୍ତି।

ଉତ୍ତରାଧିକାରୀ ବିବାଦ ବାଦ୍ ମଧ୍ୟ ବିଜେଡିରେ ଗୋଷ୍ଠୀ କନ୍ଦଳ ଏବେ ଶୀର୍ଷରେ ପହଞ୍ଚିଛି। ଦଳ କ୍ଷମତାରେ ଥିବା ବେଳେ ଯେଉଁମାନେ କାର୍ପେଟଦାର ସାଜିଥିଲେ, ସେମାନେ ଏବେ ଦଳର ପାଣ୍ଠିକୁ ଆଖେଇଛନ୍ତି। ଯେଉଁଥିପାଇଁ ବିଜେଡିରେ ଉତ୍ତରାଧିକାରୀ ବିବାଦ କଣ୍ଟା ଭଳି ଲାଖି ରହିଛି ବୋଲି ରାଜନୈତିକ ସମୀକ୍ଷକମାନେ କହୁଛନ୍ତି। ସେହିଭଳି ନବୀନଙ୍କ ଦୁଇ ଦୁଇ ଥର ନୂଆପଡ଼ା ଗସ୍ତ ପରେ ବି ଦଳର ବିପର୍ଯ୍ୟୟ ଖୋଦ ସୁପ୍ରିମୋଙ୍କ ଗ୍ରହଣୀୟତା ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି।

୫୦ ବିଧାୟକରେ ବିଜେଡି ରାଜ୍ୟରେ ଏକ ଶକ୍ତିଶାଳୀ ବିରୋଧୀ ଦଳ ଭୂମିକାରେ ରହିପାରନ୍ତା। କିନ୍ତୁ ଉପଯୁକ୍ତ ମାର୍ଗଦର୍ଶନର ଅଭାବ ଓ ସୁପ୍ରିମୋଙ୍କ ନିଷ୍କ୍ରିୟତା ବିଜେଡି ନେତାଙ୍କ ମନୋବଳକୁ ଦୁର୍ବଳ କରୁଛି। ଏଥିସହ ସବୁ ସମୟରେ ବିଜେଡି ବିଜେପି କିମ୍ବା କଂଗ୍ରେସର ବି' ଟିମ ହୋଇ କାମ କରୁଥିବା ଅଭିଯୋଗ କର୍ମୀଙ୍କୁ ପ୍ରଭାବିତ କରୁଛି। ଏଭଳି ସ୍ଥିତିରେ ବିଜେଡିର ଭବିଷ୍ୟତ ଆସନ୍ତାକାଲି ପ୍ରତିଷ୍ଠା ଦିବସରେ ନବୀନଙ୍କ ରାଜନୈତିକ ବାର୍ତ୍ତା ଉପରେ ନିର୍ଭର କରୁଛି।

# ଜମିରେ ନଡା ନ ପୋଡିବାକୁ ଜିଲ୍ଲା ମୁଖ୍ୟ କୃଷି କାର୍ଯ୍ୟାଳୟ ତରଫରୁ ଅନୁରୋଧ



**କେନ୍ଦ୍ରାପଡ଼ା, ୨୫।୧୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାରେ ଚଳିତ ଖରିଫ ଋତୁରେ ଧାନ ଅମଳ ଗତବର୍ଷ ଅପେକ୍ଷା ଭଲ ହୋଇଛି । ଚାଷୀମାନେ ଧାନ କାଟି ନେଲା ପରେ ବିଲରେ ରହି ଯାଇଥିବା ନଡାକୁ ନିଆଁ ଲଗାଇ ପୋଡି ଦେଉଛନ୍ତି। ଏହା ପରିବେଶକୁ ପ୍ରଦୂଷଣ କରିବା ସହିତ ଘନ କୁହୁଡି ହେବାରେ ସାହାଯ୍ୟ କରେ । ଏହାଦ୍ୱାରା ଜମିରେ ଥିବା ଉପକାରୀ ଜୀବାଣୁ ନଷ୍ଟ ହୋଇ ଯାଇଥାନ୍ତି । ଫଳରେ ପରବର୍ତ୍ତୀ ସମୟରେ ଆମଳ କମ ହେବାର ଆଶଙ୍କା ଅଛି । ତେଣୁ ଏପରି କାର୍ଯ୍ୟରୁ ବିରତ ରହିବାକୁ ଜିଲ୍ଲାର ସମସ୍ତ ଚାଷୀଭାଇ ମାନଙ୍କୁ ଜିଲ୍ଲା ମୁଖ୍ୟ କୃଷି କାର୍ଯ୍ୟାଳୟ ତରଫରୁ ନିବେଦନ କରାଯାଇଛି। ପରବର୍ତୀ ସମୟରେ ଏହା ପୁନରାବୃତି ହେଲେ ପରିବେଶ ଉପରେ ଅଧିକ ପ୍ରଭାବ ପଡିବ ଓ ପରିବେଶ ଅସନ୍ତୁଳନ ହେବାର ଆଶଙ୍କା କରାଯାଉ ଅଛି । ତେଣୁ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁରେଶ ଚନ୍ଦ୍ର ମଲିକଙ୍କ ପକ୍ଷରୁ ଜିଲ୍ଲାର ସମସ୍ତ ଚାଷୀ ମାନଙ୍କୁ ଏଥିରୁ ନିବୃତ ରହିବାକୁ ଅନୁରୋଧ କରାଯାଇଛି ।

# ଭିତରକନିକା ବୁଲିଯାଇଥିବା ଝିଅଙ୍କୁ ଅସଦାଚରଣ ଅଭିଯୋଗ



**ରାଜନଗର, ୨୫।୧୨ (ସଂଚାର ବ୍ୟୁରୋ):** ରାଜନଗର ଅଞ୍ଚଳର ୬ଜଣ ଝିଅ ଭିତରକନିକା ବୁଲି ଫେରିବା ବାଟରେ ଗୁପ୍ତି ରାଜନଗର ରାସ୍ତାରେ ୧୦ରୁ ଉର୍ଦ୍ଧ୍ୱ ଯୁବକ ଝିଅ ମାନଙ୍କୁ ଅଟକାଇ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ଅସଦାଚରଣ କରିବା ନେଇ ଆଜି ରାତ୍ର ୮ ଟା ସମୟରେ ରାଜନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇଲା ପରେ ପୋଲିସ ଘଟଣାକୁ ଗୁରୁତର ନେବା ସହିତ ସଂପୃକ୍ତ ଯୁବକଙ୍କୁ ଧରିବା ପାଇଁ ପ୍ରୟାସ ଆରମ୍ଭ କରିଛି । ଅଭିଯୋଗ ଅନୁଯାୟୀ ରାଜନଗର ଥାନା ହାତିନା ପଂଚାୟତ ଏଣ୍ଡୁଲାପୁର ଗ୍ରାମର ଜନିକା ଝିଅ ଏବଂ ତାଙ୍କର ୫ ଜଣ ସାଙ୍ଗଙ୍କୁ ନେଇ ଭିତରକନିକା ଜାତୀୟ ଉଦ୍ୟାନ ବୁଲିଯାଇଥିଲେ । ସେମାନେ ଗୁପ୍ତି ରାଜନଗର ରାସ୍ତା ଦେଇ ସ୍କୁଟି ଓ ବାଇକରେ ଆସୁଥିବା ବେଳେ ଜୁନୁପଙ୍ଗରା ଛକ ଠାରୁ ଦୂର ଏକ ନିଛାଟିଆ ଜାଗାରେ ବ୍ରାହ୍ମଣସାହି ପଂଚାୟତ ବଡ ନାଉକଣା ଗ୍ରାମର ବିଚିତ୍ର ସେଠୀଙ୍କ ପୁଅ ଶତକ ସେଠୀ ତାର ୧୦ରୁ ଅଧିକ ସାଙ୍ଗଙ୍କୁ ଧରି ସେମାନଙ୍କୁ ଅଟକାଇ ଅସଦାଚରଣ କରିବା ସହିତ ଖରାପ ଭାଷାରେ ଗାଳିଗୁଲଜ କରିଥିବା ନେଇ ସଂପୃକ୍ତ ଝିଅ ଏତେଲାରେ ଦେଇଛନ୍ତି ।

# ଧନିଆପଡାରେ ମେଗା ରକ୍ତଦାନ ଶିବିର

**ସଂଗୃହୀତ ହେଲା ୨୧୮ ୟୁନିଟ ରକ୍ତ**



**ମହାକାଳପଡ଼ା, ୨୫।୧୨ (ସଂଚାର ବ୍ୟୁରୋ) :** ମହାକାଳପଡ଼ା ବ୍ଲକ ଧନିଆପଡା ବଜ୍ର ମହାକାଳୀ ଉଚ୍ଚ ବିଦ୍ୟାଳୟ ପରିସରରେ ରାଜ କିଶୋର ସ୍ମାରକୀ କ୍ରିକେଟ ଆନୁକୂଲ୍ୟରେ ୨ୟ ବାର୍ଷିକ ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ଏହି ଶିବିରରେ ବିଭିନ୍ନ ସ୍ଥାନରୁ ଜନସାଧାରଣମାନେ ପହଞ୍ଚି ରକ୍ତଦାନ କରିଥିଲେ। ଯାହାଫଳରେ ମୋଟ ୨୧୮ ୟୁନିଟ ରକ୍ତ ସଂଗ୍ରହ କରାଯାଇ କେନ୍ଦ୍ରୀୟ ରେଡକ୍ରସକୁ ହସ୍ତାନ୍ତର କରାଯାଇଛି। ଏହି ଶିବିରକୁ ଆୟୋଜକ ଙ୍କ ବରିଷ୍ଠ ପିତା ଅର୍ଜୁନୀ ବେହେରା ଓ ମାତା ନିର୍ମଳା ବେହେରା ଫିତା କାଟି ଶୁଭ ଉଦଘାଟନ କରିଥିଲେ। ଏହି ଶିବିରରେ ଓଡିଶା ଯାଦବ ମହାସଭାର ସାଧାରଣ ସମ୍ପାଦକ, ଯୁବନେତା ତଥା ସମାଜସେବୀ ଚିତ୍ତ ରଞ୍ଜନ ଦାସ ଅତିଥି ଭାବେ ଯୋଗଦେଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ଚାମେଲି ଓଝା, ଲାୟନ୍ସ କ୍ଲବ୍ ସଭାପତି ଦୀପକ ଚୌଧୁରୀ, ଡ଼ଃ ରାମ ପ୍ରସାଦ ରାଓ, ଡଃ ଶୁଭ ନାରାୟଣ ମଲିକ, ଅଜୟ କୁମାର ବେହେରା, ବିଜୟ କୁମାର ବେହେରା, ଶୁଭ୍ରାଂଶୁ ଶେଖର ରାଉତ, ସାଜନ ବେହେରା ଓ ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ବାଟବଣା

## ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ ହୋଇନି ମରାମତି ପାଇଁ ଚାଲିଛି ମସୁଧା

## ସବୁ ଦେଖି ଚୁପ୍ ବସିଛି ବିଭାଗ

## ନିମ୍ନମାନର କାର୍ଯ୍ୟ ଯୋଗୁଁ ଭିଜିଲାନ୍ସ ତଦନ୍ତ ଦାବି



**ଗରଦପୁର, ୨୫।୧୨ (ସଂଚାର ବ୍ୟୁରୋ):** ରାଜ୍ୟରେ ଚାଲିଛି ଲୋକଙ୍କ ସରକାର । ରାଜ୍ୟର ବିକାଶକୁ ଆହୁରି ପ୍ରଗତିଶୀଳ କରିବା ପାଇଁ ବିଭିନ୍ନ ଯୋଜନା ମଧ ପ୍ରସ୍ତୁତ କରୁଛନ୍ତି । ଦୁର୍ନୀତିକୁ ମୂଳପୋଛ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ସବୁ ନୀତି ନିୟମ ନିର୍ଦ୍ଦେଶକୁ ଖୁଲମ୍ ଖୋଲା ଉଲଂଘନ ହେଉଥିବା ଦେଖିବାକୁ ମିଳୁଛି ।

କେନ୍ଦ୍ରାପଡା ଜିଲ୍ଲାର ଗରଦପୁର ବ୍ଲକ ଅନ୍ତର୍ଗତ ବେଢ଼ାରୀ ପଞ୍ଚାୟତରେ ହୋଇଥିବା ବେଢ଼ାରୀ ଠାରୁ ଭାୟା ବ୍ଲକ୍ ବାଉଣ୍ଡରି ଦେଇ ଶିଶୁ ଅନନ୍ତ ଆଶ୍ରମ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ରାସ୍ତା ଏହାର ଜ୍ୱଳନ୍ତ ଉଦାହରଣ। ଏହି ରାସ୍ତା ପ୍ରାୟ ପାଖାପାଖି ନଅ କିଲୋମିଟରରୁ ଉର୍ଦ୍ଧ୍ୱ କାର୍ଯ୍ୟାଦେଶ ରହିଥିଲା। ଏହି ରାସ୍ତାର ପ୍ରଥମରୁ ହିଁ ରାସ୍ତା କାର୍ଯ୍ୟର ମାନ ବାରି ହୋଇପଡୁଛି। ପ୍ରଥମରୁ ଶହେ ମିଟର ରାସ୍ତା ସହ ଏକ ଡ୍ରେନେଜ କଲ୍‌ଭଟ୍ ବ୍ୟବସ୍ଥା ଥିଲେ ସୁଦ୍ଧା ତାହା ନକରି ସମ୍ପୂର୍ଣ ଛାଡି ଦେଇ ବିଲ କରେଇ ନେଇଛନ୍ତି ଠିକାଦାର ବୋଲି ଶୁଣିବାକୁ ମିଳୁଛି। ରାସ୍ତା ଓସାର ଏବଂ ମୋଟେଇକୁ ନେଇ କାର୍ଯ୍ୟ ସମ୍ପୂର୍ଣ ଖାମଖିଆଲି ଢଙ୍ଗରେ ହୋଇଛି । ବେଢ଼ାରୀ ଗ୍ରାମ ମଧ ଦେଇ ଯାଇଥିବା କଂକ୍ରିଟ ରୋଡ଼ କଡରେ ଅତଡ଼ା ଖସି ରାସ୍ତା ଫାଟି ବଡ଼ ଖାଲ ହୋଇ ପଡିଛି, ରାସ୍ତା କଡ଼ରେ ୱାଲ ଓ ମାଟି ଫିଲିଙ୍ଗ ମଧ କରାଯିବା କଥା ତାହା ମଧ ହୋଇନାହିଁ। ତାହାହେଲେ ଦୁଇ ହଜାର ଟ୍ରିପ ମାଟି କାର୍ଯ୍ୟରେ ସୂଚନା ଫଳକରେ ଥିଲେ ସୁଦ୍ଧା କେଉଁ ସ୍ଥାନରେ ସେ ମାଟି ଲାଗିଲା ନା କେବଳ କାଗଜ କଲମରେ ଦର୍ଶେଇ ଦିଆଯାଇଛି।

ଯଦିଓ ସାଧାରଣ ଲୋକ ଉକ୍ତ ରାସ୍ତା କାର୍ଯ୍ୟ ସମୟରେ ନିମ୍ନମାନର କାର୍ଯ୍ୟ ହେଉଥିବା ବିରୋଧ କରିଲେ କିଛି ଗୁଣ୍ଡା ଶ୍ରେଣୀର ବ୍ୟକ୍ତି ନାଲି ଆଖି ଓ ଧମକ ଦେଖାଇ କାର୍ଯ୍ୟ କରିନେଲେ। କିନ୍ତୁ ବିଭାଗୀୟ ଅଧିକାରୀ ଶୀତ ତାପ ନିୟନ୍ତ୍ରିତ କୋଠରୀରେ ବସି ନିଜର ସ୍ୱାର୍ଥ ହାସଲ କଲେ।

ଚାରିଦିନ ପୂର୍ବେ କିଛି ବିଭଗୀୟ ଅଫିସର ଆସି ରାସ୍ତା ଖୋଳି ରାସ୍ତାର ମାନ ଯାଞ୍ଚ କରୁଥିଲେ । ବର୍ତ୍ତମାନ ବେଢ଼ାରୀ ଠାରୁ ପାଖଡ଼ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ରାସ୍ତା ସମ୍ପୂର୍ଣ ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି। ଏହି ରାସ୍ତାର ମାନ ସଠିକ୍ ଯାଞ୍ଚ ସହ ଭିଜିଲାନ୍ସ ତଦନ୍ତ ଲାଗି ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

# ଆହତ ଗୋମାତାଙ୍କ ଚିକିତ୍ସା କରାଇଲେ ଚନ୍ଦ୍ରକାନ୍ତ



**ମହାକାଳପଡ଼ା, ୨୫।୧୨ (ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ରାମନଗର ପଞ୍ଚାୟତର ମା ଦରିଆ ରାମଚଣ୍ଡୀଙ୍କ ପୀଠ ନିକଟରେ ଏକ ଗୋମାତା ଆହତ ହୋଇ ପଡ଼ିଥିବା କିଛି ବନ୍ଧୁ ଯୁବନେତା ତଥା ଇଂ ଚନ୍ଦ୍ରକାନ୍ତ ସ୍ୱାଇଁଙ୍କୁ ଜଣାଇଥିଲେ। ଖବର ପାଇ ଚନ୍ଦ୍ରକାନ୍ତ ଘଟଣା ସ୍ଥଳରେ ପହଞ୍ଚି ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ସୂଚନା ଦେବା ପରେ ସ୍ଥାନୀୟ ପାଣୀଧନ ନିରୀକ୍ଷକ ଦୀପ୍ତିରଞ୍ଜନ ରାୟ ଓ ବିଭାଗୀୟ ଟିମ୍ ପହଞ୍ଚି ଗୋମାତାଙ୍କୁ ସାଲାଇନ ଦେବା ସହିତ ଚିକିତ୍ସା କରିଥିଲେ। ଏହି ସେବା କାର୍ଯ୍ୟରେ ସ୍ଥାନୀୟ ଯୁବ କାର୍ଯ୍ୟକର୍ତ୍ତା ଶୁଭ ବେହେରା, ସୁନାକର ସେଠୀ, ରୋମିଓ ମହାନ୍ତି, ରାଜେଶ୍ ଖିଲାର, ତୋଫାନ ମଣ୍ଡଳ, ଦୀପକ ବାରିକ, ସୁକାନ୍ତ ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ।

**ବଡ଼ ଦିନରେ ବଡ଼ ଚିନ୍ତାଧାରା**

# ବରିଷ୍ଠ ନାଗରିକମାନଙ୍କୁ ସମ୍ମାନିତ କଲା ନବଦିଗନ୍ତ ସେଚ୍ଛାସେବୀ ସଂଗଠନ



**କେନ୍ଦ୍ରାପଡା, ୨୫।୧୨ (ସଂଚାର ବ୍ୟୁରୋ):** ଅଧୁନା କ୍ରମ ବର୍ଦ୍ଧିଷ୍ଟ ଭିନ୍ନକ୍ଷମ ନିଶା କବଳିତ ଯୁବ ସମାଜରେ ଅବସ୍କଳନ ଘଟି ଅସ୍ୱାସ୍ଥ୍ୟକର ପରମ୍ପରା ଓ ଅସୁସ୍ଥ ସମାଜ ଗଠନ ପ୍ରକ୍ରିୟାରେ ରୋକ୍ ଲଗାଇବା ଲକ୍ଷ୍ୟରେ ମଦ ମାଂସ ନାଟ ତାମସାକୁ ବର୍ଜିତ ଓ ଅପମାନିତ କରି ଲଗାତାର ଚତୁର୍ଥ ବର୍ଷର ୨୦୨୫ ବଡ଼ ଦିନକୁ ପାଳନ ପାଇଁ କେନ୍ଦ୍ରାପଡା ଜିଲ୍ଲାର ୯ଗୋଟି ବ୍ଲକ୍ ର ବଛା ବଛା ଆର୍ଥିକ ଓ ସାମାଜିକ ଅସହାୟ ବରିଷ୍ଠ ନାଗରିକ ମାନଙ୍କୁ ଆମନ୍ତ୍ରିତ କରି ସସମ୍ମାନେ ପାରମ୍ପରିକ ରୀତିନୀତିରେ ପାଦବନ୍ଦନା ଉପଢ଼ୌଙ୍କନ ସହ ସମ୍ମାନୀତ କଲେ ପଟ୍ଟାମୁଣ୍ଡାଇ ବ୍ଲକ ବଡ଼ମୋହନପୁର ଗ୍ରାମପଞ୍ଚାୟତ କଣିପାଳ ଗ୍ରାମର ନବଦିଗନ୍ତ ସେଚ୍ଛାସେବୀ ସଂଗଠନର ଯୁବ ସଦସ୍ୟ ଗଣ ।

ଏହି ଅବସରରେ ଏକ ବାର୍ଣ୍ୟଢ଼ ପରିବେଶ ମଧରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ସମାଜ ସଂସ୍କାରକ ତଥା ଅବସର ପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଶ୍ରୀ ଗଙ୍ଗାଧର ସାହୁ ବିଜେବି ବିଜ୍ଞାନ କଲେଜ୍ ପ୍ରାକ୍ତନ ପ୍ରଫେସର ଶ୍ରୀ ଧନେଶ୍ୱର ସାହୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ର ପୂର୍ବତନ ବିଚାରପତି ଶ୍ରୀ ସଞ୍ଜୟ କୁମାର ସାହୁ ଏବଂ ବରିଷ୍ଠ ଆଇନଜୀବୀ କ୍ଷୀରୋଦ କୁମାର ରାଉତ ଅତିଥି ଭାବେ ଯୋଗଦାନ କରି ଉପାଦେୟ ତଥ୍ୟ ମାନ ପ୍ରଦାନ କରିଥିଲେ। ଅନୁଷ୍ଠାନର ଭାତୃପ୍ରତିମ କଳିଙ୍ଗ ନବଦିଗନ୍ତ ସାମାଜିକ ସଂଗଠନ ପଟ୍ଟାମୁଣ୍ଡାଇ ର କର୍ମକର୍ତା ଗଣ ବରିଷ୍ଠ ନାଗରିକ ମାନଙ୍କୁ ସମ୍ମାନର ସହ ମୁଁହ ମିଠା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଶ୍ରୀ ଦାଶରଥି ସାହୁ, କୃଷ୍ଣଚନ୍ଦ୍ର ଦାସ,ଦୋଳଗୋବିନ୍ଦ ସାହୁ,କେଶବ ଚନ୍ଦ୍ର ଦାସ ଙ୍କ ତତ୍ତ୍ୱାବଧାନରେ ସଂଗଠନ ଯୁବ ସଦସ୍ୟ ମାନେ ଯଥା , ସୌମ୍ୟରଞ୍ଜନ ଦାସ,ପ୍ରଦ୍ୟୁମ୍ନ ସାହୁ, ଉଦୟ ଭାନୁ ସାହୁ,ସନ୍ତୋଷ ଦାସ,ଆକାଶ ଦାସ,ବଲ୍ଲଭ ସାହୁ,ଶ୍ରୀକାନ୍ତ ଦାସ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ବାଜପେୟୀଙ୍କ ଜନ୍ମଜୟନ୍ତୀ ପାଳିତ

**ସାଲେପୁର, ୨୫।୧୨ (ସଂଚାର ବ୍ୟୁରୋ):** ଆଜି ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କର ୧୦୧ତମ ଜନ୍ମଜୟନ୍ତୀ ବହୁଗ୍ରାମ ମଣ୍ଡଳ ସଭାପତି ହେମନ୍ତ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେପି ସଂଗଠକ ହିମାଂଶୁ ମହାନ୍ତି ଯୋଗଦେଇ ଅଟଳ ବିହାରୀ ବାଜପେୟୀ ପ୍ରଧାନମନ୍ତ୍ରୀ ଥିବା ସମୟରେ ଭାରତର ଅର୍ଥନୀତିକୁ ସୁଦୃଢ଼ କରିବାପାଇଁ ନଦୀ ସଂଯୋଗୀକରଣ ଯୋଜନା ଆରମ୍ଭ କରିଥିଲେ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ



ସମାଜସେବୀ ସନ୍ତୋଷ କୁମାର ରାଉତ, ରାମେଶ୍ୱର ମଣ୍ଡଳ ସଭାପତି ସଙ୍ଗୀତା ଜେନା, ସନାତନ ଦାଶ ଯୋଗଦେଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ରାମନାରାୟଣ ପଣ୍ଡା ସଂଯୋଜନା କରିଥିବାବେଳେ ମନୋଜ ବିଶ୍ୱାଳ, ତାପସ ଜେନା, ରିତେଶ ଦାଶ, ଶଶିକାନ୍ତ ମହାନ୍ତି, ବହୁଗ୍ରାମ ମଣ୍ଡଳ ସାଧାରଣ ସମ୍ପାଦକ ଦେବେନ୍ଦ୍ର ପ୍ରସାଦ ଦାସ, ଉପେନ୍ଦ୍ରନାରାୟଣ ଦାଶ, ମନ୍ମଥ ଦାଶ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଜୟନ୍ତୀ ପାଳନ




**କେନ୍ଦ୍ରାପଡ଼ା, ୨୫।୧୨ (ସଂଚାର ବ୍ୟୁରୋ):** ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଶତବାର୍ଷିକ ଅବସରରେ ଜିଲ୍ଲାସ୍ତରୀୟ ସୁଶାସନ ଦିବସ ପାଳିତ ହୋଇଯାଇଛି। ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକ୍ରିଷ୍ଣ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକିର ମୋହନ ମାଝୀ ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ । ବୈଠକରେ ମୁଖ୍ୟଅତିଥି ତାଙ୍କ ବକ୍ତବ୍ୟରେ ବାଜପେୟୀ ଜଣେ ମହାନ ଜନନାୟକ ଥିଲେ,ଦେଶର ବିକାଶରେ ତାଙ୍କର ଅବଦାନ ଅନେକ ଥିଲା । ଜଣେ ବିଚକ୍ଷଣ ରାଜନେତା ଏବଂ ରାଷ୍ଟ୍ରନୀତିଜ୍ଞ ଥିଲେ ବୋଲି ଅତିଥିମାନେ ମତ ଦେଇଥିଲେ । ବାଜପେୟୀଙ୍କ ଅମଳରେ ଆରମ୍ଭ ହୋଇଥିବା ପ୍ରଧାନମନ୍ତ୍ରୀ ସଡକ ଯୋଜନା,ସ୍ୱର୍ଣ୍ଣ ଚତୁର୍ଭୁଜ ପ୍ରକଳ୍ପ,ସମଗ୍ର ଶିକ୍ଷା ଅଭିଯାନ,ପୋଖରାନରେ ପରମାଣୁ ପରୀକ୍ଷଣ ଇତ୍ୟାଦି ଅବତାରଣ କରିଥିଲେ । ଏହା ସହିତ ବାଜପେୟୀଙ୍କ ନିର୍ମଳ ଭାବମୂର୍ତ୍ତି,ବିଦେଶୀ ନୀତି,ସୂଚନା ଓ ପ୍ରଯୁକ୍ତି ବିଦ୍ୟା,ଦୂରସଂଚାର ଓ ଯୋଗାଯୋଗ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ଏବଂ କାରଗିଲ ଯୁଦ୍ଧରେ ଦୃଢ଼ ନେତୃତ୍ୱ ସମ୍ପର୍କରେ ଆଲୋଚନା ହୋଇଥିଲା । ଏହା ସହିତ ବରିଷ୍ଠ ସାମ୍ବାଦିକ ସଚ୍ଚିଦାନନ୍ଦ ବେହେରା ଏବଂ ଉପସ୍ଥିତ ଛାତ୍ରଛାତ୍ରୀ ବାଜପେୟୀଙ୍କ ବିଷୟରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ବୈଠକରେ ଶିକ୍ଷା ବିଭାଗ ସହଯୋଗରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ । ବୈଠକରେ ଛାତ୍ରଛାତ୍ରୀଙ୍କ ସମେତ ବିଭିନ୍ନ ବର୍ଗର ଜନସାଧାରଣ, ଅଧିକାରୀ ଏବଂ କର୍ମଚାରୀ, ସାମ୍ବାଦିକମାନେ ଉପସ୍ଥିତ ଥିଲେ ।

# ବିଜେପି ପକ୍ଷରୁ ଅଟଳଜୀଙ୍କ ଜୟନ୍ତୀ ଓ ସୁଶାସନ ଦିବସ ପାଳିତ



**ମାହାଙ୍ଗା, ୨୫।୧୨ (ସଂଚାର ବ୍ୟୁରୋ):** ଭାରତର ମହାନ୍ ଜନନାୟକ ତଥା ଭାରତରତ୍ନ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ୧୦୧ତମ ଜନ୍ମ ଜୟନ୍ତୀ ଓ ସୁଶାସନ ଦିବସ ଆଜି ମାହାଙ୍ଗା ନିର୍ବାଚନ ମଣ୍ଡଳୀ କୋଲଣପୁର ଆରଏମସି ଗୃହ ପରିସରରେ ଅନୁଷ୍ଠିତ ହୋଇଛି। ବରିଷ୍ଠ ବିଜେପି ନେତା ଶ୍ରୀ ଶାରଦାପ୍ରସାଦ ମିଶ୍ର(ସାଲୁଆ ନନା)ଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ମାହାଙ୍ଗା ଜନପ୍ରିୟ ବିଧାୟକ ଶାରଦାପ୍ରସାଦ ପ୍ରଧାନଙ୍କ ପ୍ରତିନିଧି ତଥା ମଣ୍ଡଳ ସଭାପତି ଭକ୍ତଚରଣ ସ୍ୱାଇଁ ଯୋଗ ଦେଇ ସେହି ମହାନ୍ ଜନନାୟକ ସ୍ୱର୍ଗତ ବାଜପେୟୀଙ୍କ ଭାରତ ସମେତ ବିଶ୍ୱ ପ୍ରତି ରହିଥିବା ଚିରସ୍ମରଣୀୟ ଅବଦାନ ଓ ଭାରତୀୟ ଜନତା ପାର୍ଟିର ପ୍ରତିଷ୍ଠା କ୍ଷେତ୍ରରେ ତାଙ୍କର ବିଶେଷ ଅବଦାନ ରହିଥିବା କଥା ମତ ପ୍ରକାଶ କରିଥିଲେ। ଏଥିରେ ବିବେକାନନ୍ଦ ବେହେରା, ଅଶୋକ କୁମାର ସାହୁ, କମଳା ବସ୍ତିଆ, ହରିହର ପ୍ରଧାନ, ପ୍ରକାଶ ଚନ୍ଦ୍ର ସାମଲ, ହରମୋହନ ପଣ୍ଡା, ବିପିନ ବିହାରୀ ଦାସ, ସୁନାକର ବେହେରା, ଅକ୍ଷୟ କୁମାର ଓଝା, କୈଳାସଚନ୍ଦ୍ର ସାହୁ, ବୈଦ୍ୟନାଥ ବେହେରା, ଆଶୁତୋଷ ମହାପାତ୍ର, କୈଳାସ ବେହେରା, ନାରୀନେତ୍ରୀ ଯାଜ୍ଞସେନୀ ଜେନା, ମନୋରଞ୍ଜନ ସେଠୀ, ଜଗବନ୍ଧୁ ସ୍ୱାଇଁ, ଆଇନଜୀବୀ ସ୍ମୃତିରଞ୍ଜନ ରାଉତଙ୍କ ସମେତ ଶତାଧିକ ବିଜେପି କର୍ମକର୍ତ୍ତାମାନେ ଯୋଗ ଦେଇ ବାଜପେୟୀଜୀଙ୍କ ଅମରଗାଥା ଉପରେ ଗଭୀର ଭାବେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ଶ୍ରୀ ଅମରେନ୍ଦ୍ରନାରାୟଣ ଦାସ ମଞ୍ଚ ପରିଚାଳନା କରିଥିଲେ।

# ଭେଙ୍କଟେଶ୍ୱର ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ

**ପଟ୍ଟାମୁଣ୍ଡାଇ, ୨୫।୧୨ (ସଂଚାର ବ୍ୟୁରୋ):** ଭେଙ୍କଟେଶ୍ୱର ଇଂରାଜୀ ମାଧ୍ୟମ ସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ ୨ ଦିନ ଧରି ପଟ୍ଟାମୁଣ୍ଡାଇ ଏମଏନ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଜ୍ୟୋତ୍ସ୍ନାରାଣୀ ନାୟକ ଓ ବିରସେନ ଜେନାଙ୍କ ତତ୍ତ୍ୱାବଧାନରେ ପତିତପାବନ ମନ୍ଦିର ଠାରୁ ଛାତ୍ରଛାତ୍ରୀମାନେ କ୍ରୀଡ଼ା ମଶାଲ ଧରି ଏମଏନ ହାଇସ୍କୁଲ ପଡ଼ିଆରେ ପହଞ୍ଚିଥିଲେ। ଅଧକ୍ଷ ପ୍ରତାପ ଚନ୍ଦ୍ର ବିଶ୍ୱାଳଙ୍କ ପୌରହିତ୍ୟରେ ଆୟୋଜିତ ଉଦଘାଟନ ଉତ୍ସବରେ ସ୍କୁଲର ନିର୍ଦ୍ଦେଶକ ଆଡଭୋକେଟ ସଞ୍ଜୟ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କ ଜୀବନରେ କ୍ରୀଡ଼ାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ସୁପ୍ରିୟା ନନ୍ଦୀ ସ୍ୱାଗତ ଭାଷଣ ଓ ନମିତା ସୂତାର ଅତିଥି ପରିଚୟ ପ୍ରଦାନ କରିଥିଲେ। ରୀଙ୍କେଶ୍ୱୋରୀ ଦାସ ବିବରଣୀ ପାଠ କରିଥିଲେ। ଅମିତ ପାତ୍ର ଧନ୍ୟବାଦ ଦେଇଥିଲେ।

ଶିକ୍ଷୟତ୍ରୀ ମୋନାଲିସା ରାୟ, ସୁମନ ଶ୍ରୀୟା ନାୟକ , ସୌମ୍ୟା ସ୍ୱାତୀ ଲେଙ୍କା, ବନିମୟୀ ଜେନା, ପ୍ରିୟଙ୍କା ସୁତାର, ମଧୁସ୍ମିତା ଗିରୀ, ସନାଲିଶା ପରିଡ଼ା, କାମିନୀ ମହାନ୍ତି, ଅପର୍ଣ୍ଣା ବେହେରା, ଇତିଶ୍ରୀ ପଣ୍ଡା, ଅମରେଶ ରାଉତ, ଆଶୁତୋଷ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଦୌଡ଼, ଲମ୍ବା ଡ଼ିଆଁ, ଉଚ୍ଚ ଡିଆଁ, ବେଙ୍ଗ ଡିଆଁ, ଆଳୁ ଚାମଚ, ଗଣିତ ଦୌଡ଼, ଆଖାଦୌଡ ଆଦି ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା କରାଯାଇଥିଲା।

ଏହି ଉପଲକ୍ଷେ ଆୟୋଜିତ ଉଦଯାପନୀ ଉତ୍ସବରେ କାନାଡ଼ା ବ୍ୟାଙ୍କର ମ୍ୟାନେଜର ଅନୁପ କୁମାର ଦାସ ମୁଖ୍ୟଅତିଥି ଓ ଅତିରିକ୍ତ ବ୍ଲକ ଶିକ୍ଷା ଧିକାରୀ ସୁନୀତୀ ଦାଶ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କ ସାର୍ବିକ ବିକାଶ ପାଇଁ କ୍ରୀଡ଼ାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମତ ପ୍ରକାଶ କରିବା ସହିତ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ।

# ସମୀର ଟିଭିଏସର ବାର୍ଷିକ ଉତ୍ସବରେ ସଡ଼କ ସୁରକ୍ଷା ସଚେତନତା




**କେନ୍ଦ୍ରାପଡ଼ା, ୨୫।୧୨ (ସଂଚାର ବ୍ୟୁରୋ):** ଦୁହୁରିଆସ୍ଥିତ ସମୀର ଟିଭିଏସର ୩୦ତମ ବାର୍ଷିକ ଉତ୍ସବ ମହାଆଡମ୍ବରରେ ପାଳିତ ହୋଇଯାଇଛି । ଏହି ଅବସରରେ ଏକ ସଡକ ସୁରକ୍ଷା ସଚେତନତା ରାଲି ଇଛାପୁରସ୍ଥିତ ଶ୍ରୀବଳଦେବଜୀଉଙ୍କ ମନ୍ଦିର ନିକଟରୁ ବାହାରି କେନ୍ଦ୍ରାପଡା ସହର ମଧ ଦେଇ ଚାନ୍ଦୋଳ ପର୍ଯ୍ୟନ୍ତ ଯାଇଥିଲା । ରାଲି ଯିବା ବେଳେ ପଥପ୍ରାନ୍ତରେ 'ହେଲମେଟ ପିନ୍ଧନ୍ତୁ ଜୀବନ ବାନ୍ଧୁ' ସ୍ଲୋଗାନ ଦେଇ ଲୋକଙ୍କ ମଧରେ ସଚେତନତା ସୃଷ୍ଟି କରିଥିଲେ । ଏହି ରାଲିକୁ ଆଳିକ ପରିବହନ କାର୍ଯ୍ୟାଳୟର ଏମଭିଆଇ ଶ୍ରୀକାନ୍ତ ଟୁଡୁ ଶୁଭ ଉଦଘାଟନ କରିଥିଲେ । ଏଥିସହିତ ଗ୍ରାହକମାନଙ୍କ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ସମୀର ଟିଭିଏସର ନିର୍ଦ୍ଦେଶକ ସମୀର କୁମାର ଚାନ୍ଦ ଯୋଗଦେଇ ଦୁଇଚକିଆ ଯାନ ଚଳାଇବା ବେଳେ ସର୍ବଦା ହେଲମେଟ ପିନ୍ଧିବାକୁ ପରାମର୍ଶ ଦେଇଥିଲେ । ଶେଷରେ ସମୀର ମୋଟର ଇଭେରେ ଲକି ଗ୍ରାହକ ରମେଶ କୁମାର ସ୍ୱାଇଁଙ୍କୁ ଉପହାର ସ୍ୱରୂପ ଏକ ଏଲଇଡି ଟିଭି ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ପରିଚାଳନାରେ ଜେନେରାଲ ମ୍ୟାନେଜର ଲକ୍ଷ୍ମୀକାନ୍ତ ବେହେରା, ଅନିଜା ଜେନା, କ୍ଷିତିଶ କୁମାର କର, ଶୁଭଶ୍ରୀ ନାୟକ, ଚିରନଜ୍ୟୋତି ନାୟକ, ସଂଗୀତା ଦାସ, ସୀମାରେଖା ସ୍ୱାଇଁ, ପୁଷ୍ପାରାଣୀ ପ୍ରଧାନ, ଅନିଶା ସିଂ ପ୍ରମୁଖ ସହଯୋଗ କରିଥିଲେ ।

# ପୌରାଞ୍ଚଳ ଘୋଷଣାରେ କେନ୍ଦ୍ରାପଡ଼ା ଜିଲ୍ଲା ଉପେକ୍ଷିତ

**ପଟ୍ଟାମୁଣ୍ଡାଇ, ୨୫।୧୨ (ସଂଚାର ବ୍ୟୁରୋ):** ରାଜ୍ୟର ନୂତନ ବିଜେପି ସରକାର ଜନସାଧାରଣଙ୍କୁ ସମସ୍ତ ମୌଳିକ ସହରୀ ସୁବିଧା ସୁଯୋଗ ଯୋଗାଇ ଦେବା ପାଇଁ ଓଡିଶାର ବିଭିନ୍ନ ଜିଲ୍ଲାରେ ନୂତନ ମୁନିସିପାଲିଟି ଓ ଏନ ଏ ସି ଘୋଷଣା କରିଛନ୍ତି । ଏଥି ପାଇଁ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇଛି । ମାତ୍ର ଓଡିଶାର ରାଜନୈତିକ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା କେନ୍ଦ୍ରାପଡ଼ା ଜିଲ୍ଲା ଉପେକ୍ଷିତ ହୋଇଛି । କେନ୍ଦ୍ରାପଡ଼ା ଜିଲ୍ଲାର ରାଜନଗର ଓ ମାର୍ଶାଘାଇକୁ ଏନଏସି ଘୋଷଣା କରିବା ଦାବୀ ଓ ପ୍ରସ୍ତାବ ରାଜ୍ୟ ସରକାରଙ୍କ ନିକଟରେ ଥିଲା । ମାତ୍ର ସରକାର ମୁନିସିପାଲିଟି ଓ ଏନଏସି ଘୋଷଣା ବେଳେ କେନ୍ଦ୍ରାପଡ଼ା ଜିଲ୍ଲାକୁ ଭୁଲି ଗଲେ । ଯାହାଫଳରେ ଉପରୋକ୍ତ ଦୁଇଟି ଅଂଚଳ ଏନ ଏ ସି ଘୋଷଣାରୁ ବଂଚିତ ହୋଇଛି । ଏଥି ନେଇ ସ୍ଥାନୀୟ ଅଧିବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ମୁନିସିପାଲିଟି ଓ ଏନ ଏ ସି ଘୋଷଣାରେ ରାଜ୍ୟ ସରକାର କେନ୍ଦ୍ରାପଡ଼ା ଜିଲ୍ଲାକୁ ଉପେକ୍ଷା କରିଥିବାରୁ ପଟ୍ଟାମୁଣ୍ଡାଇ -ରାଜନଗର ବିକାଶ ପରିଷଦ ଏହାର ତୀବ୍ର ପ୍ରତିବାଦ କରିଛି ।

ରାଜ୍ୟ ସରକାର କାଳ ବିଳମ୍ବ ନକରି ରାଜନଗର ଓ ମାର୍ଶାଘାଇ ଅଂଚଳକୁ ଏନ ଏ ସି ଘୋଷଣା କରିବା ପାଇଁ ପଟ୍ଟାମୁଣ୍ଡାଇ -ରାଜନଗର ବିକାଶ ପରିଷଦ ପ୍ରତିଷ୍ଠାତା ବିଜୟ କେତନ ସ୍ୱାଇଁ, ରାଜନଗର ଶାଖା ସଭାପତି ଆଡ଼ଭୋକେଟ ସୁଶାନ୍ତ ଜେନା, ଉପ ପତି ବିଶ୍ୱନାଥ ବାରିକ, ଉପଦେଷ୍ଟା ଶ୍ରୀକାନ୍ତ ରାଉଳ, ପଟ୍ଟାମୁଣ୍ଡାଇ ଶାଖା ସଭାପତି ଆଡ଼ଭୋକେଟ ଦେବବ୍ରତ ସ୍ୱାଇଁ, ଉପସଭାପତି ଅଭୟ ସ୍ୱାଇଁ ଓ ମହାସଚିବ ଆଡ଼ଭୋକେଟ ଧୀରେନ୍ଦ୍ର ନାଥ ସାହୁ ରାଜ୍ୟ ମୁଖ୍ୟମନ୍ତ୍ରୀ ଓ ନଗରଉନ୍ନୟନ ମନ୍ତ୍ରୀଙ୍କ ନିକଟରେ ଦାବୀ କରିଛନ୍ତି ।

# ବଡ଼ଦିନରେ ଭିତରକନିକା ଓ ପେଣ୍ଠରେ ପର୍ଯ୍ୟଟକଙ୍କ ଭିଡ଼




**ରାଜନଗର, ୨୫।୧୨ (ସଂଚାର ବ୍ୟୁରୋ) :** ଗୁରୁବାର ବଡଦିନରେ ୨୪୧୦ ପର୍ଯ୍ୟଟକ ଭିତରକନିକା ବୁଲିଛନ୍ତି। ସେହିପରି ପେଣ୍ଠ ବେଳାଭୂମିରେ ହଜାର ହଜାର ପର୍ଯ୍ୟଟକ ବଣଭୋଜି କରିବା ସହିତ ସମୁଦ୍ରରେ ସ୍ନାନ କରିବା ଓ ସୂର୍ଯ୍ୟାସ୍ତ ଦେଖି ବିମୋହିତ ହୋଇଛନ୍ତି। ସନ୍ଧ୍ୟା ପର୍ଯ୍ୟନ୍ତ ଭିତରକନିକା ଜାତୀୟ ଉଦ୍ୟାନ ପର୍ଯ୍ୟଟକଙ୍କ କୋଳାହଳ ଭିତରେ ଚଳଚଞ୍ଚଳ ହୋଇ ଉଠିଥିଲା। ପର୍ଯ୍ୟଟକ ଏଠାକାର ପ୍ରାକୃତିକ ଶୋଭା ଉପଭୋଗ କରିବା ସହ ନଦୀପଠାରେ ଖରା ପୋଉଁଥିବା ବଉଳା କୁମ୍ଭୀର ଦେଖିଛନ୍ତି ।

ସ୍ଥଳ ପଥରେ ଭିତରକନିକାକୁ ୧୦୯୦ ଜଣ ପର୍ଯ୍ୟଟକ ଆସିଥିବା ବେଳେ ଜଳପଥରେ ୧୩୨୦ ଜଣ ପର୍ଯ୍ୟଟକ ଭିତରକନିକାର ଶୋଭାକୁ ଉପଭୋଗ କରିଛନ୍ତି। ଆଜି ଗୋଟିଏ ଦିନରେ ୧୧୮ ବୋଟରେ ୨୪୧୦ ପର୍ଯ୍ୟଟକ ଭିତରକନିକାର ଶୋଭା ଉପଭୋଗ କରିଛନ୍ତି। ଗୁପ୍ତି ପ୍ରବେଶ ପଥ ଦେଇ ୨୦ଟି ବୋଟ୍‌ରେ ୨୩୮ଜଣ ପର୍ଯ୍ୟଟକ ଆସିଥିବା ବେଳେ ଖୋଳା ପ୍ରବେଶ ପଥ ଦେଇ ୮୭ଟି ବୋଟ୍‌ରେ ୯୬୭ ଜଣ, ଚାନ୍ଦବାଲି ପ୍ରବେଶ ପଥ ଦେଇ ୧୧ଟି ବୋଟ୍‌ରେ ୧୧୫ ଜଣ ପର୍ଯ୍ୟଟକ ଭିତରକନିକା ପରିଭ୍ରମଣ କରିଛନ୍ତି । ପେଣ୍ଠ ବେଳାଭୂମିରେ ହଜାର ହଜାର ପର୍ଯ୍ୟଟକଙ୍କ ସମାଗମ ହୋଇଥିଲା । ସକାଳର ସୂର୍ଯ୍ୟ ଉଦୟ ଏବଂ ବରୁଣେଇ ମୁହାଁଣ ନିକଟରେ ସୂର୍ଯ୍ୟାସ୍ତ ଉପଭୋଗ କରିଥିଲେ। ପେଣ୍ଠ ବେଳାଭୂମି ନିକଟ ଝାଉଁବଣ, ଲୁଣାଜଙ୍ଗଲ ଏବଂ ପେଣ୍ଠଠାରେ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମାଣ ହୋଇଥିବା ଓଡିଶାର ପ୍ରଥମ ଓ ଭାରତର ଦ୍ୱିତୀୟ ଜିଓ ସିନ୍ଥେଟିକ୍ ସାମୁଦ୍ରିକ ପ୍ରାଚୀର ଦେଖିଥିଲେ। ବେଳାଭୂମିରେ ଦଳ ଦଳ ହୋଇ ବଣଭୋଜି କରିବା, ବେଳାଭୂମିରୁ ପ୍ରାୟ ୧ କି.ମି. ପୋତିହୋଇଥିବା ବାଲୁକାରାଶିରେ ପର୍ଯ୍ୟଟକ ସ୍ନାନ କରି ବଣଭୋଜିର ମଜା ନେଇଥିଲେ। ସମୁଦ୍ରର ନୀଳ ଜଳରାଶିରେ ବିରଳ ଡଲଫିନ୍‌ଙ୍କ ଜଳକ୍ରୀଡା ପର୍ଯ୍ୟଟକଙ୍କୁ ବିମୋହିତ କରିଥିଲା ।

# ୧୯୯୨ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

**ସାଲେପୁର, ୨୫।୧୨ (ସଂଚାର ବ୍ୟୁରୋ):** ସାଲେପୁର ହାଇସ୍କୁଲ ୧୯୯୨ମସିହା ଛାତ୍ରଛାତ୍ରୀ ମାନଙ୍କର ଏକ ବନ୍ଧୁମିଳନ ସାଲେପୁର ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ରଛାତ୍ରୀମାନେ ଏକାଠି ହୋଇ ନିଜ ନିଜ ମଧରେ ଭାବ ବିନିମୟ କରିଥିଲେ। ଏହି କାର୍ଯ୍ୟକ୍ରମରେ ମଧୁସ୍ମିତା ପ୍ରଧାନ, ପ୍ରଣତୀ ସାହୁ, ମଧୁସ୍ମିତା ପ୍ରତାପ, ଏସ୍. ନାୟକ, ମନୋଜ କର, ଅଭିମନ୍ୟୁ ତ୍ରିପାଠୀ, ଚିତ୍ତରଞ୍ଜନ ବେହେରା, ବିଭୁତିଭୂଷଣ ସାହୁ, ସୁଜିତ୍ କୁମାର ଭୂୟାଁ, ସଞ୍ଜୟ କୁମାର ଦାଶ, ସୁଶାନ୍ତ କୁମାର ସାହୁ, ସୌମେନ୍ଦ୍ର ପ୍ରସାଦ ମହାନ୍ତି, ଶିବ ଭୋଇ, ପ୍ରଶାନ୍ତ କୁମାର ବେହେରା, ତରୁଣ କୁମାର ରାଉତ, ମଧୁସ୍ମିତା ପ୍ରଧାନ, ସଂଗ୍ରାମ ରାଉତ, ମଧୁସ୍ମିତା ପ୍ରତାପ, ଇବାଜଲିଲ ମହାନ୍ତି, ସୌମେନ୍ଦ୍ର କର, ଅଫଜଲ ଅଲ୍ଲୀ, ମମତା ଭୂୟାଁ, ଏସ୍. ନାଗୁଙ୍କ ସମେତ ବହୁ ଛାତ୍ରଛାତ୍ରୀ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।




# କେଶରପୁର ଆଞ୍ଚଳିକ ମହୋତ୍ସବ ଉଦ୍‌ଯାପିତ



**ଡେରାବିଶ, ୨୫।୧୨ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ ଦୋହଲୀ ହାଇସ୍କୁଲ ଖେଳ ପଡ଼ିଆରେ ଚଳିତ ମାସ ୧୭ ତାରିଖ ଠାରୁ ଅନୁଷ୍ଠିତ ହୋଇଆସୁଥିବା ଆଞ୍ଚଳିକ ମହୋତ୍ସବ ବୁଧବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଏହି ଉଦ୍‌ଯାପନୀ ଉତ୍ସବରେ ମହୋତ୍ସବ କମିଟିର ସଭାପତି ଅଭୟ କୁମାର ରଥ ଅଧକ୍ଷତା କରିଥିବା ବେଳେ ସାମ୍ବାଦିକ ପ୍ରମୋଦ କୁମାର ପ୍ରତାପ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପ୍ରଥମ ବର୍ଷରେ ଆଠଦିନବ୍ୟାପୀ ଅନୁଷ୍ଠିତ ଏହି ଉତ୍ସବରେ ଅଞ୍ଚଳର ଐତିହ୍ୟ, ପରମ୍ପରା, ଶିକ୍ଷା, ସଂସ୍କୃତିକୁ ଉଜ୍ଜିବିତ କରିବାରେ ଯେଉଁ ପ୍ରଚେଷ୍ଟା କରାଯାଇଥିଲା ଭବିଷ୍ୟତରେ ଏହା ସୁଦୂର ପ୍ରସାରୀ ହେବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧରେ ସମ୍ମାନିତ ଅତିଥିଭାବରେ ଅଜୟ ମହାନ୍ତି, ଅନନ୍ତ ଗୋପାଳ ମହାନ୍ତି, ରଜତ ଦାଶ ପ୍ରମୁଖ ଯୋଗଦେଇଥିଲେ। ଜିତେନ୍ଦ୍ର ପ୍ରସାଦ ରଥ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମନୋରଞ୍ଜନ ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ। ଦୀର୍ଘ ୮ ଦିନ ଧରି ଏହି ମହୋତ୍ସବରେ ସ୍ଥାନୀୟ ଅଞ୍ଚଳର ଛାତ୍ରଛାତ୍ରୀ ଓ କଳାକାରମାନଙ୍କ ଦ୍ୱାରା ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ଏଥିସହିତ ବିଭିନ୍ନ ଅନୁଷ୍ଠାନ ତରଫରୁ ଘୋଡ଼ାନାଚ, ପାଲା ଓ ମେଲୋଡ଼ି ପରିବେଶଣ ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲା। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଥିବା କୁନିକୁନି ଛାତ୍ରଛାତ୍ରୀମାନଙ୍କୁ ଅନୁଷ୍ଠାନ ତରଫରୁ ପୁରସ୍କୃତ କରାଯାଇଥିଲା।

# ଲୋକ ଭବନରେ ସୁଶାସନ ଦିବସ ପାଳିତ

**ଭୁବନେଶ୍ୱର,୨୫।୧୨(ସଂଚାର ବ୍ୟୁରୋ):** ଦେଶ ନିର୍ମାଣରେ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଅବଦାନ ରହିଛି ବୋଲି ଆଜି ତାଙ୍କ ୧୦୧ତମ ଜୟନ୍ତୀ ଅବସରରେ ଲୋକ ଭବନସ୍ଥିତ ଅଭିଷେକ ହଲ୍‌ରେ ଆୟୋଜିତ ସୁଶାସନ ଦିବସ କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି । ଏଥିସହ ଦେଶର ବିକାଶ ଯାତ୍ରାରେ ଭିତ୍ତିଭୂମି, ସଂଯୋଗ ଓ ସୁଶାସନ ପ୍ରତିଷ୍ଠା କ୍ଷେତ୍ରରେ ଶ୍ରୀ ବାଜପେୟୀଙ୍କ କାର୍ଯ୍ୟକାଳ ଏକ ରୂପାନ୍ତରକାରୀ ପର୍ଯ୍ୟାୟ ଥିଲା ବୋଲି ସେ କହିଛନ୍ତି। ଏହି ଅବସରରେ ଶ୍ରୀ ବାଜପେୟୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କ ଅଭିଭାଷଣରେ କହିଛନ୍ତି ଯେ ସ୍ୱର୍ଣ୍ଣ ଚତୁର୍ଭୁଜ ପ୍ରକଳ୍ପ, ଜାତୀୟ ରାଜପଥର ବ୍ୟାପକ ସମ୍ପ୍ରସାରଣ ଓ ସାରା ଦେଶରେ ଚାରିଥାକିଆ ରାସ୍ତା ନିର୍ମାଣ ଭଳି ଯୁଗାନ୍ତକାରୀ ପଦକ୍ଷେପ ସହ ସ୍ୱର୍ଗତଃ ବାଜପେୟୀଙ୍କ ନାମ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଏହି ପଦକ୍ଷେପ କେବଳ ଯୋଗାଯୋଗକୁ ବୃଦ୍ଧି କରିନାହିଁ, ବରଂ ଅନେକ କ୍ଷେତ୍ରରେ ଆର୍ଥିକ ବିକାଶକୁ ତ୍ୱରାନ୍ୱିତ କରିଛି। ଆଜି ମଧ ଏହି ରାଜପଥଗୁଡ଼ିକ ସହ ଜଡ଼ିତ ଅଞ୍ଚଳର ଲୋକମାନେ ନିଜର ଅର୍ଥନୈତିକ ଅଭିବୃଦ୍ଧି ଓ ଉନ୍ନତ ଗତିଶୀଳତାକୁ ଶ୍ରୀ ବାଜପେୟୀଙ୍କ ଦୂରଦୃଷ୍ଟିସମ୍ପନ୍ନ ଦୃଷ୍ଟିଭଙ୍ଗୀ ସହ ଯୋଡ଼ି ଦେଖନ୍ତି ବୋଲି ରାଜ୍ୟପାଳ କହିଛନ୍ତି। ଏହି ଅବସରରେ ଡ. କମ୍ଭମ୍‌ପାଟି ଶ୍ରୀ ବାଜପେୟୀଙ୍କ ଗ୍ରାମାଞ୍ଚଳ ବିକାଶ ପ୍ରତି ଅବଦାନକୁ ମନେ ପକାଇ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାର ସୁଫଳ ସମ୍ପର୍କରେ ବର୍ଣ୍ଣନା କରିଛନ୍ତି। ଏଥିସହ ନଦୀ ସଂଯୋଗୀକରଣ ପ୍ରକଳ୍ପ ସମେତ ଦୀର୍ଘମିଆଦୀ ବିକାଶମୂଳକ ଯୋଜନା କ୍ଷେତ୍ରରେ ଶ୍ରୀ ବାଜପେୟୀଙ୍କ ଭୂମିକାକୁ ମନେ ପକାଇଥିଲେ। ଏପରିକି ଏଥିପାଇଁ ଏକ ସମର୍ପିତ ଟାସ୍କ ଫୋର୍ସରେ ସଦସ୍ୟ ଭାବେ କାମ କରିବାର ସୌଭାଗ୍ୟକୁ ମଧ ରାଜ୍ୟପାଳ ମନେ ପକାଇଛନ୍ତି। ଏହି ଅବସରରେ ରାଜ୍ୟପାଳଙ୍କ କମିଶନର ତଥା ଶାସନ ସଚିବ ରୂପା ରୋଶନ ସାହୁଙ୍କ ସହ ଲୋକ ଭବନର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

### ବାଜପେୟୀଙ୍କ ଜନ୍ମଶତାବ୍ଦୀ ବର୍ଷ ପାଳିତ, ଦଶମ ଅଟଳ ସମ୍ମାନ-୨୦୨୫ ପ୍ରଦାନ

# ପ୍ରେରଣାକୁ ପାଥେୟ କରି ଶ୍ରେଷ୍ଠ ରାଜ୍ୟ ଗଠନ ପାଇଁ ଆହ୍ୱାନ

**ଭୁବନେଶ୍ୱର,୨୫।୧୨(ସଂଚାର ବ୍ୟୁରୋ):** ଭାରତ ବିଶ୍ୱଗୁରୁ ହେବ ବୋଲି ସ୍ୱାମୀ ବିବେକାନନ୍ଦ ଦିନେ ଭବିଷ୍ୟବାଣୀ କରିଥିଲେ। ବାସ୍ତବରେ ଏହାର ମୂଳଦୁଆ ପକାଇଥିଲେ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀ।

- **ବାଜପେୟୀ ଥିଲେ ନୂଆ ଭାରତବର୍ଷର ନିର୍ମାତା: ମନମୋହନ**
- **କୁଞ୍ଜବିହାରୀ ପାଣିଗ୍ରାହୀଙ୍କୁ ଅଟଳ ସମ୍ମାନ ପ୍ରଦାନ**



ଏହାକୁ ବାସ୍ତବତାରେ ପରିଣତ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଣ କରିଛନ୍ତି। ନିରନ୍ତର ପ୍ରୟାସ ଫଳରେ ଆମେ ଏହି ସ୍ୱପ୍ନକୁ ବାସ୍ତବତାର ରୂପ ଦେଇପାରିବା ବୋଲି ରାଜ୍ୟ ବିଜେପି କାର୍ଯ୍ୟାଳୟ ପରିସରରେ ସ୍ୱର୍ଗତଃ ବାଜପେୟୀଙ୍କ ୧୦୧ତମ ଜନ୍ମ ଦିବସ ତଥା ଜନ୍ମ ଶତବାର୍ଷିକୀ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଏହି ଅବସରରେ ଆୟୋଜିତ 'ଦଶମ ଅଟଳ ସମ୍ମାନ-୨୦୨୫' କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ଶ୍ରୀ ବାଜପେୟୀ ପ୍ରତିକୂଳ ପରିସ୍ଥିତିରେ ଅସାଧାରଣ ବ୍ୟକ୍ତିତ୍ୱ ପ୍ରଦର୍ଶନ କରିଥିଲେ। କ୍ଷମତାରେ ରହିବା ପାଇଁ କେବେ ନୈତିକତା ଓ ଆଦର୍ଶ ସହ ସାଲିସ କରି ନ ଥିବା ଶ୍ରୀ ବାଜପେୟୀ କୃଷକମାନଙ୍କ ଦୁଃଖକୁ ଭଲ ଭାବେ ହୃଦୟଙ୍ଗମ କରିପାରିଥିଲେ। ସେ କୃଷକମାନଙ୍କ ପାଇଁ କିଷାନ କ୍ରେଡିଟ୍ କାର୍ଡ ଓ ଫସଲ ବୀମା ଯୋଜନା ଆରମ୍ଭ କରିଥିଲେ। ପରମାଣୁ ପରୀକ୍ଷଣ କରିବାଠାରୁ କାର୍‌ଗିଲ୍ ଯୁଦ୍ଧ ପର୍ଯ୍ୟନ୍ତ ସବୁଥିରେ ସଫଳ ହୋଇଥିଲେ। ସେଥିପାଇଁ ଆଜିର ଦିନକୁ ସୁଶାସନ ଦିବସ ଭାବେ ପାଳନ କରାଯାଉଛି। ବିକଶିତ ଭାରତ ଗଢ଼ିବା ପାଇଁ ଅଟଳଜୀଙ୍କ ପ୍ରୟାସକୁ ଆଜି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ପୂରଣ କରିଚାଲିଛନ୍ତି। ଏଥିସହ ଶ୍ରୀ ବାଜପେୟୀଙ୍କ ପ୍ରେରଣାକୁ ପାଥେୟ କରି ପ୍ରଧାନମନ୍ତ୍ରୀ ମୋଦିଙ୍କ ଦିଗଦର୍ଶନରେ ଓଡ଼ିଶାକୁ ଦେଶର ଶ୍ରେଷ୍ଠ ଓ ସମୃଦ୍ଧଶାଳୀ ରାଜ୍ୟ ଭାବେ ଗଢ଼ି ତୋଳିବାର ଲକ୍ଷ୍ୟ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେହିପରି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି ଯେ ଶ୍ରୀ ବାଜପେୟୀ ଏକାଧାରରେ ଦୂରଦ୍ରଷ୍ଟା, ରାଷ୍ଟ୍ରନୀତିଜ୍ଞ, ରାଜନୀତିଜ୍ଞ, କବି, ଦାର୍ଶନିକ, ସମାଜସେବୀ ଓ ଦେଶଭକ୍ତ ଥିଲେ। ରାଷ୍ଟ୍ରୀୟ ଚିନ୍ତାଧାରାରେ ନିଜ ଜୀବନ ଯୌବନକୁ ସମର୍ପଣ କରି ସେ ସମସ୍ତଙ୍କ ପ୍ରେରଣା ସାଜିଛନ୍ତି। ସେ ଆଗାମୀ ୧୦୦ ବର୍ଷ ପାଇଁ ଦେଶର ବିକାଶ ନକ୍ସା ତିଆରି କରିଥିଲେ। ତେଣୁ ସେ ନୂଆ ଭାରତବର୍ଷର ନିର୍ମାତା ଥିଲେ।ଏହି ଅବସରରେ କୁଞ୍ଜବିହାରୀ ପାଣିଗ୍ରାହୀଙ୍କୁ ଅଟଳ ସମ୍ମାନ-୨୦୨୫, ଡ. ଭାଗ୍ୟଲିପି ମଲ୍ଲଙ୍କୁ ଅଟଳ ସଂସ୍କୃତି ସମ୍ମାନ, ପ୍ରସନ୍ନ କୁମାର ସ୍ୱାଇଁଙ୍କୁ ଅଟଳ କବିତା ସମ୍ମାନ, ସମ୍ବଲପୁରର ପ୍ରତିଷ୍ଠିତ ସାମାଜିକ ଅନୁଷ୍ଠାନ ଉର୍ତ୍ସଗକୁ ଅଟଳ ସେବା ସମ୍ମାନ, ବରିଷ୍ଠ ସାମ୍ବାଦିକ ଶ୍ରୀରାମ ଦାସଙ୍କୁ ଅଟଳ ସାମ୍ବାଦିକ ସମ୍ମାନ ପ୍ରଦାନ କରାଯାଇଛି। ଏହି ଅବସରରେ ବିଶିଷ୍ଟ ସଙ୍ଗୀତକାର ତଥା ସାଂସ୍କୃତିକ ପ୍ରକୋଷ୍ଠର ପୂର୍ବତନ ରାଜ୍ୟ ସଂଯୋଜକ ପଞ୍ଚାନନ ନାୟକ ସମ୍ମାନିତ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଅଭିନେତା ହରିହର ମହାପାତ୍ର କବିତାପାଠ ସହ ଯୁବଚିତ୍ରଶିଳ୍ପୀ ସୁମିର୍ ବେହେରା ଅଟଳଜୀ ଫଟୋ ପ୍ରସ୍ତୁତ କରିଥିଲେ। ରାଜ୍ୟ ସମ୍ପାଦିକା ପିଙ୍କି ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନାରେ କରିଥିଲେ। ଏହି ଅବସରରେ ଶ୍ରୀ ବାଜପେୟୀଙ୍କ ଜୀବନୀ ଉପରେ ଆଧାରିତ ପ୍ରଦର୍ଶନୀ ଓ ବାଲୁକା କଳା ପ୍ରସ୍ତୁତ ହୋଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂହ ତୋମାର ଓ ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ବି ଉପସ୍ଥିତ ଥିଲେ।

### ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ: ସିଏମ୍ ଡ୍ୟାସବୋର୍ଡ, ଓସ୍ୱାସ୍ ବ୍ୟବସ୍ଥାର ସମ୍ପ୍ରସାରଣ

# 'ଆମ ସାଥୀ ୟୁନିଫାଏଡ୍ ହ୍ୱାଟ୍ସଆପ୍ ଚାଟ୍‌ବଟ୍' ଲୋକାର୍ପିତ

**ଭୁବନେଶ୍ୱର,୨୫।୧୨(ସଂଚାର ବ୍ୟୁରୋ):** ବାଜପେୟୀଜୀଙ୍କ ସୁଶାସନର ମନ୍ତ୍ର ଓ ମୋଦିଙ୍କ ପ୍ରଶାସନିକ ସଂସ୍କାରକୁ ପାଥେୟ କରି ଆମ ୧୮ ମାସର ସରକାର ଓଡ଼ିଶାର ସାଢ଼େ ୪ କୋଟି ଲୋକଙ୍କ କଲ୍ୟାଣ ପାଇଁ କାର୍ଯ୍ୟ କରୁଛି ବୋଲି ଆଜି ସୁଶାସନ ଦିବସ

**ନୀତି ଓ ଆଦର୍ଶର ବ୍ରାଣ୍ଡ ଆମ୍ବାସାଡର୍ ଥିଲେ ବାଜପେୟୀ: ମୁଖ୍ୟମନ୍ତ୍ରୀ**

ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ଅଟଳ ବିହାରୀ ବାଜପେୟୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ସିଏମ୍ ଡ୍ୟାସବୋର୍ଡ, ଓସ୍ୱାସ୍ ବ୍ୟବସ୍ଥାକୁ ଜିଲ୍ଲା ଓ ବ୍ଲକ ସ୍ତର ପର୍ଯ୍ୟନ୍ତ ସଂପ୍ରସାରଣ ସହ ଉନ୍ନତ ମାନର ଚିକିତ୍ସାସେବା ଓ ଜଳଯୋଗାଣ ତଥ୍ୟ ପାଇଁ ଜନସେବାରେ ସମର୍ପିତ 'ଆମ ସାଥୀ ୟୁନିଫାଏଡ୍ ହ୍ୱାଟସ୍‌ଆପ୍ ଚାଟ୍‌ବଟ୍'ର ବି ଲୋକାର୍ପଣ କରିଛନ୍ତି।



ଭୁବନେଶ୍ୱର ଓୟୁଏଟି କୃଷିଶିକ୍ଷା ସଦନଠାରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଛନ୍ତି ଯେ ଶ୍ରୀ ବାଜପେୟୀ ଥିଲେ ଜଣେ ପ୍ରବୀଣ ରାଜନୀତିଜ୍ଞ, କବି, ଲେଖକ ଓ ଭାରତୀୟତାର ଦାର୍ଶନିକ। ରାଜନୈତିକ ନୀତି ଓ ଆଦର୍ଶର ସେ ଥିଲେ ଶ୍ରେଷ୍ଠ ବ୍ରାଣ୍ଡ ଆମ୍ବାସାଡର। ରାଜନୀତିକୁ ସେ କଦାପି ପେସା ଭାବେ ଗ୍ରହଣ କରିନଥିଲେ, ବରଂ ଜନସେବା ଏବଂ ରାଷ୍ଟ୍ରସେବାକୁ ନିଜର ଧର୍ମ ଭାବେ ଗ୍ରହଣ କରିଥିଲେ। ଶାସକ ପକ୍ଷ ହେଉ ଅବା ବିରୋଧୀ ପକ୍ଷ, ରାଷ୍ଟ୍ରହିତକୁ ସେ ସବୁବେଳେ ଗୁରୁତ୍ୱ ଦେଉଥିଲେ। ଦେଶ ବିକାଶରେ ତାଙ୍କର ଅତୁଳନୀୟ ଅବଦାନ ରହିଛି। ସ୍ୱର୍ଣ୍ଣଚତୁର୍ଭୁଜ, ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା, ସର୍ବଶିକ୍ଷା ଅଭିଯାନ ଭଳି ଯୁଗାନ୍ତକାରୀ ପଦକ୍ଷେପ ଶ୍ରୀ ବାଜପେୟୀଙ୍କ ପରିକଳ୍ପନା ବୋଲି ଶ୍ରୀ ମାଝୀ କହିଛନ୍ତି।

ଓଡ଼ିଶା ପ୍ରତି ଅବଦାନ ନେଇ ଶ୍ରୀ ମାଝୀ କହିଛନ୍ତି ଯେ ତାଙ୍କ ନିଷ୍ପତ୍ତି ଅନୁଯାୟୀ ଭୁବନେଶ୍ୱରରେ ଏମ୍ସ ଖୋଲାଯାଇଥିଲା। ୧୯୯୯ ମହାବାତ୍ୟା ସମୟରେ ଓଡିଶାର ବନ୍ଧୁ ସାଜିଥିଲେ ଶ୍ରୀ ବାଜପେୟୀ। ଓଡ଼ିଶାରେ ପ୍ରତିଷ୍ଠିତ ଇଷ୍ଟକୋଷ୍ଟ ରେଲୱେ, ପାରାଦୀପ ତୈଳ ବିଶୋଧନାଗାର, ପାରାଦୀପ-ହରିଦାସପୁର ରେଳପଥ ପରି ମେଗା ପ୍ରକଳ୍ପରେ ବି ଶ୍ରୀ ବାଜପେୟୀଙ୍କ ସ୍ୱାକ୍ଷର ରହିଛି। ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ବିକାଶ ସହ ସୁରକ୍ଷାକୁ ଗୁରୁତ୍ୱ ଦେଇ ଏହାକୁ ନୂଆ ଭାରତର ସଂଜ୍ଞା ଦେଇଛନ୍ତି।

# ବାହାର ଲୋକଙ୍କୁ ଦାୟିତ୍ୱ ଦେଲେ ବିଜେଡି ଭାଙ୍ଗିଯିବ

**ଭୁବନେଶ୍ୱର,୨୫।୧୨(ସଂଚାର ବ୍ୟୁରୋ):** ବିଜେଡି ପ୍ରତିଷ୍ଠା ଦିବସ ପୂର୍ବରୁ ପୂର୍ବତନ ସାଂସଦ ଭୂପିନ୍ଦର ସିଂଙ୍କ ବୟାନକୁ ନେଇ ବିଜେଡି ରାଜନୀତିରେ ସୃଷ୍ଟି ହୋଇଛି ଝଡ଼। ସେ ସିଧାସଳଖ ନବୀନ ପଟ୍ଟନାୟକଙ୍କ କୋଟେରୀକୁ ଟାର୍ଗେଟ କରିଛନ୍ତି। କହିଛନ୍ତି ଯେ ବିଜେଡି ତିନି-ଚାରି ଜଣ ନେତାଙ୍କୁ ନେଇ ଚାଲିଛି। ଏମିତିରେ ଦଳ ଆଗକୁ ବଢ଼ିପାରିବ ନାହିଁ। ଏଥିସହ ନବୀନଙ୍କ ବ୍ୟତୀତ ଅନ୍ୟ କେହି ଦଳର ଦାୟିତ୍ୱ ନେଲେ ବିଜେଡି ଭାଗ ଭାଗ ହୋଇଯିବ ବୋଲି ସେ ଚେତାଇ ଦେଇଛନ୍ତି। ଭୂପିନ୍ଦରଙ୍କ ଏଭଳି ବକ୍ତବ୍ୟର ଜବାବ ଦେଇଛନ୍ତି ଦଳର ବରିଷ୍ଠ ଉପସଭାପତି ଦେବୀ ମିଶ୍ର।

ପ୍ରତିଷ୍ଠା ଦିବସ ପୂର୍ବରୁ ବରିଷ୍ଠ ଓ କନିଷ୍ଠ ନେତାମାନେ ମେଳି ହେବା ସଙ୍କେତ ଦେଉଛି ଯେ ନେତାମାନେ ବାହାର ଲୋକଙ୍କ ହାତରେ ଦଳର ମଙ୍ଗ ଧରାଯିବା ଚର୍ଚ୍ଚାକୁ ଗ୍ରହଣ କରିପାରୁନାହାଁନ୍ତି। ସେ କହିଛନ୍ତି ଯେ





ବିଜେଡି କହିଲେ ନବୀନ ପଟ୍ଟନାୟକଙ୍କୁ ବୁଝାଏ। ଯଦି ନବୀନ ବାବୁ ନାହାଁନ୍ତି, ତେବେ ବିଜେଡି ମଧ ନାହିଁ। ସୁଜାତା ପାଣ୍ଡିଆନଙ୍କ ଏଣ୍ଟ୍ରିକୁ ନେଇ ଭୂପିନ୍ଦର କହିଛନ୍ତି, ଦଳକୁ କେହି ଆସିବାରେ ଅସୁବିଧା ନାହିଁ। ଦଳକୁ ଆସନ୍ତୁ, କାମ କରନ୍ତୁ। ସମୟରେ ଦଳ ପୁରସ୍କାର ଦେବ। ଦଳର ସଭାପତି ବୁଝି ସାରିଛନ୍ତି, ଏଇଟା ଠିକ୍ ସମୟ ନୁହେଁ ନିଷ୍ପତ୍ତି ନେବା ପାଇଁ।

ବିଜେଡିର ପରିଚାଳନା ୩ରୁ ୪ ଜଣଙ୍କୁ ନେଇ ହେଉଛି। ଏଇଟା ବନ୍ଦ ହେଉ, ବିଜେଡି ପାଇଁ ଟିମ୍ କାମ କରୁ ବୋଲି ସେ କହିଛନ୍ତି। ୨୦୨୪ରେ ବିଜୁବାବୁଙ୍କ ଫଟୋ ନିର୍ବାଚନ ପୋଷ୍ଟରରେ ରହିଲା ନାହିଁ। ଏକଥା କହିବା ଆମର ଭୁଲ ହେଲା। ଯାହାଙ୍କ ନାଁରେ ଦଳ, ଯାହାଙ୍କ ପାଇଁ ଭୋଟ୍, ତାଙ୍କୁ ପୋଷ୍ଟର ବ୍ୟାନରରୁ ହଟେଇ ଦିଆଗଲା। ଆଉ ତା'ର ଫଳ ଭୋଗୁଛୁ ବୋଲି ସେ କହିଛନ୍ତି।

ସେପଟେ ଭୂପିନ୍ଦର ସିଂଙ୍କୁ କାଉଣ୍ଟର କରିଛନ୍ତି ବିଜେଡି ବରିଷ୍ଠ ଉପସଭାପତି ଦେବୀ ମିଶ୍ର। ଦେବୀ କହିଛନ୍ତି, ବିଜେଡି ଦେଶର ବୃହତ୍ତମ ଆଞ୍ଚଳିକ ଦଳ। ଯଦି ଦଳ ପରିଚାଳନା ୩ରୁ ୪ ଜଣ କରୁଛନ୍ତି, ତେବେ ନିର୍ଦ୍ଦିଷ୍ଟ ଭାବେ ସଠିକ୍ ଫୋରମ୍‌ରେ କୁହନ୍ତୁ। ଏବେ ପିକନିକ ମାସ। ସମସ୍ତେ ଭୋଜିଭାତ କରିବେ। ଦଳ ସଙ୍ଗଠିତ ଅଛି, ସମସ୍ତଙ୍କୁ ନେଇ ଚାଲିଛି ବୋଲି ସେ କହିଛନ୍ତି।

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଓମ୍‌ସା ସହ ଆଲୋଚନା



**ଭୁବନେଶ୍ୱର,୨୫।୧୨(ସଂଚାର ବ୍ୟୁରୋ):** ରାଜ୍ୟର ସାଧାରଣ ଜନତାଙ୍କ ସ୍ୱାସ୍ଥ୍ୟ ସେବା ଅବାଧ ରଖିବା ଓ ଜନସ୍ୱାର୍ଥକୁ ସର୍ବୋପରି ଧ୍ୟାନ ଦେଇ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ଆଜି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଓଡିଶା ମେଡିକାଲ ସର୍ଭିସ ଆସୋସିଏସନ୍ (ଓମ୍‌ସା) ସହ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ବୈଠକ କରିଛନ୍ତି। ଏହି ଆଲୋଚନା ବୈଠକର ଫଳାଫଳ ସକାରାତ୍ମକ ରହିଛି। ଓମ୍‌ସା ରଖିଥିବା ଦାବିଗୁଡ଼ିକୁ ସମ୍ମାନ ଜଣାଇ ସ୍ୱାସ୍ଥ୍ୟ ମନ୍ତ୍ରୀ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଏକ କମିଟି ଗଠନ କରାଯାଇ ଦାବିଗୁଡ଼ିକର ଅନୁଧ୍ୟାନ କରାଯାଇ ସକାରାତ୍ମକ ପଦକ୍ଷେପ ନିଆଯିବ। ଲୋକମାନଙ୍କ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଇ ସଙ୍ଘ ତରଫରୁ ନିଆଯାଇଥିବା ଆନ୍ଦୋଳନରୁ ନିବୃତ୍ତ ରହିବାକୁ ସେ ନିବେଦନ କରିଛନ୍ତି। ବୈଠକ ଶେଷରେ ଓମ୍‌ସା ପକ୍ଷରୁ ଜନସ୍ୱାର୍ଥକୁ ଗୁରୁତ୍ୱ ପ୍ରଦାନ ପୂର୍ବକ ସରକାର ସହ ଆଲୋଚନା ଜାରି ରଖିବା ଓ ଅବାଧ ଭାବେ ସ୍ୱାସ୍ଥ୍ୟସେବା ଜାରି ରଖିବା ଦିଗରେ ସକାରାତ୍ମକ ମନୋଭାବ ପ୍ରକାଶ କରାଯାଇଛି। ବୈଠକରେ ସ୍ୱାସ୍ଥ୍ୟ ବିଭାଗ ସଚିବ ଅଶ୍ୱତୀ ଏସ, ସ୍ୱତନ୍ତ୍ର ସଚିବ ଡାକ୍ତର ବିଜୟ ମହାପାତ୍ରଙ୍କ ସହ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବାମସେଫ୍ ରାଷ୍ଟ୍ରୀୟ ସମ୍ମିଳନୀ ଅନୁମତିପତ୍ର ବାତିଲ୍ ନିଷ୍ପତ୍ତିକୁ ବିରୋଧ

**ଭୁବନେଶ୍ୱର,୨୫।୧୨(ସଂଚାର ବ୍ୟୁରୋ):** ବାମ୍‌ସେଫ୍‌ର ୪୨ତମ ରାଷ୍ଟ୍ରୀୟ ସମ୍ମିଳନୀ ଆସନ୍ତାକାଲିଠାରୁ ଆରମ୍ଭ ହୋଇ ୩୦ ତାରିଖ ପର୍ଯ୍ୟନ୍ତ କଟକ ବାଲିଯାତ୍ରା ପଡ଼ିଆରେ ଅନୁଷ୍ଠିତ ହେବା ନେଇ ପୂର୍ବରୁ କଟକ ଡିସିପି ଅନୁମତିପତ୍ର ଦେଇଥିଲେ। ଏହି ସମ୍ମିଳନୀର ସମସ୍ତ ପ୍ରସ୍ତୁତି କାର୍ଯ୍ୟ ଓଡ଼ିଶା ସାମାଜିକ ନ୍ୟାୟ ମିଳିତ ମଞ୍ଚ ସମ୍ମିଳନୀ ପକ୍ଷରୁ ଶେଷ ହୋଇଛି। କିନ୍ତୁ ଗତ ୨୨ ତାରିଖରେ ଏହି ଅନୁମତିପତ୍ର ପ୍ରତ୍ୟାହାର କରାଯାଇଥିବା ବେଳେ ଏପରି ନିଷ୍ପତ୍ତିକୁ ସିପିଆଇ ରାଜ୍ୟ ସମ୍ପାଦକ ଡ. ପ୍ରଶାନ୍ତ କୁମାର ମିଶ୍ର ବିରୋଧ କରିବା ସହ ଏହାକୁ କଡ଼ା ସମାଲୋଚନା କରିଛନ୍ତି। ଏହି ପ୍ରସଙ୍ଗରେ ତୁରନ୍ତ ଡିସିପି ଉକ୍ତ ଅନୁମତିପତ୍ର ବାତିଲ୍ ନିଷ୍ପତ୍ତିକୁ ଖାରଜ କରିବା ସହ ସମ୍ମିଳନୀର ଶାନ୍ତି ଓ ସୁରକ୍ଷା ଦାୟିତ୍ୱ ଯଥାର୍ଥ ଭାବେ ପାଳନ କରିବା ସକାଶେ ଶ୍ରୀ ମିଶ୍ର ଦାବି କରିଛନ୍ତି। ସେ କହିଛନ୍ତି ଯେ ଅତୀତରେ ଓଡ଼ିଶାରେ କଦାପି ଅନୁମତିପତ୍ର ପ୍ରଦାନ ପରେ କଦାପି ଶେଷ ମୁହୂର୍ତ୍ତରେ ଏହାକୁ ବାତିଲ୍ କରାଯିବାର ଦୃଷ୍ଟାନ୍ତ ନାହିଁ। କିନ୍ତୁ ଡବଲ ଇଞ୍ଜିନ ବିଜେପି ସରକାର ସମୟରେ ଅନୁସୂଚିତ ଜାତି- ଅନୁସୂଚିତ ଜନଜାତି, ପଛୁଆ ବର୍ଗ ଏବଂ ସଂଖ୍ୟାଲଘୁମାନଙ୍କର ସାମ୍ବିଧାନିକ ଅଧିକାର ଉପରେ ଆକ୍ରମଣ କରାଯାଉଛି। ରାଜ୍ୟର ଶାନ୍ତିକାମୀ ଓ ଗଣତନ୍ତ୍ରପ୍ରେମୀ ଏହି ପ୍ରସଙ୍ଗ ଉପରେ ସ୍ୱର ଉତ୍ତୋଳନ କରିବା ସହ ସାମ୍ବିଧାନିକ ଅଧିକାରର ସୁରକ୍ଷା ପାଇଁ ଆଗେଇ ଆସିବାକୁ ସିପିଆଇ ଓଡ଼ିଶା ରାଜ୍ୟ ପରିଷଦ ପକ୍ଷରୁ ଶ୍ରୀ ମିଶ୍ର ଆହ୍ୱାନ ଦେଇଛନ୍ତି।

## ଯୁବକଙ୍କୁ ହତ୍ୟା ମାମଲାରେ ୬ ଗିରଫ

**ସମ୍ବଲପୁର,୨୫।୧୨(ସଂଚାର ବ୍ୟୁରୋ):** ଦାନୀପାଲିରେ ଯୁବକଙ୍କୁ ହତ୍ୟା ଘଟଣାରେ ୬ ଅଭିଯୁକ୍ତ ଗିରଫ ହୋଇଛନ୍ତି। ସମ୍ବଲପୁର ଜିଲ୍ଲା ଅଇଁଠାପାଲି ଥାନା ଦାନୀପାଲି ଅଞ୍ଚଳରେ ଘଟିଥିବା ଏକ ହିଂସାତ୍ମକ ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଦୁଇ ଜଣ ଆହତ ହୋଇଛନ୍ତି। ଗତକାଲି ରାତି ପ୍ରାୟ ୯ଟା ବେଳେ ଏକ ନିର୍ମାଣାଧୀନ କୋଠାଘରେ କାମ କରୁଥିବା କିଛି ଶ୍ରମିକଙ୍କ ସହ କେତେକ ଯୁବକଙ୍କ ବିବାଦ ହୋଇଥିଲା। ଘଟଣାସ୍ଥଳରେ ୮ ଜଣ ଶ୍ରମିକ ଉପସ୍ଥିତ ଥିଲେ।

### ଶତଦଳ କବିତା ପାଠୋତ୍ସବ କାର୍ଯ୍ୟକ୍ରମରେ ଭାଗନେଲେ ୧୦୦ରୁ ଊର୍ଦ୍ଧ୍ୱ କବି

# ବାଜପେୟୀଙ୍କ ଅମ୍ଳାନ ବ୍ୟକ୍ତିତ୍ୱ ସମସ୍ତଙ୍କ ପାଇଁ ଆଦର୍ଶ: ମନ୍ତ୍ରୀ

**ଭୁବନେଶ୍ୱର,୨୫।୧୨(ସଂଚାର ବ୍ୟୁରୋ):** ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ସମାରୋହ ଓ ସୁଶାସନ ଦିବସ ଅବସରରେ ଆଜି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଶା ସାହିତ୍ୟ ଏକାଡେମୀ ସହଯୋଗରେ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ୧୦୦ରୁ ଊର୍ଦ୍ଧ୍ୱ କବି ଭାଗନେଇ ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତିଚାରଣ କରିଥିଲେ। 'ପୂଜ୍ୟ ଅଟଳ ଶତାବ୍ଦୀର ଶତଦଳ' ଶୀର୍ଷକରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।



 କାର୍ଯ୍ୟକ୍ରମରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ବାଜପେୟୀଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏଥିସହ ଅଟଳଜୀଙ୍କ ଅମର ଓ ଅମ୍ଳାନ କୀର୍ତ୍ତିକୁ ମଧ ସେ ସ୍ମରଣ କରିଥିଲେ। ଏହି ଅବସରରେ ସେ କହିଥିଲେ ଯେ ଶ୍ରୀ ବାଜପେୟୀ ହେଉଛନ୍ତି ତ୍ୟାଗ, ତିତିକ୍ଷା ଓ ବଳିଦାନର ମୂର୍ତ୍ତିମନ୍ତ ପ୍ରତୀକ। ତାଙ୍କ ସାରସ୍ୱତ ଚେତନା ଆମ ସମସ୍ତଙ୍କୁ ଆହ୍ଲାଦିତ କରେ। ତାଙ୍କ ଅମର ବ୍ୟକ୍ତିତ୍ୱ ସମସ୍ତଙ୍କ ପାଇଁ ଆଦର୍ଶ ହୋଇଥିବା ବେଳେ ଆଜିର ଯୁବପିଢ଼ି ଏଥିରେ ଅନୁପ୍ରାଣିତ ହୋଇ ସଶକ୍ତ ରାଷ୍ଟ୍ର ନିର୍ମାଣରେ ବ୍ରତୀ ହେବାକୁ ଶ୍ରୀ ସୂରଜ ଆହ୍ୱାନ ଦେଇଛନ୍ତି। କବିମାନଙ୍କୁ ଏକାଡେମୀ ପକ୍ଷରୁ ଉପଢୌକନ, ମାନପତ୍ର ଓ ବାଜପେୟୀଙ୍କ ସ୍ମୃତି ସ୍ମାରକୀ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।

# ୨୭ରେ ଚାନ୍ଦବାଲି ଯିବେ ଭକ୍ତ

**ଭୁବନେଶ୍ୱର,୨୫।୧୨(ସଂଚାର ବ୍ୟୁରୋ):** ଭଦ୍ରକ ଜିଲ୍ଲା ଚାନ୍ଦବାଲିଠାରେ ଜଣେ ନାବାଳିକା ଦିବ୍ୟାଙ୍ଗଙ୍କୁ ଦୁଷ୍କର୍ମ ଓ ହତ୍ୟା ପରି ଏକ ଅତ୍ୟନ୍ତ ଅଭାବନୀୟ ଘଟଣା ଘଟିଯାଇଛି। ରାଜ୍ୟରେ କ୍ରମବର୍ଦ୍ଧିଷ୍ଣୁ ନାରୀ ନିର୍ଯାତନାର ଏହା ଅଉ ଏକ ଉଦାହରଣ। ଉକ୍ତ ଦିବଂଗତ ନାବାଳିକାଙ୍କ ପରିବାରକୁ ସମବେଦନା ଜଣାଇବା ସହ ନାରୀ ନିର୍ଯାତନା ବିରୋଧରେ ଜନସଚେତନତା ସୃଷ୍ଟି ଲକ୍ଷ୍ୟ ନେଇ ପିସିସି ସଭାପତି ଭକ୍ତଚରଣ ଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଆସନ୍ତା ୨୭ ତାରିଖ ପୂର୍ବାହ୍ନ ୯ଟାରେ କଂଗ୍ରେସ ଭବନରୁ ବାହାରି କଟକ, ସାଲେପୁର, କେନ୍ଦ୍ରାପଡା, ପଟାମୁଣ୍ଡାଇ, ଆଳି ଓ ରାଜକନିକା ହୋଇ ଚାନ୍ଦବାଲିରେ ମଧାହ୍ନ ବେଳକୁ ପହଂଚିବେ। ଉକ୍ତ ପ୍ରତିନିଧି ଦଳରେ ପିସିସିର ପୂର୍ବତନ ସଭାପତି ଜୟଦେବ ଜେନା ଓ ପ୍ରସାଦ ହରିଚନ୍ଦନ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ ଓ ପଞ୍ଚାନନ କାନୁନ୍‌ଗୋ, ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ, ପିସିସି ଉପସଭାପତି ଦେବାଶିଷ ପଟ୍ଟନାୟକ, ବିଧାୟକ ଅଶୋକ ଦାସ, ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନିପତି, ଅସିତ ପଟ୍ଟନାୟକ, ଅମୀୟ ମହାପାତ୍ର, କଟକ, କେନ୍ଦ୍ରାପଡା ଓ ଭଦ୍ରକର ଡିସିସି ସଭାପତି ତଥା ଆଇନ୍‌ଜୀବୀ ଶାନ୍ତାୟନ ମିଶ୍ର, ଲାଟେନ୍ଦୁ ଦାସ, ନିଶିକାନ୍ତ ମିଶ୍ର, ଅମ୍ରିତା ଦାସ ଓ ବିପ୍ଳବ ଶିଳାଦିତ୍ୟ, ମଧୁସ୍ମିତା ପଣ୍ଡା ସେଠୀ ପ୍ରମୁଖ ମଧ ଚାନ୍ଦବାଲି ଗସ୍ତ କରିବେ ବୋଲି ଦଳ ପକ୍ଷରୁ କୁହାଯାଇଛି। ଅପରାହ୍ନ ୩ଟାରେ ଉକ୍ତ ପ୍ରତିନିଧି ଦଳ ଭଦ୍ରକରେ ପହଞ୍ଚି ଜିଲ୍ଲାପାଳ ଓ ଏସ୍‌ପିଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି।

## ସତ୍ୟ ବିହାରରେ ଅଘଟଣ: ଆପାର୍ଟମେଣ୍ଟରେ ଅଗ୍ନିକାଣ୍ଡ

**ଭୁବନେଶ୍ୱର,୨୫।୧୨(ସଂଚାର ବ୍ୟୁରୋ):** ଆପାର୍ଟମେଣ୍ଟରେ ଅଗ୍ନିକାଣ୍ଡ ଘଟିଛି। ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ସତ୍ୟ ବିହାର ଶୁଭଞ୍ଜନ ଆପାର୍ଟମେଣ୍ଟରେ ଅଗ୍ନିକାଣ୍ଡ ଘଟିଥିବା ବେଳେ ଏହାଦ୍ୱାରା ଆପାର୍ଟମେଣ୍ଟର ତୃତୀୟ ମହଲାରେ କ୍ଷତିଗ୍ରସ୍ତ ହୋଇଛି। ଖବର ପାଇ ନିଆଁକୁ ଆୟତ୍ତ କରିବା ସକାଶେ ଅଗ୍ନିଶମ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ୟମ ଚଳାଇଛି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ କ୍ଷୟକ୍ଷତି ନେଇ କୌଣସି ସୂଚନା ମିଳିପାରିନାହିଁ। ଅନ୍ୟପକ୍ଷରେ ଅଗ୍ନିକାଣ୍ଡର କାରଣ ମଧ ଅସ୍ପଷ୍ଟ ରହିଛି।

## ଯୁବ ମହୋତ୍ସବରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ

**ଭୁବନେଶ୍ୱର,୨୫।୧୨ (ସଂଚାର ବ୍ୟୁରୋ) :** କଳିଙ୍ଗ ଷ୍ଟାଡିୟମଠାରେ ଚାଲିଥିବା ରାଜ୍ୟ ଯୁବ ମହୋତ୍ସବରେ ଆଜି ଦ୍ୱିତୀୟ ଦିନରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଛି। କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଆଜି ଅନୁଷ୍ଠିତ ହୋଇଥିବା ଲୋକନୃତ୍ୟ ଓ ବକ୍ତୃତା ପ୍ରତିଯୋଗିତାରେ ଉପସ୍ଥିତ ରହି ଅଂଶଗ୍ରହଣ କରିଥିବା ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ଏଥିସହ ମନ୍ତ୍ରୀ ଶ୍ରୀ ସୂରଜ ବିଜ୍ଞାନ ମେଳା ବୁଲି ଦେଖିବା ସହ ବିଜ୍ଞାନ ମେଳାରେ ସ୍ଥାନିତ ହୋଇଥିବା ପ୍ରକଳ୍ପଗୁଡ଼ିକ ସମ୍ବନ୍ଧରେ ଛାତ୍ରଛାତ୍ରୀମାନଙ୍କଠାରୁ ପଚାରି ବୁଝିଥିଲେ। ରାଜ୍ୟ ଯୁବ ମହୋତ୍ସବରେ ପ୍ରତିଯୋଗୀମାନଙ୍କ ମଧରେ ରହିଥିବା ଆଗ୍ରହ ଓ ଉତ୍ସାହକୁ ଦେଖି ମନ୍ତ୍ରୀ ଖୁସି ବ୍ୟକ୍ତ କରିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତର କାମନା କରିଥିଲେ। ରାଜ୍ୟ ଯୁବ ମହୋତ୍ସବ କେବଳ ପ୍ରତିଭାର ବିକାଶ ନୁହେଁ, ବରଂ ଯୁବ ନେତୃତ୍ୱ ବିକାଶ କରିବାରେ ଏକ ପ୍ରମୁଖ ଭୂମିକା ନିର୍ବାହ କରୁଛି ବୋଲି ମନ୍ତ୍ରୀ ଶ୍ରୀ ସୂରଜ ମତ ପ୍ରକାଶ କରିଥିଲେ। ସୂଚନାଯୋଗ୍ୟ ଯେ ଗତକାଲି ଆରମ୍ଭ ହୋଇଥିବା ଏହି ମହୋତ୍ସବରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୮୦୦ରୁ ଊର୍ଦ୍ଧ୍ୱ ପ୍ରତିଭାବାନ ଯୁବକଯୁବତୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ରାଜ୍ୟ ଯୁବ ମହୋତ୍ସବର କୃତୀ ପ୍ରତିଭାମାନେ ଆଗାମୀ ଦିନରେ ଜାତୀୟ ସ୍ତରରେ ଆୟୋଜିତ ହେବାକୁ ଥିବା 'ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ'ରେ ଓଡ଼ିଶାର ପ୍ରତିନିଧିତ୍ୱ କରିବେ।



# ଓଡ଼ିଶାରେ ଏଏସ୍‌ଡି ପଞ୍ଜାବଠାରୁ ଢେର୍ ଅଧିକ

**ଭୁବନେଶ୍ୱର,୨୫।୧୨(ସଂଚାର ବ୍ୟୁରୋ):** ଓଡ଼ିଶା ବିଦ୍ୟୁତ ସେବାରେ ନିୟୋଜିତ ଥିବା ଟାଟା ପାୱାର ଅତିରିକ୍ତ ସୁରକ୍ଷା ଜମା (ଏଏସ୍‌ଡି) ଟଙ୍କା ଆଦାୟ ପାଇଁ ନୋଟିସ ଦେବା ପରେ ଉପଭୋକ୍ତା ମହଲରେ ଅସନ୍ତୋଷ ବୃଦ୍ଧି ପାଇଛି। ବିରୋଧୀ ରାଜନୈତିକ ଦଳ ବିଜେଡି ଓ କଂଗ୍ରେସ ଏବଂ ଉପଭୋକ୍ତା ମହାସଂଘ ସହ ବୁଦ୍ଧିଜୀବୀମାନେ ରାଜରାସ୍ତାକୁ ଆସି ବିରୋଧ ପ୍ରଦର୍ଶନ କରିବା ସହ ପ୍ରତ୍ୟାହାର ପାଇଁ ଓଇଆରସି ଓ ଟାଟା ପାୱାର ନିକଟରେ ଦାବି କରିଛନ୍ତି। ଏହାକୁ ନେଇ ବିବାଦ ଥମି ନ ଥିବା ବେଳେ ଆଉ ଏକ ଖବର ସାମ୍ନାକୁ ଆସିଛି। ଓଡ଼ିଶାର ପ୍ରାୟ ଏକ କୋଟି ବିଦ୍ୟୁତ ଉପଭୋକ୍ତା ପଞ୍ଜାବଠାରୁ ବହୁଗୁଣ ଅଧିକ ସୁରକ୍ଷା ଜମା ପଇଠ କରୁଥିବା ଜଣାପଡ଼ିଛି।

ମିଳିଥିବା ସୂଚନାନୁଯାୟୀ, ଓଡ଼ିଶାର ଘରୋଇ ଉପଭୋକ୍ତା ୨ କିଲୋୱାଟ ସଂଯୋଗ ପାଇଁ ସୁରକ୍ଷା ଜମା ବାବଦକୁ ୧ ହଜାର ୨୫୪ ଟଙ୍କା ପଇଠ କରୁଥିବା ବେଳେ ପଞ୍ଜାବରେ ଉପଭୋକ୍ତାମାନେ ୧୨ ଶହ ଟଙ୍କା ଦେଉଛନ୍ତି। ୧୦ କିଲୋୱାଟ ବିଦ୍ୟୁତ ସଂଯୋଗ ପାଇଁ ପଞ୍ଜାବର ଘରୋଇ ଉପଭୋକ୍ତା ମାତ୍ର ୩ ହଜାର ଟଙ୍କା ଦେଉଥିବା ବେଳେ ଓଡ଼ିଶାରେ ଏହା

**ପଞ୍ଜାବ ଭଳି ସୁରକ୍ଷା ଜମା ନିୟମ ସୁଲଭ ଓ ସରଳ ହେଉ: ସମୀକ୍ଷକ**

ପାଖାପାଖି ୩ ଗୁଣ ରହିଛି। ସେହିପରି ବ୍ୟବସାୟ ଉଦ୍ଦେଶ୍ୟରେ ୨ କିଲୋୱାଟ ସଂଯୋଗ ପାଇଁ ଓଡ଼ିଶା ଉପଭୋକ୍ତାମାନେ ପଞ୍ଜାବଠାରୁ ସାଢ଼େ ୩ ଗୁଣ ଅଧିକ ଏଏସ୍‌ଡି ପଇଠ କରୁଛନ୍ତି। ସେହିପରି ବାଣିଜ୍ୟ ପ୍ରତିଷ୍ଠାନ ୧୦ କିଲୋୱାଟ ବିଦ୍ୟୁତ ସଂଯୋଗ

| ବିଦ୍ୟୁତ ଉପଭୋକ୍ତାଙ୍କ ସୁରକ୍ଷା ଜମା (ଟଙ୍କାରେ) | | |
|---|---|---|
| ଉପଭୋକ୍ତା (କିଲୋୱାଟ) | ଓଡିଶା | ପଞ୍ଜାବ |
| ଘରୋଇ-୨ କିୱା | ୧୨୫୪ | ୧୨୦୦ |
| ଘରୋଇ-୧୦ କିୱା | ୮୨୮୪ | ୩୦୦୦ |
| ବାଣିଜ୍ୟ- ୨ କିୱା | ୬୧୦୬ | ୧୭୬୦ |
| ବାଣିଜ୍ୟ- ୧୦ କିୱା | ୩୨୫୫୨ | ୪୭୦୦ |
| କୃଷି ଉଦ୍ୟୋଗ- ୯୦ କିୱା | ୧୪୫୧୪୦ | ୩୬୦୦୦ |
| ରାସ୍ତା ଆଲୋକ-୫୦ କିୱା | ୨୨୪୭୧୦ | ୧୪୦୦୦୦ |
| ପାନୀୟଜଳ- ୫୦ କିୱା | ୨୨୮୨୦୦ | ୭୫୦୦୦ |
| ପାନୀୟଜଳ(ବଡ)-୧୫୦କିୱା | ୬୯୧୮୦୦ | ୨୨୫୦୦୦ |
| କ୍ଷୁଦ୍ର ଉଦ୍ୟୋଗ- ୧୫ କିୱା | ୨୭୯୨୪ | ୯୭୫୦ |
| ମଧ୍ୟମ ଉଦ୍ୟୋଗ- ୫୦ କିୱା | ୧୪୧୯୬୦ | ୪୫୦୦୦ |
| ବଡ ଉଦ୍ୟୋଗ-୫୦୦ କିୱା | ୩୦୬୯୨୦୦ | ୯୫୦୦୦୦ |

ପାଇଁ ଓଡ଼ିଶା ଉପଭୋକ୍ତା ପଞ୍ଜାବଠାରୁ ୭ ଗୁଣ ଅଧିକ ପଇଠ କରୁଛନ୍ତି। ସେହିପରି ୯୦ କିଲୋୱାଟ କ୍ଷମତାର କୃଷିଭିତ୍ତିକ ଉଦ୍ୟୋଗ ପାଇଁ ଓଡ଼ିଶା ଉପଭୋକ୍ତା ୧ ଲକ୍ଷ ୪୫ ହଜାର ଟଙ୍କା ଦେଉଥିବା ବେଳେ ପଞ୍ଜାବରେ ଏହା ମାତ୍ର ୩୬ ହଜାର ଟଙ୍କା ରହିଛି। ରାସ୍ତା ଆଲୋକୀକରଣ ଓ ପାନୀୟ ଜଳ ପ୍ରକଳ୍ପ ପାଇଁ ଓଡ଼ିଶା ଜନଗଣ ବହୁଗୁଣରେ ପଞ୍ଜାବଠାରୁ ଅଧିକ ପଇଠ କରୁଛନ୍ତି। କ୍ଷୁଦ୍ର, ମଧ୍ୟମ ଓ ବଡ଼ ଉଦ୍ୟୋଗକୁ ବିଦ୍ୟୁତ ସଂଯୋଗ ନେବା ପାଇଁ ଓଡ଼ିଶା ଉପଭୋକ୍ତା ପଞ୍ଜାବଠାରୁ ପ୍ରାୟ ୩ ଗୁଣ ଅଧିକ ଏଏସ୍‌ଡି ପଇଠ କରୁଥିବାରୁ ଶିଳ୍ପ ବିକାଶ ଉପରେ ଏହାର ନକରାତ୍ମକ ପ୍ରଭାବ ପଡୁଛି।

ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର କହିଛନ୍ତି, ବିଦ୍ୟୁତ ଆଇନ, ୨୦୦୩ ଧାରା ୪୭ ଅନୁସାରେ ବିତରଣ କମ୍ପାନୀଗୁଡିକ ଉପଭୋକ୍ତାଙ୍କଠାରୁ ଏଏସ୍‌ଡି ଆଦାୟ କରିପାରିବେ। ସେଥିପାଇଁ ରାଜ୍ୟ ବିଦ୍ୟୁତ ନିୟାମକ ଆୟୋଗଗୁଡ଼ିକ ଆବଶ୍ୟକ ସପ୍ଲାଇ କୋଡ ପ୍ରଣୟନ କରିବାର ନିର୍ଦ୍ଦେଶ ରହିଛି। ପଞ୍ଜାବ ଆୟୋଗ ପ୍ରଣୟନ କରିଥିବା ନିୟମାନୁସାରେ, ୨ କିଲୋୱାଟ ପର୍ଯ୍ୟନ୍ତ ବିଦ୍ୟୁତ ବ୍ୟବହାର ପାଇଁ ଘରୋଇ ଉପଭୋକ୍ତାଙ୍କୁ କିଲୋୱାଟ ପିଛା ୬୦୦ ଟଙ୍କା ଦେବାକୁ ପଡୁଥିବା ବେଳେ ୨ରୁ ୫ କିଲୋୱାଟ ପର୍ଯ୍ୟନ୍ତ ୯୦୦ ଟଙ୍କା ଓ ୫ କିଲୋୱାଟରୁ ଅଧିକ ହେଲେ କିଲୋୱାଟ ପିଛା ୧୨୦୦ ଟଙ୍କା ହିସାବରେ ବିତରଣ କମ୍ପାନୀକୁ ଦେଉଛନ୍ତି। ବାଣିଜ୍ୟିକ ଅନୁଷ୍ଠାନ, କୃଷି ଓ କୃଷିଭିତ୍ତିକ ଉଦ୍ୟୋଗ, ରାସ୍ତା ଆଲୋକୀକରଣ, ଜଳଯୋଗାଣ, କ୍ଷୁଦ୍ର, ମଧ୍ୟମ ଓ ବଡ଼ ଉଦ୍ୟୋଗ ପାଇଁ କିଲୋୱାଟ ପିଛା ୩୦୦ରୁ ଆରମ୍ଭ କରି ୨୮୦୦ ଟଙ୍କା ପର୍ଯ୍ୟନ୍ତ ଦର ଧାର୍ଯ୍ୟ କରିଛନ୍ତି। ପଞ୍ଜାବ ଆୟୋଗ ପ୍ରଣୟନ କରିଥିବା ସୁରକ୍ଷା ଜମା ଅଦାୟ ନିୟମ ଓଡ଼ିଶା ତୁଳନାରେ ଅଧିକ ସୁଲଭ, ସରଳ ଓ ସହଜ ହୋଇଛି। ଏପରି ସୁଲଭ ଓ ସରଳ ନିୟମ ଆନ୍ଧ୍ର ଓ ଦିଲ୍ଲୀ ଭଳି ରାଜ୍ୟ ବି ଆପଣାଇଛନ୍ତି।

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪
ଶୁକ୍ରବାର ୨୬ ଡିସେମ୍ବର ୨୦୨୫, ଭୁବନେଶ୍ୱର
Friday 26 December 2025, Bhubaneswar

# ବିଜେଡି @୨୯

ଓଡ଼ିଶାର ରାଜନୈତିକ ମାନଚିତ୍ରରେ ବିଜୁ ଜନତା ଦଳ (ବିଜେଡି) ଏକ ପ୍ରମୁଖ ନାମ। ୧୯୯୭ ମସିହାରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଗଠିତ ଏହି ଦଳ ଆଜି ୨୮ ବର୍ଷ ପୂରଣ କରିଛି। ଏହି ଅବଧିରେ ବିଜେଡି ଓଡ଼ିଶାର ରାଜନୀତିକୁ ନୂତନ ଦିଗ ପ୍ରଦାନ କରିଛି, କିନ୍ତୁ ଏହାର ଭବିଷ୍ୟତ ଯାତ୍ରା ଯେତିକି ଚ୍ୟାଲେଞ୍ଜରେ ପରିପୂର୍ଣ୍ଣ ସେତିକି କଣ୍ଟକିତ ମଧ୍ୟ।

ବିଜେଡିର ଗଠନ ଜନତା ଦଳରୁ ବିଚ୍ଛିନ୍ନତାର ପରିଣାମ। ବିଜୁ ପଟ୍ଟନାୟକଙ୍କ ଉତ୍ତରାଧିକାରୀ ଭାବରେ ନବୀନ ପଟ୍ଟନାୟକ ଏହି ଦଳକୁ ଏକ ଆଞ୍ଚଳିକ ଶକ୍ତିରେ ପରିଣତ କରିବାରେ ସକ୍ଷମ ହୋଇଥିଲେ। ପ୍ରାରମ୍ଭିକ ବର୍ଷଗୁଡ଼ିକରେ ଦଳକୁ ସମ୍ମୁଖୀନ ହେବାକୁ ପଡ଼ିଥିଲା ରାଷ୍ଟ୍ରୀୟ ଦଳଗୁଡ଼ିକର ପ୍ରଭାବ। କଂଗ୍ରେସ ଓ ବିଜେପିର ପ୍ରତିଯୋଗିତା ମଧ୍ୟରେ ବିଜେଡି ନିଜର ଅସ୍ତିତ୍ୱ ରକ୍ଷା କରିବାକୁ ଯୋଜନାବଦ୍ଧ ରଣନୀତି ଆପଣେଇଥିଲା। ୨୦୦୦ ରୁ ୨୦୦୯ ପର୍ଯ୍ୟନ୍ତ ବିଜେପି ସହିତ ମେଣ୍ଟରେ ରହି ଶାସନ କରିବା ଏହାର ଏକ ଚ୍ୟାଲେଞ୍ଜ ଥିଲା, ଯାହା ଦଳର କ୍ଷେତ୍ରୀୟ ପରିଚୟକୁ ପ୍ରଭାବିତ କଲା। ମେଣ୍ଟ ଭାଙ୍ଗିବା ପରେ ବିଜେଡି ସ୍ୱାଧୀନ ଭାବରେ ନିର୍ବାଚନ ଲଢ଼ି ରାଜନୈତିକ ସଫଳତା ପାଇଲା, କିନ୍ତୁ ବିଭିନ୍ନ ସମୟରେ ଏହା ରାଷ୍ଟ୍ରୀୟ ରାଜନୀତିର ଚାପରେ ରହିଲା। ବିକାଶ ଓ କଲ୍ୟାଣ କାର୍ଯ୍ୟକ୍ରମ ମାଧ୍ୟମରେ ବିଜେଡି ଜନସମର୍ଥନ ହାସଲ କଲା। କିନ୍ତୁ ଚ୍ୟାଲେଞ୍ଜଗୁଡ଼ିକ ଅନ୍ତର୍ହିତ ରହିଥିଲା। ଖଣି କେଳେଙ୍କାରୀ, ପୋସ୍କୋ ପ୍ରକଳ୍ପକୁ ବିରୋଧ ଓ ପରିବେଶ ସମ୍ବନ୍ଧୀୟ ଆନ୍ଦୋଳନ ଦଳ ଓ ସାମଗ୍ରିକ ଭାବେ ସରକାରଙ୍କ ଛବିକୁ କ୍ଷତିଗ୍ରସ୍ତ କଲା। ଆଦିବାସୀ ଅଞ୍ଚଳରେ ବିକାଶର ଅସମାନତା ଏକ ବଡ଼ ଚ୍ୟାଲେଞ୍ଜ ଥିଲା, ଯାହା ମାଓବାଦୀ ସମସ୍ୟାକୁ ବଢ଼ାଇଥିଲା। ନବୀନ ସରକାରରେ ବ୍ୟୁରୋକ୍ରାଟିକ୍ ନିୟନ୍ତ୍ରଣ, ବିଶେଷତଃ ୨୦୧୯ ପରେ ଭିକେ ପାଣ୍ଡିଆନଙ୍କ ପ୍ରଭାବ, ଦଳର ନେତାଙ୍କ ଭିତରେ ଅସନ୍ତୋଷ ସୃଷ୍ଟି କଲା। ଏହି ଅସନ୍ତୋଷ ୨୦୨୪ ନିର୍ବାଚନରେ ପ୍ରତିଫଳିତ ହୋଇଥିଲା, ଯେଉଁଥିରେ ବିଜେଡି ବିଧାନସଭା ଓ ଲୋକସଭାରେ ଅତି କଦର୍ଯ୍ୟ ଭାବେ ପରାଜିତ ହୋଇଥିଲା। ଏହି ପରାଜୟ ରାଜ୍ୟର ସବୁଠାରୁ ବଡ ଆଞ୍ଚଳିକ ଦଳର ମେରୁଦଣ୍ଡକୁ ଭଙ୍ଗିଦେଇଥିଲା, ଯାହା ୨୪ ବର୍ଷର ନିରଙ୍କୁଶ ଶାସନର ଅନ୍ତ ଘଟାଇଥିଲା।

ପରାଜୟ ପରେ ବିଜେଡିରେ ଦବି ରହିଥିବା ଅସନ୍ତୋଷ ଏବେ ଆଗ୍ନେୟଗିରିର ରୂପ




ନେଇଛି। ଆଭ୍ୟନ୍ତରୀଣ ବିବାଦ ଦଳକୁ ଦୁର୍ବଳ କରୁଛି। ନେତୃବର୍ଗଙ୍କ ମଧ୍ୟରେ ଅସନ୍ତୋଷ, ଯୁବ ନେତାମାନଙ୍କର ଅଭାବ ଓ ନବୀନ ପଟ୍ଟନାୟକଙ୍କ ବୟସ ସମ୍ବନ୍ଧୀୟ ଚିନ୍ତା ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି। ବିରୋଧୀ ଭାବରେ ଦଳ ନିର୍ବାଚନ ପ୍ରକ୍ରିୟାର ଅଖଣ୍ଡତାକୁ ପ୍ରଶ୍ନ କରୁଛି, ଯେପରିକି ଇଭିଏମ ସମ୍ବନ୍ଧୀୟ ସନ୍ଦେହ। ଏହା ଦଳର ଏକ ସୁଚିନ୍ତିତ ରଣନୀତି ହୋଇଥିଲେ ମଧ୍ୟ ଏହା ଜନସମର୍ଥନ ହାସଲ କରିବାରେ ସଫଳ ହେବ କି ନାହିଁ ତାହା ସମୟ କହିବ। କାରଣ ବିଜେଡିର ଯେଉଁ ପୂର୍ବତନ ସାଂସଦ ନିର୍ବାଚନ କମିଶନରେ ଏନେଇ ଅପିଲ କରିଥିଲେ, ସେ ସମୟ ଚକ୍ରରେ ବିଜେପିକୁ ଡେଇଁ ପଡିଛନ୍ତି। ସେପଟେ ବିଜେପିର ଉତଥାନ ବିଜେଡି ପାଇଁ ଏକ ବଡ଼ ଧମକ, ଯାହା ଦଳର ଆଞ୍ଚଳିକ ପରିଚୟକୁ ଚ୍ୟାଲେଞ୍ଜ୍ କରୁଛି। ବିଜେପି ଓ ବିଜେଡିକୁ ଏକାଧାରରେ ଦେଖାଯାଉଥିବା ଧାରଣା ଦଳର ଭିନ୍ନତାକୁ କ୍ଷୁଣ୍ଣ କରୁଛି।

ଆଭ୍ୟନ୍ତରୀଣ ସମସ୍ୟା ବ୍ୟତୀତ, ବିଜେଡିକୁ ସମ୍ମୁଖୀନ ହେବାକୁ ପଡୁଛି ଅର୍ଥନୈତିକ ଚ୍ୟାଲେଞ୍ଜ୍। ଓଡ଼ିଶାର ବେକାରୀ, କୃଷି ସମସ୍ୟା ଓ ପ୍ରବାସୀ ଶ୍ରମିକଙ୍କ ଅବସ୍ଥା ଦଳର ନୀତିଗୁଡ଼ିକୁ ପ୍ରଶ୍ନବାଚୀ କରୁଛି। କରୋନା ମହାମାରୀ ଓ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନାରେ ସଫଳତା ସତ୍ତ୍ୱେ, ଦୀର୍ଘକାଳୀନ ବିକାଶର ଅଭାବ ଏକ ଚ୍ୟାଲେଞ୍ଜ। ନିକଟରେ ବିଧାୟକମାନଙ୍କ ଦରମା ବୃଦ୍ଧି ପ୍ରସଙ୍ଗରେ ୪ ଦିନ ପରେ ଦଳ ଏହାକୁ ବିରୋଧ କରିବା ବିଜେଡି ଓ ଏହାର ନେତାଙ୍କ ଛବିକୁ ଆହୁରି କ୍ଷତିଗ୍ରସ୍ତ କରିଛି।

ଭବିଷ୍ୟତରେ ବିଜେଡିକୁ ନିଜକୁ ପୁନର୍ଗଠିତ କରିବାକୁ ପଡ଼ିବ। ଯୁବ ନେତୃତ୍ୱର ବିକାଶ, ଆଭ୍ୟନ୍ତରୀଣ ଲୋକତନ୍ତ୍ର ଓ ନୂତନ ରଣନୀତି ଆବଶ୍ୟକ। ଏହି ୨୮ ବର୍ଷର ଯାତ୍ରା ଚ୍ୟାଲେଞ୍ଜରେ ପରିପୂର୍ଣ୍ଣ ହୋଇଥିଲେ ମଧ୍ୟ, ବିଜେଡିର ସମ୍ଭାବନା ଅନନ୍ତ। ତିନି ଚାରି ଜଣ ନେତାଙ୍କ ହାତରେ ଦଳର ପରିଚାଳନା ଭାର ନଛାଡି ନବୀନଙ୍କୁ ଏକ ଟିମକୁ ନେଇ କାମ କରିବାକୁ ପଡିବ। ଏଥିସହିତ ନିଜର ଉତ୍ତରାଧିକାରୀ ଏବେଠାରୁ ନବାଛିଲେ ନବୀନଙ୍କ ଆଖି ଆଗରେ ଦଳ ନିଜର ସତ୍ତା ହରେଇବ ଏଥିରେ ସନ୍ଦେହ ନାହିଁ। ଆଗକୁ ପଞ୍ଚାୟତ ଓ ପୌର ନିର୍ବାଚନ। ସବୁ ଜିଲ୍ଲା ବୁଲି ବିଜେଡିକୁ ସଙ୍ଗଠିତ କରିବା ଆଉ ନବୀନଙ୍କ ପକ୍ଷେ ସମ୍ଭବ ନୁହେଁ। ନିଜର ପରିବାର ଛଡା ଆଉ ଯାହାକୁ ନବୀନ ଦଳର ଦାୟିତ୍ୱ ଦେବେ ତାଙ୍କୁ ବିରୋଧ ହେବା ସ୍ୱାଭାବିକ। କାରଣ ସାରୁ ଭିତରେ ମାରୁ ପରି ନବୀନ ଯେଉଁମାନଙ୍କ କାନ୍ଧକୁ ଭରସା କରିଛନ୍ତି ସେମାନେ ହିଁ ବିଭୀଷଣ ସାଜୁଛନ୍ତି। ଏକଥା ନୁହେଁ, ନବୀନଙ୍କ ପରି ବିଚକ୍ଷଣ ରାଜନେତା ଏବାବଦରେ ଅବଗତ ନୁହଁନ୍ତି। ତେଣୁ ତାଙ୍କ ଭବିଷ୍ୟତ କାର୍ଯ୍ୟପନ୍ଥା ହିଁ ବିଜେଡିର ଭବିଷ୍ୟତ ନିର୍ଦ୍ଧାରଣ କରିବ।

# ପରକୀୟା ପ୍ରୀତି: ଏକ ଅଦୃଶ୍ୟ ସାମାଜିକ ସଙ୍କଟ



ଅଖିଳ ତରାଇ

ସାମ୍ପ୍ରତିକ ସମାଜରେ ମୂଲ୍ୟବୋଧର ଅବକ୍ଷୟ ଏବଂ ପାରିବାରିକ ସଂରଚନାରେ ପରିବର୍ତ୍ତନ ଏକ ଚିନ୍ତାର ବିଷୟ ହୋଇଛି। ବିଶେଷକରି 'ପରକୀୟା ପ୍ରୀତି' ଆଜିର ସମାଜରେ ଏକ ଅଦୃଶ୍ୟ ସଙ୍କଟ ଭାବେ ଉଭା ହୋଇଛି, ଯାହା କେବଳ ଗୋଟିଏ ପରିବାର ନୁହେଁ, ବରଂ ସମଗ୍ର ସାମାଜିକ ବ୍ୟବସ୍ଥାକୁ କଳୁଷିତ କରୁଛି। ଧୀରେ ଧୀରେ ଏହା ଏକ 'ସାଇଲେଣ୍ଟ କିଲର' ବା ନୀରବ ହନ୍ତା ଭଳି ଆମର ନୈତିକତାକୁ ଗ୍ରାସ କରିବାରେ ଲାଗିଛି।

ପରକୀୟା ପ୍ରୀତି କୌଣସି ନୂଆ ଘଟଣା ନୁହେଁ, କିନ୍ତୁ ଆଧୁନିକ ଯୁଗରେ ଏହାର ବ୍ୟାପକତା ଏବଂ ସ୍ୱୀକୃତି ବଢ଼ିବାରେ ଲାଗିଛି। ଏହାର ଅନେକ ମନସ୍ତାତ୍ତ୍ୱିକ ଓ ସାମାଜିକ କାରଣ ରହିଛି:

**ଯୋଗାଯୋଗର ଅଭାବ:** ଦମ୍ପତିଙ୍କ ମଧ୍ୟରେ ପାରସ୍ପରିକ ବିଶ୍ୱାସ ଓ କଥାବାର୍ତ୍ତାର ଅଭାବ ଏହାର ମୁଖ୍ୟ କାରଣ। ଯେତେବେଳେ ଜଣେ ବ୍ୟକ୍ତି ନିଜ ଘରେ ମାନସିକ ଶାନ୍ତି ବା ଆତ୍ମୀୟତା ପାଏ ନାହିଁ, ସେ ବାହାରେ ସେହି ଆବେଗକୁ ଖୋଜିବାକୁ ଚେଷ୍ଟା କରେ।

**ଡିଜିଟାଲ ବିପ୍ଳବ ଓ ସୋସିଆଲ ମିଡିଆ:** ଫେସବୁକ୍, ହ୍ୱାଟସଆପ୍ ଏବଂ ଡେଟିଂ ଆପ୍ ମାଧ୍ୟମରେ ଅଚିହ୍ନା ବ୍ୟକ୍ତିଙ୍କ ସହ ସମ୍ପର୍କ ସ୍ଥାପନ କରିବା ଆଜି ଅତି ସହଜ ହୋଇଯାଇଛି। ଭର୍ଚୁଆଲ ଦୁନିଆର ମିଥ୍ୟା ଚମକ ଅନେକ ସମୟରେ ବାସ୍ତବ ଜୀବନର ସମ୍ପର୍କକୁ ଫିକା କରିଦିଏ।

**ଆଧୁନିକ ଜୀବନଶୈଳୀ:** କ୍ୟାରିୟର ପଛରେ ଦୌଡ଼ିବା ଏବଂ ଅତ୍ୟଧିକ ବ୍ୟସ୍ତତା କାରଣରୁ ଦମ୍ପତିମାନେ ପରସ୍ପରକୁ ସମୟ ଦେଇପାରୁ ନାହାଁନ୍ତି। ଏହି ଶୂନ୍ୟସ୍ଥାନକୁ ପୂରଣ କରିବା ପାଇଁ ପରକୀୟା ପ୍ରୀତି ଏକ ବିକଳ୍ପ ସାଜୁଛି।

ବିବାହ ଏକ ପବିତ୍ର ବନ୍ଧନ, ଯାହା ବିଶ୍ୱାସ ଉପରେ ଆଧାରିତ। କିନ୍ତୁ ପରକୀୟା ପ୍ରୀତି ଏହି ବିଶ୍ୱାସର ମୂଳଦୁଆକୁ ଦୋହଲାଇ ଦିଏ। ଯେତେବେଳେ ଜଣେ ସାଥୀ ବିଶ୍ୱାସଘାତକତା କରେ, ସେତେବେଳେ କେବଳ ସମ୍ପର୍କ ଭାଙ୍ଗେ ନାହିଁ, ବରଂ ଅନ୍ୟ ଜଣକର ଆତ୍ମସମ୍ମାନ ଓ ମାନସିକ ସ୍ଥିତି ଛାରଖାର ହୋଇଯାଏ।

ଏହାର ସବୁଠାରୁ ଭୟଙ୍କର ପ୍ରଭାବ ପଡ଼ିଥାଏ ଶିଶୁମାନଙ୍କ ଉପରେ। ପିତାମାତାଙ୍କ ମଧ୍ୟରେ ତିକ୍ତତା ଏବଂ ତୃତୀୟ ବ୍ୟକ୍ତିର ପ୍ରବେଶ ପିଲାମାନଙ୍କ ମନରେ ଅସୁରକ୍ଷା ଭାବନା ସୃଷ୍ଟି କରେ। ସେମାନେ ମାନସିକ ସ୍ତରରେ ଦୁର୍ବଳ ହୋଇଯାଆନ୍ତି ଏବଂ ଭବିଷ୍ୟତରେ ସେମାନଙ୍କର ସମ୍ପର୍କ ଗଢ଼ିବା କ୍ଷମତା ଉପରେ ଏହା ନକାରାତ୍ମକ ପ୍ରଭାବ ପକାଏ।

ପୂର୍ବରୁ ଭାରତୀୟ ଦଣ୍ଡବିଧି ସଂହିତାର ଧାରା ୪୯୭ ଅନୁଯାୟୀ ପରକୀୟା ପ୍ରୀତି ଏକ ଅପରାଧ ଥିଲା। କିନ୍ତୁ ସୁପ୍ରିମକୋର୍ଟ ଏହାକୁ ଅପରାଧ ଶ୍ରେଣୀରୁ ବାଦ୍ ଦେଇଛନ୍ତି। କୋର୍ଟଙ୍କ କହିବା ଅନୁସାରେ ଏହା ଏକ ସାମାଜିକ ବା ପାରିବାରିକ ସମସ୍ୟା ଏବଂ ଏହା ଛାଡ଼ପତ୍ର ପାଇଁ ଏକ ଆଧାର ହୋଇପାରେ, କିନ୍ତୁ ଜେଲ୍ ଦଣ୍ଡ ନୁହେଁ। ଆଇନଗତ ଭାବେ ଏହାକୁ ଛାଡ଼ ମିଳିଥିଲେ ମଧ୍ୟ ନୈତିକ ଓ ସାମାଜିକ ଦୃଷ୍ଟିକୋଣରୁ ଏହା ଏବେ ବି ଏକ ବଡ଼ ପ୍ରଶ୍ନବାଚୀ।

ଏହି ଅଦୃଶ୍ୟ ସଙ୍କଟରୁ ମୁକ୍ତି ପାଇବା ପାଇଁ କୌଣସି ନିର୍ଦ୍ଦିଷ୍ଟ ଔଷଧ ନାହିଁ, ବରଂ ନିମ୍ନଲିଖିତ ଦିଗ ପ୍ରତି ଧ୍ୟାନ ଦେବା ଜରୁରୀ:

**ପାରସ୍ପରିକ ସମ୍ମାନ ଓ ସମୟ:** ଦମ୍ପତିମାନେ ପରସ୍ପରର ଭାବନାକୁ ସମ୍ମାନ ଦେବା ଉଚିତ ଏବଂ ଦିନର କିଛି ସମୟ ବିନା ମୋବାଇଲ୍‌ରେ ଏକାଠି ବିତାଇବା ଆବଶ୍ୟକ।

**ନୈତିକ ଶିକ୍ଷା:** ଶିକ୍ଷା କେବଳ ପାଠ୍ୟପୁସ୍ତକରେ ସୀମିତ ନ ରହି ଚରିତ୍ର ଗଠନ ଉପରେ ଗୁରୁତ୍ୱ ଦେବା ଉଚିତ। ପରିବାରରେ ସଂସ୍କାର ଓ ସଂସ୍କୃତିର ପ୍ରଭାବ ରହିବା ଜରୁରୀ।

**କାଉନସେଲିଂ:** ଯଦି ଦମ୍ପତିଙ୍କ ମଧ୍ୟରେ କୌଣସି ଅଶାନ୍ତି ଦେଖାଦିଏ, ତେବେ ଲୁଚାଇ ନ ରଖି ବିଶେଷଜ୍ଞ ବା ମନସ୍ତତ୍ତ୍ୱବିତ୍‌ଙ୍କ ପରାମର୍ଶ ନେବା ଶ୍ରେୟସ୍କର।

**ସୋସିଆଲ ମିଡିଆର ସୀମିତ ବ୍ୟବହାର:** ଆଧୁନିକତା ନାମରେ ଅନ୍ଧ ଅନୁକରଣ କରିବା ଅପେକ୍ଷା ସମ୍ପର୍କର ପବିତ୍ରତାକୁ ବୁଝିବା ଆବଶ୍ୟକ। ପରକୀୟା ପ୍ରୀତି କୌଣସି ବାହାଦୁରୀ ନୁହେଁ, ବରଂ ଏହା ଏକ ମାନସିକ ବିକାର ଏବଂ ସାମାଜିକ ଦୁର୍ବଳତାର ସୂଚକ। ଯେଉଁ ସମାଜରେ ପରିବାର ଭୁଶୁଡ଼ି ପଡ଼େ, ସେହି ସମାଜ କେବେ ବି ପ୍ରଗତି କରିପାରିବ ନାହିଁ। ପ୍ରେମ ଓ ବିଶ୍ୱାସର ମୁଖା ପିନ୍ଧି ସମ୍ପର୍କରେ ବିଷ ଢାଳିବା ପରିବର୍ତ୍ତେ, ଆସନ୍ତୁ ସମ୍ପର୍କରେ ସ୍ୱଚ୍ଛତା ଓ ବିଶ୍ୱାସ ରଖିବା। ପରିବାର ହେଉଛି ସମାଜର ମୂଳଦୁଆ, ଏବଂ ଏହି ମୂଳଦୁଆକୁ ସୁଦୃଢ଼ ରଖିବା ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ।

**ଗଞ୍ଜାମ, ଓଡ଼ିଶା**



# ବରଗଡ଼ର ଧନୁଯାତ୍ରା



ନାଟ୍ୟ ସାରଥି ଅଭୟ କୁମାର ଦାସ

ପରମ୍ପରା କ୍ରମେ ଏହି ଧନୁଯାତ୍ରା ପାଇଁ ବରଗଡ଼କୁ ମଥୁରା ଓ ଅମ୍ବାପାଲିକୁ ଗୋପପୁର ଭାବରେ ପରିକଳ୍ପନା କରାଯାଇଥାଏ। ମହାରାଜ କଂସଙ୍କ କାରାଗାରରେ ବନ୍ଦୀ ହୋଇଥାନ୍ତି ବସୁଦେବ ଓ ଦେବକୀ। କହିହେବ ଶ୍ରୀକୃଷ୍ଣଙ୍କ ଜନ୍ମଠାରୁ କଂସର ମୃତ୍ୟୁ ପର୍ଯ୍ୟନ୍ତ ଘଟଣାବଳୀ ଏହି ବିରାଟ ଉତ୍ସବର ଉପଜୀବ୍ୟ। ମହାରାଜ କଂସ ଆୟୋଜନ କରିଛି ଧନୁଯାତ୍ରା ଏବଂ ନିରୂପଣ କରିଛି ନିଜ ମୃତ୍ୟୁର ସ୍ଥାନ। ଶ୍ରୀକୃଷ୍ଣ, ବଳରାମ ଗୋପରୁ ଆସି ମଥୁରାରେ ପହଞ୍ଚି ଅନେକ କାରନାମା ଦେଖାଇବା ପରେ ହାଜର ହୋଇଛନ୍ତି କଂସର ରାଜ ଦରବାରରେ। ଶ୍ରୀକୃଷ୍ଣଙ୍କର ଦର୍ଶନମାତ୍ରେ ମଞ୍ଚାରୁ ପଡ଼ି ମୋକ୍ଷପ୍ରାପ୍ତି ହୋଇଛି କଂସ। ଏହା ହିଁ ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରାର ସଂକ୍ଷିପ୍ତ ରୂପ। ଦେବକୀଙ୍କ ଅଷ୍ଟମ ଗର୍ଭର ସନ୍ତାନଙ୍କ ଦ୍ୱାରା କଂସର ବିନାଶ ଲୀଳାର ନାଟ୍ୟରୂପ, ଧନୁଯାତ୍ରା।

ଧନୁଯାତ୍ରାର ପରିକଳ୍ପନା, ଆୟୋଜନ ଏବଂ ଯାତ୍ରାର ବିବରଣୀ ମହାପୁରୁଷ ଅଚ୍ୟୁତାନନ୍ଦ ଦାସଙ୍କ ପ୍ରଣୀତ ଚିତ୍ତବୋଧ ବା ଚଉତବିନୋଦ ଗ୍ରନ୍ଥରେ ବିସ୍ତୃତ ଭାବରେ ବର୍ଣ୍ଣିତ ହୋଇଛି। ଗୋପରେ ଗୋପଲୀଳା ବା ରାସଲୀଳା ଶେଷରେ କଂସର ନିୟନ୍ତ୍ରଣକ୍ରମେ ଶ୍ରୀକୃଷ୍ଣ ବଳରାମ ଅକ୍ରୁରଙ୍କ ସହ ମଥୁରାରେ ପ୍ରବେଶ, କଂସର ମୋହ ଓ ଦେବୀଙ୍କୁ ଆରାଧନା, ମଥୁରା ଦାଣ୍ଡରେ ଶ୍ରୀକୃଷ୍ଣଙ୍କ ଗମନ, ରଜକ ବିନାଶ, ଭାବବତୀ ପୁତ୍ରକୁ ଜୀବଦାନ, ଶ୍ରୀକୃଷ୍ଣଙ୍କୁ କୁବୁଜା ଗନ୍ଧଚନ୍ଦନ ଦେବା, କୁବୁଜାର ସୁନ୍ଦରରୂପ ପ୍ରାପ୍ତି, ତେଜବତୀର ଜୀବଦାନ, ସୁଦାମାର ବରମାଲ୍ୟଦାନ ଓ ବରପ୍ରାପ୍ତି, ପ୍ରିୟବତୀ ଓ ତାର ପୁତ୍ରାଦିର ଜୀବଦାନ, ଶ୍ରୀକୃଷ୍ଣଙ୍କ ଧନୁଭଙ୍ଗ, ରଙ୍ଗସଭାରେ ପ୍ରବେଶ, କୁବଳୟା ହସ୍ତୀ, ଓ ମାହୁନ୍ତର ବିନାଶ, ଚାଣୁର ମୁଷ୍ଟିକ, କୁକୁଟ ପ୍ରମୁଖ ମଲ୍ଲଙ୍କ ବିନାଶ, କଂସର କୃଷ୍ଣଦର୍ଶନ ଓ ମଞ୍ଚାରୁ ପଡ଼ି ମୃତ୍ୟୁ ତଥା ଉଗ୍ରସେନଙ୍କର ରାଜ୍ୟାଭିଷେକ ପ୍ରଭୃତି ଦୃଶ୍ୟ ଗୀତିନାଟ୍ୟ ଅଥବା ଲୋକନାଟ୍ୟ ଶୈଳୀରେ ବରଗଡ଼ ସହରର ବିଭିନ୍ନ ସ୍ଥାନରେ ପ୍ରଦର୍ଶିତ ହୋଇଥାଏ। ରଙ୍ଗମହଲ ବା ରଙ୍ଗସଭାରେ ମଞ୍ଚ ଉପରେ ମଧ୍ୟ ଅନେକ ଦୃଶ୍ୟ ପରିବେଷିତ ହୋଇଥାଏ। ଏଥିରେ ଆକର୍ଷଣୀୟ ଚିତ୍ତଗ୍ରାହୀ ସଂଳାପ ଏବଂ ସଙ୍ଗୀତର ମଧ୍ୟ ପ୍ରୟୋଗ କରାଯାଇଥାଏ। ହଜାର ହଜାର ଲୋକ ପ୍ରତ୍ୟହ ଏହି ଦୃଶ୍ୟାବଳୀକୁ ଆନନ୍ଦର ସହ ଉପଭୋଗ କରିଥାନ୍ତି।

**ରଙ୍ଗମହଲ:** ପ୍ରତ୍ୟହ ଅପରାହ୍ଣରେ ମହାରାଜା କଂସ ନଗର ପରିଭ୍ରମଣ କରି ସନ୍ଧ୍ୟାରେ ସୁସଜ୍ଜିତ ରଙ୍ଗମହଲର ମଣ୍ଡପରେ ବିରାଜମାନ କରିଥାନ୍ତି। ଏଠାରେ ପାତ୍ର ମନ୍ତ୍ରୀଙ୍କ ସହ ମନ୍ତ୍ରଣା ଏବଂ ଚିତ୍ତାକର୍ଷକ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଦେଶର ବିଭିନ୍ନ ଅଞ୍ଚଳ ତଥା ବିଦେଶର ଲୋକକଳା ମଧ୍ୟ ପରିବେଷିତ ହୋଇଥାଏ। ନାଚଗୀତର ମଜା ନିଅନ୍ତି ଦେଖଣାହାରୀ। ଏଥି ନିମନ୍ତେ ଭବ୍ୟ ଆୟୋଜନ ମଧ୍ୟ ହୋଇଥାଏ। ସମଗ୍ର ସହର ରସମୟ ଓ ଚଳଚଞ୍ଚଳ ହୋଇପଡ଼େ। ଜୀରାନଦୀ ଯମୁନାନଦୀରେ ପରିଣତ ହୋଇଥାଏ ଏ ଧନୁଯାତ୍ରାରେ।

**ଧନୁଯାତ୍ରାର ଇତିହାସ:** ଉନବିଂଶ ଶତାବ୍ଦୀର ମଧ୍ୟ ଭାଗରେ ୧୯୪୭-୪୮ରେ ସର୍ବପ୍ରଥମେ ଧନୁଯାତ୍ରା ଶୁଭାରମ୍ଭ ହୋଇଥିଲା। ବୈଷ୍ଣବ ଧର୍ମର ଅଭ୍ୟୁଦୟ ଫଳରେ ବିଭିନ୍ନ ଗ୍ରାମରେ ଭାଗବତ ଟୁଙ୍ଗିମାନ ସ୍ଥାପିତ ହୋଇଥିଲା। ଗ୍ରାମେ ଗ୍ରାମେ ଭାଗବତ ପାରାୟଣ ଓ ନାମଯଜ୍ଞ ଆୟୋଜିତ ହେଉଥିଲା। ଏଥିସହ ରାସଲୀଳା ଓ ରାମଲୀଳା ପ୍ରଭୃତି ଭୂମିକା ଗ୍ରହଣ କରିଥିଲା। ବରଗଡ଼ରେ ଜୀରାନଦୀ କୂଳରେ ଶ୍ରୀରାଧାକୃଷ୍ଣଙ୍କ ଯୁଗଳମୂର୍ତ୍ତି ଏକ ମନ୍ଦିରରେ ପ୍ରତିଷ୍ଠିତ ହୋଇଥିଲା। ଗୌନ୍ତିଆ ରଘୁନାଥ ଦାଶଙ୍କ ପ୍ରଚେଷ୍ଟାରେ ବିଭିନ୍ନ ନାଟକ ପରିବେଷଣ କରାଯାଉଥିଲା। ୧୯୪୪-୪୫ରେ ଅପର୍ତ୍ତି ପାଣିଗ୍ରାହୀ ବରଗଡ଼ରେ ଏକ ଥିଏଟର ପ୍ରତିଷ୍ଠା କରିଥିଲେ। କାଳକ୍ରମେ ଧନୁଯାତ୍ରାର ପରିକଳ୍ପନା ସାକାର ରୂପ ନେଲା। ସମ୍ପ୍ରତି ଏହା ବିଶ୍ୱର ବୃହତ୍ତମ ଲୋକନାଟକର ମର୍ଯ୍ୟାଦା ଲାଭ କରିଛି।

**କଂସ ଭୂମିକାରେ କଳାକାର:** ପ୍ରଥମ ଧନୁଯାତ୍ରା ୧୯୪୮ ଡିସେମ୍ବର ୧୨ ତାରିଖରେ ଆରମ୍ଭ ହୋଇ ୧୯୪୮ ଜାନୁଆରୀ ମାସ ୨୬ ତାରିଖରେ ସମାପ୍ତ ହୋଇଥିଲା। ପ୍ରଥମ ବର୍ଷ ଯୁଧିଷ୍ଠିର ଦାଶ ଏବଂ ଦ୍ୱିତୀୟ ବର୍ଷ ରାଧାଶ୍ୟାମ ଦାଶ କଂସ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ। ପୂର୍ବରୁ ମଧ୍ୟ ଧନୁଯାତ୍ରାର କେତେକ ଦୃଶ୍ୟକୁ ନେଇ ଯାତ୍ରା ହେଉଥିଲା ବୋଲି ଜଣାଯାଏ। ଅମ୍ବାପାଲିରେ ଥିବା ଭଗ୍ନ ଓ ଜରାଜୀର୍ଣ୍ଣ ଧନୁଯାତ୍ରା ମଣ୍ଡପ ଏହାର ସାକ୍ଷୀ ରୂପେ ରହିଛି। ତେବେ ସ୍ୱୟଂ ସମ୍ପୂର୍ଣ୍ଣ ଧନୁଯାତ୍ରା ୧୯୪୮ରେ ହୋଇଥିଲା ଓ ୧୯୯୮ରେ ସୁବର୍ଣ୍ଣ ଜୟନ୍ତୀ ଧନୁଯାତ୍ରା ଆୟୋଜିତ ହୋଇଥିଲା।

**ଖଳନାୟକ ହିଁ ନାୟକ:** ଧନୁଯାତ୍ରାରେ କଳାକାର ମାନଙ୍କ ଅଭିନୟ ସଂଳାପ ଆଦି ସ୍ୱତଃସ୍ଫୂର୍ତ୍ତ। ଏହା ହିଁ ଧନୁଯାତ୍ରାର ବୈଶିଷ୍ଟ୍ୟ। ଖଳନାୟକ କଂସ ହିଁ ଏହି ଯାତ୍ରାର ମୁଖ୍ୟ ନାୟକ। କଂସର ଅଭିନୟ ଏବଂ ସଂଳାପ ଉଚ୍ଚାରଣରେ ମନୋରଞ୍ଜନ କାର୍ଯ୍ୟକ୍ରମ ଦର୍ଶକମାନଙ୍କର ଆଖି ଝଲସାଇ ଦେଇଛି।

**ସରକାରୀ କାର୍ଯ୍ୟକ୍ରମ:** ସ୍ଥାନୀୟ କଳାପ୍ରେମୀ ତଥା ଆଧ୍ୟାତ୍ମିକପ୍ରେମୀ ଜନସାଧାରଣଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଧନୁଯାତ୍ରା ସମ୍ପ୍ରତି ପ୍ରାୟତଃ ଏକ ସରକାରୀ କାର୍ଯ୍ୟକ୍ରମର ରୂପ ନେଇଛି। ପୂର୍ବେ ହାଟପଦାରେ ଆୟୋଜିତ ହେଉଥିଲା ମୁକ୍ତାକାଶରେ। ପରେ ଏକ ସୁଦୃଶ୍ୟ ମଣ୍ଡପ ନିର୍ମାଣ କରାଯାଇଥିଲା। ଏ ବର୍ଷ ନିଶାମଣି ପଡ଼ିଆର ନବନିର୍ମିତ ରଙ୍ଗମହଲରେ ଏହି କାର୍ଯ୍ୟକ୍ରମର ପ୍ରମୁଖ ଦୃଶ୍ୟାବଳୀ ପରିବେଷିତ ହେଉଛି। ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଗଠିତ ଏକ କମିଟି ଆୟୋଜନର ସକଳ ଦାୟିତ୍ୱ ଗ୍ରହଣ କରିଛି।



**କଂସର ଦର୍ପ:** ଧନୁଯାତ୍ରାରେ କଂସର ଦର୍ପ ଅନେକ। ଏହି ଯାତ୍ରା ସମୟରେ କଂସର ନିର୍ଦ୍ଦେଶନାମାକୁ ସରକାରୀ ତଥା ବେସରକାରୀ ସ୍ତରରେ ପ୍ରତୀକାତ୍ମକ ଭାବରେ ପାଳନ କରାଯାଇଥାଏ। ଏପରିକି ମୁଖ୍ୟମନ୍ତ୍ରୀ ତଥା ରାଜ୍ୟ ସରକାରଙ୍କ ଉଚ୍ଚପଦାଧିକାରୀମାନଙ୍କୁ ମଧ୍ୟ ଜୋରିମାନା ଦଣ୍ଡରେ ଦଣ୍ଡିତ କରନ୍ତି। ସେମାନଙ୍କୁ ବିଭିନ୍ନ ଉପଦେଶ ତଥା ଆଦେଶ ପ୍ରଦାନ କରନ୍ତି। ଏହା ଏକ ନିଆରା ପର୍ବ। କଂସଙ୍କ ଆଚରଣର ଚର୍ଚ୍ଚା ହୁଏ ସହରର ପ୍ରତ୍ୟେକ ଅଞ୍ଚଳରେ। ସମଗ୍ର ବରଗଡ଼ ସହରରେ ଉତ୍ସବ ମୁଖର ବାତାବରଣ। ମଥୁରା ପରିକ୍ରମା କାଳରେ ସ୍ଥାନେ ସ୍ଥାନେ କୃଷ୍ଣ ବଳରାମଙ୍କର ଆରାଧନା କରାଯାଇଥାଏ।

**ପ୍ରତିକୂଳ ପରିସ୍ଥିତି:** ପୂର୍ବେ ଧନୁଯାତ୍ରା ଅତ୍ୟନ୍ତ ପ୍ରତିକୂଳ ପରିସ୍ଥିତି ମଧ୍ୟରେ ଓ କଷ୍ଟସାଧ ପ୍ରକ୍ରିୟାରେ ଆୟୋଜିତ ହେଉଥିଲା। ନାନାବିଧ କାରଣରୁ ୧୯୫୦ରୁ ୧୯୫୬, ୧୯୭୨, ୧୯୮୩ ଏବଂ ୧୯୯୧ରେ ଏହା ଆୟୋଜିତ ହୋଇପାରିନଥିଲା। ଆହୁରି ମଧ୍ୟ ୧୯୬୦ରୁ ୧୯୬୭ ପର୍ଯ୍ୟନ୍ତ ଧନୁଯାତ୍ରା ଆୟୋଜିତ ହୋଇଥିବାର କୌଣସି ପ୍ରମାଣ ନାହିଁ। ପୁନଶ୍ଚ ୧୯୯୦ରେ ୨ଥର ଧନୁଯାତ୍ରା ଆୟୋଜିତ ହୋଇଥିଲା। ୧୯୭୩ରୁ ଏଯାବତ୍ ଧନୁଯାତ୍ରା ୧୧ ଦିନ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି। କେବଳ ୧୯୯୩ରେ ପ୍ରବଳ ବର୍ଷା ଯୋଗୁଁ ଧନୁଯାତ୍ରାର ଅବଧି ଦୁଇ ଦିନ ବଢ଼ାଇ ଦିଆଯାଇଥିଲା। ୧୯୯୨ରୁ ଏଯାବତ୍ ପ୍ରତ୍ୟେକ ବର୍ଷ ଧନୁଯାତ୍ରା ଆୟୋଜିତ ହୋଇଆସୁଛି ଏବଂ ଏହି ଧାରା ଅବ୍ୟାହତ ରହିବ ବୋଲି ଆଶା କରାଯାଏ।

ଧନୁଯାତ୍ରାର ସଫଳତା ସମ୍ପର୍କରେ ଆକଳନ କରାଯାଇଥାଏ। ପୌଷ ପୂର୍ଣ୍ଣିମା ତିଥିରେ କଂସବଧ ଦୃଶ୍ୟ ପରିବେଷିତ ହୋଇଥାଏ। ବରଗଡ଼ ସମଗ୍ର ଦେଶରେ ଏକ କୃଷିପ୍ରଧାନ ଜିଲ୍ଲା ଭାବରେ ସ୍ୱୀକୃତି ଲାଭ କରିଛି। କୃଷକମାନେ ଖୋଲାମନରେ ଉଲ୍ଲାସର ସହ ଉପଭୋଗ କରିପାରିବେ ବୋଲି ପୌଷମାସରେ ଧନୁଯାତ୍ରାର ପରିକଳ୍ପନା କରାଯାଇଛି। ଶ୍ରୀକୃଷ୍ଣ ୧୧ ବର୍ଷ ବୟସରେ ଗୋପପୁରରୁ ମଥୁରାକୁ ଆସିଥିଲେ। ତେବେ ସେ ପୌଷମାସରେ ଆସିନଥିଲେ ବୋଲି କେତେକ ପୌରାଣିକ ଆଖ୍ୟାନରୁ ସୂଚୀତ ହୁଏ। ସମ୍ପ୍ରତି ହୃଷିକେଶ ଭୋଇ କଂସ ଭୂମିକାରେ ଅବତୀର୍ଣ୍ଣ ହେଉଛନ୍ତି। ତାଙ୍କ ପୂର୍ବରୁ ଜନୈକ ପୁଲିସ୍ ଅଧିକାରୀ ଗୋପାଳ ସାହୁ ଓରଫ୍ ଏଲି ସାହୁ ମଧ୍ୟ ଏହି ଭୂମିକାରେ ଅଭିନୟ କରି ଦର୍ଶକମାନଙ୍କର ଚିତ୍ତ ହରଣ କରୁଥିଲେ। ହିଲିପାଲି ଗ୍ରାମର ଅପେରା କଳାକାର ଦେବେନ୍ଦ୍ର ବିଶ୍ୱାଳ ମଧ୍ୟ ୨ ବର୍ଷ କଂସ ଭୂମିକାରେ ଅଭିନୟ କରିଥିଲେ।

**ଧନୁଯାତ୍ରାର ଆକର୍ଷଣ:** ଧନୁଯାତ୍ରା ସମୟରେ ବହୁ ଆକର୍ଷଣୀୟ ଦୃଶ୍ୟ ତଥା ଅନୁଭୂତି ଉପଲବ୍ଧ ହୁଏ। ବହୁ ସଂଖ୍ୟକ ଅସ୍ଥାୟୀ ଦୋକାନ, ମୀନାବଜାର, ବିଭିନ୍ନ ପ୍ରକାରର ପ୍ରଦର୍ଶନୀ ଆଦି ଅନୁଷ୍ଠିତ ହୋଇଥାଏ। ଧନୁଯାତ୍ରା ଅଞ୍ଚଳ ଲୋକାରଣ୍ୟ ହୁଏ। ଘରେ ଘରେ ଅତିଥି ମାନଙ୍କର ଭିଡ଼ ଜମେ। ହଜାର ହଜାର କଳାକାର ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମ ପରିବେଷଣ କରିଥାନ୍ତି। ମଞ୍ଚ କଳା ଏହି ଯାତ୍ରାର ମନୋରଞ୍ଜନ କାର୍ଯ୍ୟକ୍ରମର ମୂଳାଧାର ହୋଇଥିବାରୁ ଏଥିପ୍ରତି ଯଥେଷ୍ଟ ଗୁରୁତ୍ୱାରୋପ କରାଯାଇଥାଏ। ପୂର୍ବେ ନିରାଡ଼ମ୍ବର ଭାବରେ ପାଳିତ ହେଉଥିଲା ଏହି ଯାତ୍ରା। ସମ୍ପ୍ରତି ଭବ୍ୟ ଆୟୋଜନ ଏବଂ ଆଲୋକସଜ୍ଜା ଆୟୋଜିତ

**ସାଂସ୍କୃତିକ ଚେତନାର ପର୍ବ:** ସମ୍ପ୍ରତି ବରଗଡ଼ର ଆଖପାଖ ଗ୍ରାମାଞ୍ଚଳ ତଥା ସମ୍ବଲପୁର ଓ ଝାରସୁଗୁଡ଼ା ଜିଲ୍ଲାର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେଉଛି ଧନୁଯାତ୍ରା। ବରଗଡ଼ର ଧନୁଯାତ୍ରା ତାର ପୂର୍ବ ଲୋକପ୍ରିୟତା ବଜାୟ ରଖି ଅଧିକ ସୁସଂଗଠିତ ଓ ଆକର୍ଷଣୀୟ ହେବାରେ ଲାଗିଛି। ବରଗଡ଼ର ସାଂସ୍କୃତିକ ପରମ୍ପରାର ଏକ ଅଙ୍ଗରେ ପରିଣତ ହୋଇଛି ଧନୁଯାତ୍ରା। ଧନୁଯାତ୍ରା ସମୟରେ କଳା, ସାହିତ୍ୟ ଓ ସଂସ୍କୃତି ସମ୍ବନ୍ଧିତ ବହୁବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି ବରଗଡ଼ରେ। ପ୍ରତ୍ୟେକ ବରଗଡ଼ବାସୀ କୌଣସି ନା କୌଣସି ପ୍ରକାରେ ଧନୁଯାତ୍ରାରେ ସାମିଲ ହେବାକୁ ବ୍ୟଗ୍ରତା ପ୍ରକାଶ କରୁଛନ୍ତି। ଏହା ଏକ ସାଂସ୍କୃତିକ ଚେତନା ଜାଗରଣର ପର୍ବ। ଯେଉଁମାନେ ଏହି ମହାନ ପର୍ବର ପରିକଳ୍ପନା କଲେ ଏବଂ ଯେଉଁମାନେ ତାର ଗତିପଥକୁ ଅବ୍ୟାହତ ରଖିବାରେ କାର୍ଯ୍ୟ କରିଆସିଛନ୍ତି ସେମାନେ ସମସ୍ତେ ପ୍ରଶଂସାର ପାତ୍ର।

**ଗୋତରା, ମାହାଙ୍ଗା, କଟକ, ମୋବାଇଲ୍: ୯୪୩୭୧୪୨୭୧୭**

# ମାଆ ସନ୍ତାନର ପ୍ରଥମ ଶିକ୍ଷକ



ଡକ୍ଟର ବିଜୟଲକ୍ଷ୍ମୀ ଭୂୟାଁ

ମାଆର ରକ୍ତ ମାଂସରେ ଗଢ଼ା ଏଇ ପାର୍ଥିବ ଶରୀର। ଆମେ ଖାଉଥିବା ଖାଦ୍ୟ, ପିନ୍ଧୁଥିବା ବସ୍ତ୍ର ଏବଂ ଆମର ଏ ସୁନ୍ଦର ଶରୀର ସବୁ ଆମ ପିତାମାତାଙ୍କର ଦାନ। ତେଣୁ ସନ୍ତାନର ପ୍ରଥମ କର୍ତ୍ତବ୍ୟ ହେଲା ମାତାପିତାଙ୍କୁ ଖୁସି ରଖିବା। ସେମାନଙ୍କ ସେବା ଯତ୍ନ କରି ଋଣ ପରିଶୋଧ କରିବାକୁ ଚେଷ୍ଟା କରିବା। କଥାରେ ଅଛି 'ଚବକ୍ଷ୍ୱରଭଗ୍ୱ ଙ୍କରବଭଗ୍ୱ କ୍ବବଛ କ୍ସରଭଗ୍ୱ'। ପରିବାରରେ ମାଆର ଅନେକ ଦାୟିତ୍ୱ। ରନ୍ଧାବଢ଼ା, ଅତିଥି ଚର୍ଚ୍ଚା, ଗୃହ ପରିଚାଳନା, ପିଲାର ଯତ୍ନ, ଶାଶୁ ଶ୍ୱଶୁରଙ୍କ ସେବା ଇତ୍ୟାଦି ଇତ୍ୟାଦି। କିନ୍ତୁ ସବୁ ଭିତରେ ସେ ପିଲାଟିକୁ ଆଖିପତା ପରି ଜଗି ରହିଥାଏ। ପିଲାଟି ଧୀରେ ଧୀରେ ବଢ଼ିବାକୁ ଲାଗେ। ତା ସହିତ ତାର ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ ହୁଏ। ପିଲାଟି ତାର ପରିବେଶରୁ ବେଶ ଜଲ୍‌ଦି ସବୁ କିଛି ଶିଖିବାକୁ ଆରମ୍ଭ କରେ। ଏହି ସମୟରେ ମାଆ ହେଉଛି ତାର ପ୍ରଥମ ଗୁରୁ। ପିଲାଟି ବିଦ୍ୟାଳୟ ଯିବା ପୂର୍ବରୁ ମାଆ ସିଲଟ ଖଡ଼ି ଧରି ଗୋଲ ବୁଲାଇ ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କ ନାମ ଶିଖାଇ ଆଶୀର୍ବାଦ ପ୍ରାପ୍ତ କରାଏ। ଫଳରେ ପିଲାଟି ବିଦ୍ୟା ଲାଭ କରିବା ପୂର୍ବରୁ ଆଧାତ୍ମିକ ଶକ୍ତି ଓ ଈଶ୍ୱରଭକ୍ତି ଲାଭ କରେ। ମାଆ ଉଚ୍ଚ ଶିକ୍ଷିତା ହେବା ଜରୁରୀ ନୁହେଁ। ମାଆ ସୁଶିକ୍ଷିତା ହେବା ଆବଶ୍ୟକ। ଯାହାଫଳରେ ସେ ପିଲାଟିକୁ ପ୍ରଥମରୁ ଉପଯୁକ୍ତ କରି ଗଢ଼ି ତୋଳି ପାରିବ। ପିଲାର ମନ କଞ୍ଚାମାଟି ପରି ନରମ। ତାକୁ ପ୍ରଥମରୁ ଯେଉଁ ଆକାର ଦେବାକୁ ଚାହିଁବ ସେ ସେହିପରି ହୋଇପାରିବ। ମାଟି ଶୁଖିଗଲେ ଯେପରି ଆଉ ମୂର୍ତ୍ତି ଗଢ଼ି ହୋଇପାରେ ନାହିଁ ପିଲାଟି ଥରେ ବିଗିଡିଗଲେ ତାକୁ ବାଟକୁ ଆଣିବା କଷ୍ଟକର ହୁଏ। ପିଲାଟି ମାଆ ସହିତ ଅଧିକାଂଶ ସମୟ କଟାଏ। ତେଣୁ ମାଆ ଯେପରି ହେବ ପିଲାଟି ତାକୁ ଅନୁସରଣ କରିବ। ତା ଅଜଣାତରେ ସେ ମାଆର ଆଚରଣ କଥାବାର୍ତ୍ତା ଓ ଚାଲିଚଳନ ଅନୁକରଣ କରି ଚାଲିବ। ତେଣୁ ମାଆ ନିଜ ଆଚାର ବ୍ୟବହାରରେ ସତର୍କ ରହିବା ଉଚିତ। କାରଣ ମାଆର ପରିବାର ତଥା ସନ୍ତାନ ପ୍ରତି ଦାୟିତ୍ୱ ଗୁରୁତ୍ୱପୂର୍ଣ୍ଣ।

ମାଆ କୋଳ ପିଲାର ପ୍ରାଥମିକ ବିଦ୍ୟାଳୟ। ମାଆ ତା ପିଲାକୁ କୋଳରେ ଶୁଆଇ ନାନାବାୟା ଗୀତ ଗାଇ ସଙ୍ଗୀତ ଶିଖାଏ, ଆଙ୍ଗୁଳି ଗଣି ଗଣିତ ଶିଖାଏ, ବିଭିନ୍ନ ଗଳ୍ପ କହି ତା ମାଧ୍ୟମରେ ନୀତିଶିକ୍ଷା ଓ ସାହିତ୍ୟ ଶିକ୍ଷା ଦିଏ, ପୁରାଣ ରାମାୟଣରୁ ଗପ କହି ଧର୍ମ ମାର୍ଗରେ ନେବାକୁ ଚେଷ୍ଟା କରେ। ଗୁରୁ ଗୁରୁଜନ ତଥା ଭଗବାନଙ୍କୁ ଭକ୍ତି କରିବା ଶିକ୍ଷା ଦିଏ ଓ ଏହିପରି ଆହୁରି କେତେ କଣ ଉପଦେଶ ଦେଇ ପିଲାଟିକୁ ବାଲ୍ୟକାଳରୁ ଉପଯୁକ୍ତ କରି ଗଢ଼ି ତୋଳିବାକୁ ପ୍ରୟାସ କରେ। ଜଣେ ସମର୍ପିତା ମାଆ ପିଲାକୁ ଭଲ ମଣିଷଟିଏ କରି ବଢ଼ାଇବାକୁ ଦୃଢ଼ ନିଶ୍ଚିତ ରହେ। ଏଥିପାଇଁ ସେ କୌଣସି ଦୁଃଖ, କଷ୍ଟ, ବାଧାବିଘ୍ନ, ଅଭାବ ଅନାଟନକୁ ଖାତିରି କରେନାହିଁ। କେବଳ ପିଲାର ଉଜ୍ଜଳ ଭବିଷ୍ୟତ ତାର ଲକ୍ଷ୍ୟ ହୋଇଥାଏ। କାରଣ ପିଲାଟି ଉପଯୁକ୍ତ ହେଲେ ତା ପରିବାରର ଭବିଷ୍ୟତ ଉଜ୍ଜ୍ୱଳମୟ ହୁଏ। ଫଳରେ ଦେଶର, ରାଷ୍ଟ୍ରର ତଥା ବିଶ୍ୱର ଉନ୍ନତି ହୁଏ। ତେଣୁ ଜଣେ ଉପଯୁକ୍ତ ମାଆ କେବଳ ପରିବାରର ନୁହେଁ ସେ ମଧ୍ୟ ରାଷ୍ଟ୍ରୀୟ ସମ୍ପତ୍ତି।

ମାଆ ମାନଙ୍କୁ ସମାଜରେ ସବୁବେଳେ ଶ୍ରେଷ୍ଠସ୍ଥାନ ଦିଆଯାଇଛି। ଆଦି କବି ଶଙ୍କରାଚାର୍ଯ୍ୟଙ୍କ ଭାଷାରେ- 'କୁପୁତ୍ର ଜାୟତେ କ୍ୱଚିଦପି, କୁମାତା ନଭବତି' ଅର୍ଥାତ୍ ସଂସାରରେ ମନ୍ଦପୁତ୍ର ଜାତ ହୋଇପାରେ ମାତ୍ର ମାଆ କଦାପି ମନ୍ଦ ହୋଇପାରନ୍ତି ନାହିଁ। କାରଣ ମାଆ ସବୁବେଳେ ନିଃସ୍ୱାର୍ଥପର ଭାବରେ ସନ୍ତାନର ଲାଳନ ପାଳନ ତଥା ସେବାଯତ୍ନ କରେ। ସେ ଚାହେଁ ତାର ସନ୍ତାନ ବୁଦ୍ଧିମାନ, ବିଦ୍ୱାନ, ଶାନ୍ତ ସରଳ ଓ ଈଶ୍ୱର ବିଶ୍ୱାସୀ ହେଉ। ସମାଜରେ ତାର ତଥା ପରିବାରର ନାମ ଓ ଯଶ ପ୍ରତିଷ୍ଠା କରୁ। ସେଥିପାଇଁ ସେ ପିଲାଟି ପ୍ରତି ପ୍ରଥମରୁ ଯତ୍ନବାନ ହୁଏ। କଥା କହିଲା ଦିନୁ ଭଲ କଥା କହିବା ଶିଖାଏ, ପାଠ ପଢ଼ିଲା ଦିନୁ ତାର ପାଠପଢ଼ା ପ୍ରତି ଯତ୍ନବାନ ହୁଏ। ଗୁରୁଜନଙ୍କୁ କିପରି ଭକ୍ତି କରିବାକୁ ହୁଏ ଏବଂ ଭବିଷ୍ୟତରେ କିପରି ଉତ୍ତମ ମଣିଷଟିଏ ହେବ ସେଥିପାଇଁ ଭଗବାନଙ୍କ ପାଖରେ ସଦାସର୍ବଦା ଗୁହାରୀ କରୁଥାଏ। ତେଣୁ ମାଆ ଠାରୁ ବଳି ଭଲ ଶିକ୍ଷକ ଓ ପଥପ୍ରଦର୍ଶକ ଆଉ କିଏ ହୋଇପାରେ? ଏଇଠି ଆମେ କେତେ ଜଣ ଆଦର୍ଶମାତାଙ୍କର ଉଦାହରଣ ଦେଇ ପାରିବା। ଶ୍ରୀରାମ ମାତା କୌଶଲ୍ୟାଙ୍କ ଯତ୍ନରେ ସଦାସର୍ବଦା ସତ୍ୟପଥରେ ଚାଲୁଥିଲେ। ଲବ ଓ କୁଶ ମାତା ସୀତାଙ୍କ ତତ୍ତ୍ୱାବଧାନରେ ବିଦ୍ୱାନ ଓ ଶକ୍ତିଶାଳୀ ହୋଇ ପାରିଥିଲେ। ଶିବାଜୀଙ୍କ ବୀରତ୍ୱ ପାଇଁ ମାତା ଜୀଜାବାଈଙ୍କର ପ୍ରେରଣା ଅନ୍ତର୍ନିହିତ। ପୁତୁଲିବାଈଙ୍କ ପ୍ରେରଣାରେ ମୋହନଦାସ ମହାତ୍ମାରେ ପରିଣତ ହୋଇ ପାରିଥିଲେ। ଏହିପରି ଅନେକ ଆଦର୍ଶ ମାତାଙ୍କର ଉଦାହରଣ ଆମ ପୁରାଣ ତଥା ଇତିହାସରେ ବର୍ଣ୍ଣିତ।

ସମ୍ପ୍ରତି ମାତୃଜାତି ପ୍ରତି କିଛି ଆହ୍ୱାନ ରହିଛି। ପୂର୍ବରୁ ମାଆମାନେ ପିଲାମାନଙ୍କୁ ସକାଳେ ସନ୍ଧ୍ୟାରେ ପ୍ରାର୍ଥନା କରି ପଢ଼ି ବସିବାକୁ ଶିଖାଉଥିଲେ। ଆଜିକାଲି ଅଧିକାଂଶ ମାତା ସେହି ସମୟରେ ପିଲାଙ୍କୁ ପାଠ ପଢ଼ିବାକୁ ବାଧ କରୁଛନ୍ତି କିମ୍ବା ଟିୟୁସନ୍ ପଠାଇ ଦେଇ ନିଶ୍ଚିନ୍ତରେ ରହୁଛନ୍ତି। ଏହାଦ୍ୱାରା ମାଆମାନେ ପିଲା ମାନଙ୍କୁ ପ୍ରକୃତ ଜ୍ଞାନ ପ୍ରଦାନ କରିବା ବଦଳରେ ଗୋଟିଏ ଲେଖାଏଁ ପୁସ୍ତକକୀଟରେ ପରିଣତ କରୁଛନ୍ତି। ସେମାନେ ଜାଣି ରଖିବା ଉଚିତ ଯେ ପିଲାମାନଙ୍କର ନୈତିକତାର ସ୍ଖଳନ ପାଇଁ ସେମାନେ ନିଜେ ହିଁ ଦାୟୀ। ସେମାନେ ନିଜେ ଟେଲିଭିଜନ ଦେଖିବା ବେଳେ ପିଲାମାନଙ୍କୁ ବାରଣ କରିବା କେତେ ଦୂର ଯୁକ୍ତିଯୁକ୍ତ। ତାହା ବିଚାର କରିବା ଉଚିତ। ଆଧୁନିକତାର ଦ୍ୱାହି ଦେଇ ମାଆମାନେ ଅଳୀକ ଭୋଗ ବାସନା ପଛରେ ଧାଇଁ ନିଜର ତଥା ପରିବାରର କ୍ଷତି ସାଧନ କରୁଛନ୍ତି। ତେଣୁ ଏପରି ମାଆମାନେ ପିଲାଙ୍କ ପ୍ରତି ବେଳ ହୁଁ ସାବଧାନ ରହିବା ଉଚିତ୍।

ଦେଶର ଉତ୍ତର ପୁରୁଷର ବଂଶଧରଗଣ ଆଜିର ମାତୃଜାତି ଦ୍ୱାରା ଗଠିତ ହେବେ। ଅନ୍ତତଃ ଆଗାମୀ କାଳର ବଂଶଧର ମାନଙ୍କୁ ରକ୍ଷା କରିବା ନିମନ୍ତେ ଆଜିର ମାଆ ମାନଙ୍କୁ ସାବଧାନ ହେବାକୁ ପଡ଼ିବ। ଅତୀତ ହେଉ, ବର୍ତ୍ତମାନ ହେଉ, ଭବିଷ୍ୟତ ହେଉ, ସର୍ବକାଳରେ ମାତୃଜାତି ହିଁ ପ୍ରଗତିର ମେରୁଦଣ୍ଡ। ମନେରଖିବା ଉଚିତ ମାତା ହିଁ ଦିବ୍ୟ ଜନନୀଙ୍କ ମୂର୍ତ୍ତିମୟ ପ୍ରତୀକ ଓ ତା ସନ୍ତାନର ପ୍ରଥମ ଶିକ୍ଷକ।

**ଅବସରପ୍ରାପ୍ତ ରିଡର, ଶୈଳବାଳା ମହାବିଦ୍ୟାଳୟ, ପ୍ଲଟ ନଂ : ୧୦୮୨/ଡ଼ି, ସେକ୍ଟର-୬, ସିଡ଼ିଏ, କଟକ, ମୋବାଇଲ୍: ୯୮୬୧୩୫୫୬୨୮**



# ସାନ୍ତାଳୀ ଭାଷାରେ ଭାରତର ସମ୍ବିଧାନ ଉନ୍ମୋଚିତ

ନୂଆଦିଲ୍ଲୀ,୨୫ା୧୨: ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁବାର ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସାନ୍ତାଳୀ ଭାଷାରେ ଭାରତୀୟ ସମ୍ବିଧାନ ଉନ୍ମୋଚନ କରିଛନ୍ତି। ଏହି ଅବସରରେ ରାଷ୍ଟ୍ରପତି କହିଛନ୍ତି ଯେ, ଏହା ସମସ୍ତ ସାନ୍ତାଳୀ ଲୋକଙ୍କ ପାଇଁ ଗର୍ବ ଓ ଖୁସିର ବିଷୟ। ଭାରତର ସମ୍ବିଧାନ ଏବେ ସାନ୍ତାଳୀ ଭାଷାରେ, ଅଲଚିକି ଲିପିରେ ଉପଲବ୍ଧ ହେବ। ଏହାଦ୍ୱାରା ସେମାନେ ସମ୍ବିଧାନକୁ ନିଜ ଭାଷାରେ ପଢ଼ିପାରିବେ ଓ ବୁଝିପାରିବେ।

### ଗର୍ବ ଓ ଖୁସିର ବିଷୟ: ରାଷ୍ଟ୍ରପତି

ରାଷ୍ଟ୍ରପତି କହିଛନ୍ତି ଯେ, ଚଳିତ ବର୍ଷ ଆମେ ଅଲଚିକି ଲିପିର ଶତାବ୍ଦୀ ପାଳନ କରୁଛୁ। ଶତାବ୍ଦୀ ବର୍ଷ ପୂର୍ତ୍ତି ଅବସରରେ ଭାରତର ସମ୍ବିଧାନକୁ ଅଲଚିକି ଲିପିରେ ପ୍ରକାଶିତ କରିଥିବାରୁ ଆଇନ ଓ ନ୍ୟାୟ ମନ୍ତ୍ରୀ ଓ ତାଙ୍କ ଟିମକୁ ରାଷ୍ଟ୍ରପତି ମୁର୍ମୁ ପ୍ରଶଂସା କରିଛନ୍ତି। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନ ଓ କେନ୍ଦ୍ର ଆଇନ ଏବଂ ନ୍ୟାୟମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଉପସ୍ଥିତ ଥିଲେ।

ସାନ୍ତାଳୀ ଭାଷାକୁ ୨୦୦୩ରେ ୯୨ତମ ସମ୍ବିଧାନ ସଂଶୋଧନ ଅଧିନିୟମ ଜରିଆରେ ସମ୍ବିଧାନର ଅଷ୍ଟମ ସୂଚୀରେ ସାମିଲ କରାଯାଇଥିଲା। ଏହା ଭାରତର ସବୁଠୁ ପ୍ରାଚୀନ ଜୀବିତ ଭାଷା ମଧ୍ୟରୁ ଗୋଟିଏ । ଏହା ଝାଡ଼ଖଣ୍ଡ, ଓଡ଼ିଶା, ପଶ୍ଚିମବଙ୍ଗ ଓ ବିହାରରେ ସବୁ ସଂଖ୍ୟାରେ ଆଦିବାସୀଙ୍କ ଦ୍ୱାରା ବ୍ୟବହାର କରାଯାଇଥାଏ।

# ଯବାନଙ୍କ ପାଇଁ ସୋସିଆଲ ମିଡିଆ କଟକଣା

ନୂଆଦିଲ୍ଲୀ ୨୫ା୧୨: ଭାରତୀୟ ସେନା ସୋସିଆଲ ମିଡିଆ ଉପଯୋଗ ଲାଗି ନିଜ ନୀତିରେ ପରିବର୍ତ୍ତନ କରିଛି। ଏହି ନୂଆ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଅନୁସାରେ ସେନା ଯବାନ ଓ ଅଧିକାରୀ ଇନଷ୍ଟାଗ୍ରାମର ଉପଯୋଗ ଏବେ କେବଳ ମନିଟରିଂ ଓ ଦେଖିବା ଲାଗି କରିପାରିବେ। ତେବେ ସେମାନେ କୌଣସି ପୋଷ୍ଟକୁ ଲାଇକ୍ କରିପାରିବେନି କି କୌଣସି ପୋଷ୍ଟ କରିପାରିବେନି। ତେବେ ସୂତ୍ର ଅନୁସାରେ ଡିଜିଟାଲ ଗତିବିଦ୍ଧିକୁ ନେଇ ସେନା ଲାଗି ପୂର୍ବରୁ କାର୍ଯ୍ୟକାରୀ ହେଉଥିବା ସବୁ ନିୟମ ଆଗଭଳି ରହିବ।




ସୂଚନା ଅନୁସାରେ ସୋସିଆଲ ମିଡିଆ ଉପଯୋଗକୁ ନେଇ ନୀତିର ନିର୍ଦ୍ଦେଶ ସେନାର ସବୁ ୟୁନିଟ୍ ଓ ବିଭାଗଙ୍କୁ ଜାରି କରାଯାଇଛି। କୁହାଯାଉଛି ଏହାର ଉଦ୍ଦେଶ୍ୟ ସୈନିକଙ୍କୁ ସୋସିଆଲ ମିଡିଆରେ ଥିବା ସାମଗ୍ରୀ ଦେଖିବା, ଏ ନେଇ ଅବଗତ ରହିବା ଓ ସୂଚନା ସଂଗ୍ରହର ସୀମିତ ଅନୁମତି ରହିଛି। ଏଥିରୁ ସେ ମିଥ୍ୟା ଓ ଭ୍ରାମକ କଣ୍ଟେଣ୍ଟ ଚିହ୍ନଟ କରିପାରିବେ ଓ ଏହାର ସୂଚନା ନିଜର ବରିଷ୍ଠ ଅଧିକାରୀଙ୍କୁ ଦେଇ ପାରିବେ।

- ଦେଖିପାରିବେ, ଲେଖିପାରିବେନି
- ଲାଇକ୍, ପୋଷ୍ଟ ଓ କମେଣ୍ଟ ମନା

ନିକଟରେ ଭାରତର ସ୍ଥଳ ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଚାଣକ୍ୟ ଡିଫେନ୍ସ ଡାୟଲଗରେ ସେନା ଯବାନଙ୍କ ଦ୍ୱାରା ସୋସିଆଲ ମିଡିଆ ଉପଯୋଗ ନିୟମର ଉଲ୍ଲେଖ କରିଥିଲେ। ଏକ ପ୍ରଶ୍ନରେ ତାଙ୍କୁ ପଚରା ଯାଇଥିଲା ଯେ, ଆଜିର ଯୁବବର୍ଗ 'ଜେନେରେସନ-ଜେଡ୍' ସେନାରେ ସାମିଲ ହେବାକୁ ଚାହୁଁଛି। ଆର୍ମିର ଅର୍ଥ ସୋସିଆଲ ମିଡିଆରୁ ଦୂରରେ ରହିବା। ନୂଆ ଆର୍ମି ଏହି ନୂଆ ଉପାୟକୁ ଯୋଡିବା ପାଇଁ ବିଚାର କରିପାରେ କି ? କାରଣ କମାଣ୍ଡିଂ ଅଫିସରଙ୍କୁ ଏହା ନିର୍ଦ୍ଧାରଣ କରିବା ମଧ କଷ୍ଟକର।

ଏହାର ଜବାବରେ ଜେନେରାଲ ଦ୍ୱିବେଦୀ କହିଥିଲେ 'ଏହା ବାସ୍ତବରେ ଏକ ସମସ୍ୟା, କାରଣ ଯେତେବେଳେ ଏହି ଯୁବକମାନେ ନ୍ୟାସନାଲ ଡିଫେନ୍ସ ଆକାଡେମୀ (ଏନଡିଏ) ରେ ଯୋଗ ଦିଅନ୍ତି ସେମାନେ ପ୍ରଥମେ ନିଜ କ୍ୟାବିନରେ ଫୋନ କେଉଁଠି ଲୁଚେଇବେ ତାହା ଖୋଜନ୍ତି ବୋଲି ମୁଁ ଜାଣିବାକୁ ପାଇଛି। ଫୋନ ବିନା ମଧ ଜୀବନ ରହିଛି ଏହାକୁ ବୁଝେଇବା ପାଇଁ ୩ରୁ ୬ ମାସ ସମୟ ଲାଗି ଯାଉଛି। ହେଲେ ସ୍ମାର୍ଟ ଫୋନ ଆଜି ଏକ ଆବଶ୍ୟକତା, ଯେତେବେଳେ ମୁଁ ସୈନିକଙ୍କୁ ଭେଟେ ମୁଁ ସେମାନଙ୍କୁ ଏହା କହୁଛି ସ୍ମାର୍ଟ ଫୋନ ଜରୁରି'।

ସେନାର ନୂଆ ନୀତି ଅନୁସାରେ ସାମରିକ କର୍ମଚାରୀ ଏବେ ଇଂଷ୍ଟାଗ୍ରାମ, ଏକ୍ସ, ୟୁଟ୍ୟୁବ ଓ କୋରା ଭଳି ପ୍ଲାଟଫର୍ମକୁ କେବଳ ସୂଚନା ପ୍ରାପ୍ତ କରିବା, ଟ୍ରେଣ୍ଡସ ଜାଣିବା ଅଥବା ନ୍ୟୁଜ ମନିଟରିଂ ଉଦ୍ଦେଶ୍ୟରେ ଉପଯୋଗ କରିପାରିବେ। ହେଲେ ଏହି ସବୁ ପ୍ଲାଟଫର୍ମରେ କୌଣସି ପ୍ରକାର କମେଣ୍ଟ, ନିଜର ବ୍ୟକ୍ତିଗତ ରାୟ ବ୍ୟକ୍ତ କରିବା ଓ କୌଣସି କଣ୍ଟେଣ୍ଟ ଅପଲୋଡ କରିବା ସମ୍ପୂର୍ଣ୍ଣ ନିଷିଦ୍ଧ।

ସେହିପରି ହ୍ୱାଟସଆପ, ଟେଲିଗ୍ରାମ, ସିଗ୍ନାଲ ଓ ସ୍କାଇପ ଭଳି ମ୍ୟାସେଜିଂ ଆପସ୍ ର ଉପଯୋଗ କେବଳ ସାଧାରଣ ପ୍ରକୃତିର ଅନକ୍ଲାସିଫାଏଡ ସୂଚନା ଓ ସାମଗ୍ରୀ ଆଦାନ ପ୍ରଦାନ ଲାଗି କରାଯାଇ ପାରେ। ସେହିପରି ସେନା କର୍ମଚାରୀ ଲିଂକଡଇନ୍କୁ ପ୍ରଫେସନାଲ ଉଦ୍ଦେଶ୍ୟରେ ଉପଯୋଗ କରିପାରିବେ।

ପ୍ରତିରକ୍ଷା ବିଶେଷଜ୍ଞଙ୍କ ଅନୁସାରେ ଶତ୍ରୁ ଦେଶର ଗୁଇନ୍ଦା ଏଜେନ୍ସୀମାନେ ପ୍ରାୟତଃ ସୋସିଆଲ ମିଡିଆ ପ୍ଲାଟଫର୍ମ ମାଧ୍ୟମରେ ହନିଟ୍ରାପ, ଡାଟା ମାଇନିଂ ଓ ଅନ୍ୟ ଡିଜିଟାଲ ଗୁଇନ୍ଦାଗିରି ଲାଗି ଉଦ୍ୟମ କରିଥାନ୍ତି। ଏଣୁ ସେନାର ନୂଆ ନୀତିର ଉଦ୍ଦେଶ୍ୟ ନିଜ ଯବାନଙ୍କୁ ଡିଜିଟାଲ ବିପଦରୁ ସୁରକ୍ଷିତ ରଖିବା ଓ ସାମରିକ ଅନୁଶାସନ କାୟମ ରଖିବା। ନୂଆ ଗାଇଡଲାଇନ ସୋସିଆଲ ମିଡିଆର ଉପଯୋଗ ନିୟନ୍ତ୍ରିତ ଓ ସୁରକ୍ଷିତ ଉପାୟରେ ହେଉ ଏହା ନୂଆ ଗାଇଡଲାଇନ ସୁନିଶ୍ଚିତ କରିବ।

# କ୍ରିସ୍ମାସରେ ଚର୍ଚ୍ଚକୁ ଗଲେ ପ୍ରଧାନମନ୍ତ୍ରୀ ମୋଦି

ନୂଆଦିଲ୍ଲୀ, ୨୫ା୧୨: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ବଡ଼ଦିନ ଅବସରରେ ଦିଲ୍ଲୀର ଐତିହାସିକ କ୍ୟାଥେଡ୍ରାଲ ଚର୍ଚ୍ଚ ଅଫ ଦି ରିଡେମ୍ପସନର ସକାଳ ପ୍ରାର୍ଥନାରେ ଅଂଶଗ୍ରହଣ କରିଛନ୍ତି। ଏହି ସଭାରେ ଦିଲ୍ଲୀ ଓ ଉତ୍ତର ଭାରତର ଖ୍ରୀଷ୍ଟିୟ ସମୁଦାୟର ଲୋକେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ। ସଭାରେ ପ୍ରାର୍ଥନା, କ୍ରିସମାସ୍ କ୍ୟାରୋଲ ଆଦି ଗାନ କରାଯାଇଥିବା ବେଳେ ଦିଲ୍ଲୀ ବିଶପ ରାଇଟ ରେଭରେଣ୍ଡ ଡା. ପଲ ସ୍ୱରୂପ ପ୍ରଧାନମନ୍ତ୍ରୀଙ୍କ ନିମନ୍ତେ ବିଶେଷ ପ୍ରାର୍ଥନା କରିଛନ୍ତି। ଚର୍ଚ୍ଚ ଅଫ ଦି ରିଡେମ୍ପସନରେ ସକାଳ ପ୍ରାର୍ଥନା ନେଇ ପ୍ରଧାନମନ୍ତ୍ରୀ ମୋଦି ଏକ୍ସ ହ୍ୟାଣ୍ଡେଲରେ ସେୟାର କରିଛନ୍ତି। ସେ ଲେଖିଛନ୍ତି ଯେ, 'ଏହି ସଭା ପ୍ରେମ, ଶାନ୍ତି, କରୁଣାର ଶାଶ୍ୱତ ସନ୍ଦେଶକୁ ପ୍ରତିବିମ୍ବିତ କରୁଛି। କ୍ରିସମାସର ଭାବନା ଆମ ସମାଜରେ ସଦଭାବ ଓ ସଦଭାବନାକୁ ପ୍ରେରିତ କରୁ'। ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ବଡ଼ ଦିନର ଶୁଭ କାମନା ଜଣାଇ ସମସ୍ତଙ୍କ ନିମନ୍ତେ ସୁଖ, ଶାନ୍ତି, କରୁଣା ଓ ଆଶାରେ ଭରପୁର ଆନନ୍ଦମୟ କ୍ରିସମାସର ଶୁଭକାମନା ଜଣାଇଛନ୍ତି।



### ଦେଶବାସୀଙ୍କୁ ଜଣାଇଲେ ବଡ଼ଦିନର ଶୁଭେଚ୍ଛା

ଉଲ୍ଲେଖଯୋଗ୍ୟ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ କିଛିବର୍ଷ ହେଲା ଇସାଇ ସମୁଦାୟ ସମ୍ପର୍କିତ କାର୍ଯ୍ୟକ୍ରମରେ ନିୟମିତ ଭାଗ ନେଉଛନ୍ତି। ୨୦୨୩ ଇଷ୍ଟର ଅବସରରେ ପ୍ରଧାନମନ୍ତ୍ରୀ ଦିଲ୍ଲୀର ସେକ୍ରେଡ ହାର୍ଟ କ୍ୟାଥେଡ୍ରାଲର ଏକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସେହିବର୍ଷ ବଡ଼ ଦିନ ଅବସରରେ ପ୍ରଧାନମନ୍ତ୍ରୀ ୭ ଲୋକକଲ୍ୟାଣ ମାର୍ଗରେ ଏକ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ସୂତ୍ର ଅନୁସାରେ ସମୁଦାୟଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ନିୟମିତ ସମ୍ପର୍କକୁ ଦର୍ଶାଉଛି।

ଏଥି ମଧ୍ୟରେ ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ବଡ଼ ଦିନ ଉପଲକ୍ଷେ ଦେଶବାସୀଙ୍କୁ ଶୁଭକାମନା ଜଣାଇଛନ୍ତି। ଏ ନେଇ ଉପରାଷ୍ଟ୍ରପତି ଏକ୍ସ ରେ ଏକ ପୋଷ୍ଟ ମଧ କରିଛନ୍ତି।

### ଉନ୍ନାଓ ଦୁଷ୍କର୍ମ ମାମଲା

# କୁଳଦୀପ ସେଙ୍ଗର ବର୍ତ୍ତିବା କଷ୍ଟକର



### ସୁପ୍ରିମକୋର୍ଟରେ ସିବିଆଇ ଦାଖଲ କରିବ ଏସ୍ଏଲ୍ପି

ନୂଆଦିଲ୍ଲୀ, ୨୫ା୧୨: ଉତ୍ତରପ୍ରଦେଶର ଚର୍ଚ୍ଚିତ ଉନ୍ନାଓ ଦୁଷ୍କର୍ମକାଣ୍ଡ ପୁଣି ଥରେ ଦେଶର ଧ୍ୟାନ ଆକର୍ଷଣ କରିଛି। ମାମଲାରେ ଦିଲ୍ଲୀ ହାଇକୋର୍ଟଙ୍କ ଡିଭିଜନ ବେଞ୍ଚ ପୂର୍ବତନ ବିଧାୟକ କୁଳଦୀପ ସିଂହ ସେଙ୍ଗରଙ୍କ ଦଣ୍ଡକୁ ନିଲମ୍ବିତ କରି ତାଙ୍କୁ ଜାମିନ ମଞ୍ଜୁର କରିଛନ୍ତି। ସେଙ୍ଗରଙ୍କ ସମର୍ଥକ ଏଥିରେ ଖୁସିରେ ବିହ୍ୱଳ ହୋଇଉଠିଥିବା ବେଳେ ଦେଶର ସବୁଠୁ ବଡ଼ ଏଜେନ୍ସୀ ସିବିଆଇ ମାମଲାରେ ଦଖଲ ଦେଇଛି ଓ ସ୍ପଷ୍ଟ କରିଦେଇଛି ସେଙ୍ଗର ଏତେ ସହଜରେ ବାହାରକୁ ବାହାରି ପାରିବନି। ମାମଲାରେ ସିବିଆଇ ହାଇକୋର୍ଟଙ୍କ ଆଦେଶକୁ ପୁଙ୍ଖାନୁପୁଙ୍ଖ ଅନୁଧାନ କରିବା ପରେ ଏବେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ନିଷ୍ପତ୍ତି ନେଇଛି। ଦିଲ୍ଲୀ ହାଇକୋର୍ଟରେ ସିବିଆଇ ଓ ପୀଡ଼ିତାଙ୍କ ପରିବାର ଦୃଢ଼ ବିରୋଧ କରିଥିଲେ। ତେବେ କୋର୍ଟ ସେଙ୍ଗରର ଦଣ୍ଡ ନିଲମ୍ବନ କରିଦେଇଛନ୍ତି। ଏବେ ସିବିଆଇ ସୂତ୍ର ପୁଷ୍ଟି କରିଛନ୍ତି ଯେ, ଖୁବ୍ ଶୀଘ୍ର ସୁପ୍ରିମକୋର୍ଟରେ ସ୍ପେଶାଲ ଲିଭ ପିଟିସନ (ଏସଏଲପି) ଦାୟର କରାଯିବ। ସିବିଆଇ ତର୍କ ଦେଇଛି ଯେ, ସେଙ୍ଗରକୁ ମିଳିଥିବା ଏହି ଆଶ୍ୱସ୍ତି ପୀଡ଼ିତାଙ୍କ ସୁରକ୍ଷା ଲାଗି ବିପଦଜନକ ସାବ୍ୟସ୍ତ ହୋଇପାରେ। ଏଜେନ୍ସୀ ଲିଖିତ ପିଟିସନରେ ସ୍ପଷ୍ଟ କରିଦେଇଛି ଯେ, ସେଙ୍ଗର ଭଳି ଜଣେ ଦୁର୍ଦ୍ଦାନ୍ତ ବ୍ୟକ୍ତି ବାହାରେ ବୁଲିବା ସାକ୍ଷୀ ଓ ପୀଡ଼ିତାଙ୍କ ପରିବାର ଲାଗି ବିପଦଜନକ ହୋଇପାରେ।

ସେପଟେ ପୀଡ଼ିତାଙ୍କ ଓକିଲ କହିଛନ୍ତି ଯେ, ପୀଡ଼ିତାଙ୍କ ସୁରକ୍ଷା ହଟାଇବା ଓ ତାଙ୍କ ବିରୋଧରେ ନୂଆ ମାମଲା ଗଢ଼ିବା ପାଇଁ ସେଙ୍ଗର ବଡ଼ବଡ଼ ଓକିଲଙ୍କ ଫୌଜ ତିଆରି କରିଛି। ଏଥିରେ ଏବେ ନ୍ୟାୟ ବ୍ୟବସ୍ଥାରୁ କିଛି ମିଳିବ ସେ ନେଇ ଆଶା କରିବା ବୃଥା। ଏଥିରେ ଯଦି ଦେଶର ଜନତା ସ୍ୱର ଉତ୍ତୋଳନ କରନ୍ତି ତେବେ ହୁଏତ ମାମଲାରେ ନ୍ୟାୟ ମିଳିପାରେ। ହେଲେ ଏବେ ସମସ୍ତଙ୍କ ନଜର ସୁପ୍ରିମକୋର୍ଟଙ୍କ ଉପରେ ରହିଛି। ଦେଶର ଶୀର୍ଷ ନ୍ୟାୟାଳୟ ଦିଲ୍ଲୀ ହାଇକୋର୍ଟଙ୍କ ରାୟକୁ ବଦଳାଇ ଦେବେକି, ଏବେ ଏହା ସବୁଠୁ ବଡ଼ ପ୍ରଶ୍ନ ପାଲଟିଛି।

### ବାଜପେୟୀଙ୍କ ୧୦୧ତମ ଜନ୍ମବାର୍ଷିକୀ

# ଶ୍ରଦ୍ଧାଞ୍ଜଳି ଦେଲେ ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀ




ନୂଆଦିଲ୍ଲୀ,୨୫ା୧୨: ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ତମ ଜନ୍ମବାର୍ଷିକୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ସଦୈବ ଅଟଳ' ସ୍ମାରକୀରେ ତାଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ପୂର୍ବତନ ପ୍ରଧାନମନ୍ତ୍ରୀ ବାଜପେୟୀଙ୍କୁ ଜଣେ ରାଜନେତା ଭାବରେ ବର୍ଣ୍ଣନା କରିଥିଲେ, ଯାହାଙ୍କ ଆଚରଣ, ମର୍ଯ୍ୟାଦା ଏବଂ ଜାତୀୟ ସ୍ୱାର୍ଥ ପ୍ରତି ଅଟଳ ପ୍ରତିବଦ୍ଧତା ଭାରତୀୟ ରାଜନୀତି ପାଇଁ ଏକ ଉଦାହରଣ ସୃଷ୍ଟି କରିଥିଲା। ସୋସିଆଲ୍ ମିଡିଆ ପ୍ଲାଟଫର୍ମ ଏକ୍ସ ରେ ପ୍ରଧାନମନ୍ତ୍ରୀ ମୋଦୀ ଲେଖିଛନ୍ତି ଯେ, ଅଟଳ ଜୀଙ୍କ ଜୀବନ ଦେଶକୁ ପ୍ରେରଣା ଦେଇ ଚାଲିଛି। ଆହୁରି ମଧ୍ୟ କହିଛନ୍ତି ଯେ ନେତୃତ୍ୱ ପଦବୀ ଦ୍ୱାରା ନୁହେଁ ବରଂ ଆଚରଣ ଦ୍ୱାରା ନିର୍ଣ୍ଣୟ କରାଯାଏ। ସଂସ୍କୃତ ପଂକ୍ତି ସେୟାର କରି ପ୍ରଧାନମନ୍ତ୍ରୀ ମୋଦୀ ଲେଖିଛନ୍ତି ଯେ, ମହାନ ନେତାଙ୍କ କାର୍ଯ୍ୟ ସମାଜକୁ ମାର୍ଗଦର୍ଶନ କରେ, ଏହା ବାଜପେୟୀଙ୍କ ସାର୍ବଜନୀନ ଜୀବନରେ ପ୍ରତିଫଳିତ ହୋଇଥିଲା। ସମ୍ମାନନୀୟ ଅଟଳ ଜୀଙ୍କ ଜନ୍ମବାର୍ଷିକୀ ଆମ ସମସ୍ତଙ୍କ ପାଇଁ ତାଙ୍କ ଜୀବନରୁ ପ୍ରେରଣା ପାଇବାର ଏକ ବିଶେଷ ସୁଯୋଗ। ତାଙ୍କର ଆଚରଣ, ମର୍ଯ୍ୟାଦା, ବୈଚାରିକ ଦୃଢ଼ତା ଏବଂ ରାଷ୍ଟ୍ର ସ୍ୱାର୍ଥକୁ ପ୍ରଥମ ସ୍ଥାନ ଦେବାର ଦୃଢ଼ ସଂକଳ୍ପ ଭାରତୀୟ ରାଜନୀତି ପାଇଁ ଏକ ମଡେଲ। ତାଙ୍କ ଜୀବନ ମାଧ୍ୟମରେ, ସେ ପ୍ରଦର୍ଶନ କରିଥିଲେ ଯେ, ଉତ୍କର୍ଷତା ପଦ ଦ୍ୱାରା ନୁହେଁ ବରଂ ଆଚରଣ ଦ୍ୱାରା ପ୍ରତିଷ୍ଠିତ ହୁଏ ଏବଂ ଏହା ହିଁ ସମାଜକୁ ମାର୍ଗଦର୍ଶନ କରେ।

### ଅଲିଗଡ଼ ମୁସଲିମ ୟୁନିଭର୍ସିଟିରେ ଆତଙ୍କ

# ଶିକ୍ଷକଙ୍କୁ ଗୁଳିକରି ହତ୍ୟା

ନୂଆଦିଲ୍ଲୀ,୨୫ା୧୨: ଉତ୍ତର ପ୍ରଦେଶ ଅଲିଗଡ଼ ମୁସଲିମ ୟୁନିଭର୍ସିଟି ଶିକ୍ଷକଙ୍କୁ କ୍ୟାମ୍ପସ ଭିତରେ ଗୁଳି କରି ହତ୍ୟା କରାଯାଇଛି। ବୁଧବାର ଦୁଇ ଅଭିଯୁକ୍ତ ବାଇକ୍ରେ ଆସି କ୍ୟାମ୍ପସ ଭିତରେ ପଶି ତାଙ୍କୁ ଗୁଳି କରି ଫେରାର ହୋଇଯାଇଛନ୍ତି। ଘଟଣାରେ କ୍ୟାମ୍ପସ ପରିସରରେ ଭୟରେ ବାତାବରଣ ଖେଳିଯାଇଛି। ମୃତ ଶିକ୍ଷକ ହେଲେ ରାଓ ଦାନିଶ। ସେ ଏଏମୟୁର ଏବିକେ ୟୁନିୟନ ହାଇସ୍କୁଲର ଶିକ୍ଷକ। ମଙ୍ଗଳବାର ରାତି ୯ଟା ବେଳେ ଲାଇବ୍ରେରୀ କ୍ୟାଣ୍ଟିନ ନିକଟରେ ଏହି ଘଟଣା ଘଟିଛି। ଏହି ଅଞ୍ଚଳ ସିଭିଲ ଲାଇନ୍ସ ପୁଲିସ ଷ୍ଟେସନ ଏରିଆରେ ଘଟିଥିବା ପୁଲିସ ସୂଚନା ଦେଇଛି।



ଦାନିଶ ତାଙ୍କ ବନ୍ଧୁମାନଙ୍କ ସହିତ ବସିଥିବା ବେଳେ ଅଜ୍ଞାତ ଆକ୍ରମଣକାରୀମାନେ ଏକ ସ୍କୁଟରରେ ଆସି ତାଙ୍କୁ ଗୁଳି କରିଥିଲେ। ତାଙ୍କ ମୁଣ୍ଡରେ ଦୁଇଟି ଗୁଳି ବାଜିଥିବା ଅଭିଯୋଗ ହୋଇଛି। ଏହାପରେ ଦାନିଶଙ୍କୁ ସଂଗେ ସଂଗେ ଜେଏନ୍ ମେଡିକାଲ କେଲଜ୍ ନିଆଯାଇଥିଲା। ସେଠାରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ଘଟଣା ସମ୍ପର୍କରେ ସୂଚନା ଦେଇ ଏଏମ୍ୟୁ ପ୍ରଫେସର ମହମ୍ମଦ ୱାସିମ ଅଲ କହିଛନ୍ତି ଯେ, ଲାଇବ୍ରେରି ନିକଟରେ ଗୁଳିକାଣ୍ଡ ସମ୍ପର୍କରେ ସୂଚନା ପାଇବା ପରେ ତୁରନ୍ତ ଆହତ ଶିକ୍ଷକଙ୍କୁ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ଏମଏମୟୁ କୁଳପତି ନାଇମା ଖାତୁନ ମଧ୍ୟ ମେଡିକାଲ ଯାଇ ସ୍ଥିତି ପରଖିଥିଲେ। ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଘଟଣା ନେଇ ଏସପି ମୟଙ୍କ ପାଠକ କହିଛନ୍ତି ଯେ, ମାମଲାରେ ଏକାଧିକ ପୁଲିସ ଟିମ୍ ଗଠନ କରି ତଦନ୍ତ କରାଯାଉଛି। ସିସିଟିଭି ଫୁଟେଜ୍ ସ୍କାନିଂ ଚାଲିଛି ଏବଂ ବ୍ୟକ୍ତିଗତ ଶତ୍ରୁତା ସମେତ ସମସ୍ତ ସମ୍ଭାବ୍ୟ ଦିଗକୁ ନେଇ ତଦନ୍ତ କରାଯାଉଛି। ପରିବାର ଠାରୁ ମଧ୍ୟ ତଥ୍ୟ ନେଇଛି ପୁଲିସ। ଦୋଷୀକୁ ଯଥାଶୀଘ୍ର ଧରି ଦଣ୍ଡ ଦେବାକୁ ସେ ପ୍ରତିଶ୍ରୁତି ଦେଇଛନ୍ତି।

### ମାନବାଧିକାର ଉଲ୍ଲଂଘନ ମାମଲା

# ପାକିସ୍ତାନକୁ ଜାତିସଂଘର ଚେତାବନୀ

**ଲାହୋର, ୨୫ା୧୨:** ଅନ୍ତରାଷ୍ଟ୍ରୀୟ ମଞ୍ଚରେ ପାକିସ୍ତାନକୁ ଅପମାନ କରି ଜାତିସଙ୍ଘ ଦେଲା ଚେତାବନୀ। ଆଗକୁ ପରିସ୍ଥିତି ଭୟଙ୍କର ହେବ ବୋଲି ମଧ ଚେତାବନୀ ଦେଇଛି। ପାକିସ୍ତାନରେ ଏବେ ରାଜନୈତିକ ଅସ୍ଥିରତା ଦେଖାଦେଇଛି। ଗୋଟିଏ ପଟେ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କୁ ବନ୍ଦୀ କରି ରଖିଛନ୍ତି ଶେହବାଜ ସରିଫ ସରକାର। ଅନ୍ୟ ଦିଗରେ ସେନାମୁଖ୍ୟ ଅସିମ୍ ମୁନୀରଙ୍କୁ ଅଧିକରୁ ଅଧିକ କ୍ଷମତା ମିଳିଲାଣି। ସେଠାରେ ମାନବାଧିକାର ଉଲ୍ଲଂଘନ ହେଉଛି। ସବୁଠାରୁ ବଡ କଥା ହେଲା ଯେ, ଇମ୍ରାନଙ୍କ ପତ୍ନୀଙ୍କୁ ପୁଲିସ ପ୍ରଶାସନ ଅନେକ ମାମଲାରେ ଗିରଫ କରି ରଖିଛି। ସାଧାରଣ କାରଣରୁ ତାଙ୍କୁ ବନ୍ଦୀ ରଖାଯିବା ନେଇ ରାଗିଛି ଜାତିସଙ୍ଘ। ଏହା ମାନବାଧିକାର ଏବଂ ମାନବ ସମ୍ମାନର ଉଲ୍ଲଙ୍ଘନ ବୋଲି ଜାତିସଙ୍ଘର ବିଶେଷଜ୍ଞ କହିଛନ୍ତି। ୟୁଏନ ଅଧିକାରୀ ଆଲିସ୍ ଜିଲ୍ ଏଡୱର୍ଡ କହିଛନ୍ତି ଯେ, ଇମ୍ରାନଙ୍କ ପତ୍ନୀ ବୁସ୍ରା ବିବିଙ୍କୁ ବେଆଇନ ଭାବେ ଅଟକ ରଖାଯାଇଛି। ଯାହା ତାଙ୍କର ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଉପରେ ଗୁରୁତର ପ୍ରଭବା ପକାଇବ। ତାଙ୍କୁ ଯନ୍ତ୍ରଣା ଦିଆଯାଉଛି। ଏନେଇ ପାକିସ୍ତାନୀ ଅଧିକାରୀ ତୁରନ୍ତ ପଦକ୍ଷେପ ନେବା ଦରକାର ବୋଲି ସେ କହିଛନ୍ତି।

# ଥାଇ-କାମ୍ବୋଡ଼ିଆ ସୀମାରେ ଭଙ୍ଗାଗଲା ବିଷ୍ଣୁଙ୍କ ପ୍ରତିମୂର୍ତ୍ତି

### ଭାରତର ତୀବ୍ର ପ୍ରତିକ୍ରିୟା

ବ୍ୟାଙ୍କକ୍,୨୫ା୧୨ : ଥାଇଲାଣ୍ଡ ଓ କାମ୍ବୋଡିଆ ସୀମାରେ ଥିବା ଭଗବାନ ବିଷ୍ଣୁଙ୍କ ଏକ ପ୍ରତିମୂର୍ତ୍ତି ଭଙ୍ଗାକୁ ନେଇ ଅନ୍ତର୍ଜାତୀୟ ସ୍ତରରେ ରାଜନୀତି ତେଜିଛି। ଏହି ଘଟଣାକୁ ଭାରତ ସରକାର ନିନ୍ଦା କରିବା ପରେ ଥାଇଲାଣ୍ଡ ପକ୍ଷରୁ ସଫେଇ ଦିଆଯାଇଛି। ଥାଇଲାଣ୍ଡ ପକ୍ଷରୁ କୁହାଯାଇଛି ଯେ, ମୂର୍ତ୍ତି ଭଙ୍ଗା ପଛରେ କୌଣସି ଧାର୍ମିକ କାରଣ ନଥିଲା ବରଂ ସୁରକ୍ଷା ଓ ପ୍ରଶାସନିକ କାରଣ ଥିଲା।




ଥାଇ-କମ୍ବୋଡିଆନ୍ ବର୍ଡର ପ୍ରେସ୍ ସେଣ୍ଟର କହିଛି ଯେ, ହିନ୍ଦୁ ଦେବତାଙ୍କ ପ୍ରତିମୂର୍ତ୍ତି ନଷ୍ଟ ଧର୍ମ କିମ୍ବା ବିଶ୍ୱାସ ସହିତ ଜଡିତ ନୁହେଁ। ଥାଇଲ୍ୟାଣ୍ଡ କହିଛି ଯେ, ଏହା ହିନ୍ଦୁ ଧର୍ମ ସମେତ ସମସ୍ତ ଧର୍ମକୁ ସମାନ ଭାବରେ ସମ୍ମାନ କରେ। ଥାଇ ଅଧିକାରୀମାନେ କହିଛନ୍ତି, ପ୍ରତିମୂର୍ତ୍ତିଟି ପରେ ସ୍ଥାପିତ ହୋଇଥିଲା ଏବଂ ଏହାକୁ ଆନୁଷ୍ଠାନିକ ଭାବରେ ଏକ ଧାର୍ମିକ ସ୍ଥଳ ଭାବରେ ସ୍ୱୀକୃତି ଦିଆଯାଇନାହିଁ। ଯଦି ଏହାକୁ ହଟାଯାଇ ନଥାନ୍ତା, ତେବେ ଏହା ସମ୍ବେଦନଶୀଳ ସୀମାରେ ଉତ୍ତେଜନା ବୃଦ୍ଧି କରିପାରିଥାନ୍ତା। ଥାଇ ପକ୍ଷ ଅନୁଯାୟୀ, ଭଗବାନ ବିଷ୍ଣୁଙ୍କ ପ୍ରତିମୂର୍ତ୍ତି ବିବାଦୀୟ ସୀମା ନିକଟରେ ଚୋଙ୍ଗ୍ ଆନ୍ ମା ଅଞ୍ଚଳରେ ଅବସ୍ଥିତ। ଏହି ମୂର୍ତ୍ତିକୁ ନେଇ କାମ୍ବୋଡିଆ ଥାଇଲାଣ୍ଡର ଅଞ୍ଚଳକୁ ନିଜର କହିବାର ଆଶଙ୍କା ଥିବାରୁ ଏପରି ପଦକ୍ଷେପ ନିଆଯାଇଥିଲା। ଏହା ପୂର୍ବରୁ ଭାରତ କହିଥିଲା ଯେ ଏପରି ଅପମାନଜନକ କାର୍ଯ୍ୟ ସାରା ବିଶ୍ୱରେ ଭକ୍ତଙ୍କ ଭାବନାକୁ ଆଘାତ କରୁଛି। ଥାଇଲ୍ୟାଣ୍ଡ ଏବଂ କାମ୍ବୋଡିଆକୁ ଆଲୋଚନା ଏବଂ କୂଟନୀତି ମାଧ୍ୟମରେ ସେମାନଙ୍କର ସୀମା ବିବାଦର ସମାଧାନ କରିବାକୁ ମଧ୍ୟ ଭାରତ ଅନୁରୋଧ କରିଥିଲା।

# ନିର୍ବାସନ ପରେ ଫେରିଲେ ତାରିକ ରହମାନ

ଢାକା,୨୫ା୧୨: ୧୭ ବର୍ଷ ନିର୍ବାସନ ପରେ ଫେରିଲେ ପୂର୍ବତନ ବାଂଲାଦେଶ ପ୍ରଧାନମନ୍ତ୍ରୀ ଖଲିଦା ଜିଆଙ୍କ ପୁଅ ତଥା ବିଏନପି କାର୍ଯ୍ୟକାରୀ ଅଧ୍ୟକ୍ଷ ତାରିକ ରହମାନ। ତାରିକଙ୍କ ପ୍ରତ୍ୟାବର୍ତ୍ତନ ପୂର୍ବରୁ ହଜରତ ଶାହଜଲାଲ ଅନ୍ତର୍ଜାତୀୟ ବିମାନବନ୍ଦରରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ବିମାନବନ୍ଦରର ଭିଭିଆଇପି ଟର୍ମିନାଲର ମୁଖ୍ୟ ଫାଟକରେ ସୁରକ୍ଷାର ଅନେକ ସ୍ତର କରାଯାଇଛି।



ସେନା, ବିଜିବି, ବାୟୁସେନା, ପୁଲିସ କର୍ମଚାରୀମାନେ ନିୟୋଜିତ ଅଛନ୍ତି। ବିମାନ ବାଂଲାଦେଶ ଏୟାରଲାଇନ୍ସ ଅନୁଯାୟୀ, ବିମାନଟି ସକାଳ ପ୍ରାୟ ୧୧:୪୫ ରେ ସିଲେଟ ଦେଇ ଢାକାର ହଜରତ ଶାହଜଲାଲ ଅନ୍ତର୍ଜାତୀୟ ବିମାନବନ୍ଦରରେ ଅବତରଣ କରିଛି।

ବିଏନପି କାର୍ଯ୍ୟକାରୀ ଅଧ୍ୟକ୍ଷ ତାରିକ ରହମାନଙ୍କ ବିମାନ ବାଂଲାଦେଶର ସିଲେଟ ବିମାନବନ୍ଦରରେ ଅବତରଣ କରିଛି। ସେଠାରୁ, ସେ ଦଳୀୟ କର୍ମୀଙ୍କ ସହିତ ଢାକା ପାଇଁ ପ୍ରସ୍ଥାନ କରିଛନ୍ତି। ଏହି ସମୟରେ, ବହୁ ସଂଖ୍ୟକ ବିଏନପି କର୍ମୀ ଏବଂ ସମର୍ଥକ ତାରିକଙ୍କୁ ସ୍ୱାଗତ କରିବା ପାଇଁ ରାସ୍ତାକୁ ଓହ୍ଲାଇଛନ୍ତି। ଫେବୃଆରୀ ୨୦୨୬ ନିର୍ବାଚନ ପୂର୍ବରୁ ଦଳ ତାଙ୍କ ପ୍ରତ୍ୟାବର୍ତ୍ତନକୁ ଏକ ପ୍ରମୁଖ ରାଜନୈତିକ ଲାଭ ଭାବରେ ଦେଖେ। ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ ତାରିକ ତାଙ୍କ ହସ୍ପିଟାଲରେ ଭର୍ତ୍ତି ମାଆ ଏବଂ ପୂର୍ବତନ ବାଂଲାଦେଶ ପ୍ରଧାନମନ୍ତ୍ରୀ ଖାଲେଦା ଜିଆଙ୍କୁ ମଧ ଭେଟିଛନ୍ତି।

### ଅରୁଣାଚଳ ପ୍ରଦେଶକୁ ନେଇ ପେଣ୍ଟାଗନ ରିପୋର୍ଟକୁ ଚୀନର ବିରୋଧ

# ଭାରତ-ଚୀନ ସମ୍ପର୍କ ବିଗାଡୁଛି ଆମେରିକା

ନୂଆଦିଲ୍ଲୀ,୨୫ା୧୨: ଅରୁଣାଚଳ ପ୍ରଦେଶ ନେଇ ପେଣ୍ଟାଗନର ରିପୋର୍ଟ ଉପରେ ଅସନ୍ତୋଷ ପ୍ରକାଶ କଲା ଚୀନ। ଭାରତର ଅରୁଣାଚଳ ପ୍ରଦେଶକୁ ଚୀନ ନିଜର କୋର ଇଣ୍ଟରେଷ୍ଟ ଭାବୁଥିବା ଆମେରିକାର ପେଣ୍ଟାଗନ ରିପୋର୍ଟ ଦେଇଥିଲା। ଏହି ରିପୋର୍ଟ ପ୍ରକାଶ ପାଇବା ପରେ ଗୁରୁବାର ବେଜିଂ ପକ୍ଷରୁ ପ୍ରତିକ୍ରିୟା ଆସିଛି। ଚୀନର ପ୍ରତିରକ୍ଷା ଆଭିମୁଖ୍ୟକୁ ଭୁଲ ଭାବରେ ଦର୍ଶାଇ ଆମେରିକା ଭାରତ ସହ ଆମର ସୁଧୁରୁଥିବା ସମ୍ପର୍କରେ ବାଧା ସୃଷ୍ଟି କରିବାକୁ ଚାହୁଁଛି ବୋଲି ବେଜିଂ ଅଭିଯୋଗ କରିଛି। ସୀମା ଟେନସନ କମ୍ କରିବାକୁ ଅସ୍ତ୍ର କରି ଚୀନ ଆମେରିକା-ଭାରତ ସମ୍ପର୍କ ଖରାପ କରିବାକୁ ଚାହୁଁଛି ବୋଲି ପେଣ୍ଟାଗନ ଯେଉଁ ଦାବି କରିଛି, ଚୀନ ଏହାକୁ ବି ଖଣ୍ଡନ କରିଛି।

ମିଡିଆରେ ପ୍ରତିକ୍ରିୟା ଦେଇ ଚୀନ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପ୍ରବକ୍ତା ଲିନ ଜିଆନ କହିଛନ୍ତି ଯେ, ଚୀନ ଭାରତ ସହିତ ତା'ର ସମ୍ପର୍କକୁ ଏକ ରଣନୈତିକ ଏବଂ ଦୀର୍ଘକାଳୀନ ଦୃଷ୍ଟିକୋଣରୁ ଦେଖୁଛି। ସୀମା ବିବାଦ ସମ୍ପୂର୍ଣ୍ଣ ଦୁଇ ଦେଶର ବ୍ୟକ୍ତିଗତ ମାମଲା।



ଏଥିରେ ଅନ୍ୟ କେଉଁ ଦେଶର ମତାମତାକୁ ଚୀନ ଦୃଢ଼ ବିରୋଧ କରେ ବୋଲି ଲିନ ଜିଆନ କହିଛନ୍ତି। ଆମେରିକାର ପେଣ୍ଟାଗନ ଏକ ରିପୋର୍ଟରେ କହିଥିଲା ଯେ, ଚୀନ୍ ଭାରତ ସହିତ ଦ୍ୱିପାକ୍ଷିକ ସମ୍ପର୍କକୁ ସ୍ଥିର କରିବା ପାଇଁ ଉଦ୍ୟମ କରୁଛି। ସମ୍ଭବତଃ ଭାରତ ସହିତ ହ୍ରାସ ପାଇଥିବା ଉତ୍ତେଜନାର ଫାଇଦା ଉଠାଇବାକୁ ଯାଇ ଚୀନ ଭାରତ-ଆମେରିକାର ଗଭୀର ସମ୍ପର୍କକୁ ରୋକିବାକୁ ଚାହୁଁଛି।

ଆମେରିକା କଂଗ୍ରେସକୁ ପ୍ରଦାନ କରାଯାଇଥିବା ସାମ୍ପ୍ରତିକ ପେଣ୍ଟାଗନ ରିପୋର୍ଟରେ ଅରୁଣାଚଳ ପ୍ରଦେଶକୁ ଚୀନର ମୁଖ୍ୟ ସ୍ୱାର୍ଥ ମଧ୍ୟରେ ଦର୍ଶାଯାଉଛି। ତାଇୱାନ ଏବଂ ଦକ୍ଷିଣ ଚୀନ ସାଗରରେ ବେଜିଂର କ୍ଷେତ୍ରୀୟ ଏବଂ ସାମୁଦ୍ରିକ ଦାବି ହି ଚୀନର କୋର ଇଣ୍ଟରେଷ୍ଟରେ ରହିଛି। ଉତ୍ତର-ପୂର୍ବ ଭାରତୀୟ ରାଜ୍ୟ ଭବିଷ୍ୟତରେ ଭାରତ-ଚୀନ୍ ସମ୍ପର୍କରେ ଏକ ପ୍ରମୁଖ ବିବାଦୀୟ ସ୍ଥାନ ଭାବରେ ଉଭା ହୋଇପାରେ ବୋଲି ରିପୋର୍ଟରେ ଚେତାବନୀ ଦିଆଯାଇଛି।

ତେବେ ପେଣ୍ଟାଗନର ଏହି ରିପୋର୍ଟକୁ ହାଲୁକା ଭାବରେ ନେବା ବି ଉଚିତ ନୁହେ। କାରଣ ୧୯୬୨ ମସିହାରେ ଚୀନ ଯେଉଁଭଳି ଭାବରେ ଭାରତକୁ ଧୋକା ଦେଇ ଆକ୍ରମଣ କରିଥିଲା, ଠିକ୍ ସେମିତି ଚୀନ ଷଡ଼ଯନ୍ତ୍ର କରୁଥାଇପାରେ। ତେଣୁ ଭାରତକୁ ବି ଭିତରେ ଭିତରେ ସଜାଗ ରହିବାର ଆବଶ୍ୟକତା ରହିଛି।

### ଖୋର୍ଦ୍ଧା ମହୋତ୍ସବରେ ୫୧୬ କୋଟିର ପ୍ରକଳ୍ପ ଭେଟି

# ଖୋର୍ଦ୍ଧା ହେବ ଅର୍ଥନୈତିକ ଆକ୍ଟିଭିଟିର ପ୍ରାଣକେନ୍ଦ୍ର




**ଭୁବନେଶ୍ୱର,୨୫।୧୨(ସଂଚାର ବ୍ୟୁରୋ):** ଖୋର୍ଦ୍ଧା ମହୋତ୍ସବ ୨୦୨୫ ଆଜି ଏକ ଉତ୍ସବ କିମ୍ବା ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ମଞ୍ଚ ହୋଇ ରହିନି, ଏହା ଆଜି ପାଲଟିଛି ବିକାଶର ମଞ୍ଚ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଆଜି ଖୋର୍ଦ୍ଧା ମହୋତ୍ସବରେ ଯୋଗଦେବା ଅବସରରେ ମୁଖ୍ୟମନ୍ତ୍ରୀ ଜିଲ୍ଲାର ବିକାଶ ପାଇଁ ପ୍ରାୟ ୫୧୬ କୋଟି ଟଙ୍କା ବ୍ୟୟରେ ୩୯ଟି ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଏଥିମଧ୍ୟରୁ ୩୨ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହେବା ସହ ୭ଟି ପ୍ରକଳ୍ପର ଶୁଭ ଉଦଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ। ଏହି ପ୍ରକଳ୍ପ ମଧ୍ୟରେ ରାସ୍ତା , ସ୍ୱାସ୍ଥ୍ୟ, ପରିବହନର ପ୍ରକଳ୍ପମାନ ସ୍ଥାନିତ ହୋଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଇକୋନୋମିକ୍ ରିଜନ୍ ସୃଷ୍ଟି ସମ୍ପର୍କରେ ବୈଠକରେ ଖୋର୍ଦ୍ଧା, ପୁରୀ, କଟକ ଓ ଜଗତସିଂହପୁର ଜିଲ୍ଲାରେ ଏହି ଅର୍ଥନୈତିକ ଜୋନ୍ କାର୍ଯ୍ୟକ୍ଷମ ହେବ ବୋଲି ସରକାର ନିଷ୍ପତ୍ତି ନେଇଛନ୍ତି। ଏଗୁଡିକୁ ସବୁ ରାଜ୍ୟର 'ଗ୍ରୋଥ୍ ହବ୍' ଭାବେ ବିକଶିତ ହେବ। ଖୋର୍ଦ୍ଧା-ବଲାଙ୍ଗୀର ରେଳ ଲାଇନ୍ ଦୀର୍ଘ ୪୦-୫୦ ବର୍ଷ ଧରି କଚ୍ଛପ ଗତିରେ ଚାଲିଥିଲା। କିନ୍ତୁ ଏବେ ଏହା କିଛିଦିନ ଭିତରେ କାର୍ଯ୍ୟକାରୀ ହେବା ସ୍ଥିତିରେ ପହଞ୍ଚିଛି। ୩୦୧ କିମିରୁ ଆଉ ୭୫ କିମିର ଦଶପଲ୍ଲା ଓ ପୁରୁଣା କଟକ ମଧ୍ୟରେ ନିର୍ମାଣ ହେଉଛି। ଆସନ୍ତା ବର୍ଷ ଶେଷ ସୁଦ୍ଧା ସମ୍ଭବତଃ ଆପଣମାନେ ସିଧାସଳଖ ଏହି ଲାଇନରେ ନୂଆ ଟ୍ରେନରେ ବଲାଙ୍ଗିର ପର୍ଯ୍ୟନ୍ତ ଯାତ୍ରା କରିପାରିବେ। ଆଗାମୀ ଦିନରେ ଏହି ରେଳ ପଥ ଉପକୂଳ ଓଡିଶା ଏବଂ ପଶ୍ଚିମ ଓଡିଶାର ଜୀବନ ରେଖା ହେବାକୁ ଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ବିଧାୟକ ପ୍ରଶାନ୍ତ ଜଗଦେବ, ପୂର୍ବତନ ବିଧାୟକ ଦିଲୀପ ହରିଚନ୍ଦନ, ମହୋତ୍ସବ ସମ୍ପାଦକ ନରେନ୍ଦ୍ର ପୃଷ୍ଟି, ଜିଲ୍ଲାପାଳ ଅମୃତ ଋତୁରାଜ, ସିଡିଓ ଜ୍ୟୋତି ଶଙ୍କର ସାହୁ, ବିଏମସି କମିଶନର ଚଞ୍ଚଳ ରାଣା ମଞ୍ଚାସୀନ ଥିଲେ।

## ସ୍କୁଲ ପିଲାଙ୍କୁ ଦିଆଯିବ ଜଳଖିଆ

**ନୂଆଦିଲ୍ଲୀ,୨୫।୧୨:** ସ୍କୁଲ ପିଲାମାନଙ୍କୁ ପର୍ଯ୍ୟାପ୍ତ ପୁଷ୍ଟିକର ଖାଦ୍ୟ ଯୋଗାଇବା ପାଇଁ ମଧ୍ୟାହ୍ନଭୋଜନ ସହିତ ସେମାନଙ୍କୁ ପୁଷ୍ଟିକର ଜଳଖିଆ ଯୋଗାଇବା ପାଇଁ ଯୋଜନା ଚାଲିଛି। ଗୁଜରାଟ ଏବଂ କର୍ଣ୍ଣାଟକରେ ଏହି ଯୋଜନା ଆରମ୍ଭ ହେବା ପରେ କେନ୍ଦ୍ର ସରକାର ଏବେ ଅନ୍ୟ ରାଜ୍ୟଗୁଡ଼ିକୁ ମଧ ଏହା ଅନୁକରଣ କରିବା ପାଇଁ ସୁପାରିଶ କରୁଛନ୍ତି। ଏଥିପାଇଁ, ଗୁଜରାଟ ଏବଂ କର୍ଣ୍ଣାଟକର ଯୋଜନାଗୁଡ଼ିକୁ ସମସ୍ତ ରାଜ୍ୟ ସହିତ ସେୟାର କରାଯାଇଛି। ପ୍ରଧାନମନ୍ତ୍ରୀ-ପୋଷଣ ଯୋଜନା ଉପରେ ଆଗାମୀ ବୈଠକରେ ଏ ସମ୍ପର୍କରେ ଯୋଜନା ବାଣ୍ଟିବାକୁ ମଧ କୁହାଯାଇଛି। ନୂଆ ଜାତୀୟ ଶିକ୍ଷା ନୀତିରେ କୁହାଯାଇଛି ଯେ, ପିଲାମାନଙ୍କୁ ସକାଳେ ପୁଷ୍ଟିକର ଜଳଖିଆ ଦେବା ପରେ କିଛି ଘଣ୍ଟା ପାଇଁ କଠିନ ବିଷୟଗୁଡ଼ିକୁ ପ୍ରଭାବଶାଳୀ ଭାବରେ ଶିଖିବାକୁ କୁହାଯିବ। ପରେ ସ୍କୁଲ ପିଲାମାନଙ୍କୁ ମଧ୍ୟାହ୍ନଭୋଜନ ସହିତ ଜଳଖିଆ ଯୋଗାଇବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ଏହି କ୍ରମରେ ପିଲାମାନଙ୍କୁ ମଧ୍ୟାହ୍ନଭୋଜନ ସହିତ ଜଳଖିଆ ଯୋଗାଇବାକୁ ସୁପାରିଶ କରାଯାଇଥିଲା। ପିଲା ଖାଲି ପେଟରେ ସ୍କୁଲକୁ ଆସିଥାନ୍ତି ଜଣାପଡ଼ିବା ପରେ ଏନଇପି ଏହି ସୁପାରିଶ କରିଛି। ଏହି ସୁପାରିଶ ପରେ, ଗୁଜରାଟ ଏବଂ କର୍ଣ୍ଣାଟକ ଅନେକ ସାମାଜିକ କ୍ଷେତ୍ର ପ୍ରତିଷ୍ଠାନ ସହିତ ମିଳିତ ଭାବରେ ଏକ ପବ୍ଲିକ୍ ପ୍ରାଇଭେଟ୍ ପାର୍ଟନରସିପ୍ ମଡେଲ୍ ଅଧୀନରେ ଏହି ଯୋଜନା କାର୍ଯ୍ୟକାରୀ କରିଛନ୍ତି।

## ବାଂଲାଦେଶରେ ଆଉ ଜଣେ ହିନ୍ଦୁ ଯୁବକଙ୍କୁ ପିଟିପିଟି ହତ୍ୟା

**ଢାକା,୨୫।୧୨:** ବାଂଲାଦେଶରେ ହିନ୍ଦୁମାନଙ୍କ ଉପରେ ହିଂସାର ଆଉ ଏକ ମାମଲା ସାମ୍ନାକୁ ଆସିଛି। ଦୀପୁଚନ୍ଦ୍ର ଦାସଙ୍କ ପରେ ଏବେ ଅମ୍ରିତ ମଣ୍ଡଳ ଓରଫ ସମ୍ରାଟଙ୍କୁ ପିଟି ପିଟି ହତ୍ୟା କରାଯାଇଛି। ଅମ୍ରିତଙ୍କ ବୟସ ମାତ୍ର ୨୯ ବର୍ଷ ଥିଲା। ଏହି ଘଟଣା ରାଜବାରୀ ଜିଲ୍ଲାରେ ଘଟିଛି। ପୁଲିସ କହିଛି ଯେ, ସ୍ଥାନୀୟ ବାସିନ୍ଦା ଅମ୍ରିତ ମଣ୍ଡଳଙ୍କ ଉପରେ ଦାଦାବଟି ଆଦାୟ ଅଭିଯୋଗ କରିଥିଲେ, ଏହାପରେ ଭିଡ଼ ହିଂସାରେ ପରିଣତ ହୋଇଥିଲା। ପୁଲିସ ରେକର୍ଡରେ ଅମୃତ ମଣ୍ଡଳଙ୍କୁ ସମ୍ରାଟ ବାହିନୀ ନାମକ ଏକ ସ୍ଥାନୀୟ ଗ୍ୟାଙ୍ଗର ନେତା ଭାବରେ ତାଲିକାଭୁକ୍ତ କରାଯାଇଛି । ମଙ୍ଗଳବାର ଚିଟାଗଙ୍ଗ ନିକଟସ୍ଥ ରାଉଜାନ ଅଞ୍ଚଳରେ ଏକ ହିନ୍ଦୁ ପରିବାରର ଘରକୁ ନିଆଁ ଲଗାଇ ଦିଆଯାଇଥିଲା। ଗତ ଏକ ସପ୍ତାହ ମଧ୍ୟରେ ଏହି ଅଞ୍ଚଳରେ ଅନେକ ହିନ୍ଦୁ ଘର ପୋଡ଼ି ଦିଆଯାଇଛି। ପାଞ୍ଚ ଦିନ ମଧ୍ୟରେ ରାଉଜାନ ଅଞ୍ଚଳରେ ସାତଟି ହିନ୍ଦୁ ପରିବାରର ଘର ପୋଡ଼ି ଦିଆଯାଇଛି। ପୁଲିସ ଏପର୍ଯ୍ୟନ୍ତ ପାଞ୍ଚ ଜଣ ସନ୍ଦିଗ୍ଧଙ୍କୁ ଗିରଫ କରିଛି।

## ବଡ଼ଦିନରେ ଜଳିଗଲେ ୧୦ ଯାତ୍ରୀ

● ଡିଭାଇଡର ଡେଇଁ ବସ୍‌କୁ ପିଟିଲା କଣ୍ଟେନର

**ବେଙ୍ଗାଲୁରୁ, ୨୫।୧୨:** ବଡ଼ଦିନରେ ଜଳିଗଲା ଯାତ୍ରୀବାହୀ ବସ୍। ଜଳିଗଲେ ୧୦ ଯାତ୍ରୀ। ଏପରି ହୃଦୟ ବିଦାରକ ଘଟଣା ଦେଖିବାକୁ ମିଳିଛି କର୍ଣ୍ଣାଟକରେ। ଏଠାରେ ଏକ ଲରି ସହ ବସ୍ ଧକ୍କା ହୋଇ ଜଳିଯାଇଛି। ଗୁରୁବାର ରାତିରେ ଏକ ବସ ବେଙ୍ଗାଲୁରୁଠାରୁ ଗୋକର୍ଣ୍ଣ ଅଭିମୁଖେ ଯାତ୍ରା କରୁଥିଲା। ଯିବା ବେଳେ ଚିତ୍ରଦୁର୍ଗ ରାସ୍ତାରେ ଏକ କଣ୍ଟେନର ଲରିକୁ ଏହା ଧକ୍କା ଦେଇଥିଲା। ଧକ୍କା ପରେ ତୁରନ୍ତ ବସରେ ନିଆଁ ଲାଗିଯାଇଥିଲା। ଚିତ୍ରଦୁର୍ଗ ପୁଲିସ କହିଛି ଯେ, କଣ୍ଟେନର ଡ୍ରାଇଭରଙ୍କ ଆଖି ଲାଗି ଯାଇଥିଲା। ଫଳରେ ଏହା ଡିଭାଇଡର ଅତିକ୍ରମ କରି ସିଧା ବସକୁ ଧକ୍କା ଦେଇଥିଲା। ଲରିର ଡ୍ରାଇଭର ଏଥିରେ ପ୍ରାଣ ହରାଇଛନ୍ତି। ବସରେ ୩୨ ଜଣ ଯାତ୍ରୀ ଥିଲେ। ସେମାନଙ୍କ ମଧ୍ୟରୁ ୨୧ ଜଣ ଗୁରୁତର ଅଛନ୍ତି। ଅନ୍ୟ ୧୦ ଜଣ ପ୍ରାଣ ହରାଇଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁସାରେ, ବସଟି ବେଙ୍ଗାଲୁରୁରୁ ରାତି ୧୧ଟା ୩୦ରେ ବାହାରିଥିଲା। ରାତି ୨ଟାରେ ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣା ପରେ ସେ ସିଟରୁ ପଡିଯାଇଥିଲେ। ଝରକା ଭାଙ୍ଗି ବାହାରକୁ ଚାଲି ଆସିଥିଲେ। ଅନେକ ଯାତ୍ରୀ ପାଟି କରୁଥିଲେ। ସେମାନଙ୍କୁ ଉଦ୍ଧାର କରିବା ବେଳକୁ ଅନେକ ଯାତ୍ରୀ ପ୍ରାଣ ହରାଇ ସାରିଥିଲେ।



## କ୍ରିସମାସ ଶୁଭକାମନାରେ ପୁଟିନଙ୍କ ମୃତ୍ୟୁ କାମନା

**କ୍ୱିଭ,୨୫।୧୨:** ୟୁକ୍ରେନର ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି କ୍ରିସମସ ଇଭରେ ତାଙ୍କ ପାରମ୍ପରିକ ଭାଷଣରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡ଼ିମିର ପୁଟିନଙ୍କ ଅପ୍ରତ୍ୟକ୍ଷ ମୃତ୍ୟୁ କାମନା କରିଛନ୍ତି। ଏକ୍ସରେ ଏକ ଭିଡିଓ ପୋଷ୍ଟକରି ୟୁକ୍ରେନୀୟ ଲୋକମାନେ ଏକ ଇଚ୍ଛା ଯେ, ସେ ଶେଷ ହୋଇଯାଆନ୍ତୁ ବୋଲି ଜେଲେନସ୍କି କହିଛନ୍ତି। ତେବେ ଏଥିରେ ସେ ପ୍ରତ୍ୟକ୍ଷ ଭାବେ ପୁଟିନଙ୍କ ନାଁ ନେଇନାହାନ୍ତି। ଭିଡିଓରେ ଜେଲେନ୍ସ୍କୀ କହିଛନ୍ତି ଯେ, ରୁଷିଆ ତାଙ୍କ ଉପରେ ଯେତିକି ଆକ୍ରମଣ କରି ଦୁଃଖ ଦେଇ ଆସିଛି। ହେଲେ ଦେଶବାସୀଙ୍କ ମଧ୍ୟରେ ଥିବା ଏକତା ଏବଂ ବିଶ୍ୱାସକୁ ବୋମାରେ ଉଡ଼ାଇ ପାରିନାହିଁ ନା ତାକୁ କବ୍ଜା କରିପାରିଛି। ଏଣୁ ସମସ୍ତଙ୍କର ଗୋଟିଏ ହିଁ ସ୍ୱପ୍ନ ରହିଛି ଯେ, ସେ ଶେଷ ହୋଇ ଯାଆନ୍ତୁ। ୟୁକ୍ରେନ ପାଇଁ ଶାନ୍ତିର ପ୍ରାର୍ଥନା କରି ଜେଲେନସ୍କି କହିଛନ୍ତି, ଆମେ ଯେବେ ଭଗବାନଙ୍କୁ କିଛି ମାଗୁ ତେବେ ନିଶ୍ଚିତ ଭାବେ କିଛି ବଡ଼ ମାଗୁ। ଆମେ ୟୁକ୍ରେନ ପାଇଁ ଶାନ୍ତି ପ୍ରାର୍ଥନା କରୁଛି। ଆମେ ଏହା ପାଇଁ ଲଢୁଛୁ, ପ୍ରାର୍ଥନା କରୁଛୁ ଏବଂ ଆମେ ଏହାର ଯୋଗ୍ୟ। ଏହି ଭାଷଣ ରୁଷିଆର ବ୍ୟାପକ ଆକ୍ରମଣ ମଧ୍ୟରେ ଆସିଛି।




### ● କାଙ୍କିନାଡ଼ା ଝୋଟକଳରେ ଝୁଲିଲା ତାଲା

## ଚାକିରି ହରାଇବେ ୩ ହଜାର ଶ୍ରମିକ

**କୋଲକାତା,୨୫।୧୨(ସଂଚାର ବ୍ୟୁରୋ):** ନୂତନ ବର୍ଷ ପୂର୍ବରୁ କାଙ୍କିନାଡା ନଫର ଚନ୍ଦ୍ର ଜୁଟ୍ ମିଲ୍ ବନ୍ଦ ହୋଇଗଲା। କଞ୍ଚାମାଲ ଅଭାବରୁ ବୁଧବାରଠାରୁ ଜୁଟ୍ ମିଲ୍‌ର ଗେଟ୍ ଅସ୍ଥାୟୀ ଭାବରେ ବନ୍ଦ ହୋଇଯାଇଛି। ଫଳସ୍ୱରୂପ, ପ୍ରାୟ ତିନି ହଜାର ଶ୍ରମିକ ଚାକିରି ହରାଇବାର ଆଶଙ୍କାରେ ଅଛନ୍ତି। ଶ୍ରମିକମାନେ କାରଖାନା ଗେଟ୍ ବାହାରେ ପ୍ରତିବାଦ କରିଥିଲେ। କିଛି ଦିନ ପୂର୍ବରୁ ଜଗଦ୍ଦଲ ଜୁଟ୍ ମିଲ୍ ମଧ ବନ୍ଦ ହୋଇଯାଇଥିଲା। ଶତାଧିକ ଶ୍ରମିକ ଚାକିରି ହରାଇଥିଲେ। ବୁଧବାର ସକାଳେ ଶ୍ରମିକମାନେ ଅନ୍ୟ ଦିନ ପରି କାମ କରିବାକୁ ଯାଇଥିଲେ। ସେହି ସମୟରେ ଶ୍ରମିକମାନେ କାଙ୍କିନାଡା ନଫର ଚନ୍ଦ୍ର ଜୁଟ୍ ମିଲ୍‌ର ଫାଟକରେ କାମ ବନ୍ଦ କରିବାର ନୋଟିସ୍ ଦେଖିଥିଲେ। ଏହା ପରେ, ଶ୍ରମିକମାନେ କାରଖାନା ଫାଟକ ବାହାରେ ପ୍ରତିବାଦ କରିବାକୁ ଲାଗିଲେ।



ଫଳରେ ସାମୟିକ ଉତ୍ତେଜନା ସୃଷ୍ଟି ହୋଇଥିଲା। ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ମିଲ୍‌ରେ ଉତ୍ପାଦନ ପୂର୍ବ ଅପେକ୍ଷା ଅଧିକ ତଥାପି, ମାଲିକ କହୁଛନ୍ତି ଯେ ଏହା ଲାଭଜନକ ନୁହେଁ, ଝୋଟ ଠିକ୍ ଭାବରେ ଆସୁନାହିଁ। ତେଣୁ ମିଲ୍‌କୁ କିଛି ଦିନ ପାଇଁ ବନ୍ଦ କରିବାକୁ ପଡିବ। ଏହି ନିଷ୍ପତ୍ତି ବିରୋଧରେ ପ୍ରତିବାଦ କରି, ଶ୍ରମିକମାନେ ଏଦିନ ଜୁଟ୍ ମିଲ୍ ବାହାରେ ବିରୋଧ କରିବା ଆରମ୍ଭ କରିଥିଲେ।

## ବିସ୍ଫୋରଣରେ ଛାତ୍ର ଗୁରୁତର

**କୋଲକାତା,୨୫।୧୨(ସଂଚାର ବ୍ୟୁରୋ):** ବିସ୍ଫୋରଣରେ ଜଣେ ଶିଶୁ ଗୁରୁତର ଆହତ ହୋଇଛି। ନିର୍ମାଣାଧୀନ ଏକ ଘରେ ହଠାତ୍ ବିସ୍ଫୋରଣ ଶବ୍ଦ ଶୁଣିବାକୁ ମିଳିଥିଲା। ସ୍ଥାନୀୟ ବାସିନ୍ଦାମାନେ ସେଠାରେ ପହଞ୍ଚିଥିଲେ। ଗୁରୁତର ଆହତ ଅବସ୍ଥାରେ ଜଣେ ଶିଶୁକୁ ଉଦ୍ଧାର କରାଯାଇଥିଲା। ବିସ୍ଫୋରଣରେ ଗୁରୁତର ଆହତ ହୋଇଥିବା ଶିଶୁଟିକୁ ଏସ୍‌ଏସ୍‌କେଏମ୍‌ରେ ଭର୍ତ୍ତି କରାଯାଇଛି। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିସାରିଛି। ଏହି ଘଟଣା କିପରି ଘଟିଲା ତାହାର ତଦନ୍ତ କରାଯାଉଛି। ବୁଧବାର ରାତିରେ ଦକ୍ଷିଣ ୨୪ ପ୍ରଗଣାର ବାସନ୍ତୀ ବ୍ଲକର ଆମଝରା ଗ୍ରାମପଞ୍ଚାୟତର ଖରିମାଚନ ଅଞ୍ଚଳରେ ଏହି ଘଟଣା ଘଟିଛି। ଆହତ ଶିଶୁର ନାମ କାଲୋ ଗାୟେନ୍। ସେ ଚତୁର୍ଥ ଶ୍ରେଣୀର ଛାତ୍ର। ତାଙ୍କ ଉଭୟ ଆଖିରେ ଗଭୀର ଆଘାତ ଲାଗିଛି ବୋଲି ଜଣାପଡିଛି।

### ● ସରିଲା ତାଲିମ, ଶନିବାରଠାରୁ ଶୁଣାଣି

## ଅବ୍ୟାହତି ମାଗିଲେ ଶତାଧିକ କ୍ଷୁଦ୍ର ପର୍ଯ୍ୟବେକ୍ଷକ

**କୋଲକାତା,୨୫।୧୨(ସଂଚାର ବ୍ୟୁରୋ):** ଡ୍ରାଫ୍ଟ ଭୋଟର ତାଲିକା ମ୍ୟାପ୍ କରାଯାଇ ନଥିବା ପ୍ରାୟ ୩୨ ଲକ୍ଷ ଭୋଟରଙ୍କ ଶୁଣାଣି ଶନିବାରଠାରୁ ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ବୁଧବାର କୋଲକାତାର ନଜରୁଲ ମଞ୍ଚରେ ଦୁଇଟି ପର୍ଯ୍ୟାୟରେ କ୍ଷୁଦ୍ର ପର୍ଯ୍ୟବେକ୍ଷକ ଭାବରେ ନିଯୁକ୍ତ ୪,୬୦୦ କେନ୍ଦ୍ର ସରକାରଙ୍କ ଅଧିକାରୀଙ୍କୁ ତାଲିମ ଦିଆଯାଇଥିଲା। ଏବଂ ତାଲିମ ସମାପ୍ତ ହେବା ପରେ ଶହେରୁ ଅଧିକ କ୍ଷୁଦ୍ର ପର୍ଯ୍ୟବେକ୍ଷକ ରାଜ୍ୟ ସିଇଓଙ୍କ କାର୍ଯ୍ୟାଳୟକୁ ଆସି ଶୁଣାଣି କାର୍ଯ୍ୟରୁ ମୁକ୍ତ ପାଇଁ ଆବେଦନ ଦାଖଲ କରିଥିଲେ। ତେବେ, ଏହି ସମ୍ପର୍କରେ, କମିଶନ କହିଛନ୍ତି ଯେ କ୍ଷୁଦ୍ର ପର୍ଯ୍ୟବେକ୍ଷକମାନଙ୍କୁ ମହକୁମା ଶାସକଙ୍କ ନିକଟରେ ରିପୋର୍ଟ କରିବାକୁ ପଡିବ। ତା'ପରେ ମୁକ୍ତ ପ୍ରସଙ୍ଗ ଉପରେ ବିଚାର କରାଯିବ। ରାଜ୍ୟ ତୃଣମୂଳ କଂଗ୍ରେସ ସାଧାରଣ ସମ୍ପାଦକ କୁନାଳ ଘୋଷ ମନ୍ତବ୍ୟ ଦେଇଛନ୍ତି, ଏସ୍‌ଆଇଆର୍ ସମ୍ପର୍କରେ ଅନେକ ଭୁଲ ନିଷ୍ପତ୍ତି ନିଆଯାଇଛି। ଯେଉଁ ପଦ୍ଧତି ଅନୁସରଣ କରାଯିବା ଉଚିତ ଥିଲା ତାହା ବଦଳରେ ତରବରିଆ ନିଷ୍ପତ୍ତି ନିଆଯାଇଛି।

## ବଡ଼ଦିନ ପାଇଁ ଚଳଚଞ୍ଚଳ ଦୀଘା

**କୋଲକାତା,୨୫।୧୨(ସଂଚାର ବ୍ୟୁରୋ):** ଗୁରୁବାର ବଡଦିନ ଅବସରରେ ରାଜ୍ୟର ଅନ୍ୟତମ ପର୍ଯ୍ୟଟନ ସ୍ଥଳ ଦୀଘା ବେଳାଭୂମିରେ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳିଛି। ସକାଳ ଠାରୁ ବେଳାଭୂମିରେ ଉତ୍ସବମୁଖର ପରିବେଶ ଦେଖିବାକୁ ମିଳିଥିଲା। କିଛି ପର୍ଯ୍ୟଟକ ସମୁଦ୍ର ସ୍ନାନ ଉପଭୋଗ କରିଥିଲେ, କିଛି ସମୁଦ୍ରର ଲହରୀ ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିଥିଲେ। ଅନେକ ପରିବାର ଏବଂ ବନ୍ଧୁମାନଙ୍କ ସହିତ ବେଳାଭୂମିରେ ବୁଲି ଫଟୋ ଉଠାଇଥିଲେ। ପ୍ରଶାସନ ସୁରକ୍ଷା ପ୍ରତି ମଧ ବିଶେଷ ଧ୍ୟାନ ଦେଇଥିଲା । ବେଳାଭୂମି ଅଞ୍ଚଳରେ ପୁଲିସ ପାଟ୍ରୋଲିଂକୁ କଡ଼ାକଡ଼ି କରାଯାଇଥିଲା ଏବଂ କୌଣସି ଅଘଟଣ ନ ଘଟେ ସେଥିପାଇଁ ସବୁବେଳେ ୱାଚ୍ ଟାୱାରରୁ ନଜର ରଖାଯାଇଥିଲା । ବର୍ତ୍ତମାନ ସମୁଦ୍ର ଅଶାନ୍ତ ନାହିଁ, ତେଣୁ ପର୍ଯ୍ୟଟକମାନେ ଆରାମରେ ସମୟ ବିତାଇଥିଲେ। ସାମଗ୍ରିକ ଭାବରେ, ବଡଦିନର ଆନନ୍ଦ ଏବଂ ଉତ୍ସାହ ଯୋଗୁଁ ଏଦିନ ଦୀଘାର ପରିବେଶ ଉତ୍ସବମୁଖୀ ଏବଂ ଜୀବନ୍ତ ହୋଇଉଠିଥିଲା। ସମୁଦ୍ରରେ ସ୍ନାନ କରୁଥିବା ଲୋକଙ୍କୁ ସୁରକ୍ଷା ଦେବା ପାଇଁ ପୁଲିସ ପ୍ରଶାସନ ସ୍ପିଡ୍ ବୋଟ୍ ସାହାଯ୍ୟରେ ସମୁଦ୍ର ଉପରେ ନଜର ରଖିଥିଲା ।

# ଏଏସ୍‌ଡି ନେଇ ମାଲିକ-ଭଡ଼ାଟିଆ ଟଣାଓଟରା

**ଭୁବନେଶ୍ୱର,୨୫।୧୨:** ଟାଟା ପାୱାରର ବିଦ୍ୟୁତ୍ ବିତରଣକାରୀ ସଂସ୍ଥାମାନେ ହିତାଧିକାରୀଙ୍କୁ ଧରାଇଥିବା ଅତରିକ୍ତ ସୁରକ୍ଷା ଜମା (ଏଏସ୍‌ଡି)କୁ ନେଇ ଏବେ ଭଡ଼ାଟିଆମାନେ ଅକଳରେ ପଡିଛନ୍ତି। ଘର ମାଲିକ ଏହି ଅର୍ଥ ଭଡ଼ାଟିଆଙ୍କ ଉପରେ ଲଦୁଥିବାବେଳେ ଅର୍ଥ ସ୍ଥାୟୀ ଜମା ବାବଦରେ ରହୁଥିବାରୁ ଏହା ଘର ମାଲିକ ଦିଅନ୍ତୁ ବୋଲି ଭଡ଼ାଟିଆମାନେ ମତ ଦେଉଛନ୍ତି। ଏହାକୁ ନେଇ ବିଭିନ୍ନ ସ୍ଥାନରେ ମାଲିକ ଓ ଭଡ଼ାଟିଆଙ୍କ ମଧ୍ୟରେ ଟଣାଓଟରା ଚାଲିଛି।

ଯେଉଁମାନେ ନିଜର ଘର ଭଡ଼ା ଦେଇଛନ୍ତି ସେମାନଙ୍କ ମିଟରଟି ଘର ମାଲିକଙ୍କ ନାଁରେ ଥିବାବେଳେ ମାସକୁ ମାସ ବିଜୁଳି ଦେୟ ଭଡ଼ାଟିଆମାନେ ଦେଉଛନ୍ତି। ବର୍ତ୍ତମାନ ଅତିରିକ୍ତ ଜମା ପ୍ରଦାନ ପାଇଁ ଟାଟା ପାୱାର ନୋଟିସ୍ ଧରାଇବା ପରେ ତାହାକୁ ନେଇ ଭଡ଼ାଟିଆ ଓ ଘର ମାଲିକଙ୍କ ମଧ୍ୟରେ ଟଣା ଓଟରା ଆରମ୍ଭ ହୋଇଛି। ଯେହେତୁ ଏହି ଅର୍ଥ ସ୍ଥାୟୀ ଜମା ଆକାରରେ ରହୁଛି ଓ ଏହାର ସୁଧ ବର୍ଷ ଶେଷରେ ଆସିବ ବୋଲି କମ୍ପାନୀ କହୁଛି, ତେଣୁ ଘର ମାଲିକ ଏହି ଅର୍ଥ ଦେବାକୁ ଭଡ଼ାଟିଆମାନେ ମତ ରଖୁଛନ୍ତି। କାରଣ ଯଦି ଭଡ଼ାଟିଆ ବର୍ଷ ଅଧାରୁ ଘର ଛାଡନ୍ତି କିମ୍ବା ଘରମାଲିକ ସେମାନଙ୍କୁ ବାହାର କରି ଦିଅନ୍ତି ତେବେ ସେମାନଙ୍କ ଏହି ଅର୍ଥ ପାଣିରେ ପଡିବା ଏକ ପ୍ରକାର ନିଶ୍ଚିତ। ଅନ୍ୟ ପକ୍ଷରେ ଆସନ୍ତା ୨୯ ତାରିଖ ସୁଦ୍ଧା ଅର୍ଥ ପ୍ରଦାନ ପାଇଁ ଟାଟା ପାୱାର ନୋଟିସ୍ ଧରାଇଥିବା ବେଳେ ଏହାକୁ ନେଇ ସାରା ରାଜ୍ୟରେ ଅସନ୍ତୋଷ ଦେଖା ଦେଇଛି। ବିଭିନ୍ନ ସଂଗଠନ ପକ୍ଷରୁ ଜୋରଦାର ବିରୋଧ ହେଉଥିବାବେଳେ ବିଜେଡି ଏ ନେଇ ରାସ୍ତାକୁ ଓହ୍ଲାଇଛି। କଂଗ୍ରେସ ମଧ ବଡ ଧରଣର ଆନ୍ଦୋଳନ ଡାକରା ଦେଇଛି। ଏହି ଅର୍ଥ ନଦେବାକୁ ଦୁଇ ଦଳ ଲୋକଙ୍କୁ ଆହ୍ୱାନ ଦେଇଛନ୍ତି। ସେହିଭଳି ବିଦ୍ୟୁତ୍ ଉପଭୋକ୍ତା ମହାସଂଘ ଠାରୁ ଆରମ୍ଭ କରି ଶକ୍ତି ସମୀକ୍ଷକମାନେ ମଧ ଏଭଳି ଅର୍ଥ ଆଦାୟ ବେଆଇନ୍ ଏବଂ ଏହା ଉପରେ ପୁର୍ନବିଚାର କରିବାକୁ ସରକାରଙ୍କୁ ନିବେଦନ କରିଛନ୍ତି।

ଏହି ଏଏସ୍‌ଡି ସଂକ୍ରାନ୍ତରେ ଶକ୍ତି ବିଭାଗ କିମ୍ବା ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ ମୁହଁ ଖୋଲୁ ନଥିବାବେଳେ ଟାଟା ପାୱାର ସାମ୍ବାଦିକ ସମ୍ମିଳନୀ କରି ଏଭଳି ଅର୍ଥ ଆଦାୟ ପାଇଁ ଆଇନ୍ ରହିଥିବା କହି ନିଜ ହାତ ଝାଡ଼ି ଦେଇଛି। ଏହା ଭିତରେ କିନ୍ତୁ ପ୍ରତିଦିନ ରାଜ୍ୟର ବିଭିନ୍ନ ସ୍ଥାନରେ ଆନ୍ଦୋଳନ ତେଜିବାରେ ଲାଗିଛି। ମାସ ଆରମ୍ଭରେ ବିଦ୍ୟୁତ୍ ବିଲ୍ ପଇଠ କରିଥିବା ଉପଭୋକ୍ତାମାନେ ଏବେ ମାସ ଶେଷରେ ଅତିରିକ୍ତ ସୁରକ୍ଷା ଜମା ପଇଠ ପାଇଁ ଆଗପଛ ହେଉଥିବାବେଳେ ବିଭିନ୍ନ ସ୍ଥାନ ବିଶେଷକରି ସହରାଞ୍ଚଳରେ ଘର ମାଲିକ ଓ ଭଡ଼ାଟିଆଙ୍କ ମଧ୍ୟରେ ଏହି ଅର୍ଥକୁ ନେଇ ଅନର୍ଥ ସୃଷ୍ଟି ହେବାରେ ଲାଗିଛି। (ତଥ୍ୟ)

## ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା, ଲକ୍ଷେ ଲିଟର ଦୁଗ୍ଧ ବୃଦ୍ଧି

**ଭୁବନେଶ୍ୱର,୨୫।୧୨:** ରାଜ୍ୟରେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା କାର୍ଯ୍ୟକାରୀ ହେବାପରେ ଦୁଗ୍ଧ ଉତ୍ପାଦନ ପ୍ରାୟ ଲକ୍ଷେ ଲିଟର ବୃଦ୍ଧି ପାଇଥିବାବେଳେ ଏହି ଯୋଜନାରେ ୬୩୨୧ ଜଣ ଗାଈ ଓ ମଇଁଷି ଚାଷୀ ଉପକୃତ ହୋଇଛନ୍ତି। ତେବେ ଏମାନଙ୍କ ମଧ୍ୟରେ ଗୋପାଳଙ୍କ ସଂଖ୍ୟା ଅଧିକ ଥିବା ଜଣାଯାଇଛି। ୨୦୨୪-୨୫ ବର୍ଷରେ ରାଜ୍ୟ ସରକାରଙ୍କର ଏହି ମହତ୍ୱାକାଂକ୍ଷୀ ଯୋଜନା ଆରମ୍ଭ ହୋଇଥିବା ବେଳେ ଏଥିରେ ବର୍ତ୍ତମାନ ସୁଦ୍ଧା ୫୩୫୪ ଜଣ ଗୋପାଳକ ଓ ୯୬୭ ଜଣ ମଇଁଷି ପାଳକ ଉପକୃତ ହୋଇଛନ୍ତି। ଗୋପାଳକମାନଙ୍କୁ ଗାଈ କିଣିବାପାଇଁ ସରକାର ପାଖାପାଖି ୬୫ କୋଟି ଟଙ୍କା ଯୋଗାଇ ଦେଇଥିବାବେଳେ ମଇଁଷି ପାଳନ ପାଇଁ ପ୍ରାୟ ୧୩ କୋଟି ଟଙ୍କା ପ୍ରଦାନ କରିଛନ୍ତି। ସରକାରଙ୍କ ଠାରୁ ଅର୍ଥ ପାଇଲା ପରେ ଚାଷୀମାନେ ୯୬୦୧ଟି ଉନ୍ନତ କିସମର ଗାଈ କିଣିଥିବା ଜଣାଯାଇଛି। ସେହିଭଳି ଏହି ଯୋଜନାରେ ଗୋପାଳକମାନଙ୍କୁ ସହାୟତା ଲାଗି ଓମଫେଡ୍ ଜରିଆରେ ୧ଲକ୍ଷ ୬୦ହଜାର ଦୁଗ୍ଧ ଚାଷୀଙ୍କୁ ୪୨ କୋଟି ୨୦ ଲକ୍ଷ ଟଙ୍କାର ସହାୟତା ଯୋଗାଇ ଦିଆଯାଇଛି। ଗାଈମାନଙ୍କୁ ସବୁଜ ଘାସ ଯୋଗାଇ ଦେବାପାଇଁ ତୃଣ ଉଦ୍ୟୋଗ ଯୋଜନାରେ ୧୧୭୩ ଜଣ ହିତାଧିକାରୀଙ୍କୁ ୨ କୋଟି ଟଙ୍କାର ସହାୟତା ମଧ ପ୍ରଦାନ କରାଯାଇଛି। ଏହି ଅର୍ଥ ମଧ ଓମଫେଡ୍ ଜରିଆରେ ଯୋଗାଇ ଦିଆଯାଇଛି। ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ଉପକୃତ ହୋଇଥିବା ଗୋପାଳକମାନଙ୍କ ମଧ୍ୟରୁସର୍ବାଧିକ ୩୭୯ ଜଣ ଯାଜପୁର ଜିଲ୍ଲାର ହୋଇଥିବାବେଳେ ଜଗତ୍‌ସିଂହପୁରର ୩୫୩, କଟକର ୩୫୧, ଭଦ୍ରକର ୩୦୧, ପୁରୀର ୨୮୨, ବଲାଙ୍ଗିର ୨୫୯, କେନ୍ଦ୍ରାପଡ଼ାର ୨୫୮ ଜଣ ହିତାଧିକାରୀ ରହିଛନ୍ତି। ସବୁଠାରୁ କମ୍ ମାତ୍ର ୪୭ ଜଣ ହିତାଧିକାରୀ ବୌଦ୍ଧ ଜିଲ୍ଲାରେ ରହିଥିବା ବେଳେ ଦେବଗଡ଼ରେ ୫୮ ଓ ମାଲକାନଗିରିରେ ୭୦ ଜଣ ହିତାଧିକାରୀ ରହିଛନ୍ତି। (ତଥ୍ୟ)

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିଷ...

ସ୍ଥିତି ଆଡ଼କୁ ଅଗ୍ରସର ହେଉଥିବା ସ୍ପଷ୍ଟ ହୋଇଛି। ଏହାର ସିଧାସଳଖ ପ୍ରଭାବ ଜନସାଧାରଣଙ୍କ ଜୀବନ ଉପରେ ପଡ଼ିବାର ଆଶଙ୍କା ରହିଥିବାରୁ ଏ ଦିଗରେ ଠୋସ୍ ପଦକ୍ଷେପର ଆବଶ୍ୟକତା ଜରୁରୀ ହୋଇପଡ଼ିଛି। ଏଦିଗରେ ଠୋସ୍ ପଦକ୍ଷେପ ନିଆନଗଲେ ଆଗାମୀ ଦିନରେ ରାଜ୍ୟରେ ହୃଦ୍‌ଘାତ, ଲଙ୍ଗ୍ କ୍ୟାନ୍ସର୍ ପରି ଗୁରୁତର ବ୍ୟାଧି ବ୍ୟାପକ ହେବାର ଆଶଙ୍କା ରହିଛି।

### ଗଣେଶ...

ମୃତ୍ୟୁବରଣ କରିଥିବା ନକ୍ସଲ ମଧ୍ୟରେ ବରିଷ୍ଠ ନକ୍ସଲ ନେତା ଗଣେଶ ଉଇକି ମଧ ରହିଛି। ସେ ସେଣ୍ଟ୍ରାଲ୍ କମିଟି ସଦସ୍ୟ ଭାବେ ସକ୍ରିୟ ରହିଥିଲା। ଏହି ୬୯ ବର୍ଷୀୟ ନକ୍ସଲ ନେତାଙ୍କୁ ଧରାଇଦେବା ସକାଶେ ୧ କୋଟି ୧୦ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ସେ ପକ୍କା ହନୁମନ୍ତୁ, ରାଜେଶ ତିୱାରୀ, ଚମରୁ ଓ ରୂପ ପରି ବିଭିନ୍ନ ନାଁରେ ପରିଚିତ ଥିଲା। ଗଣେଶ ବ୍ୟତୀତ ପ୍ରାଣ ହରାଇଥିବା ଅନ୍ୟ ୫ ନକ୍ସଲଙ୍କ ପରିଚୟ ମିଳିପାରିନଥିବା ବେଳେ ସେମାନଙ୍କ ମଧ୍ୟରେ ଦୁଇ ଜଣ ମହିଳା ସାମିଲ୍ ଥିବା ଜଣାପଡ଼ିଛି। ଏଥିସହ ଏନକାଉଣ୍ଟର ସ୍ଥଳରୁ ଉଦ୍ଧାର ହୋଇଥିବା ସାମଗ୍ରୀ ମଧ୍ୟରେ ଗୋଟିଏ ରିଭଲଭର, ଗୋଟିଏ ଥ୍ରୀନଟ୍‌ଥ୍ରୀ ରାଇଫଲ ଏବଂ ଗୋଟିଏ ୱାକି-ଟକି ସେଟ୍ ସହ ଅନ୍ୟାନ୍ୟ କେତେକ ଅପରାଧିକ ସାମଗ୍ରୀ ରହିଛି। ଏହି ପ୍ରମୁଖ ନକ୍ସଲମାନଙ୍କ ମୃତ୍ୟୁ ଯୋଗୁଁ ପ୍ରତିବନ୍ଧିତ ସଂଗଠନ ସିପିଏମ୍‌କୁ ଜବରଦସ୍ତ ଝଟ୍‌କା ଲାଗିଛି।

ସେହିପରି ଏପରି ସଫଳତାକୁ ସୁରକ୍ଷା ବାହିନୀର ଏକ ବଡ଼ ସଫଳତା ଭାବେ ବର୍ଣ୍ଣନା କରିଛନ୍ତି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ। ଏନେଇ ସେ 'ଏକ୍ସ'ରେ ପୋଷ୍ଟ କରି ଲେଖିଛନ୍ତି ଯେ ଓଡ଼ିଶାକୁ ନକ୍ସଲମୁକ୍ତ କରିବା ଦିଗରେ ଆଜିର ଏନ୍‌କାଉଣ୍ଟର୍ ଏକ ପ୍ରମୁଖ ପଦକ୍ଷେପ। ଆଗାମୀ ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ଦେଶକୁ ନକ୍ସଲମୁକ୍ତ କରିବା ଦିଗରେ ମଧ ଏହା ସହାୟକ ହେବ ବୋଲି ଶ୍ରୀ ଶାହ ଉଲ୍ଲେଖ କରିବା ସହ ଆଜିର ସଫଳତା ପାଇଁ ଓଡ଼ିଶାର ସୁରକ୍ଷା ବାହିନୀକୁ ବଧେଇ ଜଣାଇଛନ୍ତି। ସେହିପରି ଏପରି ସଫଳତା ପଛରେ ମାଓବାଦନିରୋଧୀ ଅଭିଯାନ ଓ ସ୍ପେଶାଲ ଇଣ୍ଟେଲିଜେନ୍ସ ୱିଙ୍ଗ୍‌ର ପ୍ରମୁଖ ଭୂମିକା ରହିଛି ବୋଲି ଏଡିଜି ସଞ୍ଜୀବ ପଣ୍ଡା କହିଛନ୍ତି। ତା'ଛଡ଼ା ଡିଜିପି ୱାଇବି ଖୁରାନିଆ ମଧ ସୁରକ୍ଷା ବାହିନୀଙ୍କ ଉଦ୍ୟମକୁ ପ୍ରଶଂସା କରିଛନ୍ତି।

### ସୁରକ୍ଷାକର୍ମୀଙ୍କୁ...

ସେମାନଙ୍କର ଏହି ନିଷ୍ଠାପର ଉଦ୍ୟମ ଓଡ଼ିଶାକୁ ନକ୍ସଲମୁକ୍ତ କରିବା ଦିଗରେ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରିଛି। ରାଜ୍ୟ ସରକାର ଓଡ଼ିଶାକୁ ସମ୍ପୂର୍ଣ୍ଣ ରୂପେ ନକ୍ସଲମୁକ୍ତ କରିବା ପାଇଁ ଦୃଢ଼ ସଂକଳ୍ପବଦ୍ଧ। ରାଜ୍ୟର ବିକାଶ ଓ ଜନସାଧାରଣଙ୍କ ସୁରକ୍ଷା ଆମର ସର୍ବୋଚ୍ଚ ପ୍ରାଥମିକତା। କେବଳ ଶାନ୍ତି ଏବଂ ପ୍ରଗତି ହିଁ ଆମ ରାଜ୍ୟର ଭବିଷ୍ୟତ ନିର୍ଦ୍ଧାରଣ କରିବ ବୋଲି ମୁଖ୍ୟମନ୍ତ୍ରୀ ଉକ୍ତ ପୋଷ୍ଟରେ ଉଲ୍ଲେଖ କରିଛନ୍ତି।

### ଶିକ୍ଷାର...

ପକାଇଥିଲେ। ସେ କହିଥିଲେ ଯେ ଶ୍ରୀ ବାଜପେୟୀ ଓଡ଼ିଶାର ବିକାଶ ପାଇଁ ସର୍ବଦା ପ୍ରତିବଦ୍ଧ ଥିଲେ ଓ ମହାବାତ୍ୟା ସମୟରେ ଧ୍ୱସ୍ତବିଧ୍ୱସ୍ତ ଓଡ଼ିଶାର ପୁନର୍ନିର୍ମାଣ ପାଇଁ ଅର୍ଥର ଅଭାବ ରହିବ ନାହିଁ ବୋଲି କହିଥିଲେ। ସମ୍ବଲପୁର-ତାଳଚେର ରେଳ ଲାଇନ୍ ତାଙ୍କର ଦୂରଦୃଷ୍ଟି ଯୋଗୁଁ ସମ୍ଭବ ହୋଇପାରିଛି। ଆଜି ଭଳି ପବିତ୍ର ଦିବସରେ ଉଦଘାଟିତ ଓ ଶିଳାନ୍ୟାସ ହୋଇଥିବା ପ୍ରକଳ୍ପଗୁଡ଼ିକ ରେଢ଼ାଖୋଲରେ ଶିକ୍ଷାର ମାନକୁ ବଢ଼ାଇବା ସହ ବିକାଶ ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ କରିବ ବୋଲି ଶ୍ରୀ ପ୍ରଧାନ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ସ୍ଥାନୀୟ ମହତ୍ତ୍ୱ ଉପରେ ଆଲୋକପାତ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ ରେଢ଼ାଖୋଲ ହେଉଛି ପବିତ୍ର ମାଟି। ଏହି ଅଞ୍ଚଳ କଥା ଆସିଲେ ଅନ୍ଧକାର ମଧ୍ୟରେ ଆଲୋକର ବର୍ତ୍ତିକା ଦେଖାଇଥିବା ମହିମା ଧର୍ମର ପ୍ରଚାରକ ସନ୍ଥକବି ଭୀମ ଭୋଇଙ୍କ କଥା ମନକୁ ଆସେ। ଏହି ମାଟି ହେଉଛି ତାଙ୍କର ସାଧନା ପୀଠ। ରେଢାଖୋଲ ଏକ ଐତିହାସିକ ସ୍ଥାନ। ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ (ଏଏସଆଇ) ଭୀମମଣ୍ଡଳୀର ଐତିହାସିକ ଗୁରୁତ୍ୱକୁ ସାମ୍ନାକୁ ଆଣିଛି। 'କାର୍ବନ ଡେଟିଂ' ପ୍ରକ୍ରିୟା ମାଧ୍ୟମରେ ଜଣାପଡ଼ିଛି ଯେ ଭୀମ ମଣ୍ଡଳୀର ବୟସ ପ୍ରାୟ ହଜାର ହଜାର ବର୍ଷ ପୂର୍ବର। ଏହି ପରିପ୍ରେକ୍ଷୀରେ ଏହି ଅଞ୍ଚଳ ଗୁରୁତ୍ୱ ଦୃଷ୍ଟିରୁ ଏହାର ବିକାଶ ପାଇଁ ଡବଲ ଇଞ୍ଜିନ ସରକାର ନିରନ୍ତର ପ୍ରୟାସ କରୁଛନ୍ତି। ରେଢ଼ାଖୋଲରେ ଏକ ନୂତନ 'ପିଏମ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ' ଖୋଲିବାକୁ ନିଷ୍ପତ୍ତି ନିଆଯାଇଛି, ଯାହା ଆଗାମୀ ଶିକ୍ଷାବର୍ଷରୁ କାର୍ଯ୍ୟକାରୀ ହେବ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି।

ସେହିପରି ନାକଟିଦେଉଳ ବ୍ଲକକୁ 'ଆକାଂକ୍ଷୀ ବ୍ଲକ' ଭାବେ ଗ୍ରହଣ କରି ଏହି ଅଞ୍ଚଳର ଉନ୍ନତି ପାଇଁ ସରକାର ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି। 'ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ' ଯୋଜନାରେ ମଧ ରେଢାଖୋଲ ଲାଭାର୍ଥୀ ହୋଇଛି। ସରକାର ଚାଷୀମାନଙ୍କୁ ଆର୍ଥିକ ସମୃଦ୍ଧି ଦେବା ପାଇଁ ଧାନ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ପ୍ରଦାନ କରୁଛନ୍ତି। ଆଜି ପ୍ରାୟ ୫୦୦ ଜଣ ହିତାଧିକାରୀଙ୍କୁ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସହ ଯୋଡ଼ାଯାଇ ସେମାନଙ୍କୁ ସରକାରୀ ସୁବିଧା ହସ୍ତାନ୍ତର କରାଯାଇଛି। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ଜଳସେଚନ ପରି ପ୍ରତ୍ୟେକ ମୌଳିକ କ୍ଷେତ୍ରରେ ରେଢ଼ାଖୋଲର ସର୍ବାଙ୍ଗୀନ ବିକାଶ ପାଇଁ ଆମେ ଏକାଠି ହୋଇ ମିଳିମିଶି କାର୍ଯ୍ୟ କରିବା ପାଇଁ ଶ୍ରୀ ପ୍ରଧାନ ଆହ୍ୱାନ ଦେଇଛନ୍ତି।

### ୨୫ ହଜାର...

ସମୟ ଧରି ଜାରି ରହିଥିବା ମାଓବାଦୀ ସମସ୍ୟାକୁ ଦମନ କରିବା ଦିଗରେ ଏସ୍‌ଓଜିର ଅବଦାନ ଅନନ୍ୟ। ଆସନ୍ତା ୨୦୨୬ ମାର୍ଚ୍ଚ ମାସ ସୁଦ୍ଧା ଦେଶରୁ ନକ୍ସଲ ସମସ୍ୟା ଲୋପ କରିବା ପାଇଁ କେନ୍ଦ୍ର ସରକାର ଯେଉଁ ଡେଡ୍‌ଲାଇନ ରଖିଛନ୍ତି, ସେଥିରେ ଆମେ ସଫଳ ହୋଇ ଚାଲିଛୁ। ନିକଟରେ ମାଲକାନଗିରି ଜିଲ୍ଲାରେ ୨୨ ଜଣ ମାଓବାଦୀଙ୍କର ସମୂହ ଆତ୍ମସମର୍ପଣ ଏ ଦିଗରେ ଏକ ଉତ୍ସାହଜନକ ପଦକ୍ଷେପ। ଦେଶର ପ୍ରଧାନମନ୍ତ୍ରୀଙ୍କ ଦିଗ୍‌ଦର୍ଶନ ଓ ଗୃହ ମନ୍ତ୍ରୀଙ୍କ ଷ୍ଟ୍ରାଟେଜି ଯୋଗୁଁ ଦେଶ ଆଜି ଶାନ୍ତି ଓ ବିକାଶର ପଥରେ ଦ୍ରୁତ ଗତିରେ ଆଗେଇ ଚାଲିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ସେ ଏସ୍‌ଓଜି ଓ ଅନ୍ୟ ସମ୍ପୃକ୍ତ ନକ୍ସଲ ଦମନ ସଂସ୍ଥାର ଯବାନମାନଙ୍କ ରିସ୍କ ଆଲାଉନ୍ସ (ଆର୍‌ଏ)) ବିଷୟ ଘୋଷଣା କରି କହିଛନ୍ତି ଯେ ଚଳିତ ମାସରୁ ନକ୍ସଲ ଦମନ ଅଭିଯାନରେ ପ୍ରତ୍ୟକ୍ଷ ଭାବେ ନିୟୋଜିତ ଏସ୍‌ଓଜିର ଅଫିସରମାନେ ମାସିକ ସର୍ବାଧିକ ୨୫ ହଜାର ଟଙ୍କାର ଭତ୍ତା ପାଇବେ। ସେହିପରି ଏସ୍‌ଓଜିର ସୁବେଦାର ଓ ଡେପୁଟି ସୁବେଦାରମାନେ ମାସିକ ୨୪ ହଜାର ଟଙ୍କା, ହାବିଲଦାରମାନେ ମାସିକ ୨୦ ହଜାର ଟଙ୍କା ଏବଂ କନଷ୍ଟେବଲ ଓ ସିପାହୀମାନେ ମାସକୁ ୧୬ ହଜାର ଟଙ୍କା ଭତ୍ତା ପାଇବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେହିପରି ଏସ୍‌ଓଜି ଓ ଏଇଟି ଏବଂ ଆର୍‌ସିର ଅଧିକାରୀ ଓ କର୍ମଚାରୀମାନେ ପ୍ରତ୍ୟକ୍ଷ ଭାବେ ଅଭିଯାନରେ ସାମିଲ ହୋଇନଥିଲେ ମଧ ଟ୍ରେନିଂ ଓ ଅନ୍ୟାନ୍ୟ ଡ୍ୟୁଟିରେ ଥିଲେ ମାସିକ ସର୍ବାଧିକ ୧୨ ହଜାର ଟଙ୍କା ପାଇବେ। ସେହିପରି ଡିଷ୍ଟ୍ରିକ୍ଟ ଭଲ୍ୟୁଣ୍ଟିଅର ଫୋର୍ସର କର୍ମଚାରୀମାନେ ମାସିକ ସର୍ବାଧିକ ୧୦ ହଜାର ଓ ଏସ୍‌ଆଇଡବ୍ଲ୍ୟୁ ସ୍ପେସାଲ ଇଣ୍ଟେଲିଜେନ୍ସ ୱିଙ୍ଗ୍‌ର କର୍ମଚାରୀମାନେ ମାସିକ ସର୍ବାଧିକ ୨୦ ହଜାର ଟଙ୍କା ଭତ୍ତା ପାଇବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ପୁଲିସ ବିଭାଗକୁ ଅଧିକ ଶକ୍ତିଶାଳୀ ଓ କ୍ରିୟାଶୀଳ କରିବା ନିମନ୍ତେ ସରକାରଙ୍କ ଦ୍ୱାରା ୩ଟି ଓଏସ୍‌ଏସ୍‌ଏଫ୍ (ଓଡ଼ିଶା ସ୍ପେଶାଲ ଷ୍ଟ୍ରାଇକିଙ୍ଗ୍ ଫୋର୍ସ) ବାଟାଲିୟନ, ୩ଟି ଓଆଇଏସଏଫ (ଓଡିଶା ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ), ୧୦ଟି ନୂତନ ଓଡ୍ରାଫ ୟୁନିଟ, ଗୋଟିଏ ଟ୍ରାଫିକ୍ ଓ ରୋଡ୍ ସେଫ୍ଟି ୱିଙ୍ଗ, ୨୧ଟି ସାଇବର ଓ ଅର୍ଥନୈତିକ ଅପରାଧ ଥାନା ଓ ଗୋଟିଏ ନୂତନ ପୁଲିସ ଜିଲ୍ଲା (ରାଇରଙ୍ଗପୁର ପୁଲିସ ଜିଲ୍ଲା) ପ୍ରତିଷ୍ଠା କରାଯାଇଛି। ଏଥିସହି ସରକାର ପୁଲିସ ବିଭାଗରେ ସର୍ବମୋଟ ୧୫,୩୨୬ଟି ନୂତନ ପଦବୀ ସୃଷ୍ଟି ପାଇଁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ରାଜ୍ୟ ସରକାର ଇତିମଧ୍ୟରେ ସଂଶୋଧିତ 'ଆତ୍ମସମର୍ପଣ ଓ ପୁନର୍ବାସ' ଯୋଜନାକୁ ଅନୁମୋଦନ ଦେଇଛନ୍ତି। ଏହି ଯୋଜନାନୁଯାୟୀ, ଆତ୍ମସମର୍ପଣ କରୁଥିବା ମାଓବାଦୀମାନଙ୍କୁ ୧ କୋଟି ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅର୍ଥରାଶି ସହ ବାସଗୃହ, ଶିକ୍ଷା ସହାୟତା, ବିବାହ ସହାୟତା ଏବଂ ରୋଜଗାର ନିମନ୍ତେ ମାସିକ ୧୦ ହଜାର ଟଙ୍କାର ଷ୍ଟାଇପେଣ୍ଡ ସହ ବୃତ୍ତିଗତ ତାଲିମ ସୁବିଧା ମିଳିପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ ଏସ୍‌ଓଜି କମାଣ୍ଡୋମାନେ ସାହସିକତାପୂର୍ଣ୍ଣ ଆତଙ୍କୀ ଦମନ ଡେମୋ ଅପରେସନ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଡିଜିପି ଯୋଗେଶ ବାହାଦୁର ଖୁରାନିଆ, ଏଡିଜିପି (ଏଏନ୍‌ଓ) ସଞ୍ଜୀବ ପଣ୍ଡା, ଆଇଜିପି (ଅପେରସନ୍ସ) ଡ. ଦୀପକ କୁମାର, ଡିଆଇଜିପି (ଏସ୍‌ଆଇଡବ୍ଲ୍ୟୁ) ଅଖିଳେଶ୍ୱର ସିଂ, ବରିଷ୍ଠ ପୁଲିସ ଅଫିସରଙ୍କ ସମେତ ଏସ୍‌ଓଜି ପୁଲିସ କର୍ମଚାରୀମାନେ ଉପସ୍ଥିତ ଥିଲେ।

### ନୂଆବର୍ଷରେ...

ଉଦ୍ୟୋଗ ବିଭାଗ ସହ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ସମ୍ଭାଳୁଥିବା ବେଳେ ଶ୍ରୀମତୀ ଚିତ୍ରା ଅରୁମୁଗମ ଶ୍ରମ ଓ ନିଯୁକ୍ତି ସହ ବିଜ୍ଞାନ କାରିଗରୀ ଜ୍ଞାନ ବିଭାଗ ଦାୟିତ୍ୱରେ ରହିଛନ୍ତି। ରାଜେଶ ପ୍ରଭାକର ପାଟିଲ ସମବାୟ ବିଭାଗର ସଚିବ ସହ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ଦାୟିତ୍ୱରେ ରହିଛନ୍ତି।

ଏଭଳି ଏକାଧିକ ଦାୟିତ୍ୱରେ ଦୀର୍ଘଦିନ ଧରି ରହିଥିବା ଅଫିସରମାନଙ୍କୁ ନୂଆ ମୁଖ୍ୟ ଶାସନ ସଚିବ ଚାପମୁକ୍ତ କରିବେ ବୋଲି ଆଶା କରାଯାଉଛି। ସେହିଭଳି ଗୋଟିଏ ବିଭାଗରେ ବି କେତେକ ଅଫିସର ଅଧିକ ବର୍ଷ ଧରି ରହିଥିବାରୁ ସେମାନଙ୍କୁ ପରିବର୍ତ୍ତନ କରିବାର ସମ୍ଭାବନା ରହିଛି। ନୂଆ ମୁଖ୍ୟ ଶାସନ ସଚିବ ତାଙ୍କର ନୂଆ ଟିମ୍ ଗଠନ କରିବା ସମୟରେ ନିଶ୍ଚିତ ଭାବରେ ଏସବୁ ଦିଗ ପ୍ରତି ଦୃଷ୍ଟି ଦେବେ।

କେବଳ ସଚିବ ସ୍ତରରେ ନୁହେଁ, ନୂଆ ମୁଖ୍ୟ ସଚିବ ଦାୟିତ୍ୱ ନେବା ପରେ ବିଭିନ୍ନ ନିଗମ ଓ ବୋର୍ଡ କାର୍ଯ୍ୟର ସମୀକ୍ଷା କରିବା ସହ ସେଠାରେ ଥିବା ଅଫିସରମାନଙ୍କୁ ମଧ ଶ୍ରୀମତୀ ଗର୍ଗ ପରିବର୍ତ୍ତନ କରିବେ। ଏଥିସହ ଜିଲ୍ଲା ସ୍ତରର ସମୀକ୍ଷା କରି ଜିଲ୍ଲାପାଳ ବଦଳିବାର ବି ସମ୍ଭାବନା ରହିଛି।

ବର୍ତ୍ତମାନ ରାଜ୍ୟ ସରକାରଙ୍କ ଆଗରେ ଆଇନ୍‌ଶୃଙ୍ଖଳା, ଧାନକିଣା, କୋଟିଆ, ମହାନଦୀ, ବାଲିଚୋରି ରୋକିବା ଭଳି ବଡ଼ ବଡ଼ ସମସ୍ୟା ଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ବିଚାର ଆଲୋଚନା କରି ନୂଆ ମୁଖ୍ୟ ଶାସନ ସଚିବ ପ୍ରଶାସନରେ ବଡ଼ ଧରଣର ପରିବର୍ତ୍ତନ କରିବେ ବୋଲି ଆଲୋଚନା ଆରମ୍ଭ ହୋଇଥିବାରୁ କେଉଁ ଆଇଏଏସ୍ ଅଫିସର କେଉଁ ବିଭାଗକୁ ଯିବେ, ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି। ତେବେ ମୁଖ୍ୟମନ୍ତ୍ରୀଙ୍କ ଇଙ୍ଗିତରେ ହିଁ ତାଲିକା ଚୂଡ଼ାନ୍ତ ରୂପ ନେବା ଏକପ୍ରକାର ନିଶ୍ଚିତ।

### ଓଏସ୍‌ଆରଟିସିରେ...

ପଠାଉନାହାଁନ୍ତି। ସିଏମଡି ବାରମ୍ବାର ଫାଇଲ ମାଗିବା ପରେ ମଧ ବିଭିନ୍ନ ଆଳ ଓ ୱାଣ୍ଟିଂ ଥିବା ଦର୍ଶାଇ ଫାଇଲ ଚାପି ବସିଛନ୍ତି। ଓଏସଆରଟିରେ ବିଭିନ୍ନ ବିଭାଗରେ ଏବେ ୨୫ରୁ ଅଧିକ ପଦବୀ ଖାଲି ପଡ଼ିଛି। ସେ ନିଯୁକ୍ତି ଫାଇଲ ମଧ ସମ୍ପୃକ୍ତ ଅଧିକାରୀ ମାଡ଼ି ବସିଛନ୍ତି। ସେପଟେ ଅଟଳ ବସ୍‌ଷ୍ଟାଣ୍ଡ ଯୋଜନାରେ ବିଭିନ୍ନ ଜିଲ୍ଲାରେ ତିଆରି ହେଉଥିବା ବସଷ୍ଟାଣ୍ଡ ପାଇଁ ଠିକାଦାରଙ୍କ ସହ ଆଗୁଆ ମୂଲଚାଲ କରି ମାଲ ଉଠାଇବାରେ ବ୍ୟସ୍ତ ବୋଲି ନିଗମ କାର୍ଯ୍ୟାଳୟରେ ଚର୍ଚ୍ଚା ହେଉଛି।

# ସୁଧୁରୁନି ଧାନ କିଣା ଅଚଳାବସ୍ଥା

## ଜିଲ୍ଲାପାଳଙ୍କୁ କୋଟପାଡ଼ କୃଷକ କଲ୍ୟାଣ ମଞ୍ଚର ଦାବିପତ୍ର

**ବୋରିଗୁମ୍ମା/କୋଟପାଡ଼,୨୫।୧୨ (ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା କୋଟପାଡ଼ ବ୍ଲକରେ ଧାନ ମଣ୍ଡି ଖୋଲା ହେବା ସତ୍ତ୍ୱେ ଏପର୍ଯ୍ୟନ୍ତ ଧାନ କ୍ରୟ ଆରମ୍ଭ ନହେବାରୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏ ନେଇ କୋଟପାଡ଼ ବ୍ଲକ କୃଷକ କଲ୍ୟାଣ ମଞ୍ଚ ତରଫରୁ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବା ସହିତ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ଅଭିଯୋଗ ଅନୁଯାୟୀ, ଗତ ଡିସେମ୍ବର ୧୧ ତାରିଖଠାରୁ କୋଟପାଡ଼ ବ୍ଲକ ଅଞ୍ଚଳରେ ଧାନମଣ୍ଡି ଶୁଭାରମ୍ଭ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ମଣ୍ଡିରେ ଧାନକ୍ରୟ କରାଯାଇନାହିଁ । ଟୋକନ୍ ଆସିଥିବାରୁ ଚାଷୀମାନେ ଧାନ ମଣ୍ଡିରେ ଶୀତ ରାତିରେ ଧାନକୁ ଜଗି ରହିବାକୁ ବାଧ୍ୟ ହେଉଛନ୍ତି। ଚାଷୀମାନେ ସମବାୟ ସମିତିର ଶାଖା ପରିଚାଳକ, ଜିଲ୍ଲା ଯୋଗାଣ ଅଧିକାରୀ ଓ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ସହ ବାରମ୍ବାର ବୈଠକ କରିଥିଲେ ମଧ୍ୟ କୌଣସି ସମାଧାନର ବାଟ ବାହାରି ପାରିନି। ମଣ୍ଡିଗୁଡ଼ିକୁ ନୋଡାଲ ଅଫିସର, ମିଲର୍ କିମ୍ବା କ୍ରୟକାରୀ ସଂସ୍ଥାର ପ୍ରତିନିଧି ଆସୁ ନ ଥିବାରୁ ପରିସ୍ଥିତି ଜଟିଳ ହେଉଛି। କୃଷକ କଲ୍ୟାଣ ମଞ୍ଚ ପକ୍ଷରୁ କୁହାଯାଇଛି ଯେ ଯଦି ୩ ରୁ ୪ ଦିନ ମଧ୍ୟରେ ମଣ୍ଡିରେ ଧାନ କ୍ରୟ ଆରମ୍ଭ ନହୁଏ, କୋଟପାଡ଼ ବ୍ଲକର ସମସ୍ତ ଚାଷୀ ରାସ୍ତାରୋକ ଓ ଆନ୍ଦୋଳନ କରିବାକୁ ବାଧ୍ୟ ହେବେ।

ସୂଚନାଯୋଗ୍ୟ, କୋରାପୁଟ ଜିଲ୍ଲାରେ ଡିସେମ୍ବର ମାସ ୧୨ ତାରିଖରେ ମଣ୍ଡି ଖୋଲିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଇତିମଧ୍ୟରେ ୧୪ ଦିନ ବିତି ଯାଇଥିଲେ ମଧ୍ୟ ମଣ୍ଡିରୁ ଧାନ ଉଠୁନାହିଁ। ମଣ୍ଡିରେ ଧାନ ପଡ଼ି ରହିଛି। ଅନ୍ୟପକ୍ଷରେ ଆସନ୍ତାକାଲିଠାରୁ ମଣ୍ଡିରେ ଧାନ କ୍ରୟ କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି।

# ପାରାଦୀପ ମହୋତ୍ସବ ଉଦ୍‌ଘାଟିତ



**ପାରାଦ୍ୱୀପ,୨୫।୧୨ (ସଂଚାର ବ୍ୟୁରୋ):** ମହାନ ଜନନାୟକ, ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ଅଟଳ ବିହାରୀ ବାଜପେୟୀଙ୍କର ୧୦୧ତମ ଜନ୍ମଜୟନ୍ତୀ ଅବସରରେ ଆୟୋଜିତ ପାରାଦୀପ ମାହୋତ୍ସବ ଆଜି ଉଦ୍‌ଟିତ ହୋଇଯାଇଛି। ଅଟଳ ମେମୋରିଆଲ ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ ଏହି ମହୋତ୍ସବକୁ ସ୍ଥାନୀୟ ବିଧାୟକ ତଥା ଓଡିଶା ସରକାରଙ୍କ ଶିଳ୍ପ ଏବଂ ଦକ୍ଷତା ବିକାଶ ତଥା

### ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ

ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ବାଜପେୟୀ ବ୍ୟକ୍ତି ନୁହନ୍ତି ଏକ ବିଚାରଧାରା ଥିଲେ, ତାଙ୍କ ରାଜନୈତିକ ଜୀବନରେ ସେ କରି ଯାଇଥିବା ଅନେକ ଘଟଣା ବାସ୍ତବରେ ବେଶ ପ୍ରେରଣା ଦାୟୀ ଓ ପରମାଣୁ ପରୀକ୍ଷଣ ଦିଗରେ ତାଙ୍କର ସାହସିକ କାର୍ଯ୍ୟ ସବୁବେଳେ ମନେ ରହିବ ବୋଲି ମନ୍ତ୍ରୀ ଶ୍ରୀଯୁକ୍ତ ସ୍ୱାଇଁ ତାଙ୍କ ବକ୍ତବ୍ୟ ମାଧ୍ୟମରେ ପ୍ରକାଶ କରିଥିଲେ।

ଏହି ଉତ୍ସବରେ ବନ୍ଦର ଅଧ୍ୟକ୍ଷ ପି.ଏଲ ହରନାଦ, ଜଗତସିଂହପୁର ବିଜେପି ଜିଲ୍ଲା ସଭାପତି ପ୍ରତାପ ମିଶ୍ର, ପୂର୍ବତନ ସଭାପତି ସତ୍ୟବ୍ରତ ମହାପାତ୍ର, ଅଟଳ ମେମୋରିଆଲ ଟ୍ରଷ୍ଟ ସମ୍ପାଦକ ସର୍ବେଶ୍ୱର ବଳିୟାରସିଂ , କାର୍ଯ୍ୟକାରୀ ସଭାପତି ସୁବ୍ରତ ପ୍ରଧାନଙ୍କ ସମେତ ବହୁ ଅତିଥି ଯୋଗଦେଇ ସ୍ୱର୍ଗତଃ ବାଜପେୟୀଙ୍କ ଗୁଣଗାନ କରିଥିଲେ। ଦିନରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗୀତାରେ କୃତକାର୍ଯ୍ୟ ଲାଭ କରିଥିବା ପ୍ରତିଯୋଗୀ ମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହା ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ସାତଦିନ ଧରି ଚାଲିବାକୁ ଥିବାବେଳେ ସ୍ଥାନୀୟ ଜୟଦେବ ସଦନ ପଡିଆରେ ଏନେଇ ମିନାବଜାର ମଧ୍ୟ ପଡିଥିବା ଦେଖିବାକୁ ମିଳିଛି।

### ବଡ଼ ଦିନ ସନ୍ଧ୍ୟାରେ ଅଘଟଣ

# ଦୁଇ ବାଇକ୍ ମୁହାଁମୁହିଁ ଧକ୍କା, ୨ ଗୁରୁତର

**କାକଟପୁର/ଅସ୍ତରଙ୍ଗ, ୨୫।୧୨ (ସଂଚାର ବ୍ୟୁରୋ):** ବଡ଼ ଦିନ କୁ ନେଇ ସବୁଠି ଉତ୍ସାହ ଓ ଆନନ୍ଦ। କିନ୍ତୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଂଚଳରେ ବଡ଼ ଦିନ ସନ୍ଧ୍ୟା ସମୟରେ ଦୁର୍ଘଟଣାରେ ୨ଜଣ ଗୁରୁତର ହୋଇ ଜୀବନ ସହ ସଂଗ୍ରାମ କରୁଛନ୍ତି। ସୂଚନା ମୁତାବକ ବଡ଼ ଦିନ ସନ୍ଧ୍ୟା ସମୟରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ନୂଆଗଡ ରୁ ଅସ୍ତରଙ୍ଗ ମୁଖ୍ୟ ରାସ୍ତା ଜୟଗୁରୁ ଆଶ୍ରମ ନିକଟରେ ଦୁଇ ବାଇକି ମୁହାଁମୁହିଁ ଧକ୍କା ହେବା ଫଳରେ ୨ଜଣ ଗୁରୁତର ହୋଇଛନ୍ତି । ଅସ୍ତରଙ୍ଗରୁ ନୂଆଗଡ ମୁଖ୍ୟ ରାସ୍ତାରେ ବାଇକ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣା ସ୍ଥଳରେ ଏପରି ଦୁର୍ଘଟଣା ହୋଇଥିଲା ଘଟଣା ସ୍ଥଳରେ ରକ୍ତ ଶରୀର କ୍ଷତାକ୍ତ ହୋଇ ପଡିଥିଲା। ପଥଚାରୀ ୩ ଜଣ ଆଘାତ ବ୍ୟକ୍ତିଙ୍କୁ ନିକଟସ୍ଥ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ ଭର୍ତ୍ତି କରିଥିଲେ। ୩ ଜଣ ଆହତ ହେଉଛନ୍ତି ଆଶିଷ ମୁଦୁଲି (୪୨), ପିଣ୍ଟୁ ଦାସ (୩୫), ତୋଫାନ ଦାସ (୩୦)ଅବସ୍ଥା ସଙ୍କଟା ପର୍ଣ୍ଣ ଥିବାରୁ ଅନ୍ୟ ମେଡିକାଲ ଗୁରୁବାର ସନ୍ଧ୍ୟାରେ ସ୍ଥାନାଂତର କରାଯାଇଥିଲା।

# ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ସମାରୋହ ଓ ଜିଲ୍ଲାସ୍ତରୀୟ ‘ସୁଶାସନ ଦିବସ’ ପାଳିତ



**ନବରଙ୍ଗପୁର,୨୫।୧୨ (ସଂଚାର ବ୍ୟୁରୋ):** ଆଜି ସ୍ଥାନୀୟ ଶାସ୍ତ୍ରୀ ଭବନ ଠାରେ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ସମାରୋହ ଓ ଜିଲ୍ଲାସ୍ତରୀୟ ‘ସୁଶାସନ ଦିବସ’, ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ସାଂସଦ ଖେଳ ଉଦ୍‌ଯାପନ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଓ ଜିଲ୍ଲାର ସାଂସଦ ଖେଳ ମହୋତ୍ସବର ପୁରସ୍କାର ବିତରଣ ଉତ୍ସବ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ରୂପେ ମାନ୍ୟବର ସାଂସଦ ଲୋକସଭା ବଳଭଦ୍ର ମାଝୀ, ସଭାର ଅଧ୍ୟକ୍ଷ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ, ସମ୍ମାନୀତ ଅତିଥି ରୂପେ ପୌରପାଳିକା ଅଧ୍ୟକ୍ଷ କୁନୁ ନାୟକ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀଙ୍କ ପ୍ରତିନିଧି କୁଞ୍ଜ ବିହାରୀ ଦାସ, ସାଂସଦ ଖେଳ କୋର୍ଡିନେଟର ରାମେଶ୍ୱର ଜେନା, ଜିଲ୍ଲା କ୍ରୀଡ଼ା ସଂଘ ସଂପାଦକ ଅର୍ଜୁନ ତ୍ରିପାଠୀ, ମୁଖ୍ୟବକ୍ତା ରୂପେ ଅବସରପ୍ରାପ୍ତ ପ୍ରଧାପକ ଡ.ବିଜୟ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।

ଜୟନ୍ତୀ ସମାରୋହରେ ଅତିଥିଗଣ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୀବନ ଦର୍ଶନ, ଦେଶପ୍ରୀତି, ଦୂରଦୃଷ୍ଟିତା, ମହାନ ରାଜନୀତିଜ୍ଞ ଏବଂ ମାନବୀୟ ସମ୍ବେଦନଶୀଳତା ଉପରେ ନିଜ ମତବ୍ୟକ୍ତ କରିଥିଲେ ଏବଂ ସାଂସଦ ଖେଳ ପ୍ରତିଯୋଗିତାରେ ଭାଗ ନେଇ ଉପସ୍ଥିତ ଥିବା ଉତ୍ତୀର୍ଣ୍ଣ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ବାଜପେୟୀଙ୍କ ଜୀବନ ଦର୍ଶନ ଓ ସୁଶାସନ ଉପରେ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ନବରଙ୍ଗପୁର ସାଂସଦୀୟ କ୍ଷେତ୍ରର ୨୧ଟି ବ୍ଲକ୍‌ରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ୩୪ ଜଣ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ଟ୍ରଫି ସହ ସାର୍ଟିଫିକେଟ ପ୍ରଦାନ କରିଥିଲେ।

# ‘ନୃତ୍ୟମ’ ପକ୍ଷରୁ ଜିଲ୍ଲାପାଳ ସମ୍ମାନିତ



**ହିଞ୍ଜିଳିକାଟୁ,୨୫।୧୨ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ସହରରେ ଶୈଶବମାନଙ୍କୁ ନେଇ ଗଢ଼ିଉଠିଥିବା ‘ନୃତ୍ୟମ’ ଅନୁଷ୍ଠାନ ପକ୍ଷରୁ ଗଞ୍ଜାମ ଜିଲ୍ଲାପାଳ ଭି.କୀର୍ତ୍ତି ଭାସନଙ୍କୁ ସମ୍ମାନିତ କରାଯାଇଛି। ଏହି ସମ୍ମାନ ସମାରୋହରେ ଗଞ୍ଜାମ ଜିଲ୍ଲା ଓ ହିଞ୍ଜିଳିକାଟୁରେ ଏପରି ଉଚ୍ଚମାନର ସାଂସ୍କୃତିକ ଓ ଫିଲ୍ମ ସମ୍ପର୍କିତ କାର୍ଯ୍ୟକ୍ରମ ଆୟୋଜିତ ହେବାକୁ ନେଇ ଜିଲ୍ଲାପାଳ ମହୋଦୟ ଉଚ୍ଚ ପ୍ରଶଂସା କରିଥିଲେ। ସେ ଆଗାମୀ ଦିନରେ ଏହି ପ୍ରକାର କାର୍ଯ୍ୟକ୍ରମକୁ ଅଧିକ ଗୁରୁତ୍ୱ ଦେବା ସହ ସରକାରୀ ସହଯୋଗ ମିଳିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ପ୍ରାୟ ୯ ବର୍ଷ ଧରି ହିଞ୍ଜିଳିକାଟୁ ସହରରେ ଭଡା ଘରରୁ ଅନୁଷ୍ଠାନଟି ସଂଘର୍ଷ ସହ ଚାଲିଆସୁଛି। ଏହାକୁ ଦୃଷ୍ଟିରେ ରଖି ସେ ଏକ ଶ୍ରେଣୀଗୃହ ପାଇଁ ଜିଲ୍ଲାପାଳଙ୍କ ନିକଟରେ ନିବେଦନ ରଖିଥିଲେ। ଏହି ନିବେଦନକୁ ଗୁରୁତ୍ୱ ସହ ବିଚାର କରାଯିବ ବୋଲି ଜିଲ୍ଲାପାଳ ମହୋଦୟ ପ୍ରତିଶ୍ରୁତି ଦେଇଛନ୍ତି। ନୃତ୍ୟମ ଅନୁଷ୍ଠାନର ନିର୍ଦ୍ଦେଶକ ଶ୍ରୀ କୃଷ୍ଣା ଡିକେ, ସଭାପତି ଶ୍ରୀ ନୀଳମଣି ପଟ୍ଟନାୟକଙ୍କ ସମେତ ଅନୁଷ୍ଠାନର ଛାତ୍ର ଓ ଛାତ୍ରୀଙ୍କ ଉପସ୍ଥିତିରେ ଜିଲ୍ଲାପାଳ ମହୋଦୟଙ୍କୁ ଉପଢୌକନ ସହ ଏକ ଓଡ଼ିଶୀ ପ୍ରତିମୂର୍ତ୍ତି ପ୍ରଦାନ କରାଯାଇଥିଲା।

# ଅଟଳ ଯୁବ ବାହିନୀର ଅଟଳ ସ୍ମୃତି ପଦଯାତ୍ରା



**ବ୍ରହ୍ମପୁର,୨୫।୧୨ (ସଂଚାର ବ୍ୟୁରୋ):** ମହାନ ଜନନାୟକ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ତମ ଜୟନ୍ତୀ ଅବସରରେ ଅଟଳ ଯୁବବାହିନୀ ପକ୍ଷରୁ ‘ଅଟଳ ସ୍ମୃତି ପଦଯାତ୍ରା’ ଆଜି ବ୍ରହ୍ମପୁରର କମାପଲ୍ଲୀ ଛକ ଠାରୁ ବାହାରି ଗାନ୍ଧୀନଗରର ଛକ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ଅଟଳ ଯୁବବାହିନୀ ବ୍ରହ୍ମପୁର ସଂଯୋଜକ ବି. ରବି ରାଓଙ୍କ ନେତୃତ୍ୱରେ ବ୍ରହ୍ମପୁରର ବିଶିଷ୍ଟ ସମାଜସେବୀ ତଥା ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ପରିଷଦ ସଦସ୍ୟ କାହ୍ନୁ ଚରଣ ପତି ପତାକା ଦେଖାଇ ଏହି ପଦଯାତ୍ରାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ ।

# ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଓ ସୁଶାସନ ଦିବସ ପାଳନ



**ଫୁଲବାଣୀ,୨୫।୧୨ (ସଂଚାର ବ୍ୟୁରୋ):** ସ୍ଥାନୀୟ କରୋନେସନ ପଡିଆଠାରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ତଥା ସୁଶାସନ ଦିବସ ପାଳନ କରାଯାଇଛି। ଏହି ଅବସରରେ ମାନ୍ୟବର କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ମାନ୍ୟବର ଫୁଲବାଣୀ ବିଧାୟକ ଉମାଚରଣ ମଲ୍ଲିକ, କନ୍ଧମାଳ ଜିଲ୍ଲାପାଳ ବେଦଭୂଷଣ ଓ ମୁଖ୍ୟ ବକ୍ତା ଭାବେ ବରିଷ୍ଠ ଆଇନଜୀବୀ ବିଜୟ କୃଷ୍ଣ ପଟ୍ଟନାୟକ ଯୋଗଦେଇଥିଲେ। ସୁଶାସନ ଦିବସ ଉପଲକ୍ଷେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିବା ସହ ମାନପତ୍ର ପ୍ରଦାନ କରିଥିଲେ। ବିଭିନ୍ନ ସାଂସ୍କୃତିକ ଦଳ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଜୀବନ ଜ୍ୟୋତି ଚିକିତ୍ସାଳୟରେ ଗର୍ଭବତୀ ମୃତ

**ଯାଜପୁର,୨୫।୧୨ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିକଟସ୍ଥ ଜୀବନ ଜ୍ୟୋତି ଘରୋଇ ଚିକିତ୍ସାଳୟରେ ଘଟିଥିବା ଏକ ହୃଦୟବିଦାରକ ଘଟଣା ସମଗ୍ର ଅଞ୍ଚଳକୁ ସ୍ତବ୍ଧ କରିଦେଇଛି। ରତ୍ନଗିରି ଅଞ୍ଚଳର ସସ୍ମିତା ଜେନା ନାମକ ଜଣେ ଗର୍ଭବତୀ ମହିଳାଙ୍କ ଅପରେସନ ସମୟରେ ମୃତ୍ୟୁ ଘଟିଥିବା ଅଭିଯୋଗ ଆସିଛି। ପରିବାର ଲୋକଙ୍କ ଅଭିଯୋଗ ଅନୁସାରେ, ତ୍ରୁଟିପୂର୍ଣ୍ଣ ଚିକିତ୍ସା, ଅଭିଜ୍ଞ ଡାକ୍ତରଙ୍କ ଅଭାବ ଓ ଡାକ୍ତରୀ ଅବହେଳା ହିଁ ସସ୍ମିତାଙ୍କ ମୃତ୍ୟୁର ପ୍ରଧାନ କାରଣ। ପରିସ୍ଥିତି ତନାତନି ହେବା ପରେ ଚିକିତ୍ସାଳୟ ପକ୍ଷରୁ ବାହାର ଲୋକ ଓ ଗୁଣ୍ଡାମାନଙ୍କୁ ଲଗାଇ ପରିବାର ସଦସ୍ୟଙ୍କୁ ଠେଲାପେଲା କରି ବାହାର କରାଯାଇଥିବା ଗୁରୁତର ଅଭିଯୋଗ ମଧ୍ୟ ଆସିଛି। ଘଟଣାକୁ ନେଇ ରୋଷାନ୍ୱିତ ସମ୍ପର୍କୀୟମାନେ ହସ୍ପିଟାଲର ଡାକ୍ତରମାନଙ୍କୁ ଘେରାଉ କରିଥିବା ବେଳେ ଖବର ପାଇ ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିଛି।

# ଆଗରେ ଚେକିଂ ଚାଲିଛି କହି ବୃଦ୍ଧଙ୍କଠାରୁ ସୁନାଚେନ୍ ଲୁଟ୍

**ହିଞ୍ଜିଳିକାଟୁ,୨୫।୧୨ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ପୌରାଞ୍ଚଳ ଜାତୀୟ ରାଜପଥରେ ମଉସା ଆଗରେ ପୁଲିସ ଚେକିଂ ଚାଲିଛି କହି ଦିନ ଦୁଇପହରେ ବୃଦ୍ଧଙ୍କୁ ଠାରୁ ସୁନାଚେନ୍ ଲୁଟିଲେ ଦୁର୍ବୃତ୍ତ। ଏନେଇ ଅଞ୍ଚଳରେ ଭୟର ବାତାବରଣ ଖେଳି ଯାଇଛି। ପରେ ସିସିଟିଭି ଫୁଟେଜକୁ ନେଇ ପୁଲିସ ଖୋଳତାଡ଼ ଆରମ୍ଭ କରିଛି।

ସୂଚନା ପ୍ରକାରେ, ଆଜି ହିଞ୍ଜିଳିକାଟୁ ପୌରାଞ୍ଚଳର କୁମୁଟି କୂଳର ରାଜାସାହିସ୍ଥିତ ନୃସିଂହ ମନ୍ଦିରରେ ପହିଲି ଭୋଗ ରହିଥିବା ବେଳେ କୁକୁଡ଼ାଖଣ୍ଡି ଅଂଚଳର ଇ.ଚନ୍ଦ୍ରଶେଖର ପାତ୍ର (୭୬) ଙ୍କ ସମ୍ପର୍କୀୟ ଭୋଗ ଖାଇବା ପାଇଁ ହିଞ୍ଜିଳିକାଟୁ ଆସିଥିଲେ। ପହିଲି ଭୋଗ



ଖାଇ କିଛି ସମୟ ପରେ ନିଜ ଟିଭିଏସ ସ୍କୁଟି (ଓଆର୦୫ଏ ଜି୦୫୬୨) ଯୋଗେ କୁକୁଡ଼ାଖଣ୍ଡି ବାହାରିଥିଲେ। ହିଞ୍ଜିଳିକାଟୁ ପୌରାଞ୍ଚଳସ୍ଥିତ ଆରଏମସି ଛକ ଠାରୁ ୫୦ମିଟର ତଥା ଧରିତ୍ରୀ ସ୍କୁଲ ଛକରେ ଦୁର୍ବୃତ୍ତ ଜଣକ ପୂର୍ବରୁ ପିଛା କରି ଆସି ହାତ ମାରି ଅଟକାଇଥିଲା। ମଉସା, ଆଗରେ ଗାଡି ଚେକିଂ ଚାଲିଛି, ଯାହା

### ସିସିଟିଭି ଫୁଟେଜକୁ ନେଇ ପୁଲିସ ଖୋଳତାଡ଼

ସୁନା ପିନ୍ଧିଛନ୍ତି ଗାଡି ଡ଼ିକିରେ ରଖିଦିଅନ୍ତୁ ନେଇ ଦୁର୍ବୃତ୍ତ ଜଣକ କହିଥିଲେ। ପରେ ବୃଦ୍ଧ ତାଙ୍କର ସୁନା ମୁଦି ଦୁଇଟା, ଏକ ସୁନା ଚେନ୍ ଓ ଲକେଟ ନିଜ ବେକରୁ ବାହାର କରିଥିଲେ। ଉଭୟଙ୍କ ଭିତରେ କିଛି କଥାବାର୍ତ୍ତା ଭିତରେ ଦୁର୍ବୃତ୍ତ ଜଣକ ଫାଇଦା ନେଇ ଅନ୍ୟ ପକେଟରେ ଅଳଙ୍କାର ରଖି ଏକ କାଗଜ ଟୁଙ୍ଗାକୁ ଡ଼ିକି ଭିତରେ ରଖି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା।

କିଛି ସମୟ ପରେ ବୃଦ୍ଧ ଜଣକ ମନରେ କଣ ସନ୍ଦେହ ଆସିଥିବାରୁ ଗାଡିର ଡ଼ିକିରୁ କାଗଜ ଟୁଙ୍ଗା ଖୋଲି ଦେଖିବାରୁ ସେଇ କାଗଜ ଟୁଙ୍ଗାରେ କିଛି ଛୋଟ ଛୋଟ ଗୋଡ଼ି ରହିଥିବା ଦେଖି ବୃଦ୍ଧ ଜଣକ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ସଂଗେ ସଂଗେ ସ୍ଥାନୀୟ ଲୋକଙ୍କୁ ଜଣାଇଥିବା ବେଳେ ଘଟଣାସ୍ଥଳରେ ପୁଲିସ ପହଂଚି କିଛି ସିସିଟିଭି ଫୁଟେଜକୁ ନେଇ ବିଭିନ୍ନ ଦିଗଆଡୁ ଛାନଭିନ ଆରମ୍ଭ କରିଛି। ଏନେଇ ବୃଦ୍ଧ ଜଣକ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

# ଜିଲ୍ଲାସ୍ତରୀୟ ସୁଶାସନ ଦିବସ ପାଳିତ



**ଭଦ୍ରକ,୨୫।୧୨ (ସଂଚାର ବ୍ୟୁରୋ):** ଆଜି ଭଦ୍ରକ ଜିଲ୍ଲାରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୁଲ୍ୟରେ ଏବଂ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଅବସରରେ “ସୁଶାସନ ଦିବସ” ଭଦ୍ରକ ସଂସ୍କୃତି ଭବନରେ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ ନିଜ ଉଦବୋଧନରେ କହିଥିଲେ ଯେ, ବାଜପେୟୀଙ୍କ ଜୀବନ ଆଦର୍ଶରୁ ପ୍ରେରଣା ନେଇ ପ୍ରତିକ୍ରିୟାଶୀଳ ହେବା ପରିବର୍ତ୍ତେ ପୂର୍ବପ୍ରସ୍ତୁତ ଭାବରେ ସମସ୍ୟାର ସମାଧାନ ପାଇଁ କାର୍ଯ୍ୟ କରିବା ଆବଶ୍ୟକ। ସୁଶାସନ ଦିବସରେ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସରୋଜ ଦତ୍ତ ଦେଶବାସୀମାନଙ୍କୁ ବାଜପେୟୀଙ୍କ ଦିଗଦର୍ଶନ ଓ ଆଦର୍ଶରୁ ପ୍ରେରିତ ହୋଇ ସରଳ ଜୀବନ ଶୈଳୀ ଆପଣାଇବାକୁ ଆହ୍ୱାନ କରିଥିଲେ। ସୁଶାସନ ଦିବସ ପାଳନ ଅବସରରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ତ୍ୟାଗଭୂମିର ସଭାପତି ଅଜୟ ନାୟକ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ଶ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଅମର ଅବଦାନକୁ ସ୍ମରଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କବି ଓ କବୟିତ୍ରୀମାନେ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କବିତା ପାଠ କରି ସଭାକୁ ଭାବଗମ୍ଭୀର କରିଥିଲେ। ଜିଲ୍ଲାସ୍ତରୀୟ ସୁଶାସନ ଦିବସ ଅବସରରେ ଆୟୋଜିତ ବକ୍ତୃତା ଓ ସଙ୍ଗୀତ ପ୍ରତିଯୋଗିତାରେ ବିଜୟୀ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହାସହ ଜିଲ୍ଲା ପ୍ରଶାସନ ପକ୍ଷରୁ ଦୁଇଜଣ ଛାତ୍ରଛାତ୍ରୀଙ୍କୁ ସାଇକେଲ୍ ପ୍ରଦାନ କରାଯାଇଥିଲା।

# ଉନ୍ନବିଂଶତମ ଚଉଷଠି ଯୋଗିନୀ ମହୋତ୍ସବ ଉଦ୍‌ଯାପିତ




**ବାଲିଅନ୍ତା,୨୫।୧୨ (ସଂଚାର ବ୍ୟୁରୋ):** କଳାରେ ଋଦ୍ଧିମନ୍ତ ଉତ୍କଳ ଭୂମିରେ ଶାସ୍ତ୍ରୀୟ କଳା ଓ ଲୋକ ପରମ୍ପରାର ସମୃଦ୍ଧ ଐତିହ୍ୟକୁ ପରିବ୍ୟାପ୍ତ କରିବା ଉଦ୍ଦେଶ୍ୟରେ ଓଡିଶା ସଂଗୀତ ନାଟକ ଏକାଡେମୀ, ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଏବଂ ଓଡ଼ିଶା ସରକାରଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସହାୟତାରେ ଓଡିଶୀ ନୃତ୍ୟ ଗୁରୁ ଶ୍ରୀମତୀ ପ୍ରତିଭା ପଣ୍ଡା ଦ୍ୱାରା ପ୍ରତିଷ୍ଠିତ ଓଡିଶୀ ନୃତ୍ୟ ଅନୁଷ୍ଠାନ ନୃତ୍ୟ ପ୍ରତିଭା ଉନବିଂଶ ତମ ଚଉଷଠି ଯୋଗିନୀ ମହୋତ୍ସବ ଭାରତୀୟ ବିଦ୍ୟାଭବନ ଠାରେ ଉଦଯାପିତ ହୋଇଯାଇଛି। ଦୁଇ ଦିନ ଧରି ଥିବା ଏହି କାର୍ଯ୍ୟକ୍ରମରେ ଉଦଯାପନୀ ସଂଧ୍ୟାରେ ଅତିଥି ଭାବେ ପୂର୍ବତନ ବିଧାୟକ ,ଅଧ୍ୟକ୍ଷ ,ଚଉଷଠି ଯୋଗିନୀ ମହୋତ୍ସବ ଡଃ ଅରବିନ୍ଦ ଢାଲୀ, ସାହିତ୍ୟିକ ପ୍ରଫେସର ଶାନ୍ତନୁ ଆଚାର୍ଯ୍ୟ,ଓଡଶୀ ଗୁରୁ ଗଜେନ୍ଦ୍ର ପଣ୍ଡା,ସଭାପତି ନୃତ୍ୟ ପ୍ରତିଭା ଡଃ ରଜନୀ ରଞ୍ଜନ ଦାଶ, ଉପସଭାପତି ବଂଙ୍କିମ୍ ନାୟକ, ନୃତ୍ୟପ୍ରତିଭାର ସଂମ୍ପାଦିକା ଗୁରୁ ପ୍ରତିଭା ପଣ୍ଡା, ବିଜେପି ନେତା ଜଗନ୍ନାଥ ପ୍ରଧାନ, ସିନେ ଅଭିନେତ୍ରୀ ଉସଶୀ ମିଶ୍ର, ସିନେ ତାରକା ଦେବଜାନୀ ଡେଗୁରିଆ ଯୋଗଦାନ କରି ଚଉଷଠି ଯୋଗାନୀଙ୍କ ତଥ୍ୟ ସମ୍ବଳିତ ଏକ ସ୍ମରଣୀକା ଉନ୍ମୋଚିତ କରାଯାଇଥିଲା।

ଏହି ଅବସରରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତ ରତ୍ନ ଅଟଳ ବିହାରରୀ ବାଜପେୟୀଙ୍କ ୧୦୦ତମ ଜନ୍ମଜୟନ୍ତୀ ଉଦେଶ୍ୟରେ ଧୀରେନ୍ଦ୍ର ନାଥ ମଲ୍ଲିକଙ୍କ ନିର୍ଦ୍ଦେଶିତ ‘ରାଷ୍ଟ୍ର ପୁରୁଷ ଅଟଳ’ ନାମକ ଏକ ନାଟକ ଶତାବ୍ଦୀର କଳାକାର ଦ୍ୱାରା ପରିବେଷଣ କରାଯିବା ସହ ପୂର୍ବତନ ବିଧାୟକ ଅରବିନ୍ଦ ଢାଲୀ ଙ୍କୁ ଅଟଳ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଓଡିଶୀ ନୃତ୍ୟଙ୍ଗନା ପଦ୍ମଶ୍ରୀ ଇଲିୟାନା ସୀତାରାଷ୍ଟିଙ୍କୁ ସମ୍ମାନ ଜନକ ଚଉଷଠୀ ଯୋଗିନୀ ନୃତ୍ୟ ପ୍ରତିଭା ସମ୍ମାନ ଓ ସୁଲେଖିକା ଶୃତକିର୍ତୀ ତ୍ରୀପାଠୀଙ୍କୁ ଯୁବ ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିବା ବେଳେ ଡ ଇତିରାଣୀ ସାମନ୍ତଙ୍କୁ ସୁରେଶ ବଳବନ୍ତରାୟଙ୍କ ସ୍ମୃତିରେ ଚଉଷଠି ଯୋଗିନୀ ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଉଦଯାପନୀ ସଂଧ୍ୟାରେ ଇଲିଆନା ଶୀତାରିଷ୍ଟଙ୍କ ଦ୍ୱାରା ଏକକ ଓଡିଶୀ ନୃତ୍ୟ,ପ୍ରଭାତ ସ୍ୱାଇଁ ଓ ଦଳଙ୍କ ଦ୍ୱାରା ଦଳଗତ ଓଡିଶୀ ନୃତ୍ୟ ପରିବେଷଣ କରାଯାଇଥିଲା ଯାହା ଦର୍ଶକଙ୍କୁ ବିମୋହିତ କରିଥିଲା।ଏହି କାର୍ଯ୍ୟକ୍ରମଟିକୁ ଶ୍ରୀନିବାଶ ଘଟୁଆରୀ ପରିଚାଳନା କରିଥିଲେ ।

# ପ୍ରତିଶୃତି ପରେ ଧାରଣାରୁ ଓହରିଲେ ଚାଷୀ

**ନବରଙ୍ଗପୁର/ରାଇଘର,୨୫।୧୨ (ସଂଚାର ବ୍ୟୁରୋ):** ଜିଲ୍ଲା ପ୍ରଶାସନ ଚାଷୀ ଙ୍କ ଠାରୁ କ୍ୱିଣ୍ଟାଲ ପିଛା ୨୦୦୦/- ରେ ମକା କିଣିବାକୁ ପ୍ରତିଶୃତି ଦେବା ପରେ ତିନି ଦିନ ପରେ ହଟିଲା ରାସ୍ତା ରୋକ ନବରଙ୍ଗପୁର ଜିଲ୍ଲାର ତିନୋଟି ବ୍ଲକ ରେ ସ୍ୱାବଭିକ ହେଲା ଗାଡି ଚଳାଚଳ।ନବରଙ୍ଗପୁର ଜିଲ୍ଲାରେ ମକା, ଧାନ ର ଅଭାବି ବିକ୍ରି ଓ ଧାନମଣ୍ଡି କୁ ତୁରନ୍ତ କାର୍ଯ୍ୟକାରୀ କରିବା ସହ ମକାର ଉଚିତ ମୂଲ୍ୟ ଦାବିରେ ଉମରକୋଟ , ରାଇଘର, ଝରୀଗାଁ, ଚନ୍ଦାହାଣ୍ଡି କୃଷକ ମହାସଂଘ ର ରାସ୍ତାରୋକ ଆନ୍ଦୋଳନ ଚାଲିଥିଲା,



ତୃତୀୟ ଦିନ ବିଳମ୍ବିତ ରାତିରେ ପ୍ରଶାସନିକ ଅଧିକାରୀ ଓ ଚାଷୀ ନେତାଙ୍କ ମଧ୍ୟରେ ଆଲୋଚନା। ହୋଇଥିଲା ପରେ ଆନ୍ଦୋଳନ ପ୍ରତ୍ୟାହାର କରାଗଲା ବୋଲି ସୂଚନା ଦେଲେ ପ୍ରଦୀପ ମାଝୀ। ବର୍ତ୍ତମାନ ଧାନ ମଣ୍ଡି ସ୍ୱାଭାବିକ ହୋଇଥିବା ବେଳେ, ମକାର ମୂଲ୍ୟ ୨୦୦୦ ଟଙ୍କା ପ୍ରତି କୁଇଣ୍ଟାଲ ରେ ଚାଷୀଙ୍କ ଠାରୁ କିଣାଯିବ ବୋଲି ପ୍ରଶାସନିକ ଅଧିକାରୀ ଚାଷୀ ନେତାଙ୍କୁ ପ୍ରତିଶୃତି ଦେଇଥିଲେ ପରେ ଚାଷୀ ନେତା ଆନ୍ଦୋଳନରତ ଚାଷୀଙ୍କୁ ଚାଷୀ ନେତା ସୂଚନା ଦେଇଥିଲେ ପରେ ଚାଷୀସଙ୍ଘ ପକ୍ଷରୁ ଆନ୍ଦୋଳନ ପ୍ରତ୍ୟାହାର କରାଯାଇଛି। ପ୍ରଶାସନିକ ଅଧିକାରୀ ଓ ଚାଷୀ ନେତାଙ୍କ ସହ ଆଲୋଚନା ହୋଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଗଣମାଧ୍ୟମକୁ ପ୍ରତିକ୍ରିୟା ମିଳିପାରିନାହିଁ।

### ଅଟଳ କପ-୨୦୨୫ ଉଦ୍‌ଯାପିତ

# ଭାଇ ଭାଇ ଇଲେଭେନ, ଜାଲପୁର ଚାମ୍ପିଅନ୍

**ଯାଜପୁର,୨୫।୧୨ (ସଂଚାର ବ୍ୟୁରୋ):** ଯୁବମାନଙ୍କୁ କ୍ରୀଡା ମାଧ୍ୟମରେ ଏକତ୍ର କରିବା, ଶୃଙ୍ଖଳା ଓ ଦେଶପ୍ରେମର ମୂଲ୍ୟବୋଧ ସୃଷ୍ଟି କରିବା ଉଦ୍ଦେଶ୍ୟରେ ‘ଆମ ଯାଜପୁର’ ସାମାଜିକ ସଂଗଠନ ପକ୍ଷରୁ ଯାଜପୁର ସହର କୁସୁମା ସମ୍ମୁଖରେ ଥିବା କ୍ରିକେଟ ଷ୍ଟାଡିୟମ ଠାରେ ଦୁଇଦିନ ଧରି ଆୟୋଜିତ ଅଟଳ ବିହାରୀ ବାଜପେୟୀ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅଟଳ କପ– ୨୦୨୫ ସଫଳତାର ସହିତ ଉଦ୍‌ଯାପିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ୍ ଭାଇ ଭାଇ ୧୧, ଜାଲପୁର ଓ ଜୀବନଜ୍ୟୋତି ମୋଟରାଙ୍ଗାପାଳ ମଧ୍ୟରେ ହୋଇଥିଲା। ଟସ୍ ଜିତି ଭାଇ ଭାଇ ଇଲେଭେନ ପ୍ରଥମେ ବ୍ୟାଟିଂ କରି ୭୧ ରନ ସଂଗ୍ରହ କରିଥିଲା। ଲକ୍ଷ୍ୟ ପଛୁଆ କରି ଜୀବନଜ୍ୟୋତି ଦଳ ଭଲ ଆରମ୍ଭ କରିଥିଲେ ମଧ୍ୟ ସମସ୍ତ ଉଇକେଟ ହରାଇ ୪୩ ରନରେ ସୀମିତ ରହିଗଲା। ଫଳରେ ଭାଇ ଭାଇ ଇଲେଭେନ, ଜାଲପୁର ୨୮ ରନରେ ବିଜୟୀ ହୋଇ ଚ୍ୟାମ୍ପିଅନ୍ ହାସଲ କରିଥିଲା। ଭାଇ ଭାଇ ଦଳର



ଚିନ୍ମୟ ସାହୁଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍, ବେଷ୍ଟ ବୋଲର ଓ ମ୍ୟାନ୍ ଅଫ୍ ଦି ସିରିଜ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଏହାସହ ଜୀବନଜ୍ୟୋତି ଦଳର ଧନ ରାଉତ ତାଙ୍କର ଦମଦାର ବ୍ୟାଟିଂ ପାଇଁ ବେଷ୍ଟ ବ୍ୟାଟସ୍‌ମ୍ୟାନ୍ ପୁରସ୍କାର ହାସଲ କରିଥିଲେ।

ଉଦ୍‌ଯାପନୀ ଦିବସର ପୁରସ୍କାର ବିତରଣ ଉତ୍ସବରେ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକାରୀ ସିତିକଣ୍ଠ କାନୁନଗୋ, ଜିଲ୍ଲା କ୍ରୀଡା ଅଧିକାରୀ ଫକୀର ମୋହନ ଟୁଡୁ, ବିଜେପି ରାଜ୍ୟ ଯୁବମୋର୍ଚ୍ଚା ଉପସଭାପତି ସଂଗ୍ରାମ କେଶରୀ ପାତ୍ର, ବିଜେପି ନେତା ସଞ୍ଜୟ ନାୟକ, ସୁଶାନ୍ତ ସାହୁ, ଲକ୍ଷ୍ମୀନାରାୟଣ ମଲ୍ଲିକ, ଶ୍ରୀଧର ବିଶ୍ୱାଳ, ଗୁଣ୍ଡିରାମ ଜେନା ଓ ସମାଜସେବୀ ବିଜୟ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ବିଜେତା ଦଳକୁ ଟ୍ରଫି ସହ ନଗଦ ୨୫,୦୦୦ ଟଙ୍କା ଓ ଉପବିଜେତା ଦଳକୁ ଟ୍ରଫି ସହ ନଗଦ ୧୫,୦୦୦ ଟଙ୍କା ପ୍ରଦାନ କରାଯାଇଥିଲା।

# ବାଜପେୟୀଙ୍କ ଜନ୍ମବାର୍ଷିକୀ ଓ ସୁଶାସନ ଦିବସ ପାଳିତ

**ଖୋର୍ଦ୍ଧା,୨୫।୧୨ (ସଂଚାର ବ୍ୟୁରୋ):** ଖୋର୍ଦ୍ଧା, କଲେକ୍ଟୋରେଟର ସମ୍ମିଳନୀ କକ୍ଷରେ ଏଡିଏମ୍, ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମବାର୍ଷିକୀ ଏବଂ ସୁଶାସନ ଦିବସ ପାଳିତ ହୋଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି, ଖୋର୍ଦ୍ଧା ବିଧାୟକ, ପ୍ରଶାନ୍ତ କୁମାର ଜଗଦେବ ତାଙ୍କ ଭାଷଣରେ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ଭାବରେ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ସ୍ୱଚ୍ଛ ଏବଂ ଦକ୍ଷ ପ୍ରଶାସନର ଐତିହ୍ୟକୁ ସମ୍ମାନ ଜଣାଇ ଡିସେମ୍ବର ୨୫ ତାରିଖକୁ ୨୦୧୪ ମସିହାରୁ ସୁଶାସନ ଦିବସ ଭାବରେ ପାଳନ କରାଯାଉଛି। ଏହି ଦିବସଟି ଦେଶବ୍ୟାପୀ ସେମିନାର, ପୁରସ୍କାର ଏବଂ ସରକାରୀ କାର୍ଯ୍ୟକ୍ରମ ମାଧ୍ୟମରେ ଦାୟିତ୍ୱ, ନାଗରିକ କେନ୍ଦ୍ରିକ ସେବା ଏବଂ ଆଇନ ନିୟମ ଭଳି ନୀତିକୁ ପ୍ରୋତ୍ସାହିତ କରେ। ଅନୁଷ୍ଠାନଗୁଡ଼ିକ "ସବକା ସାଥ, ସବକା ବିକାଶ" ବାଜପେୟୀଙ୍କ ଦୃଷ୍ଟିକୋଣ ଦ୍ୱାରା ଅନୁପ୍ରାଣିତ ଇ-ଶାସନ, ଦୁର୍ନୀତି ବିରୋଧୀ ପ୍ରୟାସ ଏବଂ ସ୍ଥାୟୀ ନୀତିକୁ ଆଲୋକପାତ କରନ୍ତି। ମାନବିକତା, ଶୃଙ୍ଖଳା, ସମର୍ପଣ, ସ୍ୱାର୍ଥ ଏବଂ ଅହଂକାର ବିନା ସେବା, ସକାରାତ୍ମକ ଚିନ୍ତାଧାରା ଏବଂ ପ୍ରତ୍ୟେକ ବ୍ୟକ୍ତି



ନିଜ ନିଜ ସ୍ତରରେ ଏକ ଅଖଣ୍ଡ ଭାରତର ନୂତନ ଇତିହାସ ଗଠନ ପାଇଁ ଆଗକୁ ଆସିବା ଉଚିତ।

ସମ୍ମାନିତ ଅତିଥିମାନେ ଜିଲ୍ଲା ପରିଷଦ, ଖୋର୍ଦ୍ଧାର ଅଧ୍ୟକ୍ଷ ରୂପା ଶ୍ରୀ ରାଣୀ ଗୁମାନ ସିଂହ, ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ନିଜ ନିଜ ଭାଷଣରେ ବାଜପେୟୀଙ୍କ ଆତ୍ମଜୀବନୀ ବିଷୟରେ ବିସ୍ତୃତ ଭାବରେ କହିଥିଲେ। କାର୍ଯ୍ୟକ୍ରମର ଶେଷରେ, ବିଧାୟକ ଶ୍ରୀ ଜଗଦେବ, ଏଡିଏମ୍, ଶ୍ରୀ ପ୍ରଧାନ, "ସୁଶାସନ ଦିବସ" ଅବସରରେ ଆୟୋଜିତ ଓଡ଼ିଆ ବିତର୍କ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ର ଏବଂ ଟ୍ରଫି ପ୍ରଦାନ କରିଥିଲେ।



ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଅବସରରେ ଏମ୍ସରେ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପଗୁଚ୍ଛ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରୁଛନ୍ତି।



ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଅବସରରେ ପୋଖରୀପୁଟ କୋକିଳା ରିସର୍ଟସ୍‌ରେ ଆୟୋଜିତ ଏକ ରକ୍ତଦାନ ଶିବିରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

● ବୁର୍ଲାରେ ବାଜପେୟୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଦେଲେ କେନ୍ଦ୍ରମନ୍ତ୍ରୀ

# ଅଟଳଜୀଙ୍କ 'ସୁଶାସନ' ଓଡ଼ିଶାକୁ ବିକଶିତ କରିବ



**ସମ୍ବଲପୁର, ୨୫।୧୨ (ସଂଚାର ବ୍ୟୁରୋ):** ସୁଶାସନର ମୂର୍ତ୍ତିମନ୍ତ ପ୍ରତୀକ, ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ 'ସୁଶାସନ' ମନ୍ତ୍ର ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦର୍ଶୀ ନେତୃତ୍ୱରେ ଓଡ଼ିଶାକୁ ଏକ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଆମେ ସଂକଳ୍ପବଦ୍ଧ ବୋଲି ଆଜି ସମ୍ବଲପୁରର ବୁର୍ଲା ଠାରେ ଏହି ମହାପୁରୁଷଙ୍କ ୧୦୧ତମ ଜନ୍ମ ଜୟନ୍ତୀ ଅବସରରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। କେନ୍ଦ୍ରମନ୍ତ୍ରୀ ପ୍ରଥମେ ଆଜି ସକାଳେ ଅଟଳ ବିହାରୀ ଜୟନ୍ତୀ ସମିତି ଏବଂ ଜିଲ୍ଲା ପ୍ରଶାସନର ମିଳିତ ପ୍ରୟାସରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଅଟଳ ଉଦ୍ୟାନ ପର୍ଯ୍ୟନ୍ତ ଏକ ଗଣଦୌଡ଼ରେ ସାମିଲ ହୋଇଥିଲେ। ପରେ ସେଠାରେ ପହଞ୍ଚି ବାଜପେୟୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଉଦବୋଧନ ଦେଇ ସେ କହିଥିଲେ ଅଟଳଜୀଙ୍କ 'ସୁଶାସନ' ମନ୍ତ୍ର ହିଁ ଓଡ଼ିଶାକୁ ଏକ ସମୃଦ୍ଧ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଆମକୁ ସବାବେଳେ ପ୍ରେରଣା ଦେଉଛି। ତାଙ୍କର ପ୍ରତିଟି କାଳଜୟୀ ସ୍ୱପ୍ନ ଓ ବାକ୍ୟକୁ ଆଜି ପ୍ରଧାନମନ୍ତ୍ରୀ ବାସ୍ତବ ରୂପ ଦେଉଛନ୍ତି। ସୁଶାସନ କେବଳ ସରକାରୀ ଦାୟିତ୍ୱ ନୁହେଁ, ଏହିରେ ସମାଜର ପ୍ରତିଟି ବର୍ଗର ସହଯୋଗ ଅପରିହାର୍ଯ୍ୟ। କେନ୍ଦ୍ରମନ୍ତ୍ରୀ ତାଙ୍କ ଅଭିଭାଷଣରେ ବୁର୍ଲାକୁ ଓଡ଼ିଶାର ଏକ ପ୍ରମୁଖ ବିକାଶ କେନ୍ଦ୍ର ଭାବେ ଅଭିହିତ କରିଥିଲେ। ସମ୍ବଲପୁରରେ ଥିବା ବିଶ୍ୱବିଦ୍ୟାଳୟ ସମୂହ ଓ ଶିକ୍ଷାନୁଷ୍ଠାନଗୁଡ଼ିକ ଏହାର ଗୌରବ ବଢ଼ାଉଛି। ବୁର୍ଲା ସ୍ଥିତ 'ଅଟଳ ଉଦ୍ୟାନ'କୁ ଆସନ୍ତାବର୍ଷ

● ଅଟଳ ଉଦ୍ୟାନ ପର୍ଯ୍ୟନ୍ତ ଗଣଦୌଡ଼ରେ ସାମିଲ ହେଲେ

● ଅଟଳ ଉଦ୍ୟାନ ହେବ ସମ୍ବଲପୁରର ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର

ସୁଦ୍ଧା ଏକ ଅତ୍ୟାଧୁନିକ ତଥା ଆକର୍ଷଣୀୟ ପର୍ଯ୍ୟଟନ ସ୍ଥଳୀରେ ପରିଣତ କରିବା ପାଇଁ ସେ ଗୁରୁତ୍ୱାରୋପ କରିଥିଲେ। ଏହାବ୍ୟତୀତ ବୁର୍ଲା ସ୍ଥିତ ପାର୍ଟି କାର୍ଯ୍ୟାଳୟଠାରେ ଏକ ରକ୍ତଦାନ ଶିବିରକୁ ମଧ୍ୟ ସେ ଉଦଘାଟନ କରି ସ୍ୱେଚ୍ଛାସେବୀଙ୍କ ଉତ୍ସାହିତ କରିଥିଲେ। ଏହି ଅବସରରେ ଶ୍ରୀ ପ୍ରଧାନଙ୍କୁ ସ୍ଥାନୀୟ ପ୍ରଶାସନ ଓ ଜନସାଧାରଣଙ୍କ ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ୟୁଟ୍ୟୁବର ଗୁଲୁଆଙ୍କୁ ହତ୍ୟା ଧମକ



● ୫୦ ଲକ୍ଷ ଟଙ୍କା ଦିଅ ନହେଲେ ଛାଡ଼ିବୁନି

● ଗୁଲୁଆଙ୍କ ଉପରେ ବର୍ଷିଲେ ପତ୍ନୀ ବର୍ଷା

● ପରକୀୟା ପ୍ରୀତି ଧରିବାରୁ ମାଡ଼ ମାରିଥିଲେ

**ଭୁବନେଶ୍ୱର, ୨୫।୧୨ (ସଂଚାର ବ୍ୟୁରୋ) :** ଓଡ଼ିଆ କମେଡିଆନ ତଥା ୟୁଟ୍ୟୁବର ଗୁଲୁଆଙ୍କୁ ହତ୍ୟା ଧମକ ମିଳିଛି। ୫୦ ଲକ୍ଷ ଟଙ୍କା ଦିଅ ନହେଲେ ଛାଡ଼ିବୁନି। ସୋସିଆଲ ମିଡ଼ିଆରେ ବଦନାମ କରିବାକୁ ଗୁଲୁଆଙ୍କୁ ଚେତାବନୀ ଦିଆଯାଇଛି। ମାଡ଼ମାରିବା ସହ ମିଛ କେସରେ ଫସେଇବାକୁ ଗୁଲୁଆଙ୍କୁ ଧମକ ମିଳିଛି। ବାଲିଅନ୍ତା ଥାନାରେ ଅଭିଯୋଗ କରିଛନ୍ତି ଗୁଲୁଆ। ତିନିଦିନ ହେବ ଖାଇପାରୁନି ବୋଲି ସୋସିଆଲ ମିଡ଼ିଆରେ ସେ ପୋଷ୍ଟ କରିଛନ୍ତି। ସେପଟେ ସୋସିଆଲ୍ ମିଡିଆରେ ଭାଇରାଲ୍ ହେଉଛି ଗୁଲୁଆଙ୍କ ସ୍ତ୍ରୀ ବର୍ଷାଙ୍କ କିଛି ଇନଷ୍ଟା ପୋଷ୍ଟ। ସ୍ୱାମୀ ଗୁଲୁଆ ମୋତେ ମାଡ଼ ମାରନ୍ତି ଓ ୬ ମାସ ହେଲା ପଚାରୁନାହାନ୍ତି, ଏମିତିକି ମୋ ଜୀବନର ୮ ବର୍ଷ ବରବାଦ କରିଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଘର ପାଇଁ ମୋ ବାପା ଟଙ୍କା ଦେଇଥିଲେ ବୋଲି ବର୍ଷା କହିଛନ୍ତି। ଗୁଲୁଆ ପୁଣି ବାହାହେବେ ବୋଲି ଝିଅ ଖୋଜୁଥିଲେ। ତାଙ୍କର ପରକୀୟା ପ୍ରୀତିର ସବୁ ଗୁପ୍ତ ଭିଡ଼ିଓ ଓ ଫଟୋ ମୁଁ ରଖିଛି। ଏଇ ଘଟଣା କହିବା ପରେ ସେ ମୋତେ ନିସ୍ତୁକ ମାଡ଼ ମାରିଥିଲେ ବୋଲି ବର୍ଷା ଅଭିଯୋଗ କରିଛନ୍ତି। ସେପଟେ ଗୁଲୁଆ ଏହାକୁ ଖଣ୍ଡନ କରି ବର୍ଷା ମୋତେ ବାଡ଼ାନ୍ତି ବୋଲି ପାଲଟା ଅଭିଯୋଗ କରିଛନ୍ତି। ଶଶୁର ଗୋଟିଏ ଟଙ୍କା ମୋତେ ଦେଇନାହାନ୍ତି। ବରଂ ବର୍ଷା ମତେ କୋଟିଏ ଟଙ୍କା ମାଗିଥିଲେ।

● କୁସ୍ତି ଯୋଦ୍ଧା ପ୍ରତିଯୋଗୀଙ୍କ ପ୍ରତି ଅମାନବୀୟ ବ୍ୟବହାର

# ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହେଲା ପ୍ୟାରେଣ୍ଟ ଫେଡେରେସନ୍

**ଭୁବନେଶ୍ୱର, ୨୫।୧୨ (ସଂଚାର ବ୍ୟୁରୋ):** ଉତ୍ତର ପ୍ରଦେଶର ବାଲିଆ ଠାରେ ଅନୁଷ୍ଠିତ ଜାତୀୟ ବିଦ୍ୟାଳୟ ସ୍ତରୀୟ କୁସ୍ତି ପ୍ରତିଯୋଗିତାରେ ଭାଗ ନେବା ପାଇଁ ଓଡ଼ିଶାରୁ ଯାଇଥିବା ୧୮ ଛାତ୍ରଛାତ୍ରୀଙ୍କ ପ୍ରତି ଯେଉଁଭଳି ଅମାନବୀୟ ବ୍ୟବହାର ହୋଇଛି ସେହି ଘଟଣା ସମସ୍ତ ଗଣମାଧମରେ ପ୍ରକାଶିତ ହେବା ପରେ ଆଜି ନ୍ୟାସନାଲ ପ୍ୟାରେଣ୍ଟ ଫେଡେରେସନ୍ ତରଫରୁ ଏକ ମାମଲା ରାଜ୍ୟ ମାନବାଧିକାର ଆୟୋଗଙ୍କ ନିକଟରେ ରୁଜ୍ଜୁ କରାଯିବା ସହ ଘଟଣାରେ ଦାୟୀ ଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି ବୋଲି ଫେଡେରସନ୍ ସଭାପତି ଭୁମୋହନ ବେବର୍ତ୍ତା ପଟ୍ଟନାୟକ ଜଣାଇଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ପ୍ରତିଯୋଗିତାରେ ଯୋଗଦେବାକୁ ଯାଇଥିବା ଛାତ୍ରଛାତ୍ରୀଙ୍କ ରେଳ ଟିକଟ୍ ସଂରକ୍ଷିତ ନଥିଲା, ଯଦିଓ ଯିବା ପୂର୍ବରୁ କୁହାଯାଇଥିଲା ସଂରକ୍ଷଣ ହୋଇଯିବ, କିନ୍ତୁ ୨ ଟି ଟିକେଟ ହିଁ ହୋଇପାରିଲା, ଫେରିବା ସମୟରେ ଅବସ୍ଥା ଆହୁରି ଶୋଚନୀୟ ଥିଲା। ୧୮ ଜଣ ଛାତ୍ରଛାତ୍ରୀ ଏବଂ ପ୍ରଶିକ୍ଷକ ଉତ୍ତରପ୍ରଦେଶରୁ ଓଡ଼ିଶା ପର୍ଯ୍ୟନ୍ତ ପ୍ରଚଣ୍ଡ ଶୀତ କାକରରେ ଟ୍ରେନର ଶୌଚାଳୟ ପାଖ ଚଟାଣରେ ବସି ଫେରିଥିଲେ ଏବଂ ଖାଇବା ପିଇବା ମଧ୍ୟ ମିଳିନଥିଲା। ଏ ସମ୍ପର୍କରେ ଶ୍ରୀ ପଟ୍ଟନାୟକ କିଛି ପ୍ରତିଯୋଗୀ ଏବଂ ପ୍ରଶିକ୍ଷକଙ୍କ ସହ କଥା ହେବା ପରେ ଜଣାପଡ଼ିଲା ବର୍ଷ ବର୍ଷ ଧରି ଏଭଳି ଘଟଣା ଘଟୁଛି, କିନ୍ତୁ ଏହିଥର ଏହା ସାମ୍ନାକୁ ଆସିଲା। ଗତ ନଭେମ୍ବର ୯ ତାରିଖରେ ହରିୟଣାର ପାନିପତ୍ ରେ ହୋଇଥିବା ଉଚ୍ଚ ମାଧମିକ ସ୍ତରୀୟ ପ୍ରତିଯୋଗିତାରେ ଯୋଗଦେବାକୁ ଯାଇଥିବା ଛାତ୍ରଛାତ୍ରୀମାନେ ମଧ ସମାନ ଦଶା ଭୋଗିଥିଲେ। ସମସ୍ତ ତଥ୍ୟ ପ୍ରମାଣ ସହ ଆୟୋଗଙ୍କ



ନିକଟରେ ମାମଲା ରୁଜ୍ଜୁ କରାଯାଇ ଏହି ଘଟଣାରେ ସଂଶ୍ଳିଷ୍ଟ ଅଧିକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି।

# ମହୋଦଧିରେ ଭାସିଆସିଲେ ଜଗନ୍ନାଥ

**ପୁରୀ, ୨୫।୧୨ (ସଂଚାର ବ୍ୟୁରୋ):** ସମୁଦ୍ର ଢେଉରେ ଭାସିଲେ ମହାବାହୁ। ଭାସିଲେ ନୁହେଁ, ଭାସି ଆସିଲେ ବିଗ୍ରହ। ହଁ ମହୋଦଧି ତଟରେ ମନେ ହେଉଥିବା ଏହି ନିଆରା ଦୃଶ୍ୟ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଦୃଶ୍ୟରେ ପ୍ରଭୁ ଜଗନ୍ନାଥଙ୍କ ଏକ ବିଗ୍ରହ ଭାସି ଆସୁଛି। ସମୁଦ୍ର ତଟରେ ବୁଲୁଥିବା ଜଣେ ବ୍ୟକ୍ତି ତାହା ଦେଖି ଦୌଡ଼ି ଯାଉଛନ୍ତି ସମୁଦ୍ର ଭିତରକୁ। ଆଉ ବିଗ୍ରହକୁ ଧରିବା ପରେ ବି ସେ ଆଣି ପାରୁନାହାନ୍ତି, ଆଉ ପାଟି କରି ଡାକୁଛନ୍ତି ଅନ୍ୟମାନଙ୍କୁ। ତାପରେ ଜଣକ ପରେ ଜଣେ ଢେଉ ମାଡରେ ଭାସି ଆସୁଥିବା ଜଗନ୍ନାଥଙ୍କ ବିଗ୍ରହଙ୍କ ପାଖରେ ପହଞ୍ଚି ଯାଉଛନ୍ତି।

ଜଣେ ଦୁଇ ଜଣ ଏପରିକି ତିନି ଜଣ ଚେଷ୍ଟା କରୁଛନ୍ତି ବିଗ୍ରହଙ୍କୁ ଉଠାଇ ଆଣିବାକୁ।



କିନ୍ତୁ ପାରୁ ନାହାନ୍ତି। ବଳିଆର ଭୂଜକୁ ବା କିଏ ସହଜେ ଉଠାଇ ପାରିବ? ବେଶ୍ ଓଜନିଆ ମନେ ହେଉଥିବା ମୂର୍ତ୍ତିଟିକୁ ୫ରୁ ୬ ଜଣ ବ୍ୟକ୍ତି ଧରି ଧରି ପାଣିରୁ ବାଲି ଉପରକୁ ଆଣୁଛନ୍ତି। ସେପଟେ ଚିତ୍ରରୁ ଦେଖାଯାଉଛି, ଭିଡ଼ ବଢି ବଢି ଚାଲୁଛି। ଜୟ ଜଗନ୍ନାଥ ଜୟ ଜଗନ୍ନାଥ ଚିତ୍କାର ସାଙ୍ଗକୁ ଫଟୋ, ସେଲଫି ଉଠାଇବାର ଏକ ପ୍ରକାର ପ୍ରତିଯୋଗିତ ଲାଗିଯାଉଛି। ଏ ଦୃଶ୍ୟ ମହୋଦଧି ତଟର। କିନ୍ତୁ କେଉଁଠୁ ଓ କିପରି ଜଗନ୍ନାଥଙ୍କ ଏତେ ବଡ଼ ବିଗ୍ରହ ଭାସି ଆସିଲା, ତାହା ସ୍ପଷ୍ଟ ହୋଇନାହିଁ।

ଏହା ବି ସ୍ପଷ୍ଟ ହୋଇନି ଠାକୁରଙ୍କୁ ନେଇଗଲେ କିଏ ବା କେଉଁଠାରେ ରଖାହେଲେ ସେ ? କିନ୍ତୁ ଏହା ସତ ଯେ, ମହୋଦଧିରେ ଭାସୁଥିବା ଜଗନ୍ନାଥଙ୍କ ମୂର୍ତ୍ତିଙ୍କର ଏହି ଦୃଶ୍ୟ ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଥିବା ଦେଖିବାକୁ ମିଳିଛି। ପୁରାଣ କଥା ଅନୁସାରେ ସେ ତ ଦିନେ ଦାରୁ ରୂପରେ ସମୁଦ୍ରରେ ଭାସି ଆସିଥିଲେ। ଆଉ ଏବେ ମୂର୍ତ୍ତି ରୂପରେ। ବଡ ଅପାର ଲୀଳା ତାଙ୍କର।

● ପୁଲିସ ଚାକିରି କରାଇ ଦେବି କହି କୋଟିଏରୁ ଅଧିକ ଟଙ୍କା ଠକେଇ

# ପୁନେରୁ ଅଭିଯୁକ୍ତ କାଳନ୍ଦୀ ରାଉତ ଗିରଫ

**ଭୁବନେଶ୍ୱର ୨୫।୧୨ (ସଂଚାର ବ୍ୟୁରୋ):** କ୍ରାଇମବ୍ରାଞ୍ଚ ଇଓଡବ୍ଲୁ ପଞ୍ଝାରେ ଚତୁର କାଳିଆ। ପୁନେରୁ ଗିରଫ କଲା ଇଓଡବ୍ଲୁ। ୨୦୨୧ ମସିହାରେ ପୁଲିସ ଏସଆଇ ଚାକିରି କରାଇ ଦେବାକୁ କହି ଆଶାୟୀ ପ୍ରାର୍ଥୀଙ୍କଠାରୁ ଠକେଇ କରିଥିଲା କୋଟିଏରୁ ଅଧିକ ଟଙ୍କା। ଠକେଇ ଅଭିଯୋଗରେ କାଳନ୍ଦୀ ରାଉତକୁ ପୁନେରୁ ଗିରଫ କରିଛି ଇଓଡବ୍ଲୁ। ନିଜ ନାଁ ଗୋପନ ରଖି କାଳିଆ ପୁନେରେ ରହୁଥିଲା। ପୂର୍ବରୁ ଏହି ମାମଲରେ ନବରଙ୍ଗପୁରରୁ ବୈକୁଣ୍ଠନାଥ ନାଏକ, ଭୁବନେଶ୍ୱରରୁ ଭୀମସେନ ମହାରଣା ଓ ବାଲେଶ୍ୱରରୁ ଜୟନ୍ତ ମହାନ୍ତିକୁ ଗିରଫ କରିଥିଲା ଇଓଡବ୍ଲୁ। ଏମାନେ ୨୦୨୧ ମସିହାରେ ନିଜକୁ ଗୃହ ବିଭାଗ ଅଧିକାରୀ ବୋଲି ପରିଚୟ ଦେଇଥିଲେ। ଆଶାୟୀ ପ୍ରାର୍ଥୀଙ୍କ ନିକଟରୁ ୧ କୋଟି ୪୭ ଲକ୍ଷ ଟଙ୍କା ହଡ଼ପ କରିଥିଲେ । କାଳିଆ ନିଜ ପରିଚୟ ଲୁଚାଇ ପୁନେରେ ରହୁଥିଲା।

# ବ୍ରିଜରୁ ଖସିଲା ବାଇକ, ୨ ମୃତ

**ନୂଆପଡ଼ା, ୨୫।୧୨ (ସଂଚାର ବ୍ୟୁରୋ):** ନୂଆପଡ଼ା ଜିଲ୍ଲା କୋମନା ଥାନା ହାତୀସରା ବ୍ରିଜ ତଳକୁ ଖସି ପଡିଲା ବାଇକ୍। ଘଟଣାସ୍ଥଳରେ ଦୁଇଜଣ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ଆହତ ଦୁଇଜଣଙ୍କୁ ତରବୋଡ ପୁଲିସ ଉଦ୍ଧାର କରି ଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠେଇଛି। ଗତକାଲି ବିଳମ୍ବିତ ରାତିରେ ତରବୋଡ ଠାରେ ଚାଲିଥିବା ଧନୁଯାତ୍ରା ଦେଖି ଗୋଟିଏ ବାଇକରେ ୪ ଜଣ ଯୁବକ ଘରକୁ ଫେରୁଥିବା ବେଳେ ଭାରସାମ୍ୟ ହରାଇ ବାଇକ୍ ପୋଲ ତଳକୁ ଖସି ପଡ଼ିଥିଲା। ଫଳରେ ଘଟଣାସ୍ଥଳରେ ଦୁଇଜଣ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଦୁଇଜଣ ଯୁବକ ହେଲେ ହାତିସରା ଗାଁର ହରିଶ୍ଚନ୍ଦ୍ର ପଟେଲ ଓ ବାବେଘାଟି ଗାଁର ଶୁଭ ହଂସ। ଅନ୍ୟ ଆହତ ଦୁଇଜଣ ଯୁବକ ମଧ ବାବେଘାଟି ବୋଲି ଜଣାପଡିଛି। ତରବୋଡ ପୁଲିସ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହିତ ଘଟଣାର ଅଧିକ ତଦନ୍ତ କରୁଛି।

# ୨୩ ଲକ୍ଷ ଟଙ୍କାର ବ୍ରାଉନସୁଗର ଜବତ

● ବ୍ୟବସାୟୀଙ୍କୁ ବାନ୍ଧିଲା ପୁଲିସ

**ପୁରୀ, ୨୫।୧୨ (ସଂଚାର ବ୍ୟୁରୋ):** ବ୍ରାଉନସୁଗର ବ୍ୟବସାୟ ପାଇଁ ଯୋଜନା ଚାଲିଥିବା ବେଳେ ମାଡ଼ି ବସିଲା ପୁରୀ ଅବକାରୀ ବିଭାଗ। ୨୩ ଲକ୍ଷ ଟଙ୍କାର ବ୍ରାଉନ ସୁଗର ସହିତ ବ୍ୟବସାୟୀକୁ ଗିରଫ କରି କୋର୍ଟ ଚାଲାଣ କରିଛି ଅବକାରୀ ବିଭାଗ। ସତ୍ୟବାଦୀ ଥାନା ଅନ୍ତର୍ଗତ ଜୟପୁର ଛକ ନିକଟରେ ପୁରୀ ଅବକାରୀ ବିଭାଗ ଚଢ଼ାଉ କରି ବ୍ରାଉନ ସୁଗର ବେପାରୀ ଅବଦୁଲ ରହେମାନକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଠାରୁ ୨୨୭ ଗ୍ରାମ ବ୍ରାଉନ ସୁଗର ଅବକାରୀ ବିଭାଗ ଜବତ କରିଛି। ଗିରଫ ଅବଦୁଲ୍ ଜଟଣୀ ରାଜାବଜାର ଅଞ୍ଚଳର ବୋଲି ସୂଚନା ଦିଆଯାଇଛି। ତେବେ ସୂଚନା ଅନୁଯାୟୀ, ବ୍ରାଉନ ସୁଗର ବ୍ୟବସାୟୀ ଅବଦୁଲ ଅବଦୁଲ୍ ନିଜ ସ୍କୁଟି ଡିକିରେ ଏକ ପଲିଥିନ ଭିତରେ ୨୨୭ ଗ୍ରାମର ବ୍ରାଉନ ସୁଗର ବ୍ୟବସାୟ ପାଇଁ ଆଣିଥିଲା। ବିଶେଷ ସୂତ୍ରରୁ ଖବର ପାଇ ଅବକାରୀ ବିଭାଗର ଟିମ୍ ଜୟପୁର ଛକରେ ଚଢ଼ାଉ କରି ତା ଠାରୁ ବ୍ରାଉନ ସୁଗର ଜବତ କରିବା ସହ ଅଭିଯୁକ୍ତକୁ ଗିରଫ କରିବାରେ ସକ୍ଷମ ହୋଇଥିଲେ।

# ଆଦିବାସୀ ମହିଳାଙ୍କୁ ଅସଦାଚରଣ

**ରାଇରଙ୍ଗପୁର, ୨୫।୧୨ (ସଂଚାର ବ୍ୟୁରୋ):** ଆଦିବାସୀ ମହିଳାଙ୍କୁ ନେଇ ରାଇରଙ୍ଗପୁର ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ୩ ଦୁର୍ବୃତ୍ତ ଆଦିବାସୀ ମହିଳାଙ୍କୁ ଅସଦାଚରଣ କରିଛନ୍ତି। ସେନେଇ ୩ ଗ୍ରାମର ବହୁ ଲୋକେ ଥାନା ପହଞ୍ଚି ଅଭିଯୋଗ କରିଛନ୍ତି। ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଆଦର୍ଶ ଟାଉନ୍ ଥାନା ଅନ୍ତର୍ଗତ ଭାଲୁବସା ଅଞ୍ଚଳରେ ଏହି ଘଟଣା ଘଟିଛି। ଅଭିଯୋଗ ଅନୁଯାୟୀ ଭାଲୁବସା ଗ୍ରାମରେ ରାସ୍ତା କାର୍ଯ୍ୟ ଚାଲିଥିବାରୁ ଏକ ବାଇପାସ୍ ରାସ୍ତା ନିର୍ମାଣ କରାଯାଇଛି। ଏହି ରାସ୍ତା ଦେଇ ନେଉଡି ଗ୍ରାମର ଜନୈକ ୨୧ ବର୍ଷ ବୟସ୍କା ମହିଳା ଘରକୁ ଫେରୁଥିବା ସମୟରେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ୩ ଜଣ ଦୁର୍ବୃତ୍ତ ଏଭଳି ଘଟଣା ଘଟାଇଛନ୍ତି ବୋଲି ଅଭିଯୋଗ ହୋଇଛି। ଏନେଇ ନେଉଡି, ବୁଢ଼ାମୋରା, ଭାଲୁବସାର ୩ ଗ୍ରାମର ଗ୍ରାମବାସୀ ପୁଲିସ ସୁରକ୍ଷା ପାଇଁ ଦାବି କରିଛନ୍ତି।

ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା ଘଟଣା

# ବିଜେଡି ଓ କଂଗ୍ରେସର ୧୨ ଘଣ୍ଟିଆ ବନ୍ଦ ପାଳିତ

**ଭଦ୍ରକ/ଚାନ୍ଦବାଲି, ୨୫।୧୨ (ସଂଚାର ବ୍ୟୁରୋ):** ଭଦ୍ରକ ଜିଲା ଚାନ୍ଦବାଲି ଏନ୍ଏସି ଅନ୍ତର୍ଗତ ବାଲିଗାଁଠାରେ ୨ ଦିନ ତଳେ ଘଟିଥିବା ନାବାଳିକା ବଳାତ୍କାର ଓ ହତ୍ୟା ଘଟଣା ଚାନ୍ଦବାଲି ସହରକୁ ଅଶାନ୍ତ କରିଛି। ଚାନ୍ଦବାଲି ବଜାର ମଧୁବାବୁ ଛକ, ପୁରୁଣା ବସ୍ଷ୍ଟାଣ୍ଡ, ତାରିଣୀ ଛକ ଆଦି ଜାଗାରେ ୨ ଦିନ ଧରି ଟାୟାର ଜାଳି ରାସ୍ତାରୋକୋ କରାଯାଇଥିଲା। ଗୁରୁବାର ଏହାର ପ୍ରତିବାଦରେ ବିଜେଡି ପକ୍ଷରୁ ୬ ଘଣ୍ଟିଆ ଚାନ୍ଦବାଲି ବଜାର ବନ୍ଦ କରାଯାଇଛି। ବିଧାୟକ ବ୍ୟୋମକେଶ ରାୟଙ୍କ ନେତୃତ୍ୱରେ ବିଜେଡି ପକ୍ଷରୁ ବନ୍ଦ କରାଯାଇଛି। ଚାନ୍ଦବାଲି ଏନ୍ଏସି ଅଧକ୍ଷା ଶାନ୍ତିଲତା ସେଠୀ, ଦ୍ୱିଜବର



ରାଉତଙ୍କ ସହ ବିଜେଡି କର୍ମୀ ଟାୟାର ଜାଳି ରାସ୍ତାରେ ବସିବା ସହ ପିକେଟିଂ କରିଛନ୍ତି।

ସେହିପରି କଂଗ୍ରେସ ପକ୍ଷରୁ ଦିଗମ୍ବର ଦାସଙ୍କ ନେତୃତ୍ୱରେ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। ଦୋକାନ ବଜାର ବନ୍ଦ ରହିଥିବା ବେଳେ ଗାଡ଼ି ଚଳାଚଳ ବନ୍ଦ ରହିଛି। ଏହି ଲଜ୍ଜାଜନକ ଘଟଣାକୁ ଉଭୟ କଂଗ୍ରେସ ଓ ବିଜେଡି ନିନ୍ଦା କରିବା ସହ ସରକାରଙ୍କ ଶାସନ ବ୍ୟବସ୍ଥାରେ ବିଫଳତାକୁ ନେଇ ସମାଲୋଚନା କରିଛନ୍ତି। ପ୍ରକାଶ ଥାଉକି, ଉକ୍ତ ଅଞ୍ଚଳର ଜଣେ ନାବାଳିକା ଦିବ୍ୟାଙ୍ଗ ହୋଇଥିବା ବେଳେ ଅଭିଯୁକ୍ତ ରାମପଲ୍ଲୀ ଗାଁର ଗଣେଶ ଦାସ ପୁଅ ବବୁଲୁ ଦାସ ତାକୁ କୋଳି ପାରି ଖାଇବାକୁ ଦେବା ବାହାନାରେ ନେଇ ବଳାତ୍କାର କରିବା ପରେ ହତ୍ୟା କରିଥିଲେ। ମଙ୍ଗଳବାର ରାତିରେ ଅଭିଯୁକ୍ତ ବବୁଲୁଙ୍କୁ ଜଗତସିଂହପୁରରୁ ପୁଲିସ ଗିରଫ କରିଛି। ପରିସ୍ଥିତିକୁ ଲକ୍ଷ୍ୟ ରଖି ଚାନ୍ଦବାଲି ବଜାରରେ ୧୦ ପ୍ଲାଟୁନ ଫୋର୍ସ ମୁତୟନ ରହିଛନ୍ତି। ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ର ଓ ଏସ୍ପି ମନୋଜ ରାଉତ ସ୍ଥିତି ଉପରେ ନଜର ରଖିଛନ୍ତି।

ବିରୋଧୀ କେବଳ ରାଜନୀତି କରୁଛନ୍ତି

## ବିଧିବଦ୍ଧ କାର୍ଯ୍ୟାନୁଷ୍ଠାନ ନିଆଯାଇଛି : ମନମୋହନ

ଚାନ୍ଦବାଲି ନାବାଳିକା ଦୁଷ୍କର୍ମ ଓ ହତ୍ୟା ପ୍ରସଙ୍ଗରେ ପ୍ରତିକ୍ରିୟା ରଖିଛନ୍ତି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ। ବିଧିବଦ୍ଧ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ମୁଖ୍ୟ ଅଭିଯୁକ୍ତକୁ ଗିରଫ କରାଯାଇଛି। ମୁଖ୍ୟମନ୍ତ୍ରୀ ୧୦ ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି। ଅଭିଯୁକ୍ତଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବିରୋଧୀ କେବଳ ରାଜନୀତି କରୁଛନ୍ତି ବୋଲି ମନମୋହନ କହିଛନ୍ତି। ଚାନ୍ଦବାଲି ଦୁଷ୍କର୍ମ ଓ ହତ୍ୟା ମାମଲାକୁ ରେଡ୍ ଫ୍ଲାଗ ତାଲିକାଭୁକ୍ତ କରାଯାଉଥିବା ସୂଚନା ଦେଇଛନ୍ତି ପୁଲିସ ଡିଜି ୱାଇ.ବି ଖୁରାନିଆ। ଏହି ମାମଲାର ତ୍ୱରିତ୍ ତଦନ୍ତ ସାରିବାକୁ ଲକ୍ଷ୍ୟ ରଖିଛୁ ବୋଲି ଡିଜିପି କହିଛନ୍ତି।

# ଶ୍ୱଶୁର ଆଗରେ ସ୍ତ୍ରୀକୁ ହତ୍ୟାକଲା ନିଶାଡ଼ି

**ବଲାଙ୍ଗିର, ୨୫।୧୨ (ସଂଚାର ବ୍ୟୁରୋ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଅନ୍ତର୍ଗତ ଜୁର୍ଲାକାନି ଗାଁରେ ବୁଧବାର ବିଳମ୍ବିତ ରାତିରେ ଘଟିଛି ଏକ ଅଭାବନୀୟ ଘଟଣା। ଶ୍ୱଶୁର ଆଗରେ ସ୍ତ୍ରୀକୁ ହତ୍ୟା କରିଛି ନିଶାସକ୍ତ ସ୍ୱାମୀ। ମୃତା ମହିଳା ଜଣକ ହେଲେ ତପ ମଲ୍ଲିକ। ଅଭିଯୁକ୍ତ ସ୍ୱାମୀ ମାଧବ ମଲ୍ଲିକକୁ ପୁଲିସ ଥାନାରେ ଅଟକ ରଖିଛି। ସେ କେଉଁ କାରଣରୁ ନିଜ ସ୍ତ୍ରୀକୁ ଟାଙ୍ଗିଆରେ ହାଣି ହତ୍ୟା କରିଛି ତାହା ସ୍ପଷ୍ଟ ହୋଇନଥିଲେ ମଧ ଏହା ପାରିବାରିକ କଳହର କୁପରିଣତି ବୋଲି କୁହାଯାଉଛି। ଦେଓଗାଁ ପୁଲିସ ଘଟଣାସ୍ଥଳରେ ତଦନ୍ତ କରୁଥିବା ଜଣାପଡିଛି।

# ମା' ପୁଅଙ୍କ ଉପରେ ମାଡ଼ିଗଲା ଟ୍ରାକ୍ଟର

**ଅନୁଗୋଳ, ୨୫।୧୨ (ସଂଚାର ବ୍ୟୁରୋ):** ଖରା ପୋହୁଁଥିବା ବେଳେ ତାଙ୍କ ଉପରକୁ ମାଡ଼ିଗଲା ଟ୍ରାକ୍ଟର। ଘଟଣା ସ୍ଥଳରେ ୪ ବର୍ଷର ଶିଶୁ ପୁତ୍ର ଶ୍ରୀରାମ ଦେହୁରୀଙ୍କ ମୃତ୍ୟୁ ହୋଇଛି। ମାଆଙ୍କୁ ଗୁରୁତର ଅବସ୍ଥାରେ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଆଜି ସକାଳୁ ଗାଁ ଦାଣ୍ଡରେ ମା ପୁଅ ଡ୍ରେନ କଡ଼ରେ ବସିଥିଲେ। ହଠାତ ରାସ୍ତାରେ ଆସୁଥିବା ଏକ ଟ୍ରାକ୍ଟର ରାସ୍ତା ଉପରେ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ବସିଥିବା ମା' ପୁଅଙ୍କ ଉପରକୁ ମାଡ଼ିଯାଇ ଥିଲା। ଫଳରେ ଘଟଣାସ୍ଥଳରେ ୪ ବର୍ଷର ଶ୍ରୀରାମ ଦେହୁରଙ୍କ ମୃତ୍ୟୁ ଘଟିଥିବା ବେଳେ ମା' ଗୁରୁତର ଅବସ୍ଥାରେ ପ୍ରଥମେ କିଶୋର ନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି।

# ନକଲି ନୋଟ କାରବାର, ୨କୋର୍ଟ ଚାଲାଣ

**ସୁବର୍ଣ୍ଣପୁର, ୨୫।୧୨ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ବିନିକା ଅଞ୍ଚଳରେ ନକଲି ନୋଟର ପ୍ରାଦୁର୍ଭାବ। ବିଭିନ୍ନ ସ୍ଥାନରେ ପୁଲିସ ଚଢ଼ାଉ କରି ଗତ ଅକ୍ଟୋବର ୨୫ ତାରିଖରେ ନକଲି ୪ ଲକ୍ଷ ୧୫ ସହ ଟଙ୍କା ଜବତ କରି ତିନିଜଣ ବ୍ୟକ୍ତିକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତଥାପି ଏହି ଅଞ୍ଚଳରେ ନକଲି ନୋଟ୍ ଜବତ ହେଉଛି।

ପୂର୍ବରୁ ଏଥିରେ ସଂପୃକ୍ତ ଥିବା ଫୁଲମୁଠି ଗ୍ରାମର ଅଭିଷେକ ହୋତା, ବିନିକା ସହର ପାତିକାରପଡାର ଅଶୋକ ନାଏକ ଏବଂ ନକଲି ଟଙ୍କା ଗ୍ରହଣ କରିଥିବା ଲଛିପୁର ଥାନା ରେଙ୍ଗାଲିଟିକ୍ରା ଗ୍ରାମର ଜୟ ନାରାୟଣ ବସ୍ତିଆଙ୍କୁ ଗିରଫ କରିଥିଲା ପୁଲିସ। ଏହି ନକଲି ଟଙ୍କା କାରବାରରେ ଆଉ କିଏ କିଏ ସାମିଲ ରହିଛନ୍ତି ତା'ର ତଦନ୍ତ କରୁଥିଲା ବିନିକା ପୁଲିସ। ଗତ ଅକ୍ଟୋବର ୨୬ ତାରିଖରେ ବିନିକା ପୁଲିସ ନକଲି ଟଙ୍କା ଜବତ କରି ତିନି ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଆଜି ପୁଣି ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଗିରଫ ଅଭିଯୁକ୍ତ ଦୁଇଜଣ ହେଉଛନ୍ତି ବରଗଡ଼ ଜିଲ୍ଲା ବରପାଲି ମହତାପଡାର ବଳରାମ ମେହେର ଓ ଗାଇସିଲେଟ କେନ୍ଦୁଭଟା ଗ୍ରାମର ବିଶ୍ୱପତି ସାହୁ ବୋଲି ଜଣାପଡିଛି ।

ଟାଟା ପାୱାର ସହ ଚୁକ୍ତିର ସମୀକ୍ଷା ଲାଗି ଉପଭୋକ୍ତା ମହାସଂଘର ଦାବି

# ସ୍ମାର୍ଟ ମିଟର ନୁହଁ, ମାଗଣାରେ ୩୦୦ ୟୁନିଟ୍ ବିଜୁଳି ଦିଅ

**ଭୁବନେଶ୍ୱର, ୨୫।୧୨ (ସଂଚାର ବ୍ୟୁରୋ) :** କେନ୍ଦ୍ରୀୟ ଆଇନ୍ ଅନୁଯାୟୀ ଓଡ଼ିଶାରେ ସ୍ମାର୍ଟ ମିଟର ବସାଇବା ପାଇଁ ଟାଟା ପାୱାର ଅଣ୍ଟା ଭିଡ଼ିଛି। ଯେତେବେଳେ ଅନ୍ୟ କୌଣସି ରାଜ୍ୟ ସ୍ମାର୍ଟ ମିଟର କାର୍ଯ୍ୟକାରୀ କରିବା ପାଇଁ ଏପର୍ଯ୍ୟନ୍ତ ପଦକ୍ଷେପ ନେଇନାହାନ୍ତି, ସେତେବେଳେ ଓଡ଼ିଶା ସରକାର ଟାଟା ପାୱାର ଦ୍ୱାରା ପ୍ରଭାବିତ ହୋଇ ସ୍ମାର୍ଟ ମିଟର ପାଇଁ ଟଙ୍କା ଭରଣା କରିବାକୁ ନିଷ୍ପତ୍ତି ନେବା ଜନସ୍ୱାର୍ଥ ବିରୋଧୀ ବୋଲି ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଉପଭୋକ୍ତା ମହାସଂଘ ପକ୍ଷରୁ କୁହାଯାଇଛି। ମାଗଣା ସ୍ମାର୍ଟ ମିଟର ନୁହେଁ, ନିର୍ବାଚନ ପ୍ରତିଶ୍ରୁତି ଅନୁଯାୟୀ ମାଗଣାରେ ୩୦୦ ୟୁନିଟ୍ ପର୍ଯ୍ୟନ୍ତ ବିଜୁଳି ଦେବାର ପ୍ରତିଶ୍ରୁତି ସରକାର ରକ୍ଷା କରିବାକୁ ଉପଭୋକ୍ତା ମହାସଂଘ ପକ୍ଷରୁ କୁହାଯାଇଛି। ଏହାବ୍ୟତୀତ ଜନସାଧାରଣଙ୍କ ଭିତରେ ଆତଙ୍କ ସୃଷ୍ଟି କରିଥିବା ଅତିରିକ୍ତ ସୁରକ୍ଷା ଜମା ରାଶି ଡିସେମ୍ବର ୩୧ ତାରିଖ ସୁଦ୍ଧା ଜମା ନ କଲେ ଟାଟା ପାୱାର ଲୋକଙ୍କ ଉପରେ ଫାଇନ୍ କରିବ କିମ୍ବା ବିଜୁଳି କାଟିଦେବ ଏହା ଏକ ସମ୍ପୂର୍ଣ୍ଣ ଭାବରେ ରାଜ୍ୟ ସରକାର ସ୍ଥଗିତ ରଖିବାକୁ ଉପଭୋକ୍ତା ମହାସଂଘ ରାଜ୍ୟ ସରକାରଙ୍କ ପାଖରେ ଦାବି କରିଛି। ଟାଟା ପାୱାର ସହିତ ହୋଇଥିବା ଏକଚାଟିଆ ଚୁକ୍ତି ଯୋଗୁଁ ଆଜି ଟାଟା ମନମାନି କରି ସାଧାରଣ ଜନତାଙ୍କୁ ଶୋଷଣ କରିବାରେ ଲାଗିଛି। ତେଣୁ ଟାଟା ସହିତ ହୋଇଥିବା ଏମ୍ଓୟୁର ପୁନଃ ସମୀକ୍ଷା କରିବା ପାଇଁ ଉପଭୋକ୍ତା ମହାସଂଘ ପକ୍ଷରୁ ଦାବି କରାଯାଇଛି । ମହାସଂଘର ରାଜ୍ୟ ଅଧକ୍ଷ ପଞ୍ଚାନନ କାନୁନ୍‌ଗୋ ଓ ସମ୍ପାଦକ ରବି ବେହେରା ଏକ ପ୍ରେସ୍ ବିବୃତ୍ତିରେ କହିଛନ୍ତି ଯେ, ୩୦ ବର୍ଷ ତଳେ ରାଜ୍ୟରେ ବିଦ୍ୟୁତ୍ ସଂସ୍କାର ଆରମ୍ଭ ହୋଇଥିଲା। ରାଜ୍ୟବାସୀଙ୍କୁ ସରକାର ବିଜୁଳି ଶସ୍ତା ଓ ସୁଲଭ ମୂଲ୍ୟରେ ସାଧାରଣ ଖାଉଟିଙ୍କୁ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ରାଜ୍ୟର ୧ କୋଟି ବିଜୁଳି ଉପଭୋକ୍ତାଙ୍କ ସ୍ୱାର୍ଥକୁ ଆଖିଆଗରେ ରଖି ସରକାର ତୁରନ୍ତ ପଦକ୍ଷେପ ନେବାକୁ ଦାବି କରାଯାଇଛି।

**ଅତିରିକ୍ତ ସୁରକ୍ଷା ଜମା ସ୍ଥଗିତ ରଖ**

# ଧାମରାରେ ଦୁଷ୍କର୍ମ

● ଲୋକ ଲଜ୍ଜା ଭୟରେ ବିଷ ପିଇଲେ

**ଭଦ୍ରକ, ୨୫।୧୨ (ସଂଚାର ବ୍ୟୁରୋ):** ଏକ ବାପ ଛେଉଣ୍ଡ ଝିଅକୁ ଦୁଷ୍କର୍ମ କରାଯାଇଥିବା ଧାମରା ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାରେ ଧାମରା ଥାନାଧିକାରୀ ଶୋଭନ କୁମାର ସ୍ୱାଇଁ ପୀଡ଼ିତାଙ୍କ ହାତଲେଖା ଚିଠି ଏବଂ ତାଙ୍କ ମାଙ୍କ ଲିଖିତ ଅଭିଯୋଗ ମୂଳେ ସଂପୃକ୍ତ ଅଭିଯୁକ୍ତକୁ ଉଠାଇ ନେଇଛନ୍ତି। ଝିଅଟି ସନ୍ଧ୍ୟାରେ ରୋଷେଇ କରୁଥିବା ସମୟରେ ସେହି ଗ୍ରାମର ଜ୍ଞାନରଞ୍ଜନ ପତି ସେଠାକୁ ଯାଇ ଦୁଷ୍କର୍ମ କରିଥିଲା। ଏହି କଥା ଲୋକ ଲୋଚନକୁ ଆସିବା ପୂର୍ବରୁ ସଂପୃକ୍ତ ପୀଡ଼ିତା ନିଜେ ଏକ କାଗଜରେ ଏହି ଘଟଣାକୁ ଲେଖିବା ପରେ ଜୀବ ହାରିବା ଲାଗି ଦୁଦୁରା ମଞ୍ଜିକୁ ଖାଇ ଅସୁସ୍ଥ ହୋଇ ପଡିଥିଲେ। ତାଙ୍କୁ ପ୍ରଥମେ ଧାମରା ସ୍ୱାସ୍ଥ୍ୟକେନ୍ଦ୍ର ପରେ ଭଦ୍ରକ ଏବଂ ସଂକଟାପର୍ଣ ହେବାରୁ ତାଙ୍କୁ କଟକର ଏକ ନର୍ସିଂହୋମରେ ଭର୍ତ୍ତି କରାଯାଇଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ




## ଆଜିର ସୁନା ଦର



ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୩୮,୯୩୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୨୭,୩୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୩୮,୯୩୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୨୭,୩୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୩୮,୯୩୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୨୭,୩୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୩୯,୦୮୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୨୭,୫୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୩୯,୬୪୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୨୮,୦୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୩୮,୯୩୦ ଓ ୧,୨୭,୩୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୩୩,୦୦୦ ଟଙ୍କା ହୋଇଛି।

## ଆଜିର ପେଟ୍ରୋଲ, ଡିଜେଲ୍ ଦର




ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦.୯୩ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୫୧ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୮ ପଇସା ରହିଛି।

# ୮ମ ଶ୍ରେଣୀ ପାସ୍ କରିଥିବା ପ୍ରାର୍ଥୀଙ୍କ ପାଇଁ ଚାକିରି ସୁଯୋଗ

### ବିଏଚୟୁ ନିଯୁକ୍ତି ୨୦୨୫

ନୂଆଦିଲ୍ଲୀ, ୨୫।୧୨: ଦେଶର ସବୁଠାରୁ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ମଧ୍ୟରୁ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ -୨୦୨୫ବର୍ଷ ପାଇଁ ନୂତନ ନିଯୁକ୍ତିର ଘୋଷଣା କରିଛି। ଏହି ନିଯୁକ୍ତି ଅଧୀନରେ ପ୍ରୋଗ୍ରାମ ଆସିସଷ୍ଟାଣ୍ଟ, ୱାର୍ଡ ସହାୟକ ଏବଂ ପରିମଳ କର୍ମଚାରୀ ଭଳି ପଦବୀ ପାଇଁ ନିଯୁକ୍ତି ଦିଆଯିବ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ୮ମ ଶ୍ରେଣୀରୁ ସ୍ନାତକସ୍ତର ପର୍ଯ୍ୟନ୍ତ ପ୍ରାର୍ଥୀମାନେ ଏହି ପଦବୀ ପାଇଁ ଆବେଦନ କରିପାରିବେ। ଆବେଦନ ପ୍ରକ୍ରିୟା ସମ୍ପୂର୍ଣ୍ଣ ଅଫ୍‌ଲାଇନରେ ହେବ। ଏହାର ଶେଷ ତାରିଖ ୨୦୧୫ ଡିସେମ୍ବର ୩୦ତାରିଖ ପର୍ଯ୍ୟନ୍ତ ରହିଛି। ବିଏଚୟୁର ଏହି ନିଯୁକ୍ତି ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟର ଯୋଜନା "ଜାତୀୟ ବୟସ୍କଙ୍କ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମ" (ଏନପିଏଚସିଇ) ଅଧୀନରେ କାର୍ଯ୍ୟକାରୀ କରାଯାଉଛି। ସମସ୍ତ ପଦବୀ ବିଏଚୟୁର ଚିକିତ୍ସା ବିଜ୍ଞାନ ପ୍ରତିଷ୍ଠାନ (ଆଇଏମଏସ) ରେ ପୁରଣ କରାଯିବ।ଏହି ନିଯୁକ୍ତି ଅଭିଯାନ ଅଧୀନରେ ବିଭିନ୍ନ ପଦବୀ ପାଇଁ ବିଭିନ୍ନ ଯୋଗ୍ୟତା ସ୍ଥିର କରାଯାଇଛି। ପ୍ରୋଗ୍ରାମ ଆସିଷ୍ଟାଣ୍ଟ ପଦବୀ ପାଇଁ ପ୍ରାର୍ଥୀମାନଙ୍କୁ ଏକ ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟରୁ ଦ୍ୱିତୀୟ ଶ୍ରେଣୀର ସ୍ନାତକ ହୋଇଥିବା ଆବଶ୍ୟକ। ଏହା ସହିତ ପ୍ରାର୍ଥୀଙ୍କର ଛଅ ମାସର କମ୍ପ୍ୟୁଟର ତାଲିମ ଥିବା ଆବଶ୍ୟକ। ଯଦି କାହାର କମ୍ପ୍ୟୁଟର ବିଜ୍ଞାନରେ ଡିପ୍ଲୋମା ଅଛି, ତେବେ ଅତି କମରେ ଗୋଟିଏ ବର୍ଷର କାର୍ଯ୍ୟ ଅଭିଜ୍ଞତା ବୈଧ ବୋଲି ବିବେଚନା କରାଯିବ।

ୱାର୍ଡ ଆସିଷ୍ଟାଣ୍ଟ କିମ୍ବା ହସ୍ପିଟାଲ ଆଟେଣ୍ଡାଣ୍ଟ ପଦବୀ ପାଇଁ ଆବେଦନ କରିବାକୁ ଇଚ୍ଛା ରଖିଥିବା ପ୍ରାର୍ଥୀମାନଙ୍କୁ ଦଶମ ଶ୍ରେଣୀ ପାସ୍ କରିଥିବା ଆବଶ୍ୟକ। ଏହା ସହିତ, ହସ୍ପିଟାଲ କିମ୍ବା ସମ୍ବନ୍ଧିତ କ୍ଷେତ୍ରରେ ଅତି କମରେ ଗୋଟିଏ ବର୍ଷର ଅଭିଜ୍ଞତା ଆବଶ୍ୟକ। ସଫାଇ କର୍ମଚାରୀ କିମ୍ବା ସାନିଟାରୀ ଆଟେଣ୍ଡାଣ୍ଟ ପଦବୀ ପାଇଁ, ଅଷ୍ଟମ ଶ୍ରେଣୀ ପାସ୍ କରିଥିବା ପ୍ରାର୍ଥୀମାନେ ଆବେଦନ କରିପାରିବେ, କିନ୍ତୁ ସେମାନଙ୍କର ଏକ ବର୍ଷର କାର୍ଯ୍ୟ ଅଭିଜ୍ଞତା ଥିବା ଆବଶ୍ୟକ।

ପ୍ରାର୍ଥୀମାନଙ୍କୁ ଅଫଲାଇନରେ ଆବେଦନ ଫର୍ମ ପୂରଣ କରିବାକୁ ପଡ଼ିବ। ଏହା କରିବା ପାଇଁ ସେମାନଙ୍କୁ ପ୍ରଥମେ ସରକାରୀ ବିଏଚୟୁ ୱେବସାଇଟରୁ ଆବେଦନ ଫର୍ମ ଫର୍ମାଟ୍ ଡାଉନଲୋଡ୍ କରିବାକୁ ପଡ଼ିବ। ଉକ୍ତ ଆବେଦନ ଫର୍ମରେ ପ୍ରାର୍ଥୀମାନଙ୍କୁ ସମ୍ପୂର୍ଣ୍ଣ ସୂଚନା ପୂରଣ କରିବାକୁ ପଡ଼ିବ। ସେମାନଙ୍କୁ ଏକ ପାସପୋର୍ଟ ଆକାରର ଫଟୋଗ୍ରାଫ୍ ଲଗାଇବାକୁ ପଡିବ ଏବଂ ନିର୍ଦ୍ଦିଷ୍ଟ ସ୍ଥାନରେ ଦସ୍ତଖତ କରିବାକୁ ପଡିବ। ଏଥିସହିତ ଶିକ୍ଷାଗତ ପ୍ରମାଣପତ୍ର, ଅଭିଜ୍ଞତା ପ୍ରମାଣପତ୍ର ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ଡକ୍ୟୁମେଣ୍ଟର କପି ମଧ୍ୟ ଯୋଡ଼ିବାକୁ ପଡିବ। ସମ୍ପୂର୍ଣ୍ଣ ଆବେଦନ ଫର୍ମ ପ୍ରଫେସର ଅନୁପ ସିଂହ, ନୋଡାଲ୍ ଅଫିସର, ଏନପିଏଚସିଇ, ଡିପାର୍ଟମେଣ୍ଟ ଅଫ ଜେରିଆଟ୍ରିକ୍ ମେଡିସିନ୍, ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍, ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ, ବାରାଣାସୀ-୨୨୧୦୦୫ (ଉତ୍ତର ପ୍ରଦେଶ)ର ଠିକଣାରେ ପଠାଇବାକୁ ପଡିବ। ବିଳମ୍ବରେ କରାଯାଇଥିବା ଆବେଦନକୁ ଗ୍ରହଣ କରାଯିବ ନାହିଁ।




## ଏନ୍‌ଏସ୍‌ଇ ଜାରିକଲା ୨୦୨୬ର ଛୁଟି ତାଲିକା

ନୂଆଦିଲ୍ଲୀ, ୨୫।୧୨: ବର୍ଷ ୨୦୨୫ ସରି ଆସିଲାଣି। ଡିସେମ୍ବର ୨୫ ତାରିଖ, ଗୁରୁବାର; ଷ୍ଟକ୍ ମାର୍କେଟ୍‌ର ବର୍ଷର ଶେଷ ଟ୍ରେଡିଂ ପବ୍ଲିକ୍ ହଲିଡେ'। ଖ୍ରୀଷ୍ଟମାସ ପାଇଁ ନ୍ୟାସ୍‌ନାଲ୍ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ଓ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ରେ ଟ୍ରେଡିଂ ବନ୍ଦ ରହିଥିଲା। ଏହି ସମୟ ମଧ୍ୟରେ ଇକ୍ୱିଟି, ଡେରିଭେଟିଭ୍ସ ଓ କରେନ୍‌ସି ସେଗ୍‌ମେଣ୍ଟରେ କୌଣସି କାରବାର ହେବନାହିଁ।

ଖ୍ରୀଷ୍ଟମାସ ପାଇଁ ମଲ୍ଟି କମୋଡିଟି ଏକ୍ସଚେଞ୍ଜ (ଏମ୍‌ସିଏକ୍ସ) ମଧ୍ୟ ବନ୍ଦ ରହିଛି। ଏନ୍‌ଏସ୍‌ଇ ଆସନ୍ତାବର୍ଷ ଷ୍ଟକ୍ ମାର୍କେଟ୍ ଛୁଟିର ଏକ ତାଲିକା ପ୍ରକାଶ କରିଛି। ଆସନ୍ତୁ ଜାଣିବା ୨୦୨୬ରେ କେଉଁ ଦିନ ଷ୍ଟକ୍ ମାର୍କେଟ୍ ବନ୍ଦ ରହିବ।

ନ୍ୟାସ୍‌ନାଲ୍ ଷ୍ଟକ୍ ଏକ୍ସଚେଞ୍ଜ ୨୦୨୬ ମସିହା ପାଇଁ ଏହାର ଛୁଟି କ୍ୟାଲେଣ୍ଡର ପ୍ରକାଶ କରିଛି। କ୍ୟାଲେଣ୍ଡର ଅନୁସାରେ, ୨୦୨୬ରେ ସେୟାର୍ ବଜାରରେ ମୋଟ୍ ୧୫ଟି ଛୁଟି ରହିବ। ଏହାସହିତ, ପ୍ରତି ଶନିବାର ଓ ରବିବାର ସାପ୍ତାହିକ ଛୁଟି ରହିବ। ଏହି ଦିନଗୁଡ଼ିକରେ କୌଣସି କାରବାର ହେବନାହିଁ। ୨୦୨୬ ମସିହାରେ ସାଧାରଣ ଛୁଟି ଜାନୁଆରୀ ୨୬ ତାରିଖରୁ ଆରମ୍ଭ ହେବ। ଗଣତନ୍ତ୍ର ଦିବସରେ ସେୟାର୍ ବଜାର ବନ୍ଦ ରହିବ। ଏହାପରେ ମାର୍ଚ୍ଚ ୩ ତାରିଖରେ ହୋଲି ପାଇଁ ସେୟାର୍ ବଜାର ବନ୍ଦ ରହିବ। ମାର୍ଚ୍ଚ ୨୬ ତାରିଖରେ ଶ୍ରୀରାମ ନବମୀ ଓ ମାର୍ଚ୍ଚ ୩୧ ତାରିଖରେ ଶ୍ରୀ ମହାବୀର ଜୟନ୍ତୀ ପାଇଁ ଛୁଟି ରହିବ। ଏପ୍ରିଲ ୩ ତାରିଖରେ ଗୁଡ୍ ଫ୍ରାଇଡେ ଏବଂ ଏପ୍ରିଲ ୧୪ ତାରିଖରେ ଡକ୍ଟର ବାବାସାହେବ ଆମ୍ବେଦକର ଜୟନ୍ତୀ ପାଇଁ କୌଣସି ବ୍ୟବସାୟ ହେବନାହିଁ।




୧ ମଇରେ ମହାରାଷ୍ଟ୍ର ଦିବସରେ ସେୟାର୍ ବଜାର ଛୁଟି ରହିବ। ଏହାପରେ ୨୮ ମଇରେ ବକ୍‌ରିଦ୍ ପାଇଁ ଛୁଟି ରହିବ। ୧୪ ସେପ୍ଟେମ୍ବରରେ ଗଣେଶ ଚତୁର୍ଥୀ, ୨ ଅକ୍ଟୋବରରେ ମହାତ୍ମା ଗାନ୍ଧୀ ଜୟନ୍ତୀ ଯୋଗୁଁ ସାଧାରଣ କାରବାର ବନ୍ଦ ରହିବ। ୨୦ ଅକ୍ଟୋବରରେ ଦଶହରା, ୧୦ ନଭେମ୍ବରରେ ଦୀପାବଳି-ବଳିପ୍ରତିପଦା ଓ ୨୪ ନଭେମ୍ବରରେ ଗୁରୁ ନାନକ ଜୟନ୍ତୀ ପାଇଁ ଛୁଟି ରହିବ। ଡିସେମ୍ବର ୨୫ ତାରିଖରେ ବର୍ଷର ଶେଷ ପ୍ରମୁଖ ପର୍ବ ଖ୍ରୀଷ୍ଟମାସ ପାଇଁ କୌଣସି କାରବାର ହେବନାହିଁ। ଏନ୍‌ଏସ୍‌ଇର ଛୁଟି ତାଲିକା ଅନୁସାରେ, ୨୦୨୬ ମସିହାରେ ଷ୍ଟକ୍ ବଜାରର ପ୍ରଥମ ବାଣିଜ୍ୟିକ ଛୁଟି ଜାନୁଆରୀ ୨୬ ତାରିଖରେ ଗଣତନ୍ତ୍ର ଦିବସରେ ହେବ। ବର୍ଷର ଶେଷ ବାଣିଜ୍ୟିକ ଛୁଟି ଡିସେମ୍ବର ୨୫ ତାରିଖରେ ଖ୍ରୀଷ୍ଟମାସ ହେବ।

## ଆରମ୍ଭ ହେବ ତିନି ନୂଆ ଏୟାରଲାଇନ୍ସ

### କେନ୍ଦ୍ର ସରକାର ଦେଲେ ମଞ୍ଜୁରି

ନୂଆଦିଲ୍ଲୀ, ୨୫।୧୨: ଦେଶବାସୀଙ୍କୁ ନୂଆ ବର୍ଷରେ ତିନିଟି ନୂଆ ଏୟାରଲାଇନ୍ସ ମିଳିପାରେ। କେନ୍ଦ୍ର ସରକାର ଦେଶରେ ତିନୋଟି ନୂତନ ବିମାନ ସେବାକୁ ଅନୁମୋଦନ କରିଛନ୍ତି। ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ତିନୋଟି ପ୍ରସ୍ତାବିତ ବିମାନ ସେବାକୁ ଏନଓସି ପ୍ରଦାନ କରିଛି। ଏଣିକି ଇଣ୍ଡିଗୋ, ଏୟାର ଇଣ୍ଡିଆ ଏବଂ ସ୍ପାଇସଜେଟ୍ ଭଳି ବିମାନ ସେବା ବ୍ୟତୀତ, ଲକ୍ଷ ଲକ୍ଷ ବିମାନ ଯାତ୍ରୀଙ୍କ ପାଖରେ ତିନୋଟି ନୂତନ ବିକଳ୍ପ ରହିବ। ଏହି ନୂଆ ଏୟାରଲାଇନ୍ସ ଆରମ୍ଭ ହେବା ପରେ ବିମାନ ସେବାର ସ୍ୱେଚ୍ଛାଚାରିତାକୁ ବନ୍ଦ ହୋଇପାରିବ। ଏହି ତିନି ବିମାନ ସେବା ଆରମ୍ଭ ହେବା ପରେ ସେବା କ୍ଷେତ୍ରରେ ପ୍ରତିଯୋଗିତା ବୃଦ୍ଧି ପାଇବ ଏବଂ ସାଧାରଣ ଲୋକମାନେ ଏଥିରୁ ଲାଭ ପାଇବେ।



କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାଇଡୁ ଏକ୍ସ ପୋଷ୍ଟରେ କହିଛନ୍ତି, ଗତ ସପ୍ତାହରେ ତିନୋଟି ନୂଆ ଏୟାରଲାଇନ୍ସର ଟିମ୍ ସହିତ ସାକ୍ଷାତ କରିଥିଲେ। ସେ ପୋଷ୍ଟରେ ଲେଖିଛନ୍ତି, "ଗତ ସପ୍ତାହ ମଧ୍ୟରେ, ଭାରତୀୟ ଆକାଶରେ ଉଡ଼ିବାକୁ ଆକାଂକ୍ଷା ରଖୁଥିବା ନୂଆ ଏୟାରଲାଇନ୍ସ ଶଙ୍ଖ ଏୟାର, ଅଲ୍ ହିନ୍ଦ ଏୟାର ଏବଂ ଫ୍ଲାଏ ଏକ୍ସପ୍ରେସର ଟିମ ସହିତ ସାକ୍ଷାତ କରି ଖୁସି ଅନୁଭବ ହୋଇଛି। ଶଙ୍ଖ ଏୟାର ପୂର୍ବରୁ ମନ୍ତ୍ରଣାଳୟରୁ ଏନଓସି ପାଇସାରିଛି। ଅଲ୍ ହିନ୍ଦ ଏୟାର ଏବଂ ଫ୍ଲାଏ ଏକ୍ସପ୍ରେସ ଏହି ସପ୍ତାହରେ ସେମାନଙ୍କର ଏନଓସି ପାଇଛନ୍ତି।" ରାମ ମୋହନ ନାଇଡୁ କହିଛନ୍ତି, "କେନ୍ଦ୍ର ସରକାରଙ୍କ ନୀତି ଯୋଗୁଁ, ଭାରତୀୟ ବିମାନ ଚଳାଚଳ ବିଶ୍ୱର ସବୁଠାରୁ ଦ୍ରୁତ ଅଭିବୃଦ୍ଧିଶୀଳ ବିମାନ ବଜାର ମଧ୍ୟରୁ ଗୋଟିଏ। ମନ୍ତ୍ରଣାଳୟ ଭାରତୀୟ ବିମାନ ଚଳାଚଳରେ ଅଧିକ ବିମାନ କମ୍ପାନିକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରୟାସ କରୁଛି। ଉଡାନ ଭଳି ଯୋଜନାଗୁଡ଼ିକ ଷ୍ଟାର ଏୟାର, ଇଣ୍ଡିଆ ୱାନ୍ ଏୟାର, ଫ୍ଲାଏ୯୧ ପରି ଛୋଟ କମ୍ପାନି ଦେଶ ମଧ୍ୟରେ ଆଞ୍ଚଳିକ ସଂଯୋଗୀକରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ସକ୍ଷମ କରିଛି।" ଶଙ୍ଖ ଏୟାରର ଉଡ଼ାଣ ନୋଏଡା ଅନ୍ତର୍ଜାତୀୟ ବିମାନବନ୍ଦରରୁ ପରିଚାଳିତ ହେବ। ବିମାନ କମ୍ପାନି କହିଛି ଯେ ଏହା ନୋଏଡା ଅନ୍ତର୍ଜାତୀୟ ବିମାନବନ୍ଦରରୁ ଏକ ପୂର୍ଣ୍ଣ-ସେବା ବିମାନ କମ୍ପାନି ଭାବରେ କାର୍ଯ୍ୟ କରିବାକୁ ଯୋଜନା କରୁଛି। ଶଙ୍ଖ ଏୟାର ୨୦୨୬ର ପ୍ରଥମ ତ୍ରୈମାସିକରେ ଉଡ଼ାଣ ସେବା ଆରମ୍ଭ କରିବାକୁ ଯୋଜନା କରୁଛି। ଶଙ୍ଖ ଆଭିଏସନ୍ କହିଛି ଯେ ଏହାର ବିମାନର ବର୍ତ୍ତମାନ ବୈଷୟିକ ସମୀକ୍ଷା କରାଯାଉଛି ଏବଂ ବିତରଣ ପାଇଁ ପ୍ରସ୍ତୁତ ହେଉଛି। ଉତ୍ତର ପ୍ରଦେଶର ଶଙ୍ଖ ଆଭିଏସନ୍ ଶଙ୍ଖ ଏୟାର ପରିଚାଳନା କରିବ। କମ୍ପାନୀ ଆଗାମୀ ୨-୩ ବର୍ଷ ମଧ୍ୟରେ ୨୦-୨୫ ଉଡ଼ାଣ ପରିଚାଳନା କରିବାକୁ ଲକ୍ଷ୍ୟ ରଖିଛି।

ଅଲ୍ ହିନ୍ଦ୍ ଗ୍ରୁପ୍ ମାଲିକାନାରେ ଥିବା ଅଲ୍ ହିନ୍ଦ୍ ଏୟାର, ଏଟିଆର ୭୨-୬୦୦ ଟର୍ବୋପ୍ରପ୍ ବିମାନର ଏକ ଫ୍ଲିଟ୍ ସହିତ ଏକ ଆଞ୍ଚଳିକ ବିମାନ କମ୍ପାନି ଭାବରେ ଆରମ୍ଭ କରିବାକୁ ଯୋଜନା କରୁଛି। ଏହି ବିମାନ କମ୍ପାନି ପ୍ରଥମେ ଦକ୍ଷିଣ ଭାରତରେ ଘରୋଇ ରୁଟ୍ ଉପରେ ଧ୍ୟାନ ଦେବ। ଅନ୍ୟ ଏକ ବିମାନ କମ୍ପାନି, ଫ୍ଲାଏ ଏକ୍ସପ୍ରେସ୍ ମଧ୍ୟ ଭାରତୀୟ ଆକାଶରେ ଉଡ଼ାଣ ପାଇଁ ପ୍ରସ୍ତୁତ ହେଉଛି।

## ଓଡ଼ିଶାରେ ୨୦୨୫ରେ ଜିଓର ଦବଦବା

# ପ୍ରଥମ ୧୦ ମାସରେ ଯୋଡ଼ିଛି ୧୫ ଲକ୍ଷରୁ ଅଧିକ ନୂତନ ଗ୍ରାହକ

ଭୁବନେଶ୍ୱର, ୨୫।୧୨: ଓଡ଼ିଶାର ଏକ ନମ୍ବର ତଥା ସର୍ବାଧିକ ପସନ୍ଦର ଡିଜିଟାଲ୍ ସେବା ପ୍ରଦାନକାରୀ ରିଲାଏନ୍ସ ଜିଓ ଏହାର ଜୟଯାତ୍ରା ଜାରି ରଖି ୨୦୨୫ ବର୍ଷର ପ୍ରଥମ ୧୦ ମାସରେ ରାଜ୍ୟରେ ୧୫ ଲକ୍ଷରୁ ଅଧିକ ନୂତନ ମୋବାଇଲ୍ ଏବଂ ହୋମ୍ ବ୍ରଡବ୍ୟାଣ୍ଡ ଗ୍ରାହକ ଯୋଡ଼ିଛି। ଭାରତୀୟ ଟେଲିକମ୍ ନିୟାମକ ପ୍ରାଧିକରଣ (ଟ୍ରାଇ) ଦ୍ୱାରା ପ୍ରକାଶିତ ଟେଲିକମ୍ ଉପଭୋକ୍ତା ତଥ୍ୟ ଅନୁଯାୟୀ, ରିଲାଏନ୍ସ ଜିଓ ଜାନୁଆରୀରୁ ଅକ୍ଟୋବର ୨୦୨୫ ମଧ୍ୟରେ ରାଜ୍ୟରେ ଯୋଡ଼ି ହୋଇଥିବା ମୋଟ ନୂତନ ମୋବାଇଲ୍ ଗ୍ରାହକଙ୍କ ମଧ୍ୟରୁ ୭୮ ପ୍ରତିଶତରୁ ଅଧିକ ହାସଲ କରି ଏହି ୧୦ ମାସରେ ଓଡ଼ିଶାରେ ୧୨.୭୭ ଲକ୍ଷରୁ ଅଧିକ ନୂତନ ମୋବାଇଲ୍ ଗ୍ରାହକ ଯୋଡ଼ିଛି। ଅନ୍ୟପକ୍ଷରେ ଏହାର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଏୟାରଟେଲ ମାତ୍ର ୧୮ ପ୍ରତିଶତ ନୂଆ ମୋବାଇଲ ଗ୍ରାହକ କରିଥିବା ଜଣାପଡିଛି। ରାଜ୍ୟରେ ଗୃହ ବ୍ରଡବ୍ୟାଣ୍ଡ କ୍ଷେତ୍ରରେ ଏହାର ପ୍ରାଧାନ୍ୟକୁ ଆହୁରି ସୁଦୃଢ଼ କରିଛି ଜିଓ। ୨୦୨୫ ବର୍ଷର ପ୍ରଥମ ୧୦ ମାସରେ ଜିଓ ରାଜ୍ୟରେ ସର୍ବାଧିକ ଦୁଇ ଲକ୍ଷ ଚାଳିଶ ହଜାର ନୂତନ ଜିଓଫାଇବର ଏବଂ ଜିଓଏୟାରଫାଇବର ଗ୍ରାହକ ଯୋଡିଛି। ମାତ୍ର ୧୦ ମାସ ମଧ୍ୟରେ ଜିଓ ଓଡ଼ିଶାର ଗୃହ ବ୍ରଡବ୍ୟାଣ୍ଡ କ୍ଷେତ୍ରରେ ପ୍ରଭାବଶାଳୀ ୬୦ ପ୍ରତିଶତ ଅଭିବୃଦ୍ଧି ହାସଲ କରିଛି, ଯାହା ଫଳରେ ୩୧ ଅକ୍ଟୋବର, ୨୦୨୫ ସୁଦ୍ଧା ରାଜ୍ୟରେ ଜିଓଫାଇବର ଏବଂ ଜିଓଏୟାରଫାଇବର ଗ୍ରାହକଙ୍କ ମୋଟ ସଂଖ୍ୟା ୬ ଲକ୍ଷ ଚାଳିଶ ହଜାରରୁ ଅଧିକ ହୋଇଛି। ଜାତୀୟ ସ୍ତରରେ, ୨୦୨୫ ବର୍ଷ ରିଲାଏନ୍ସ ଜିଓ ପାଇଁ ଅନେକ ମାଇଲଖୁଣ୍ଟ ହାସଲର ବର୍ଷ ହୋଇଛି। ସେପ୍ଟେମ୍ବର ୨୦୨୫ରେ ପ୍ରଥମ ଭାରତୀୟ ଟେଲିକମ୍ ସେବା ପ୍ରଦାନକାରୀ ଭାବେ ଜିଓ ୫୦ କୋଟି ଗ୍ରାହକ ମାଇଲଖୁଣ୍ଟ ଅତିକ୍ରମ କରି ବିଶ୍ୱର ସର୍ବବୃହତ ମୋବାଇଲ୍ ଡାଟା ନେଟୱାର୍କ ଭାବରେ ନିଜର ସ୍ଥିତିକୁ ଆହୁରି ସୁଦୃଢ଼ କରିଛି। ଅନ୍ୟ ଏକ ମାଇଲଖୁଣ୍ଟ ଭାବରେ ଜିଓ ବିଶ୍ୱର ଏକ ନମ୍ବର ଫିକ୍ସଡ୍ ୱାୟାରଲେସ୍ ଆକ୍ସେସ୍ (ଏଫଡବ୍ଲୁଏ) ସେବା ପ୍ରଦାନକାରୀ ହେବାର ଏକ ବଡ଼ ଲମ୍ଫ ପ୍ରଦାନ କରିଛି। ଏହାର ୫ଜି ଏବଂ ୟୁବିଆର ଆଧାରିତ ଏଫଡବ୍ଲୁଏ ସେବା ଜିଓଏୟାରଫାଇବର ୨୦୨୫ ଜୁଲାଇ ମାସରେ ଗ୍ରାହକ ସଂଖ୍ୟା ଆଧାରରେ ଆମେରିକାର ଟି-ମୋବାଇଲକୁ ପଛରେ ପକାଇ ବିଶ୍ୱର ଅଗ୍ରଣୀ ସ୍ଥାନ ହାସଲ କରିଥିଲା।




ବର୍ତ୍ତମାନ ଦେଶରେ ଏକ କୋଟିରୁ ଅଧିକ ଜିଓଏୟାରଫାଇବର ଉପଭୋକ୍ତା ଗେମିଂ, ମନୋରଞ୍ଜନ ଏବଂ କ୍ଲାଉଡ୍‌କୁ ଏକୀକୃତ କରୁଥିବା ସ୍ମାର୍ଟ ସେଟ୍ ଟପ୍ ବକ୍ସ ଜରିଆରେ ବିଶ୍ୱସ୍ତରୀୟ ଗୃହ ମନୋରଞ୍ଜନ (ହୋମ ଏଣ୍ଟରଟେନମେଣ୍ଟ), ଅସୀମିତ ୱାଇଫାଇ ଉପଭୋଗ କରୁଛନ୍ତି। ୨୦୨୫ରେ ଜିଓ ୫ଜି ନେଟୱାର୍କର ବିସ୍ତାର ଦ୍ରୁତ ହେବା ସହିତ ୫ଜି ସେବା ଡାଟା ବ୍ୟବହାର ଏବେ ମୋଟ ୱାୟାରଲେସ୍ ଡାଟା ଟ୍ରାଫିକର ପ୍ରାୟ ୫୦ ପ୍ରତିଶତରେ ପହଞ୍ଚିଛି। ଉଲ୍ଲେଖଯୋଗ୍ୟ ଯେ, ଜିଓ ୪୭ ପ୍ରତିଶତରୁ ଅଧିକ ମୋବାଇଲ୍ ଗ୍ରାହକ ବଜାର ଅଂଶ ଏବଂ ଉଭୟ ୱାୟାରଲାଇନ୍ ଓ ଏଫଡବ୍ଲୁଏ କ୍ଷେତ୍ରରେ ଦୃଢ଼ ନେତୃତ୍ୱ ସ୍ଥିତି ସହିତ ଓଡ଼ିଶା ଟେଲିକମ୍ ବଜାରରେ ଏକ ନମ୍ବର ଡିଜିଟାଲ ସେବା ପ୍ରଦାନକାରୀ ଭାବରେ ନିଜର ପ୍ରାଧାନ୍ୟ ବିସ୍ତାର କରିଛି। ଟ୍ରାଇ ତଥ୍ୟ ଅନୁଯାୟୀ, ଅକ୍ଟୋବର ୩୧, ୨୦୨୫ ସୁଦ୍ଧା ଓଡ଼ିଶାରେ ଜିଓର ସର୍ବାଧିକ ୧ କୋଟି ୬୯ ଲକ୍ଷ ମୋବାଇଲ୍ ଗ୍ରାହକ, ୩ ଲକ୍ଷ ୪୫ ହଜାରରୁ ଅଧିକ ଜିଓଫାଇବର ଗ୍ରାହକ, ୨ ଲକ୍ଷ ୫୯ ହଜାରରୁ ଅଧିକ ୫ଜି ଏଫଡବ୍ଲୁଏ ବା ଜିଓଏୟାରଫାଇବର ଉପଭୋକ୍ତା ଏବଂ ୩୬୦୦୦ରୁ ଅଧିକ ୟୁବିଆର ଏଫଡବ୍ଲୁଏ ଗ୍ରାହକ ରହିଛନ୍ତି। ଏହି ମାଇଲଖୁଣ୍ଟ ଜିଓର ସେବା ପ୍ରତି ଗ୍ରାହକଙ୍କ ଅତୁଳନୀୟ ବିଶ୍ୱାସ ଏବଂ ସାରା ରାଜ୍ୟରେ ଏହାର ଅତ୍ୟାଧୁନିକ ୪ଜି ଏବଂ ୫ଜି ନେଟୱାର୍କର ପ୍ରଯୁକ୍ତିର ଶ୍ରେଷ୍ଠତା ଦ୍ୱାରା ଶକ୍ତିଶାଳୀ ହୋଇଛି। ଏହାର ଅତ୍ୟାଧୁନିକ ପ୍ରଯୁକ୍ତି, ଦୃଢ଼ ଭିତ୍ତିଭୂମି ଏବଂ ଗ୍ରାହକ ସର୍ବପ୍ରଥମ ଭାବନା ସହିତ, ଜିଓ ଉଭୟ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ଓଡ଼ିଶାର ଡିଜିଟାଲ୍ ପରିବର୍ତ୍ତନର ଯାତ୍ରାକୁ ଆଗକୁ ବଢାଇବାରେ ପ୍ରମୁଖ ଭୂମିକା ନିର୍ବାହ ଜାରି ରଖିଛି।

## ବାଟବଣା ହେଉଛି ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଗରୀବଙ୍କୁ ମିଳୁନାହିଁ ଘର ?



**କନ୍ଧମାଳ,୨୫।୧୨(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ କୁଏରିମାଣ୍ଡୁ ପଞ୍ଚାୟତ ଅନ୍ତର୍ଗତ ସମୁକୁସା ଗ୍ରାମର ଜିମାଦେଇ କହଁର ଏକ ଭଙ୍ଗା ଦଦରା ଘରେ ଦୟନୀୟ ଭାବରେ କାଟୁଛନ୍ତି ସାତ ଜଣ ସଦସ୍ୟ। କୁଲି ମଜୁରି ଯାଇ ଯେତିକି ମିଳୁଛି ସେତିକିରେ ପରିବାର ଚଳିବା ବହୁତ କଷ୍ଟ ପୁଣି ଘର ଖଣ୍ଡିଏ ତିଆରି କରିବା ତାଙ୍କ ପକ୍ଷେ ଅସମ୍ଭବ ବୋଲି କହିଛନ୍ତି ହିତାଧିକାରୀ। ଦିର୍ଘ ବର୍ଷ ରୁ ଭଙ୍ଗା ଦଦରା ଚାଳ ଛପର ଘରେ ବିତୁଛି ଜୀବନ, ଫେଲ୍ ମାରିଛି ସରକାରଙ୍କ ତରଫରୁ ପକ୍କା ଘର ଖଣ୍ଡିଏ। ଘର ଛପର ନଷ୍ଟ ହେବାକୁ ଗଲାଣି ଘରର କାଛ ସବୁ ଫାଟି ଆଁ କରିଛି। ଏପରି ବିପଦ ସଙ୍କୁଳ ଅବସ୍ଥାରେ ଘରେ ପରିବାର ଧରି ରାତ୍ରି ଜାପନ କରୁଛନ୍ତି। ଘରର ମରାମତି କରିବା ପାଇଁ ହାତ ରେ ସମ୍ବଳ ନାହିଁ। ଘର ଖଣ୍ଡିଏ ପାଇଁ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ବ୍ଲକ ଓ ଜିଲ୍ଲାପାଳ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆବେଦନ କରିଥିଲେ ମଧ କେହି ଶୁଣୁନାହାନ୍ତି ବୋଲି କହିଛନ୍ତି ଜିମାଦେଇ କହଁର। ବର୍ଷା ରେ ଘରର ଛପର ନଷ୍ଟ ହେବାରୁ ବର୍ଷା ପାଣି ଘର ଭିତରେ ଜମିକି ରହୁଛି ଯାହା ଫଳରେ ପରିବାର ଲୋକେ ଘର ଖଣ୍ଡିଏ ପାଇଁ ବହୁତ ଅସୁବିଧାରେ ସମ୍ମୁଖୀନ ହେଉଥିବା କହିଛନ୍ତି। ଏଠି ଯାହା ପ୍ରଶ୍ନ ଉଠୁଛି ସ୍ଥାନୀୟ ପ୍ରତିନିଧି ଓ ବ୍ଲକ ପ୍ରଶାସନ ଅବହେଳା ଯୋଗୁଁ ଆଜି ପର୍ଯ୍ୟନ୍ତ ଏହି ଏହି ପରିବାର କୁ ପକ୍କା ଘର ଖଣ୍ଡିଏ ମିଳି ପାରୁନାହିଁ।ଦିନେ ନୁହେଁ କି ମାସେ ନୁହେଁ ବର୍ଷ ବର୍ଷ ଧରି ମାଟି ଘରେ ହିଁ ବିତୁଛି ଜୀବନ। ତେଣୁ ପ୍ରଶାସନ ଏଥିପ୍ରତି ସଠିକ ଦୃଷ୍ଟି ଆକର୍ଷଣ କରିବା ସହ ଜିମାଦେଇ କହଁର ଙ୍କୁ ଆବାସ ଗୃହ ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି ଅଭିଯୋଗ କାରୀ ନାମ ସୁନ୍ଦେରୀ କହଁର ସାମାଜ ସେବୀ ବିବେକାନନ୍ଦ ପ୍ରଧାନ ନିଭିଦତିଅ କହଁର ସୁଗ୍ରୀବ କହଁର ରିମି କହଁର ଗଣେଶ୍ୱର କହଁର ସୁମିତ୍ରା କହଁର କୈଳାଶ କହଁର ଅନ୍ୟ ପଟେ ଦେଖିବାକୁ ବାକି ରହିଛି ସରକାର ଗରିବ ମୁଣ୍ଡକୁ ଛାତ କେବେ ଯୋଗାଇ ଦେଉଛି।

## ଅବିବାହିତା ମହିଳା ବୈଶାଳୀ ଭତ୍ତା ପାଇବାରୁ ବଞ୍ଚିତ



**କନ୍ଧମାଳ,୨୫।୧୨(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା କ ନୂଆଗାଁ ବ୍ଲକ ବଣ୍ଡଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ମଗଡ଼ିଙ୍ଗିଆ ଗ୍ରାମର ୩୭ ବର୍ଷୀୟ ଅବିବାହିତା ମହିଳା ବୈଶାଳୀ ମଲ୍ଲିକ ଭତ୍ତା ପାଇବାରୁ ବଞ୍ଚିତ ଏହି ଅବିବାହିତା ମହିଳା ଦୁଇ ବର୍ଷ ହେବ ଭତ୍ତା ପାଇବା ପାଇଁ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଦୌଡ଼ ଦୌଡ଼ି ଶେଷରେ ନିରାଶ ହୋଇ ଘରେ ଭୋକ ଉପାସରେ ବିତାଇ ଦିନ କାଟୁଥିବା ଖବର ମିଳିଛି ନିଜ ଘର ହେଉଛି ମଗଡ଼ିଙ୍ଗିଆ ଗ୍ରାମର ଅସହାୟ ଗରିବ ଶ୍ରେଣୀର ଅବିବାହିତା ମହିଳା ବୈଶାଳୀ ମଲ୍ଲିକ। ଜିଲ୍ଲାର ଆଦି ବ୍ଲକର ବିଭିନ୍ନ ଗଳିକନ୍ଦି ଗ୍ରାମାଞ୍ଚଳରେ ବିଧବା ଭତ୍ତା ହେଉ କିମ୍ବା ବାର୍ଦ୍ଧକ୍ୟ ଭତ୍ତା ହେଉ ଭତ୍ତା ପାଉଥିବା ବେଳେ ବୈଶାଳୀ ମଲ୍ଲିକ ୩୭ ବର୍ଷର ଅବିବାହିତା ମହିଳାଙ୍କୁ ଏ ପର୍ଯ୍ୟନ୍ତ କାହିଁକି ପ୍ରଶାସନର ଦୃଷ୍ଟି ପଡ଼ି ନାହିଁ ଏହା ଜିଲ୍ଲା ମହଲରେ ଏକ ପ୍ରଶ୍ନବାଚି ସୃଷ୍ଟି ହେଉଛି। ସରକାର ପରେ ସରକାର ବଦଳଉଛି ହେଲେ ସରକାର ଯୋଜନା ସଠିକ୍ ଭାବରେ ଲୋକ ଙ୍କ ପାଖରେ ପହଞ୍ଚିବାକୁ ଅସୁବିଧା ରହୁଛି କୋଉଠି, ନା ଜାଣି ଶୁଣି ପ୍ରଶାସନ ନିରବ ରହୁଛି ବୋଲି ଅଞ୍ଚଳରେ ଏକ ଚର୍ଚ୍ଚା ହେଉଛି। ଏଣୁ ଅବିବାହିତା ମହିଳାଙ୍କ ପ୍ରତି ପ୍ରଶାସନ ଦୃଷ୍ଟିରେ ରଖି ଏହି ଗରୀବ ଅସହାୟ ଅତିବାହିତ ମହିଳା ଦୟାକରି ତାଙ୍କୁ ତୁରନ୍ତ ପଦକ୍ଷେପ ନେଇ ଭତ୍ତା ପ୍ରଦାନ କରିବା ନିମନ୍ତେ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଦେଖିବାକୁ ବାକି ରହିଲା ଖବର ପ୍ରସାରଣ ପରେ ପ୍ରଶାସନ କେବେ କୁମ୍ଭକର୍ଣ୍ଣ ନିଦ୍ରା ରୁ ଉଠି ଏହି ମହିଳା ଙ୍କ ପ୍ରତି ଦୃଷ୍ଟି ଦେଉଛନ୍ତି।

## ଆବାସ ଗୃହ ପାଇଁ ଗୁହାରୀ

**ଫିରିଙ୍ଗିଆ,୨୫।୧୨(ସଂଚାର ବ୍ୟୁରୋ):** ବିପ୍ର- ରାଜ୍ୟ ଓ କେନ୍ଦ୍ର ସରକାର ଅସହାୟ ଗରିବ ଲୋକଙ୍କ ପାଇଁ ବିଭିନ୍ନ ଯୋଜନାରେ ଆବାସ ଗୃହ ଯୋଗାଇ ଦେଉଥିବା ବେଳେ ଆବାସ ଗୃହ ପ୍ରକୃତ ହିତାଧିକାରୀ ଆବାସ ଗୃହ ପହଞ୍ଚି ପାରୁନାହିଁ ଏମିତି ଏକ ଦୃଶ୍ୟ ଦେଖିବା ମିଳିଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଭୁଙ୍ଗିଯୋଡି ପଞ୍ଚାୟତ ଭୁଙ୍ଗିଯୋଡି ଗାଁ ର ପେଟି କହଁର। ବୟସ ୭୫ ବର୍ଷ ହେଲେ ମୁଣ୍ଡ ଗୁଞ୍ଜିବାକୁ ଘର ଖଣ୍ଡିଏ ନାହିଁ। ସ୍ୱାମୀ ମୃତ୍ୟୁ ହେବାର ବହୁତ ବର୍ଷ ବିତିଯାଇଥିଲେ ମଧ ଏଯାଏଁ ରହିବା ପାଇଁ ଭଲ ଘର ନାହିଁ। ଘର ଖଣ୍ଡିଏ ପାଇଁ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆବାସ ଯୋଜନା ମାଧମରେ ଘର ଖଣ୍ଡିଏ ଯୋଗାଇ ଦେବା ପାଇଁ ଦାବି କରିଛନ୍ତି କିନ୍ତୁ ମିଳୁନାହିଁ ଆବାସ ଗୃହ। କିଛି ଦିନ ତଳେ ଲଗାଣ ବର୍ଷା ଯୋଗୁଁ ମାଟି ଘର ଭାଙ୍ଗି ଯାଇ ଥିବା ରୁ ଘର ମରାମତି କରିବା କିମ୍ବା ନୂତନ ଘର ନିର୍ମାଣ କରିବା ସମ୍ଭବ ନାହିଁ ବୋଲି କହିଛନ୍ତି। ସ୍ୱାମୀ ମୃତ୍ୟୁ ପରେ ପରିବାର କହିଲେ ଏକୁଟିଆ ଦିନ ମଞ୍ଜୁରି ଯାଇ ପରିବାର ଚଳୁଛି। ସରକାର ତରଫରୁ ଚାଉଳ, ଭତ୍ତା ମିଳୁଥିବା ବେଳେ ଦୁଃଖ ବିଷୟ ରହିବାକୁ ଘର ଖଣ୍ଡିଏ ନାହିଁ। ଘର ଖଣ୍ଡିଏ ନଥିବାରୁ ପଡ଼ିଶା ଘରେ ଆଶ୍ରୟ ନେଉଥିବା କହିଛନ୍ତି ପେଟି କହଁର। ତେଣୁ ପ୍ରଶାସନ ଏଥିପ୍ରତି ସଠିକ ଦୃଷ୍ଟି ଆକର୍ଷଣ କରିବା ସହ ଦୁଃଖ କଷ୍ଟରେ ରହୁଥିବା ପେଟି କହଁର ଙ୍କୁ ଆବାସ ଗୃହ ଯୋଗାଇ ଦେବା ପାଇଁ ପେଟି କହଁର ସମେତ ଗ୍ରାମ ବାସୀ ଦାବି କରିଛନ୍ତି। ଅନ୍ୟପଟେ ଦେଖିବାକୁ ବାକି ରହିଲା ସରକାର ପେଟି କହଁର ଙ୍କ ଦୁଃଖ କେବେ ଦୂର କରିବ ଏବଂ ଆବାସ ଗୃହ ଯୋଗାଇ ଦେଉଛି ତାହା ଦେଖିବାକୁ ବାକି ରହିଛି।

## ସୁଶାସନ ଦିବସରେ ଅଟଳ ସମ୍ମାନ ପ୍ରଦାନ



**ବାଲିପାଟଣା,୨୫।୧୨(ସଂଚାର ବ୍ୟୁରୋ):** ଆଜି ସାରା ଦେଶରେ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ଅଟଳ ବିହାରି ବାଜପାୟୀଙ୍କ ଜନ୍ମଦିନ ତଥା ସୁଶାସନ ଦିବସ ବିଭିନ୍ନ କାର୍ଯ୍ୟକ୍ରମ ମାଧମରେ ଉତ୍ସାହ ଓ ସଚେତନତା ସହ ପାଳନ କରାଯାଇଛି।ଏହି ଉପଲକ୍ଷେ କାଞ୍ଚନ ଫାଉଣ୍ଡେସନ, ନିର୍ଭିକ ମିଡିଆ ଫାଉଣ୍ଡେସନ ଟ୍ରଷ୍ଟ, ଗ୍ରୀନ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟ, ଉତ୍କଳ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟ, ହରପ୍ରିୟା ଫାଉଣ୍ଡେସନ ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱର ବିନ୍ଦୁସାଗର ସ୍ଥିତ କେଦାରନାଥ ଗବେଷଣା ପ୍ରତିଷ୍ଠାନ ଠାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ଅଟଳ ବିହାରି ବାଜପାୟୀଙ୍କ ଜନ୍ମ ବାର୍ଷିକ ସମାରୋହ ପାଳିତ ହୋଇଯାଇଛି। କାଞ୍ଚନ ଫାଉଣ୍ଡେସନର ଅଧକ୍ଷ ରଞ୍ଜନ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ଡଃ ଅରବିନ୍ଦ ଢ଼ାଲି, ରାଜଧାନୀ ପୁସ୍ତକ ମେଳାର ସଂପାଦକ ବିଦ୍ୟୁଭୂଷଣ ପଟ୍ଟନାୟକ, ଶିକ୍ଷାବିତ ଲକ୍ଷ୍ମୀଧର ପ୍ରଧାନ, କାଞ୍ଚନ ଫାଉଣ୍ଡେସନର ସଂପାଦକ ତାପସ ରଂଜନ ମଲ୍ଲିକ, ନିର୍ଭିକ ଖବରର ସଂପାଦକ ଆଶୁତୋଷ ଚୌଧୁରୀ ପ୍ରମୁଖ ଯୋଗ ଦେଇ ସୁଶାସନ ମାନେ କେବଳ ନୀତି-ନିୟମ ନୁହେଁ, ବରଂ ଜନସାଧାରଣଙ୍କ ସହ ଭରସା ଓ ସମ୍ପର୍କ ସ୍ଥାପନ ବୋଲି ଉଲ୍ଲେଖ କରିଥିଲେ।

## ରସାନନ୍ଦ ମହାପାତ୍ରଙ୍କ ରଚିତ କବିତା ପୁସ୍ତକ 'ତରାଟ ଫୁଲର ଗାଁ' ଲୋକାର୍ପିତ

**ଧାମନଗର,୨୫।୧୨(ସଂଚାର ବ୍ୟୁରୋ):** ଧାମନଗର କାନ୍ତ ସାହିତ୍ୟ ପରିଷଦର ରେ ସଭାପତି ରାସାନନ୍ଦ ମହାପାତ୍ରଙ୍କ ରଚିତ କବିତା ସଂଙ୍କଳନ 'ତରାଟ ଫୁଲର ଗାଁ' ବିଶିଷ୍ଟ କବି ହରପ୍ରସାଦ ଦାସଙ୍କ କରକମଳରେ ଲୋକାପ୍ରିତ ହୋଇଯାଇଛି। ଧାମନଗର ହାଇସ୍କୁଲ ପରିସରରେ କାନ୍ତ ସାହିତ୍ୟ ପରିଷଦ ବାର୍ଷିକ ଓ କବିତା ପାଠ ଉତ୍ସବ ସମାରୋହରେ କବି ଶ୍ରୀଦାସ ଉକ୍ତ ପୁସ୍ତକକୁ ଉନ୍ମୋଚନ କରି କହିଲେ ରସାନନ୍ଦଙ୍କ 'ତରାଟ ଫୁଲର ଗାଁ' ହେଉଛି ତାଙ୍କ ପ୍ରେମିକାର ଗାଁ। ଏଠାରେ କେବଳ ତରାଟ ଫୁଟେ ନାହିଁ ଦ୍ରୋଣ, ଦ୍ରୌପଦି, ମଚ୍ଛରା ମଧ ଆତ ଯାତ ହୁଅନ୍ତି। ୪୭ ଟି କବିତା ସନ୍ନିବେସିତ ଏଇ ସଂଙ୍କଳନର ବହୁ କବିତା ଇତି ପୂର୍ବରୁ ଓଡ଼ିଶାର ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶ ପାଇ ପାଠକୀୟ ଶ୍ରଦ୍ଧା ଲାଭ କରୁଛି। ବନ ଫୁଲ ପ୍ରକାଶନୀ ଦ୍ୱାରା ଏହା ପ୍ରକାଶ ପାଇଥିବାର ଜଣାଯାଇଛି। ଏହି ଅବସରରେ କବି ଶଚୀକାନ୍ତ ପଣ୍ଡା, ମନୋଜ କୁମାର ସିଂହ, ଅଭିମନ୍ୟୁ ମଲ୍ଲିକ, ସୁମତୀ ନାୟକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ କବିତା ପାଠ ପ୍ରଦାନ କରି ରସାନନ୍ଦଙ୍କ ରଚିତ କବିତା ପୁସ୍ତକ ପାଠକଙ୍କ ମହଲରେ ଆଦୃତ ହେବ ବୋଲି ଶ୍ରୀ ମହାପାତ୍ର ଆଶା ବ୍ୟକ୍ତ କରିଛନ୍ତି।

### ଉପାନ୍ତ ଅଞ୍ଚଳର ସଫେଇ ଯୋଦ୍ଧା

# ବାଣ୍ଟୁଛନ୍ତି ସ୍ୱଚ୍ଛତାର ବାର୍ତ୍ତା



**ମାଲକାନଗିରି,୨୫।୧୨(ସଂଚାର ବ୍ୟୁରୋ):** ଜିଲ୍ଲା ମାଥିଲିର ସଫେଇ ଯୋଦ୍ଧା । ସଫେଇ କାର୍ଯ୍ୟରେ ନିୟୋଜିତ ହୋଇ ଆତ୍ମନିର୍ଭରଶୀଳ ହେବା ସହ ସହରକୁ ସଫା କରିବାର ଗୁରୁ ଦାୟିତ୍ୱ ନେଇଛନ୍ତି ୨ ଆଦିବାସୀ ମହିଳା। ପ୍ରତିଦିନ ଇ-ଯାନରେ ଆବର୍ଜନା ଉଠାଇ ସ୍ୱଚ୍ଛ ଭାରତର ବାର୍ତ୍ତା ବାଣ୍ଟୁଛନ୍ତି ଦିନେ ଘର ଚୁଲି ମୁଣ୍ଡରେ ବିତୁଥିଲା ଜୀବନ । ଏବେ ସ୍ୱାବଲମ୍ବୀ ହେବାର ବାଟ ଦେଖାଇଛନ୍ତି ପ୍ରଶାସନ। ସ୍ୱଚ୍ଛ ଭାରତ ମିଶନ ଜରିଆରେ ନିଯୁକ୍ତି ପାଇ ସ୍ୱଚ୍ଛତାର ବାର୍ତ୍ତା ବାଣ୍ଟୁଛନ୍ତି ମାଲକାନଗିରି ମାଥିଲି ସଦରର ୨ ଆଦିବାସୀ ମହିଳା। ନାଁ ବିଦେଶୀ ଗଣ୍ଡା ଓ ସୁନ୍ଦରୀ ମାଡ଼ିଆ। ପୂର୍ବରୁ ଘର ବାହାରକୁ ବାହାରି ପାରୁନଥିଲେ । ଗରିବ ଶ୍ରେଣୀରୁ ହୋଇଥିବାରୁ ରୋଜଗାର ମଧ ନଥିଲା । ଏବେ ସ୍ୱଚ୍ଛତା ପାଇଁ ୨ ମହିଳାଙ୍କୁ ନିଯୁକ୍ତି ଦେଇଛି ମାଥିଲି ପଞ୍ଚାୟତ । ମାସିକ ଦରମା ୬ ହଜାର ଟଙ୍କା ଦେଉଛି। ପ୍ରତିଦିନ ସକାଳୁ ଆସି ମାଥିଲି ଠାରୁ ବଳଦିଆଗୁଡା ଯାଏଁ ଇ - ଯାନରେ ବୁଲି ଆବର୍ଜନା ଉଠାଉଛନ୍ତି ବିଦେଶୀ ଓ ସୁନ୍ଦରୀ । ଖାଲି ଯେ ସଫେଇ କରୁଛନ୍ତି ତା' ନୁହେଁ, ନିର୍ମଳ ଏବଂ ସ୍ୱଚ୍ଛ ପରିବେଶ ନେଇ ଲୋକଙ୍କୁ ସଚେତନ ବି କରାଉଛନ୍ତି। ପ୍ଲାଷ୍ଟିକ ବୋତଲ, ପଲିଥିନ ଏବଂ ଆବର୍ଜନାକୁ ଇ-ଯାନରେ ଭର୍ତ୍ତି କରି ସଦର ଠାରୁ ଗୋଟେ କିଲୋମିଟରରେ ଥିବା ଆବର୍ଜନା କେନ୍ଦ୍ରରେ ନେଇ ଫିଙ୍ଗୁଛନ୍ତି ଏହି ୨ ମହିଳା । ଆମ ଆଖପାଖ ପରିବେଶ ସଫା ରହିଲେ, ଶରୀର ବି ସୁସ୍ଥ ରହିବ। ଗରିବ ପରିବାର ହୋଇଥିଲେ ଏକଥାକୁ ମର୍ମେ ଉପଲବ୍ଧି କରିଛନ୍ତି ଏହି ୨ ଆଦିବାସୀ ମହିଳା। ଯାହାକୁ ପ୍ରଂଶସା କରିଛନ୍ତି ସ୍ଥାନୀୟ ଲୋକ ।

## ସର୍ବଭାରତୀୟ ନାଟକ ସମାରୋହ ଉଦ୍‌ଘାଟିତ

### ମଞ୍ଚସ୍ଥ ହେବ 'ମାଗୁଣିର ଶଗଡ଼'



**ବଲାଙ୍ଗୀର,୨୫।୧୨(ସଂଚାର ବ୍ୟୁରୋ):** ସର୍ବଭାରତୀୟ ବହୁଭାଷୀ ନାଟକ ସମାରୋହ ମଠଖାଇ ମହୋତ୍ସବ ଗୁରୁବାର ଉଦ୍‌ଘାଟିତ ହୋଇଛି। ସକାଳେ ବଲାଙ୍ଗୀର ସହର ଉପକଣ୍ଠ ମଠଖାଇ ମନ୍ଦିରରୁ ନାଟ୍ୟ ଜ୍ୟୋତି କୋଶଳ କଳା ମଣ୍ଡଳକୁ ଅଣାଯିବା ପରେ ମଠଖାଇ ମହୋତ୍ସବର ଅଧକ୍ଷ ତଥା ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର ଏହାକୁ ଗ୍ରହଣ କରି ମଞ୍ଚ ସମ୍ମୁଖରେ ସ୍ଥାପନ କରି ମଠଖାଇ ମହୋତ୍ସବ ଉଦ୍‌ଘାଟନ ଘୋଷଣା କରିଥିଲେ। ଏହାପରେ ସାଂସ୍କୃତିକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। କୋଶଳ କଳା ମଣ୍ଡଳ ପଡ଼ିଆରୁ ସାଂସ୍କୃତିକ ଶୋଭାଯାତ୍ରା କଚେରି ଛକ, ପାଟଣା ଛକ, ପାଟଣେଶ୍ୱରୀ ମନ୍ଦିର ଓ ସମଲେଶ୍ୱରୀ ମନ୍ଦିର ପୁଣି କୋଶଳ କଳା ମଣ୍ଡଳରେ ପହଞ୍ଚିଥିଲା। ଦେବୀ ପାଟଣେଶ୍ୱରୀ ଓ ଦେବୀ ସମଲେଶ୍ୱରୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ଏଥିରେ ସୁଡ଼ପଡ଼ା ଘଣ୍ଟ ବାଦ୍ୟ, ମହିଳା ସଙ୍କୀର୍ତ୍ତନ ମଣ୍ଡଳୀ ସାମିଲଥିଲେ। ଏହି ଶୋଭାଯାତ୍ରାରେ ବହୁ ନାଟ୍ୟକାର ଓ ନାଟ୍ୟପ୍ରେମୀ ସାମିଲ ହୋଇଥିଲେ। ସନ୍ଧ୍ୟାରେ ନାଟକ ସମାରୋହ ଆରମ୍ଭ ହେବ। ପ୍ରଥମ ସନ୍ଧ୍ୟାରେ ଓଡ଼ିଆ ନାଟକ ମାଗୁଣିର ଶଗଡ଼ ମଞ୍ଚସ୍ଥ ହେବ।

## ପ୍ରଭୁ ଯିଶୁଙ୍କ ଧରାବତରଣ

**ଜି.ଉଦୟଗିରି,୨୫।୧୨(ସଂଚାର ବ୍ୟୁରୋ):** ଖ୍ରୀଷ୍ଟ ସମ୍ପ୍ରଦାୟର ସବୁଠାରୁ ବଡ଼ ଉତ୍ସବ ଯୀଶୁଖ୍ରୀଷ୍ଟଙ୍କ ଜନ୍ମଦିନ ଆଜି ଅର୍ଥାତ ଡିସେମ୍ବର ୨୫ ତାରିଖରେ ସ୍ଥାନୀୟ ଅଞ୍ଚଳର ସମସ୍ତ ଚର୍ଚ୍ଚ ଓ ପ୍ରାର୍ଥନା ଗୃହରେ ମହାଆଡ଼ମ୍ବରରେ ପାଳିତ ହୋଇଛି। ଯୀଶୁଖ୍ରୀଷ୍ଟଙ୍କ ଜନ୍ମଦିନ ପାଳନ ପାଇଁ ସ୍ଥାନୀୟ ବ୍ଲକ ତଥା ପୋଲିସ ଥାନା ଅନ୍ତର୍ଗତ ସମସ୍ତ ପ୍ରାର୍ଥନା ଗୃହ ଓ ଚର୍ଚ୍ଚ ଗୁଡ଼ିକ ରଙ୍ଗ ବେରଙ୍ଗର ବିଭିନ୍ନ ଆଲୋକ ମାଳାରେ ସୁସଜ୍ଜିତ ହୋଇଛି। ମୁଖ୍ୟତଃ ସ୍ଥାନୀୟ ସହରର ନୂଆସାହି ବାପଟିଷ୍ଟ ଚର୍ଚ୍ଚ, ମାଳିକାପଡ଼ି ବାପଟିଷ୍ଟ ଚର୍ଚ୍ଚ, ପ୍ରାର୍ଥନା ଗୃହ ସବୁଠାରେ ସହ ସହ ଖ୍ରୀଷ୍ଟ ଧର୍ମାବଲମ୍ବୀଙ୍କ ମଧରେ ନୂତନ ବସ୍ତ୍ର ପରିଧାନ ସହ ଆଧ୍ୟାତ୍ମିକ ପରିବେଶ ଦେଖିବାକୁ ମିଳିଥିଲା।

## ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମବାର୍ଷିକୀ ପାଳନ



**ଯାଜପୁର ରୋଡ଼,୨୫।୧୨(ସଂଚାର ବ୍ୟୁରୋ):** ବ୍ୟାସନଗର ପୌରାଞ୍ଚଳ ସହରର ହନୁମାନ ଜୟନ୍ତୀ ଆୟୋଜକ କମିଟି ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମବାର୍ଷିକି ପାଳନ କରାଯାଇଅଛି। ଏହି ଅବସରରେ କମିଟିର ସଦସ୍ୟ ବୃନ୍ଦ ଯାଜପୁର ରୋଡ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଂଚି ସେଠାରେ ରୋଗୀ ମାନଙ୍କୁ ଫଳ ଓ ଖାଦ୍ୟ ପ୍ରଦାନ କରିବା ସହ ମଦନ ମୋହନ ସ୍ୱାଇଁଙ୍କ କାଯ୍ୟାଳୟରେ ବାଜପେୟୀଙ୍କ ସ୍ମୃତି ଉଦେଶ୍ୟରେ ଏକ ସ୍ମୃତି ଚାରଣ ସଭାରର ଆୟୋଜନ କରାଯାଇଥିଲା।ଦିଗନ୍ତ ପୁରୁଷ ବାଜପେୟୀଙ୍କ ଅଭୁଲା ସ୍ମୃତି ଓ କାର୍ଯ୍ୟଶୈଳୀକୁ ମନେପକେଇବା ସହିତ ତାଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରୀ ଜ୍ଞାନ ରଞ୍ଜନ ରାଉତ, ଦିଲ୍ଲୀପ ଜେନା, ବିଜୟ ଜେନା, ସରୋଜ ଦେ, ଅଯୋଧା ଜେନା, ସୁଶୀଲ ମଲିକ, ସଞ୍ଜୀବ ନାୟକ, ମହାମାୟୀ ପ୍ରତାପ ସ୍ୱାଇଁଙ୍କ ସମେତ ହନୁମାନ ଜୟନ୍ତୀ ଆୟୋଜକ କମିଟିର ସମସ୍ତ ସଦସ୍ୟ ମାନେ ଉପସ୍ଥିତ ରହିଥିଲେ।

## ଟାଇକୁଣ୍ଡ ଖେଳରେ ତାଜ ଟିମ୍‌ର ସଫଳତା



**ଯାଜପୁର ରୋଡ଼,୨୫।୧୨(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାର ବ୍ୟାସନଗର ପୌରାଅଞ୍ଚଳ ସହରର କହ୍ନେଇପୁର ଠାରେ ଅବସ୍ଥିତ ତାଜ ଟାଇକୁଣ୍ଡ ଆସୋସିଏସନ ପ୍ରତିଯୋଗୀ ଗଣ ମାନେ ପଶ୍ଚିମବଙ୍ଗରେ ଆୟୋଜିତ ହୋଇଥିବା ଅନ୍ତର୍ଜାତୀୟ ଟାଇକୁଣ୍ଡ ଖେଳ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସଫଳତା ଅର୍ଜନ କରିଛନ୍ତି। ତାଜ ଟିମ୍ ମୁଖ୍ୟ କୋଚ ଦଶରଥ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଟ୍ରେନିଂ ପାଇଥିବା ପିଲା ମାନେ ଆଜି ତାଙ୍କର ନିଜର ପ୍ରଚେଷ୍ଟା ବଳରେ ଆଜି ସେମାନେ ଏଭଳି ସଫଳତା ଅର୍ଜନ କରିଥିବାରୁ ନିଜକୁ ଗୌରବାନିତ୍ୱ ମନେ କରିଥିବା ନେଇ ବ୍ୟାସନଗର ପୌରାଅଞ୍ଚଳ ସହରରେ ପହଂଚିବା ପରେ କହିଥିଲେ। ବିଶ୍ୱବଙ୍ଗଳା କନଭେନସନ କେନ୍ଦ୍ରରେ ଆୟୋଜିତ ଏହି ପ୍ରତିଯୋଗିତାରେ ତାଜ ଟାଇକୁଣ୍ଡର ୧୨ ଜଣ ଅଂଶଗ୍ରହଣ କରିଥିବା ବେଳେ ସେମାନଙ୍କ ମଧରୁ ୬ ଗୋଟି ସ୍ୱର୍ଣ୍ଣ, ୬ ଗୋଟି ରୋପ୍ୟ, ଓ ୨ ଗୋଟି ବ୍ରୋଞ୍ଜ ପଦକ ହାସଲ କରିଥିବାରୁ ପିଲାମାନଙ୍କ ମନରେ ଖୁସିର ଲହରୀ ଖେଳିଥିବା ଦେଖିବାକୁ ମିଳିଥିଲା। ସମସ୍ତ ପ୍ରତିଯୋଗୀ ମାନଙ୍କୁ ଅନୁଷ୍ଠାନ ତରଫରୁ ଯାଜପୁର ରୋଡ ରେଳ ଷ୍ଟେସନରେ ଜନସାଧାରଣ ମାନେ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରିଥିବା ଦେଖିବାକୁ ମିଳିଥିଲା। ଏଭଳି ସଫଳତା ଅର୍ଜନ କରିଥିବାରୁ ପିଲା ମାନଙ୍କର ଅଭିଭାବକ ମାନେ ମୁଖ୍ୟ କୋଚ ଦଶରଥ ସାରଙ୍କୁ ଧନ୍ୟବାଦ ଦେଇଥିଲେ।

## ବାଜପେୟୀଙ୍କ ଜୟନ୍ତୀ ସହ ସୁଶାସନ ଦିବସ ପାଳିତ



**ସୁବର୍ଣ୍ଣପୁର,୨୫।୧୨ (ସଂଚାର ବ୍ୟୁରୋ):** ପୂର୍ବତନ ପ୍ରଧାନ ମନ୍ତ୍ରୀ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ ତମ ଜନ୍ମ ଜୟନ୍ତୀ ପାଳନ ସମାରୋହ ଓ ଜିଲ୍ଲା ସ୍ତରୀୟ ସୁଶାସନ ଦିବସ - ୨୦୨୫ ପାଳନ ପାଇଁ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ସୁବର୍ଣ୍ଣପୁର, ଅଞ୍ଜଳିନା ପ୍ରଧାନଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲାପାଳ, ସୁବର୍ଣ୍ଣପୁର, ଡ଼ ନୃପରାଜ ସାହୁ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଆରକ୍ଷୀ ଅଧିକ୍ଷକ, ସୁବର୍ଣ୍ଣପୁର ନାରାୟଣ ନାୟକ ଓ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ସୁବର୍ଣ୍ଣପୁର, ରାଜେନ୍ଦ୍ର ମାଝୀ ଯୋଗଦାନ କରିଥିଲେ। ଏହି ସଭାରେ ଜ୍ୟୋତି ରଞ୍ଜନ ବହିଦାର, ଅବସରପ୍ରାପ୍ତ ପ୍ରାଧାପକ ତଥା ବିଶିଷ୍ଟ ଶିକ୍ଷାବିତ୍, ସୋନପୁର ବକ୍ତା ଭାବରେ ଯୋଗଦାନ କରିଥିଲେ। ସମସ୍ତ ଅତିଥି, ବକ୍ତା ଓ ସଭାରେ ଉପସ୍ଥିତ ଥିବା ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ବୃନ୍ଦ, ଜିଲ୍ଲା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ବୃନ୍ଦ, ସୋନପୁର ସହରର ବିଭିନ୍ନ ଅନୁଷ୍ଠାନ ମାନଙ୍କର ପ୍ରତିନିଧି ବୃନ୍ଦ, ସୋନପୁର ସହରର ବୁଦ୍ଧିଜୀବୀ ବୃନ୍ଦ, ବିଭିନ୍ନ ବିଦ୍ୟାଳୟ ମାନଙ୍କରୁ ଆସିଥିବା ଛାତ୍ର ଛାତ୍ରୀ ବୃନ୍ଦ, ମିଶନ ଶକ୍ତି ବିଭାଗ ଅନ୍ତର୍ଗତ ବିଭିନ୍ନ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ର ସଦସ୍ୟା ବୃନ୍ଦଙ୍କ ସମେତ ବିଭିନ୍ନ ସମ୍ବାଦ ପତ୍ର ଗୁଡ଼ିକ ସାମ୍ବାଦିକ ଓ ବିଭିନ୍ନ ବୈଦ୍ୟୁତିକ ଗଣମାଧମ ର ପ୍ରତିନିଧି ମାନଙ୍କୁ ଅର୍ଜୁନ ମାଝୀ, ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ସୁବର୍ଣ୍ଣପୁର ସ୍ୱାଗତ କରିଥିଲେ।

### ସରକାରୀ ପ୍ରତିଶ୍ରୁତି ପାଣିର ଗାର

# ୬ ମାସ ହେଲା ବସୁଧା ପ୍ରକଳ୍ପ ଅଚଳ



**ଥୁଆମୂଳ ରାମପୁର ,୨୫।୧୨ (ସଂଚାର ବ୍ୟୁରୋ):** ସରକାରଙ୍କ 'ବସୁଧା' ଯୋଜନାରେ ଘରକୁ ଘର ପାନୀୟ ଜଳ ଯୋଗାଇ ଦେବା ପ୍ରତିଶ୍ରୁତି ଏବେ କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକରେ ପ୍ରହସନ ପାଲଟିଛି। ବାଗଡିଆଣି ଗ୍ରାମପଞ୍ଚାୟତ ଅଧୀନସ୍ଥ କୁମ୍ଭାରକାନି ଗ୍ରାମରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଜଳ ଯୋଗାଣ ପ୍ରକଳ୍ପ ଦୀର୍ଘ ୬ ମାସ ହେବ ଅଚଳ ଅବସ୍ଥାରେ ପଡ଼ି ରହିଛି। ଗ୍ରାମବାସୀଙ୍କୁ ଶୁଦ୍ଧ ଜଳ ଯୋଗାଇବା ପରିବର୍ତ୍ତେ ଏହି ପ୍ରକଳ୍ପ ଏବେ କଳଙ୍କିତ ସ୍ମୃତି ଭଳି ଛିଡ଼ା ହୋଇଛି।

କୁମ୍ଭାରକାନି ଗ୍ରାମର ଜଳକଷ୍ଟ ଦୂର କରିବା ପାଇଁ ଗ୍ରାମବାସୀମାନେ ପଞ୍ଚାୟତ ଠାରୁ ଆରମ୍ଭ କରି ବିଡ଼ିଓ ଏବଂ ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଭାବେ ବାରମ୍ବାର ଅବଗତ କରିଛନ୍ତି। ଏନେଇ ସ୍ଥାନୀୟ ସରପଞ୍ଚ ସୂର୍ଯ୍ୟ ମାଝୀ ମଧ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ହେଁ କୌଣସି ସୁଫଳ ମିଳିନାହିଁ। ପ୍ରଶାସନର ଏହି ଚରମ ଅବହେଳା ଯୋଗୁ ଲୋକେ ପାଣି ମୁନ୍ଦାଏ ପାଇଁ ଏବେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ପ୍ରକଳ୍ପର ସ୍ଥିତି ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ପମ୍ପ ହାଉସ ପରିସର ଅଳିଆ ଆବର୍ଜନା ଓ ମଦ ବୋତଲରେ ପରିପୂର୍ଣ୍ଣ ହୋଇ ମଦୁଆଙ୍କ ଆଡ୍ଡାସ୍ଥଳୀ ପାଲଟିଥିବା ବେଳେ ବିଦ୍ୟୁତ ପ୍ୟାନେଲ ବୋର୍ଡ ଭାଙ୍ଗି ଚୂରମାର ହୋଇଯାଇଛି। ଠିକା ସଂସ୍ଥା ନିମ୍ନମାନର କାମ କରିଥିବା ଯୋଗୁ ଅନେକ ହିତାଧିକାରୀଙ୍କ ଘରେ ଟ୍ୟାପ ଲାଗିବା ପୂର୍ବରୁ ହିଁ ନଷ୍ଟ ହୋଇସାରିଲାଣି।

ଏ ସମ୍ପର୍କରେ ବିଭାଗୀୟ ଅଧିକାରୀ ମନ୍ମଥ ମୁର୍ମୁଙ୍କୁ ଯୋଗାଯୋଗ କରିବାରୁ ସେ ସ୍ୱୀକାର କରିଛନ୍ତି ଯେ, ପୁରୁଣା ବୋରୱେଲ୍‌ରେ ଜଳସ୍ତର ହ୍ରାସ ଯୋଗୁ ଏହି ସମସ୍ୟା ଉପୁଜିଛି। ତେବେ ଅନ୍ୟ ଏକ ସ୍ଥାନରେ ନୂତନ ବୋର୍ ଖନନ ଶେଷ ହୋଇଛି ଏବଂ ଖୁବ ଶୀଘ୍ର ଟାଙ୍କିକୁ ପାଣି ଉଠାଇ ଜଳ ଯୋଗାଣ ସ୍ୱାଭାବିକ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

## ଅଦିତି କଲେଜର ବାର୍ଷିକ ଉତ୍ସବ



**ସୁବର୍ଣ୍ଣପୁର,୨୫।୧୨(ସଂଚାର ବ୍ୟୁରୋ):** ସୋନପୁର ସଦର ବ୍ଲକଛକ ସ୍ଥିତ ଅଦିତି ଉଚ୍ଚ ମାଧମିକ ବିଦ୍ୟାଳୟର ତୃତୀୟ ସାମ୍ବସରିକ ଉତ୍ସବ "ଆତ୍ମବିସ୍ତାର" ମହାଆଡମ୍ବରରେ ପାଳିତ ହୋଇଯାଇଛି। ମା ଓ ପ୍ରଭୁ ଶ୍ରୀ ଅରବିନ୍ଦଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟ ସହିତ ପ୍ରଦୀପ ପ୍ରଜ୍ଜଳନ ପୂର୍ବକ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। କଲେଜ ଅଧକ୍ଷା ଲିଖିତା ପଟ୍ଟନାୟକ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ସଭାକାର୍ଯ୍ୟ ରେ ମୁଖ୍ୟ ଅତିଥି ଭାବେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼ ନୃପରାଜ ସାହୁ ଯୋଗଦେଇ ଦେଶର ଭବିଷ୍ୟତ ଯୁବକ ମାନଙ୍କ ଉପରେ ନିର୍ଭର କରେ। ଯୁବ ସମାଜରେ ମାନସିକ ପରିବର୍ତ୍ତନ ହେଲେ ଦେଶର ବିରାଟ ପରିବର୍ତ୍ତନ ହେବ। ତା ହେଲେ ଯାଇ ମଣିଷ ସମାଜର ଆତ୍ମବିସ୍ତାର ହୋଇପାରିବ। ସମ୍ମାନୀୟ ଅତିଥି ଭାବରେ ବିଶିଷ୍ଟ ନାଟ୍ୟକାର ଅଶୋକ ବହିଦାର ତାଙ୍କ ବକ୍ତବ୍ୟରେ ମଣିଷ ଜୀବନ ଏକ ନାଟକ ବୋଲି କହିଥିଲା ବେଳେ ଅନ୍ୟତମ ସମ୍ମାନୀୟା ଅତିଥି ସ୍ଥାନୀୟ ବିଜୁ ପଟ୍ଟନାୟକ ଉଚ୍ଚ ମାଧମିକ ବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷା ଡ଼. କିରଣ ବାଳା ଦାସ ପ୍ରାଚୀନ ଶିକ୍ଷା ଉପରେ ଗୁରୁତ୍ୱ ଆରୋପ କରିବା ସହିତ ଶ୍ରୀ ଅରବିନ୍ଦ ଙ୍କ ଶିକ୍ଷାକୁ ଅନୁସରଣ ପୂର୍ବକ ଶିକ୍ଷାରେ ଭାରତୀୟ ସଂସ୍କୃତିକୁ ପ୍ରାଧାନ୍ୟ ଦେବାକୁ କହିଥିଲେ, ନହେଲେ ଛାତ୍ର ଛାତ୍ରୀ ମାନେ ବିପଥଗାମି ହେବେ ବୋଲି କହିଥିଲେ ମୁଖ୍ୟ ବକ୍ତା ଭାବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲକ୍ଷ୍ମଣ ମିଶ୍ର ଯୋଗଦେଇ ଛାତ୍ର ଛାତ୍ରୀ ଙ୍କୁ ଲକ୍ଷ୍ୟ ନିର୍ଦ୍ଦିଷ୍ଟ ରଖି ଆଗେଇବାକୁ ଉପଦେଶ ଦେବା ସହିତ ପ୍ରତିବନ୍ଧକକୁ ସାମ୍ନା କରିବାକୁ କହିଥିଲେ।

## ଗାଁରେ ପହଞ୍ଚିଲା ଦାଦନ ଶ୍ରମିକଙ୍କ ମୃତଦେହ



**ଦିଗପହଣ୍ଡି,୨୫।୧୨(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ଟି.ଗୋବିନ୍ଦପୁର ପଞ୍ଚାୟତ ନୂଆଗାଁର ଦାଦନ ଶ୍ରମିକ ଅରକ୍ଷିତ ନାୟକ(୧୯) ତାମିଲନାଡୁର ତ୍ରିପୁର କାଙ୍ଗିଆମ ଠାରେ ଗତ ସୋମବାର ସକାଳେ ମୃତ୍ୟୁବରଣ କରିଥିଲେ। ବୁଧବାର ବିଳମ୍ବିତ ରାତିରେ ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗେ ତାଙ୍କ ମୃତଦେହ ଗାଁରେ ପହଞ୍ଚିଥିଲା। ଶୋକାକୁଳ ପରିବେଶ ମଧରେ ତାଙ୍କ ଶେଷକୃତ୍ୟ କରାଯାଇଥିଲା। ସେ ସେଠାକାର ଏକ ଅଏଲ କମ୍ପାନୀର ପାଚେରୀ ନିର୍ମାଣ କାମରେ ନିୟୋଜିତ ଥିଲେ। ଲୁହା ପାଇପରେ ନିର୍ମିତ ଭାରା ଭାଙ୍ଗିଯିବା କାରଣରୁ ଅରକ୍ଷିତ ସେଠାରେ ଚାପି ହୋଇ ବିଦ୍ୟୁତ ଆଘାତରେ ଚେତାଶୂନ୍ୟ ହୋଇଯାଇଥିଲେ। ତାଙ୍କୁ ସାଥି ଶ୍ରମିକମାନେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ନିକଟସ୍ଥ ହସ୍ପିଟାଲକୁ ନେଇଥିଲେ। ସେଠାରେ ଉପସ୍ଥିତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଫୋନ ଯୋଗେ ପରିବାର ଲୋକେ ଏହି ଖବର ପାଇବା ପରେ ଦୁଃଖରେ ମ୍ରିୟମାଣ ହୋଇପଡ଼ିଥିଲେ। ତାଙ୍କ ମୃତଦେହ ଭିଟାମାଟିକୁ ଆଣିବା ପାଇଁ ଗ୍ରାମବାସୀ ଏବଂ ସରପଞ୍ଚ ପ୍ରତିନିଧି ମଙ୍ଗଳା ଗମାଙ୍ଗ ଗଞ୍ଜାମ ଜିଲାପାଳ ଭି.କୀର୍ତ୍ତି ଭାସନଙ୍କ ନିକଟରେ ଗୁହାରି କରିଥିଲେ। ଏନେଇ ଜିଲାପାଳ ଶ୍ରମ ଅଧିକାରୀଙ୍କୁ ଅବଗତ କରାଇଥିଲେ। ଶ୍ରମ ଅଧିକାରୀଙ୍କ ହସ୍ତକ୍ଷେପ ପରେ ସେଠାକାର ପୋଲିସ ପ୍ରଶାସନ ସହ ଯୋଗାଯୋଗ କରାଯାଇ ତାଙ୍କ ମୃତଦେହ ଗାଁକୁ ଅଣାଯାଇଥିଲା।

## ଅଠରଗଡ଼ ଫୁଲମାଳୀ ସମାଜର ବାର୍ଷିକ ମହୋତ୍ସବ ଉଦ୍‌ଯାପିତ



**ସୁନ୍ଦରଗଡ଼,୨୫।୧୨(ସଂଚାର ବ୍ୟୁରୋ):** ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ଧଉଁରାଅଢ଼ା ଠାରେ ଅଠରଗଡ଼ ଫୁଲମାଳୀ ସମାଜର ତ୍ରୟୋଦଶ ବାର୍ଷିକ ମହୋତ୍ସବ ଗୁରୁବାର ଉଦଯାପିତ ହୋଇଯାଇଛି। ଉଦଯାପନୀ କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ମଣ୍ଡଳ ଉପସଭାପତି ରାଜୁ ପଟେଲଙ୍କ ସଭାପତିତ୍ୱରେ ବିଧାୟକ ଯୋଗେଶ କୁମାର ସିଂ ମୁଖ୍ୟଅତିଥି ଭାବେ ଯୋଗଦାନ କରି ସମାଜର ବିକାଶ କ୍ଷେତ୍ରରେ ଏକତା ଜରୁରୀ ବୋଲି ମତାମତ ପ୍ରଦାନ କରିଥିଲେ। ସମ୍ମାନୀତ ଅତିଥି ଭାବେ ସମାଜର ସଭାପତି ପରସରାମ ପଟେଲ, ଛତିଶଗଡ଼ ରାଜ୍ୟର ସାହାଯ୍ୟକାରୀ ସଭାପତି ଲମ୍ବୋଦର ପଟେଲ, ସରିଆ ଉପ ସଭାପତି କମଲେଶ ପଟେଲ, ସାରଙ୍ଗଗଡ଼ ଉପସଭାପତି ଭିଚରଣ ପଟେଲ, ପୂର୍ବତନ ସାହାଯ୍ୟକାରୀ ସଭାପତି ଟଙ୍କଧର ମାଝୀ, ସମ୍ପାଦକ ଖଗପତି ମାଲାକାର, ପୂର୍ବତନ ସମ୍ପାଦକ କମଲ ପଟେଲ ପ୍ରମୁଖ ମଞ୍ଚାସୀନ ରହି ସମାଜର ବିକାଶ ଦିଗରେ ଭିନ୍ନ ଭିନ୍ନ ଭାବେ ମତାମତ ପ୍ରଦାନ କରିଥିଲେ। ଏଥିରେ ବିବାହିତା ଏବଂ ଅବିବାହିତା ବର୍ଗରେ ଝୋଟି, ରଙ୍ଗୋଲି ତଥା ଗୀତ, ଏକ ମିନିଟ କଳା ପ୍ରଦର୍ଶନ, ଲକ୍ଷ୍ମୀ ପୁରାଣ ପଠନ ହୁଳହୁଳି, ଶଙ୍ଖବାଦନ, ଝିଅ ନଂ ୧ ପ୍ରତିଯୋଗିତା କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଆରାଧାଦେବୀ ମାଆ ସମଲେଇଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ପରେ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ କୁ ଫିରୋଜ କୁମାର ପଟେଲ, ଜଗନ୍ନାଥ ଠାକୁର, ଉଦିତ ପଟେଲ, ଲଳିତ ପଟେଲ ପ୍ରମୁଖ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ସୁନ୍ଦରଗଡ଼ ମଣ୍ଡଳ ଏବଂ ଧଉଁରାଅଢ଼ା ଗାଦୀର ମିଳିତ ଉଦ୍ୟମରେ ଆୟୋଜନ କରାଯାଇଥିଲା।




SANCHAR
ସଂଚାର
ଶୁକ୍ରବାର ୨୬ ଡିସେମ୍ବର ୨୦୨୫

ସ୍ୱାସ୍ଥ୍ୟ



# ମଧ୍ୟାହ୍ନ ଭୋଜନ ପରେ ଆପଣଙ୍କୁ ବାରମ୍ବାର ନିଦ ଲାଗୁଛି କି ?

ଅପରାହ୍ନ ଆସିବା ସହିତ ଅନେକ ଲୋକଙ୍କ ଆଖି ଓଜନ ଅନୁଭବ ହେବାକୁ ଲାଗେ। ବିଶେଷକରି ମଧ୍ୟାହ୍ନ ଭୋଜନ ପରେ , କାମରେ , ଘରେ କିମ୍ବା ଯାତ୍ରା ସମୟରେ ଆଳସ୍ୟ ଓ ନିଦ୍ରା ଅନୁଭବ କରିବା ସାଧାରଣ କଥା। ଲୋକମାନେ ପ୍ରାୟତଃ ଏହାକୁ ଆଳସ୍ୟ, ଅତ୍ୟଧିକ ଖାଇବା କିମ୍ବା ଥକ୍କାପଣ ବୋଲି କହି ଖାରଜ କରନ୍ତି। ତଥାପି, ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କୁହନ୍ତି ଯେ ଯଦି ଏହି ସମସ୍ୟା ପ୍ରତିଦିନ ଘଟେ ତେବେ ଏହାକୁ ହାଲୁକା ଭାବରେ ନେବା ବୁଦ୍ଧିମାନର କାର୍ଯ୍ୟ ନୁହେଁ। କେତେକ ସମୟରେ, ଏହା ଏକ ଅନ୍ତର୍ନିହିତ ସ୍ୱାସ୍ଥ୍ୟ ସମସ୍ୟାର ଲକ୍ଷଣ ମଧ୍ୟ ହୋଇପାରେ। ତେଣୁ, ଆସନ୍ତୁ ଜାଣିବା ମଧ୍ୟାହ୍ନ ଭୋଜନ ପରେ ଆପଣଙ୍କୁ କାହିଁକି ନିଦ୍ରା ଲାଗୁଛି। ଏହା କେଉଁ ରୋଗର ଲକ୍ଷଣ ହୋଇପାରେ। ଖାଇବା ପରେ ଶରୀରର ଧ୍ୟାନ ହଜମ ପ୍ରକ୍ରିୟାକୁ ସ୍ଥାନାନ୍ତରିତ ହୁଏ। ଏହି ସମୟରେ ପାଚନ ଅଙ୍ଗକୁ ରକ୍ତ ପ୍ରବାହ ବୃଦ୍ଧି ପାଏ ଏବଂ ମସ୍ତିଷ୍କକୁ ସାମାନ୍ୟ ହ୍ରାସ ପାଏ। ଆଳସ୍ୟ ଏବଂ ନିଦ୍ରା ଅନୁଭବ କରିପାରେ। ଏହାକୁ ଡାକ୍ତରଙ୍କ ଭାଷାରେ ମଧ୍ୟାହ୍ନ ଭୋଜନ ପରେ ଡିପ୍ ମଧ୍ୟ କୁହାଯାଏ। ଯଦି ମଧ୍ୟାହ୍ନ ଭୋଜନରେ ଭାତ , ଆଳୁ , ଧଳା ରୁଟି , ରିଫାଇନ୍ ମଇଦା, କିମ୍ବା ଅତ୍ୟଧିକ ମିଠା ଥାଏ ତେବେ ରକ୍ତ ଶର୍କରା ଦ୍ରୁତ ଗତିରେ ବଢ଼ିଯାଏ ଏବଂ କିଛି ସମୟ ପରେ ହଠାତ୍ ହ୍ରାସ ପାଏ। ଏହି ପରିବର୍ତ୍ତନ ଯୋଗୁଁ ଶରୀର କ୍ଲାନ୍ତ ଏବଂ ନିଦ୍ରାଳୁ ଅନୁଭବ କରିପାରେ। ଏହି କାରଣରୁ ଭାରୀ ଏବଂ ମିଠା ଖାଦ୍ୟ ଖାଇବା ପରେ ଅଧିକ ଆଳସ୍ୟ ଅନୁଭବ ହୁଏ। ଏହା ବ୍ୟତୀତ ଖାଦ୍ୟ ଖାଇବା ପରେ ଶରୀରରେ କିଛି ହରମୋନ୍ ସକ୍ରିୟ ହୁଏ ଯାହା ସୂଚିତ କରେ ଯେ ବର୍ତ୍ତମାନ ବିଶ୍ରାମ ନେବାର ସମୟ ଆସିଛି। ଏହା ଯୋଗୁଁ ଶରୀର ଏକ ଆରାମଦାୟକ ମୋଡ୍ କୁ ଯାଏ ଓ ଜଣଙ୍କୁ ଆଳସ୍ୟ ଅନୁଭବ ହୁଏ। ଏହି ପ୍ରଭାବ ବିଶେଷ ଭାବରେ ଅପରାହ୍ନରେ ଦୃଶ୍ୟମାନ ହୁଏ। ଡାକ୍ତର କୁହନ୍ତି ଯେ ଯଦି ଆପଣ ପ୍ରତିଦିନ ମଧ୍ୟାହ୍ନ ଭୋଜନ ପରେ ନିଦ୍ରାଳୁ ଓ ଆଳସ୍ୟ ଅନୁଭବ କରନ୍ତି ତେବେ ଏହା ଇନସୁଲିନ୍ ପ୍ରତିରୋଧର ପ୍ରାରମ୍ଭିକ ଲକ୍ଷଣ ହୋଇପାରେ। ଏହି ଅବସ୍ଥାରେ ଶରୀର ଚିନିକୁ ସଠିକ୍ ଭାବରେ ଶକ୍ତିରେ ପରିଣତ କରିପାରେ ନାହିଁ। ଖାଇବା ପରେ ରକ୍ତ ଶର୍କରା ସ୍ତର ଦ୍ରୁତ ଗତିରେ ବୃଦ୍ଧି ପାଏ ଏବଂ ଶରୀର ଏହାକୁ ନିୟନ୍ତ୍ରଣ କରିବା ପାଇଁ ଅଧିକ ଇନସୁଲିନ୍ ମୁକ୍ତ କରେ। ଏହି ପ୍ରକ୍ରିୟା ସମୟ ସହିତ ଥକ୍କାପଣ, ନିଦ୍ରା ଏବଂ ଦୁର୍ବଳତା ସୃଷ୍ଟି କରେ। ବିଶେଷଜ୍ଞମାନେ ଏହା ମଧ୍ୟ କୁହନ୍ତି ଯେ ଦୀର୍ଘ ସମୟ ପର୍ଯ୍ୟନ୍ତ ଇନସୁଲିନ୍ ପ୍ରତିରୋଧ ମଧୁମେହ, ହୃଦରୋଗ ଏବଂ କିଛି କ୍ଷେତ୍ରରେ କର୍କଟ ରୋଗର ବିପଦକୁ ବୃଦ୍ଧି କରିପାରେ। ବିଶେଷଜ୍ଞମାନେ ମଧ୍ୟାହ୍ନ ଭୋଜନ ପରେ ବାରମ୍ବାର ନିଦ ନ ଆସିବା ପାଇଁ ହାଲୁକା ଏବଂ ସନ୍ତୁଳିତ ମଧ୍ୟାହ୍ନ ଭୋଜନ ରଖିବାକୁ ପରାମର୍ଶ ଦିଅନ୍ତି। ଫାଇବର ଏବଂ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ଖାଆନ୍ତୁ ଏବଂ ଅତ୍ୟଧିକ ଚିନି ଏବଂ ରିଫାଇନ୍ କାର୍ବୋହାଇଡ୍ରେଟ୍ ପରିହାର କରନ୍ତୁ। ଭୋଜନ ପରେ ତୁରନ୍ତ ଶୋଇବା ପରିବର୍ତ୍ତେ ୧୦ରୁ ୧୫ମିନିଟ୍ ଚାଲିବା ଭଲ ବୋଲି ବିବେଚନା କରାଯାଏ।

# ଶୀତଦିନେ ଖାଆନ୍ତୁ କଞ୍ଚା ହଳଦୀ

ଶୀତଦିନ ଆମ ପାଇଁ ଖୁବ୍ ଚ୍ୟାଲେଞ୍ଜିଂ ଥାଏ। ଏହି ଋତୁରେ ଅନେକ ସ୍ୱାସ୍ଥ୍ୟ ସମସ୍ୟା ଦେଖିବାକୁ ମିଳିଥାଏ। ଏହି ଦିନରେ ସାଧାରଣତଃ ଥଣ୍ଡା, କାଶ, ଗଣ୍ଠି ଯନ୍ତ୍ରଣା, ଫୁଲା, ବଦହଜମୀ ଏବଂ ରୋଗପ୍ରତିରୋଧକ ଶକ୍ତି ପାଇଁ ଦୁର୍ବଳ ଅନୁଭବ କରିବା ଭଳି ସମସ୍ୟା ଦେଖିବାକୁ ମିଳିଥାଏ। ଆୟୁର୍ବେଦ ଅନୁସାରେ ଅନେକ ଉପାୟ ରହିଛି। ଯାହା ମହୌଷଧୀ ଭାବେ କାମ କରିଥାଏ। ସେହି ସବୁ ଆୟୁର୍ବେଦିକ ଜିନିଷ ମଧ୍ୟରେ କଞ୍ଚା ହଳଦୀ ଅନ୍ୟତମ। କଞ୍ଚା ହଳଦୀ ଖାଇବା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇଥାଏ। ବିଶେଷ କରି ଶୀତଦିନେ ଏହା ଖାଇବା ବେଶୀ ଫଳପ୍ରଦ ହୋଇଥାଏ। ଯାହା ଖାଇବା ଦ୍ୱାରା ଥଣ୍ଡା ଏବଂ ଆଣ୍ଠୁ ଯନ୍ତ୍ରଣାରୁ ମୁକ୍ତି ମିଳିଥାଏ। ଏହାକୁ ଖାଇବା ଫଳରେ ଶରୀରରେ ଥିବା ବିଷକ୍ତେ ଜିନିଷକୁ ବିଷମୁକ୍ତ କରିଥାଏ ଏବଂ ରୋଗ ସହିତ ଲଢେଇ କରିବାର କ୍ଷମତାକୁ ବୃଦ୍ଧି କରିଥାଏ। ଏହାର ନିୟମିତ ସେବନ ଆପଣଙ୍କ ତ୍ୱଚାକୁ ମଧ ଲାଭ ଦେଇଥାଏ। ତେଣୁ କଞ୍ଚା ହଳଦୀକୁ ଏକ ଔଷଧି ଭାବେ ବିବେଚନା କରାଯାଏ। ଶୀତଦିନେ ଏହାକୁ ଖାଇବା ଦ୍ୱାରା ଅନେକ ସ୍ୱାସ୍ଥ୍ୟ ଲାଭ ମିଳିଥାଏ।

କଞ୍ଚା ହଳଦୀରେ ଆଣ୍ଟିବ୍ୟାକ୍ଟେରିଆଲ,ଆଣ୍ଟିଭାଇରଲ ଏବଂ ଆଣ୍ଟିଫଙ୍ଗାଲ୍ ଗୁଣ ରହିଛି। ଯାହା ଖାଇବା ଦ୍ୱାରା ଥଣ୍ଡା, ଗଳା ଯନ୍ତ୍ରଣା ଏବଂ ଭାଇରଲ ସଂକ୍ରମଣରୁ ରକ୍ଷା କରିଥାଏ। ଶୀତଦିନେ ରୋଗ ପ୍ରତିରୋଦକ ଶକ୍ତି ଦୁର୍ବଳ ହୋଇଯାଇଥାଏ। ଯାହାଫଳରେ ସଂକ୍ରମଣର ସମ୍ଭାବନା ବୃଦ୍ଧି ପାଇଥାଏ। କିନ୍ତୁ କଞ୍ଚା ହଳଦୀ ଖାଇବା ଦ୍ୱାରା ଶୀତକାଳୀନ ସଂକ୍ରମଣ ସହିତ ଲଢେଇ କରିବାରେ ଶକ୍ତି ପ୍ରଦାନ କରିଥାଏ। ଲିଭର ପାଇଁ ଖୁବ୍ ଫଳପ୍ରଦ ହୋଇଥାଏ ବୋଲି ପ୍ରମାଣିତ ହୋଇ ଆସୁଅଛି। କେବଳ ହଳଦୀ ନୁହେଁ ହଳଦୀ ପାଣି ମଧ ଆମ ଶରୀର ପାଇଁ ପ୍ରଭାବଶାଳୀ ହୋଇଥାଏ।

ଶୀତଦିନେ ଲୋକମାନେ ପ୍ରାୟତଃ ଗଣ୍ଠି ଯନ୍ତ୍ରଣା, ଆଣ୍ଠୁ କଠିନତା ଏବଂ ମାଂସପେଶୀ କଠିନତା ଦେଖା ଦେଇଥାଏ। ଶୋଇବା ପୂର୍ବରୁ ଅଧ ଚାମଚ କଞ୍ଚା ହଳଦୀକୁ ଉଷୁମ କ୍ଷୀର ସହିତ ମିଶାଇ ପିଇବା ଦ୍ୱାରା ଗଣ୍ଠି କଠିନତା ଦୂର ହୁଏ, ମାଂସପେଶୀରେ ଉନ୍ନତ ହୁଏ ଏବଂ ଭଲ ନିଦ ହୋଇଥାଏ। ଶୀତଦିନେ ହଜମ୍ ଶକ୍ତି କମିଯାଇଥାଏ। ଯାହା ଫଳରେ ଗ୍ୟାସ୍, ବଦହଜମୀ ଏବଂ ପେଟ ଫୁଲିବା ଭଳି ସମସ୍ୟା ବଢ଼ିଯାଇଥାଏ। କଞ୍ଚା ହଳଦୀ ଖାଇବା ଦ୍ୱାରା ପାଚନ ଶକ୍ତି ବୃଦ୍ଧି ପାଏ, ଯାହା ଖାଦ୍ୟ ହଜମ କରିବା ସହଜ କରିଥାଏ। ଏହା ପେଟ ଫୁଲିବା ଏବଂ କୋଷ୍ଠକାଠିନ୍ୟ ଭଳି ସମସ୍ୟାରୁ ମଧ ମୁକ୍ତି ଦିଏ।



ଏଥିସହ ହଳଦୀ ଖାଇବା ସହିତ ଫେସପ୍ୟାକ୍ ଭଳି ମଧ କାମ କରେ। କେଶ ଛଡିବା ଏବଂ ଡ୍ୟାଣ୍ଡ୍ରଫ୍ ଭଳି ସମସ୍ୟାକୁ ଦୂର କରି ଦେଇଥାଏ। ଅନେକ ସମୟରେ ଲିଭରରେ ସମସ୍ୟା ମଧ ଦେଖିବାକୁ ମିଳିଥାଏ। ଯାହାକୁ ଖାଇବା ଦ୍ୱାରା ଲିଭରକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ। ଏଥିରେ ଥିବା ଗୁଣ ସମସ୍ତ ପ୍ରକାର ବିଷାକ୍ତ ପଦାର୍ଥକୁ ବାହାର କରିବାରେ ସାହାଯ୍ୟ କରିଥାଏ। ତେବେ ଆସନ୍ତୁ ହଳଦୀ କିପରି ବ୍ୟବହାର କରିବେ ସେ ସମ୍ପର୍କରେ ଆମେ ଆପଣଙ୍କୁ ଜଣାଇବୁ। କଞ୍ଚା ହଳଦୀ ପାଣି ଲିଭରକୁ ବିଷମୁକ୍ତ କରିବା ପାଇଁ ଲାଭଦାୟକ। କେବଳ କଞ୍ଚା ହଳଦୀକୁ ପେଷି ଉଷୁମ ପାଣି ସହିତ ମିଶାନ୍ତୁ। ସ୍ୱାଦ ପାଇଁ ଅଳ୍ପ ମହୁ ମିଶାଇ ସେଥିରେ ଅଳ୍ପ ଲେମ୍ବୁ ମିଶାନ୍ତୁ। ଏହାକୁ ଖାଲି ପେଟରେ ସେବନ କରନ୍ତୁ। ଯାହା ଲିଭରକୁ ବିଷମୁକ୍ତ କରିବାରେ ସାହାଯ୍ୟ କରିବ।

# ଶୀତଦିନ ପାଇଁ ଲାଭକାରୀ ଅଁଳା

ସାଧାରଣତଃ ସମସ୍ତେ ସୁସ୍ଥ ରହିବାକୁ ଚାହିଁଥାନ୍ତି। ସମୟ ପରିବର୍ତ୍ତନ ହେବା ସହିତ ମଣିଷମାନେ ମଧ୍ୟ ସେମାନଙ୍କ ଜୀବନଶୈଳୀରେ ପରିବର୍ତ୍ତନ ଆଣିବାରେ ଲାଗିପଡିଛନ୍ତି। ତେଣୁ ବ୍ୟସ୍ତବହୁଳ ଜୀବନରୁ କିଛି ସମୟ କାଢି ବିଭିନ୍ନ ଜିନିଷକୁ ଆପଣାଇ ଥାଆନ୍ତି। ଏମିତି କିଛି ଜିନିଷ ରହିଛି ଯାହା ଔଷଧୀୟ ଗୁଣରେ ଭରପୂର। ଯାହାକୁ ଆୟୁର୍ବେଦ ଅନୁସାରେ ମହୋଷଧି ବୋଲି ବିବେଚନା କରାଯାଏ। ଯାହା ସହଜରେ ଅନେକ ସମସ୍ୟାରୁ ଛୁଟକାରା ଦେଇଥାଏ। ସେହି ସବୁ ମଧ୍ୟରୁ ଅଁଳା ଅନ୍ୟତମ। ଅଁଳା ଅନେକ ଔଷଧୀୟ ଗୁଣରେ ଭରପୂର। ଯାହା ଅନେକ ସ୍ୱାସ୍ଥ୍ୟଗତ ସମସ୍ୟାର ଚିନ୍ତାରୁ ମୁକ୍ତି ଦେଇଥାଏ। ଖାସ୍ କରି ଏହା ଡାଇବେଟିସ୍ ରୋଗୀଙ୍କ ପାଇଁ ବେଷ୍ଟ ହୋଇଥାଏ। ଯାହା ଖାଇବା ଦ୍ୱାରା ଆଶ୍ଚର୍ଯ୍ୟଜନକ ଫଳାଫଳ ପ୍ରଦାନ କରିଥାଏ। ଏହାକୁ ଲଗାତାର ପିଇବା ଦ୍ୱାରା ଆପଣଙ୍କ ସ୍ୱାସ୍ଥ୍ୟରେ ମଧ୍ୟ ଉନ୍ନତି ଆଣିଥାଏ।



ଅଁଳାରେ ଆଣ୍ଟି ହାଇପରଲିପିଡେମିଆ, ଆଣ୍ଟିଡାଇବେଟିକ, ଆଣ୍ଟିକ୍ୟାନ୍ସର ଏବଂ ଆଣ୍ଟି-ଇନଫ୍ଲାମେଟୋରୀ ଗୁଣ ରହିଛି। ଆୟୁର୍ବେଦ ଅନୁଯାୟୀ ଅଁଳା ଜୁସ୍ ପିଇବା ଦ୍ୱାରା ଅନେକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ଭଲ ହୋଇପାରିବ। ଏହି ସୁପରଫୁଡ୍ ଅଁଳା ଜୁସର ଉପକାରିତା ବିଷୟରେ ଜାଣିବା ପରେ, ଆପଣମାନେ ମଧ୍ୟ ଏହାକୁ ନିଶ୍ଚୟ ଆପଣଙ୍କର ଦୈନନ୍ଦିନ ଡାଏଟ୍ ପ୍ଲାନରେ ସାମିଲ କରିବେ। ତେବେ ଆସନ୍ତୁ ଅଁଳା ଜୁସ୍ ପିଇବାର କିଛି ସ୍ୱାସ୍ଥ୍ୟ ଉପକାରିତା ବିଷୟରେ ଜାଣିବା। ଅଁଳାରେ ଭିଟାମିନ୍ ସି ଭରପୂର ମାତ୍ରାରେ ରହିଛି। ଯାହା ଆପଣଙ୍କ ରୋଗପ୍ରତିରୋଧକ ଶକ୍ତିକୁ ଦୃଢ଼ କରେ। ଏଥି ସହ ଥଣ୍ଡା, କାଶ ଏବଂ ଅନ୍ୟାନ୍ୟ ସଂକ୍ରମଣରୁ ରକ୍ଷା ପାଇବା ପ୍ରଭାବଶାଳୀ ହୋଇଥାଏ ଅଁଳା। ପାଚନକ୍ରିୟାକୁ ଉନ୍ନତ କରିବାରେ ବଡ଼ ଭୂମିକା ଗ୍ରହଣ କରିଥାଏ। ଯାହା କୋଷ୍ଠକାଠିନ୍ୟ, ଏସିଡିଟି ଏବଂ ଗ୍ୟାସ ଭଳି ସମସ୍ୟାକୁ ଚୁଟକିରେ ଗାଏବ କରିଥାଏ। ଏଥିସହ ଏଥିରେ ଫାଇବର ଗୁଣ ଥିବାରୁ ଏହା ଆପଣଙ୍କ ଅନ୍ତନଳୀକୁ ସଫା ରଖେ। ଆଖିର ଦୃଷ୍ଟି ଶକ୍ତିକୁ ମଧ୍ୟ ବଢାଇଥାଏ।

ଏତିକି ନୁହେଁ ବରଂ କେଶ ଜନିତ ସମସ୍ୟାକୁ ମଧ୍ୟ ଦୂର କରେ। ବର୍ତ୍ତମାନ କେଶ ଝଡିବା ଏବଂ ଧଳା ହେବା ଭଳି ସମସ୍ୟା ଅଧିକାଂଶ ଲୋକଙ୍କ ପାଖରେ ଦେଖିବାକୁ ମିଳୁଛି। କାହିଁକିନା ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଏବଂ ଭିଟାମିନ୍ କେଶକୁ ମଜବୁତ, ଘନ ଏବଂ ଚମକଦାର କରିବାରେ ସାହାଯ୍ୟ କରିଥାଏ। ଏହି ସବୁ ସମସ୍ୟା ପାଇଁ ଏହାକୁ ପ୍ରାକୃତିକ ଉପାୟ ବୋଲି କୁହାଯାଉଛି। ଓଜନ କରିବାର ସହଜ ଏବଂ ଉତ୍ତମ ବିକଳ୍ପ କହିଲେ ଅଁଳା ଜୁସକୁ ବୁଝାଏ। ଏହି ଜୁସକୁ ଲଗାତାର ପିଇବା ଦ୍ୱାରା ଏହା ମେଟାବୋଲେଜିୟମକୁ ବୃଦ୍ଧି କରେ ଏବଂ ଶରୀରରେ ଥିବା ବିଷାକ୍ତ ପଦାର୍ଥକୁ ବାହାର କରିଥାଏ।

ଏଥିସହ ସୁଗାର ଲେବଲକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ। ଡାଇବେଟିସ୍ ରୋଗୀଙ୍କ ପାଇଁ ଏହା ବରଦାନ ସଦୃଶ ହୋଇଥାଏ। ହାର୍ଟର ଜନିତ ସମସ୍ୟାର ଆଶଙ୍କାକୁ କମ୍ କରିଥାଏ ଅଁଳା ଜୁସ୍। ସେଥିପାଇଁ ଏହି ଜୁସ୍ ହାର୍ଟ ପାଇଁ ସୁସ୍ଥକର ବୋଲି ପ୍ରମାଣିତ ହୋଇଛି। ଲିଭର ପାଇଁ ଯେତିକି ସୁସ୍ଥକର ବ୍ରେନ୍ ପାଇଁ ମଧ୍ୟ ସେତିକି ଉପକାରୀ। ଯଦି ଏହି ସବୁ ସମସ୍ୟାରୁ ମୁକ୍ତି ପାଇବାକୁ ଚାହାନ୍ତି ତେବେ ଶୀତଦିନେ ଅଁଳା ଜୁସ ପିଇବାର ଅଭ୍ୟାସ କରନ୍ତୁ। ଯାହା ଦ୍ୱାରା ଆପଣ ସକାରାତ୍ମକ ପ୍ରଭାବ ଦେଖିବାକୁ ପାଇବେ।

# ଶୀତଦିନେ ଗୋଇଠି ଫଟାର ଉପଚାର



ସବୁ ଋତୁ ଅପେକ୍ଷା ଶୀତଦିନରେ ଶରୀର ପ୍ରତି ଖାସ୍ ଧ୍ୟାନ ଦେବାକୁ ପଡ଼ିଥାଏ। କାରଣ ଏହିଦିନ ଜଳବାୟୁ କାରଣରୁ ତ୍ୱଚା ଶୁଷ୍କ ହୋଇଯାଏ। ତ୍ୱଚାକୁ ମୁଲାୟମ ରଖିବା ପାଇଁ ଅନେକ ପ୍ରକାରର ଘରୋଇ ଟିପ୍ସ ମଧ୍ୟ ଲୋକମାନେ ଆପଣାଇଥାନ୍ତି। କିନ୍ତୁ ଏହାର ରେଜଲ୍ଟ ଯଦି ଭଲ ନଆସେ ତେବେ ଏହା ଚିନ୍ତାର କାରଣ ପାଲଟିଯାଏ। ମୁହଁ ହେଉ ଅବା ହାତ କିମ୍ବା ପାଦ, ସବୁ ପ୍ରତି ଏହି ସମୟରେ ଯଥେଷ୍ଟ ଧ୍ୟାନ ଦେବାକୁ ପଡ଼ିଥାଏ। ତେବେ ତ୍ୱଚା ଓ ହାତ ପାଇଁ ତ ସମସ୍ତେ କିଛି ନା କିଛି ଉପାୟ ଆପଣାଇଥାନ୍ତି। କିନ୍ତୁ ପାଦ କଥା ଧ୍ୟାନକୁ ଆସିଲେ ସମସ୍ତେ ଚିନ୍ତାରେ ପଡ଼ିଯାନ୍ତି। ମହିଳା ହୁଅନ୍ତୁ କିମ୍ବା ପୁରୁଷ ସମସ୍ତେ ନିଜ ଚେହେରା ପ୍ରତି ଯଥେଷ୍ଟ ଧ୍ୟାନ ଦେଇଥାନ୍ତି। କିନ୍ତୁ ଏହାରି ମଧ୍ୟରେ ପାଦ ପ୍ରତି ଅଣଦେଖା ହୋଇଯାଏ। ପାଦ ତଥା ଗୋଇଠି ଫାଟିବା ସମସ୍ୟା ସମସ୍ତଙ୍କ ମଧ୍ୟରେ ଦେଖାଯାଏ। କିନ୍ତୁ ଏହାପ୍ରତି ଅବହେଳା ହେଉଥିବା କାରଣରୁ ଅନେକ ସମସ୍ୟା ଦେଖାଯାଏ। କାମ କରିବା ସହ ଠିଆ ହେବାରେ ମଧ୍ୟ ସମସ୍ୟା ହୋଇଥାଏ। ଏପରି ଭାବେ ଅନେକ ଯନ୍ତ୍ରଣା ଅନୁଭବ ହୁଏ।

**କଦଳୀ:** ଭିଟାମିନ୍ ଏ, ବି୬ ଏବଂ 'ସି' କଦଳୀରେ ମିଳିଥାଏ। ଏହାର ଅର୍ଥ କଦଳୀ ହେଉଛି ଏକ ପ୍ରାକୃତିକ ଜିନିଷ ଯାହା ପାଦକୁ ଶୁଷ୍କ ହେବାକୁ ରୋକିଥାଏ। ଏଭଳି ପରିସ୍ଥିତିରେ ୨ ଟି ପାଚିଲା କଦଳୀକୁ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହି ପେଷ୍ଟକୁ ପାଦର ଫାଟି ଥିବା ସ୍ଥାନରେ ଲଗାନ୍ତୁ। ଏହାକୁ ୨୦ ମିନିଟ୍ ପାଇଁ ଛାଡି ଦିଅନ୍ତୁ ଏବଂ ତା'ପରେ ପାଦକୁ ପାଣିରେ ଧୋଇ ଦିଅନ୍ତୁ।

**ମହୁ:** ମହୁ ହେଉଛି ଏକ ପ୍ରାକୃତିକ ଆଣ୍ଟିସେପ୍ଟିକ୍ ଯାହା ଫାଟିଯାଇଥିବା ଗୋଇଠିକୁ ଭଲ କରିବାରେ ସାହାଯ୍ୟ କରେ। ଏହା ମଧ୍ୟ ଚର୍ମକୁ ଶୁଷ୍କ ହେବାକୁ ରୋକିଥାଏ। ଏକ କପ୍ ଗରମ ପାଣିରେ ଏକ କପ୍ ମହୁ ମିଶାନ୍ତୁ। ସେହି ପାଣିରେ ପାଦକୁ ସଫା କରନ୍ତୁ ଏବଂ ୨୦ ମିନିଟ୍ ପାଇଁ ଧୀରେ ଧୀରେ ମାଲିସ୍ କରନ୍ତୁ। କିଛି ସପ୍ତାହ ଶୋଇବା ପୂର୍ବରୁ ଏହା ନିୟମିତ କରନ୍ତୁ, ଦେଖିବେ କିଛି ଦିନ ମଧ୍ୟରେ ଆପଣଙ୍କ ପାଦ ସମସ୍ୟା ଦୂର ହୋଇଯିବ।

**ଭେସଲିନ୍ ଏବଂ ଲେମ୍ବୁ ରସ :** ଲେମ୍ବୁ ଏବଂ ଭେସଲିନ୍ ଫାଟିଯାଇଥିବା ପାଦକୁ ସହଜରେ ଭଲ କରିଥାଏ। ପାଦକୁ ଉଷୁମ ପାଣିରେ ପ୍ରାୟ ୧୫ ମିନିଟ୍ ବୁଡାଇ ରଖନ୍ତୁ। ଏହା ପରେ ୧ ଚାମଚ ଭେସଲିନ୍ ଏବଂ ଅଳ୍ପ ବୁନ୍ଦା ଲେମ୍ବୁ ରସ ମିଶାନ୍ତୁ। ଏହି ମିଶ୍ରଣକୁ ଆପଣ ଗୋଇଠି ଏବଂ ପାଦର ଅନ୍ୟ ଅଂଶରେ ଭଲ ଭାବରେ ଲଗାନ୍ତୁ। ଏହି ରସକୁ ପାଦରେ ରାତି ସାରା ଲଗେଇ ରଖନ୍ତୁ ଏବଂ ସକାଳେ ଧୋଇ ଦିଅନ୍ତୁ। ଶୋଇବା ପୂର୍ବରୁ ନିୟମିତ ଏହାକୁ କରନ୍ତୁ।

**ଚାଉଳ ଚୁନା, ମହୁ ଏବଂ ଭିନେଗାର :** ୨ ଚାମଚ ଚାଉଳ ଚୁନା, ୧ ଚାମଚ ମହୁ ଏବଂ ୫ ରୁ ୬ ବୁନ୍ଦା ଭିନେଗାର ମିଶାନ୍ତୁ। ତେବେ ସମସ୍ତ ଉପାଦାନକୁ ମିଶ୍ରଣ କରି ଏକ ପେଷ୍ଟ ତିଆରି କରି ଏକ ସ୍କ୍ରବ୍ ପ୍ରସ୍ତୁତ କରନ୍ତୁ। ୧୦ ମିନିଟ୍ ପାଇଁ ପାଦକୁ ଉଷୁମ ପାଣିରେ ବୁଡାଇ ରଖନ୍ତୁ, ଏବଂ ତା'ପରେ ଏହି ମିଶ୍ରଣକୁ ସ୍କିନର ବାହାର ଅଂଶରେ ଧୀରେ ଧୀରେ ସ୍କ୍ରବ୍ କରନ୍ତୁ। ଏପରି ଭାବେ ସପ୍ତାହରେ ୨ ରୁ ୩ ଥର କରନ୍ତୁ। ତେବେ ଯେଉଁମାନଙ୍କର ପାଦରେ ଏପରି ସମସ୍ୟା ହେଉଛି, ସେମାନେ ଏହି ସବୁ ଘରୋଇ ଉପଚାର ବ୍ୟବହାର କରିପାରିବେ। ଏହି ସବୁ ଘରୋଇ ଉପାୟ ସାହାଯ୍ୟରେ ଆପଣ ଗୋଇଠି ଫାଟିବା ସମସ୍ୟାରୁ ମୁକ୍ତି ପାଇ ପାରିବେ।

● ଜିଲ୍ଲାସ୍ତରୀୟ ସୁଶାସନ ଦିବସ ଅନୁଷ୍ଠିତ

## ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ପାଳିତ



**ସୁନ୍ଦରଗଡ଼,୨୫।୧୨(ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ରେ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଅବସରରେ ଜିଲ୍ଲା ସ୍ତରୀୟ ସୁଶାସନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ସଦଭାବନା ଭବନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ପୌର ପରିଷଦ ଅଧକ୍ଷା ତନୟା ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ସୂରଜ କୁମାର ପଟ୍ଟନାୟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ କ୍ରୀଷ୍ଟା କୁମାରୀ ନନ୍ଦ, ଅବସରପ୍ରାପ୍ତ ଅଧକ୍ଷ ଚିରବ୍ରତ ଦତ୍ତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧାପକ ନୂତନ ଖମାରୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥିମାନେ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଫୋଟଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ଏବଂ କାର୍ଯ୍ୟକ୍ରମ ଆୟୋଜନର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମ ରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପଟ୍ଟନାୟକ ବାଜପେୟୀଜୀଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିବା ସହିତ ତାଙ୍କର ଜୀବନୀ ଉପରେ ନିଜ ବକ୍ତବ୍ୟ ରଖିଥିଲେ ଏବଂ ସୁଶାସନ ଦିବସର ମହତ୍ତ୍ୱ ଉପରେ ଆଲୋଚନା କରିଥିଲେ।

# ଉଦ୍‌ଘାଟନରେ ଅଟକିଛି ମଣ୍ଡି: ହୋଇପାରୁନି ଧାନ କିଣାବିକା



**କୋରାପୁଟରେ,୨୫।୧୨(ସଂଚାର ବ୍ୟୁରୋ):** ଘୋଷଣାରେ ଅଟକିରହିଛି ଖରିଫ ଧାନ ମଣ୍ଡି। ଡିସେମ୍ବର ୧୧ରୁ ଉଦଘାଟନ ପରେ ବି ମଣ୍ଡି ଖୋଲିପାରୁନି। ଯାହା ନେଇ ଚାଷୀ ତାତିଛନ୍ତି। ସିଏସ୍‌ଓଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି ।
ଆସନ୍ତାକାଲି ସୁଦ୍ଧା ମଣ୍ଡିରୁ ଧାନ ନଉଠିଲେ ଆନ୍ଦୋଳନର ଚେତାବନୀ ଦେଇଛି ବିଜେଡି । ଗତ ଡିସେମ୍ବର ୧୧ରେ କୋରାପୁଟରେ ବୋରିଗୁମ୍ମାରେ ମଣ୍ଡିର ଶୁଭ ଉଦଘାଟନ କରାଯାଇଥିଲା । କୋରାପୁଟରେ ୧୦୮ଟି ମଣ୍ଡି ଖୋଲାଯିବ ବୋଲି କହିଥିଲେ ଯୋଗାଣ ଅଧିକାରୀ। ହେଲେ ଆଜି ପର୍ଯ୍ୟନ୍ତ ଗୋଟେ ବି ମଣ୍ଡି ଖୋଲିପାରିନି। ମିଳିଲା। କିନ୍ତୁ ବାସ୍ତବ ସ୍ଥିତିକୁ ଦେଖି ଲାଗୁନି, ପ୍ରଶାସନ ଧାନ କିଣିବାକୁ ଖୋଲାମେଲାରେ ଧାନ ପଡ଼ିରହିଛି। ଯାହାକୁ ନେଇ ତାତିଛନ୍ତି ୫ଟି ବ୍ଲକର ଚାଷୀ। କୃଷକ କଲ୍ୟାଣ ମଞ୍ଚ ନେତୃତ୍ୱରେ ସିଏସ୍‌ଓଙ୍କୁ ଘେରିଛନ୍ତି । ମଣ୍ଡି ଖୋଲିବା ପ୍ରସଙ୍ଗରେ ରବି ନନ୍ଦଙ୍କ ନେତୃତ୍ୱରେ ବିଜେଡି ଦଳ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲା । ପ୍ରତିଶ୍ରୁତି ବି ପ୍ରସ୍ତୁତ ବୋଲି କହିଛନ୍ତି ରବି ନନ୍ଦ। ଆସନ୍ତାକାଲି ସୁଦ୍ଧା ଧାନ ନଉଠିଲେ ଚାଷୀ ସଂଗଠନ ସହ ରାଜରାସ୍ତାକୁ ଓହ୍ଲାଇବାର ଚେତାବନୀ ଦେଇଛନ୍ତି ।
ଚଳିତ ବର୍ଷ ସରକାର କୋରାପୁଟକୁ ୧୫ ଲକ୍ଷ କ୍ୱିଣ୍ଟାଲ୍ ଖରିଫ ଧାନ କିଣିବା ପାଇଁ ଟାର୍ଗେଟ୍ ଦେଇଛନ୍ତି ।
ସରକାର ଧାନ କିଣିବେ, କିନ୍ତୁ ନିଜର ଫାଇଦା ପାଇଁ ମିଲରଙ୍କ ହାତବାରିସି ସାଜିଛି ପ୍ରଶାସନ! ଫଳରେ ଚାଷୀଙ୍କ ଧାନ ମଣ୍ଡିରୁ ଉଠୁନି। ଯାହାକୁ ନେଇ ଚାଷୀ ଅସନ୍ତୋଷ ପ୍ରକାଶ କରିଛି।

## ତାଳଚେରରେ ଅଟଳ ସ୍ମୃତି ସମ୍ମିଳନୀ ପାଳନ



**ତାଳଚେର,୨୫।୧୨(ସଂଚାର ବ୍ୟୁରୋ):** ତାଳଚେର ପୌର ମଣ୍ଡଳ ରେ ଭାରତ ରତ୍ନ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀ ଙ୍କର ୧୦୧ ତମ ଜନ୍ମଦିନ ଅବସରରେ ଅଟଳ ସ୍ମୃତି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ରାଜେଶ ଦଳେଇ ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଅନୁଗୁଳ ଜିଲ୍ଲା ବିଜେପି ସଭାପତି ଯଯାତି ପଟ୍ଟନାୟକ ଯୋଗଦେଇ ବାଜପେୟୀ ଜଣେ ମହାନ ରାଷ୍ଟ୍ରନେତା, ଏକ ଦୃଢ଼ ଦେଶଭକ୍ତ, ଏକ ସଂସ୍କୃତିବାନ୍ ରାଜନୀତିଜ୍ଞ ଥିଲେ। ରାଜନୀତିକୁ ସେ ଦେଇଥିଲେ ନୀତି, ମୂଲ୍ୟବୋଧ ଓ ମର୍ଯ୍ୟାଦାର ଏକ ନୂଆ ପରିଭାଷା ତାଙ୍କରି ସମୟରେ ଡାକ୍ତର ଦେବେନ୍ଦ୍ର ପ୍ରଧାନ ମନ୍ତ୍ରୀ ଥିଲେ ଏବଂ ଓଡିଶା ର ଜାତୀୟ ରାଜପଥ ଦୁଇଗୁଣିତ କରିଥିଲେ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ନଗରପାଳ ପବିତ୍ର ଭୁତିଆ ଯୋଗଦେଇ ସେ ଜଣେ ମହାପୁରୁଷ ଥିଲେ ବିକାଶ ପାଇଁ ସଦାସର୍ବଦା କାର୍ଯ୍ୟ କରିଥିଲେ ବୋଲି କହିଥିଲେ। ତାଳଚେର ପୌରାଞ୍ଚଳ ବିକାଶ ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଙ୍କ ପ୍ରୟାସ ରେ କୋଟି କୋଟି ଟଙ୍କା ଆସି ପାରିଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଜୋନାଲ ମିଡ଼ିଆ ସେଲ ସଂଯୋଜକ ପର୍ଶୁରାମ ବାରିକ ଯୋଗଦେଇ ବାଜପେୟୀ ଙ୍କ ସମୟରେ ମୋବାଇଲ ଫୋନ, ସ୍ୱର୍ଣ ଚତୁର୍ଭୁଜ ଯୋଜନା, ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା, ସର୍ବଶିକ୍ଷା ଅଭିଯାନ, ସ୍ୱୟଂ ସହାୟକ ଗୋଷ୍ଠୀ, କିସାନ କ୍ରେଡିଟ କାର୍ଡ, ଅନ୍ତୋର୍ଦ୍ୟୟ ଅର୍ଣ୍ଣ ଯୋଜନା, ଆଦି ବହୁ ମହତ୍ୱକାଂକ୍ଷୀ ଯୋଜନା ମାନ କାର୍ଯ୍ୟକାରୀ ହୋଇଥିବା।

## ଟାଟା ହଟାଓ, ଓଡ଼ିଶା ବଞ୍ଚାଅ କାର୍ଯ୍ୟକ୍ରମ ପାଇଁ ଜନସଚେତନତା



**ନାଉଗାଁ,୨୫।୧୨(ସଂଚାର ବ୍ୟୁରୋ):** ଜଗତସିଂହପୁରଜିଲ୍ଲାର ଆଇନ୍‌ଜୀବୀ ବାସୁଦେବ ଷଡଙ୍ଗୀଙ୍କ ନେତୃତ୍ୱରେ ଟାଟାହଟାଓ, ଓଡ଼ିଶାବଞ୍ଚାଅ କାର୍ଯ୍ୟକ୍ରମ ପାଇଁ ଜନସଚେତନତାକାର୍ଯ୍ୟକ୍ରମକରାଯାଉଛି। ବିଦ୍ୟୁତ ଉପଭୋକ୍ତାମାନଙ୍କୁ ଅତିରିକ୍ତ ସୁରକ୍ଷାଜମା, ସ୍ମାର୍ଟମିଟର ଲଗାଇବା ପାଇଁ ଟାଟା ପାୱାର ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଟାଟା ପାୱାରରଏଭଳିମନମାନୀ ପାଇଁ ବିଭିନ୍ନସଂଗଠନ ପକ୍ଷରୁ ଘୋରବିରୋଧ ଆରମ୍ଭ ହୋଇଛି। ଏହିକାର୍ଯ୍ୟକ୍ରମଗୁରୁବାର ନାଉଗାଁବ୍ଲକର ଅଲଣାହାଟ ଓ ନାଉଗାଁହାଟରେ କରାଯାଇଥିଲା। ଏହିକାର୍ଯ୍ୟକ୍ରମରେ ନବ ନିର୍ମାଣ କୃଷକସଂଗଠନର ରଶ୍ମୀରଞ୍ଜନ ସ୍ୱାଇଁ, ଅଶୋକ କୁମାର ସ୍ୱାଇଁ ପ୍ରମୁଖଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଶତାଧୀକ ଲୋକ ସମର୍ଥନ କରିଥିଲେ।

## ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ



**ବୈଶିଙ୍ଗା,୨୫।୧୨(ସଂଚାର ବ୍ୟୁରୋ):** ବୈଶିଙ୍ଗା ନିକଟସ୍ଥ ଖୁଣ୍ଟାପୁର ସ୍ଥିତ ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ୯ମ ବାର୍ଷିକ ଉତ୍ସବ ବୁଧବାର ଅପରାହ୍ଣରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାକେନ୍ଦ୍ରର ସ୍ଥାୟୀ ସଭାପତି ହିମାଂଶୁ ଶେଖର ନନ୍ଦ ବ୍ରହ୍ମଚାରୀଙ୍କ ଅଧକ୍ଷତା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଧାନ ଆଚାର୍ଯ୍ୟା ରଂଜିତା ପତି ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ଭାବେ ଶାନ୍ତିଲତା ମହାବିଦ୍ୟାଳୟର ଦର୍ଶନ ବିଭାଗ ଅଧାପକ ମାନସ ରଞ୍ଜନ ଦତ୍ତ ଯୋଗ ଦେଇ ଶିକ୍ଷାର ମାନ ବୃଦ୍ଧି ପାଇଁ ଶିକ୍ଷା ଦାନ ର ଗୁରୁତ୍ୱ ଆବଶ୍ୟକ ବୋଲି ଅଭିହିତ କରିଥିଲେ। ସମ୍ମାନୀତ ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ବିପ୍ଲବ କର ଯୋଗ ଦେଇ କୁନି କୁନି ପିଲାମାନେ ଦେଶର ଭବିଷ୍ୟତ ବୋଲି ମତ ପୋଷଣ କରିବା ସହିତ ଅଭିଭାବକ ମାନଙ୍କୁ ପିଲାମାନଙ୍କ ପ୍ରତି ଅଧିକ ଯତ୍ନଶୀଳ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଉତ୍କଳ ଶିକ୍ଷା ପରିଷଦ ର ସମ୍ପାଦକ ଯୋଗେନ୍ଦ୍ର ଦାଶ ଯୋଗ ଦେଇ ବିବେକାନନ୍ଦଙ୍କ ଜୀବନୀ ଆଧାରିତ ଜୀବନ ଧାରା ଉପରେ ବିଷଦ ଆଲୋଚନା କରିବା ସହିତ ଗୁରୁଜୀ /ଗୁରୁମା ମାନଙ୍କୁ ଶିକ୍ଷା ପ୍ରତି ଅନୁରକ୍ତି ରଖିବାକୁ ଉପଦେଶ ଦେଇଥିଲେ। ସମ୍ମାନିତ ବକ୍ତା ଭାବେ ବ୍ରାହ୍ମଣ ସମାଜର ପୂର୍ବତନ ସଭାପତି ପର୍ଶୁରାମ ମିଶ୍ର ଯୋଗ ଦେଇ ଅନୁଷ୍ଠାନର ଉନ୍ନତି ପାଇଁ ସମସ୍ତଙ୍କର ସହଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ।

## ବଡ଼ ଧୂମଧାମରେ ପାଳିତ ହେଲା ବଡ଼ଦିନ: ପୁଣି ବର୍ଷେ ଅପେକ୍ଷା



**ଦାରିଙ୍ଗବାଡି,୨୫।୧୨(ସଂଚାର ବ୍ୟୁରୋ):** ଆସିଛି ଖୁସିର ମୁହୂର୍ତ୍ତ। ଯୀଶୁଖ୍ରୀଷ୍ଟଙ୍କ ଆଗମନକୁ ନେଇ ସବୁଠି ଖୁସି ଓ ଆନନ୍ଦର ମୁହୂର୍ତ୍ତ ଘରେ ଘରେ ଜମିଛି ମିଠା ଓ ପିଠାର ଆସର। ନୂଆ ପୋଷାକ ପରିଧାନ ସହ ଗାଁରେ ରହିଥିବା ପ୍ରାର୍ଥନା ଗୃହ ଓ ଚର୍ଚ୍ଚରେ ଏକାଠି ହେଲେ ଖ୍ରୀଷ୍ଟ ଶ୍ରଦ୍ଧାଳୁ ଆଉ ସାମୂହିକ ପ୍ରାର୍ଥନା ବାଇବେଲ୍ ପଠନ ଓ ନିଜ ପରିବାର ଓ ଅଞ୍ଚଳର ମଙ୍ଗଳ କାମନା କରି ପ୍ରାର୍ଥନା କରାଯାଇଛି। ଏହି ପରିପ୍ରେକ୍ଷୀରେ ଦାରିଙ୍ଗବାଡି ବ୍ଲକ ଅଞ୍ଚଳରେ ପ୍ରଭୁଯୀଶୁ ଖ୍ରୀଷ୍ଟଙ୍କ ଆଗମନ ପାଇଁ ବୁଧବାର ସନ୍ଧ୍ୟାରୁ ହିଁ ଚଳଚଞ୍ଚଳ ହୋଇପଡିଛି ଗାଁ। ରଙ୍ଗବେରଙ୍ଗ ଆଲୋକ ମାଳରେ ପ୍ରାର୍ଥନା ଗୃହ, ଚର୍ଚ୍ଚ ଝଲସି ଉଠିଛି। ବିଳମ୍ବିତ ରାତିରେ ଯୀଶୁଙ୍କ ଆଗମନ ପରେ କେକ କାଟି ପର୍ବ ପାଳନ କରିବା ସହ ଅସ୍ଥାୟୀ ଗୁହାଳରେ ଶୈଶବ ଯୀଶୁଙ୍କ ପାଦ ଛୁଇଁ ଓ ଚୁମ୍ବନ ଦେଇ ଶ୍ରଦ୍ଧାଳୁ ମାନେ ଆର୍ଶୀବାଦ ଗ୍ରହଣ କରିଥିଲେ। ସେହିପରି ଗୁରୁବାର ପୂର୍ବାହ୍ନରେ ସମସ୍ତ ଚର୍ଚ୍ଚ ରେ ସାମୁହିକ ପ୍ରାର୍ଥନା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଭଉଣୀଙ୍କୁ ଅସଦାଚରଣ କରିଥିଲେ ଭାଇ



**ଦିଗପହଣ୍ଡି,୨୫।୧୨(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ବମକୋଇ ପଞ୍ଚାୟତ ସିନ୍ଧୁଖାଲି ଗ୍ରାମରେ ଭଉଣୀଙ୍କୁ ଅସଦାଚରଣ ସହ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗରେ କେ. ନୂଆଗାଁ ଥାନା ଏଏସଆଇ ସି.ତାରକେଶର ରାଓ ଅଭିଯୁକ୍ତ ଭାଇ ତୋଫାନ ନାଇକଙ୍କୁ ଗୁରୁବାର ଗିରଫ କରି କୋର୍ଟଚାଲାଣ କରିଛନ୍ତି। ତାଙ୍କ ନିକଟରୁ ଘଟଣାରେ ବ୍ୟବହୃତ ଠେଙ୍ଗାକୁ ଜବତ କରାଯାଇଛି। ଥାନା ମାମଲା ନଂ.୪୩୮/୨୫ ଅନୁଯାୟୀ, ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ ଜେଲ ହାଜତକୁ ପଠାଇ ଦିଆଯାଇଛି। ଗତ ମଙ୍ଗଳବାର ରାତିରେ ତୋଫାନ ନିଶାସକ୍ତ ଅବସ୍ଥାରେ ଭଉଣୀ ପୂର୍ଣ୍ଣବାସୀ ନାଇକଙ୍କୁ ଆପତ୍ତିଜନକ ଭାଷାରେ ଗାଳିଗୁଲଜ କରିବା ସହ ଅସଦାଚରଣ କରିଥିଲେ। ସେ ଏବଂ ତାଙ୍କ ଝିଅ ପ୍ରତିବାଦ କରିବାରୁ ଅଭିଯୁକ୍ତ ଉଭୟଙ୍କୁ ମାଡମାରି ଲହୁଲୁହାଣ କରିଥିଲେ।

## ହିଲଭିୟୁ ପାର୍କରେ ଟ୍ରେନ ଦୁର୍ଘଟଣା: ଟ୍ରାକ ବାହାରକୁ ଚାଲିଗଲା ବଗି

**ଦାରିଙ୍ଗବାଡି,୨୫।୧୨(ସଂଚାର ବ୍ୟୁରୋ):** ଓଡ଼ିଶାର କଶ୍ମୀର କୁହାଯାଉଥିବା ଦାରିଙ୍ଗବାଡି ହିଲଭିୟୁ ପାର୍କରେ ଛୁଟିଦିନ ରହିଥିବାରୁ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳିଛି । ତେବେ ଶିଶୁ ପର୍ଯ୍ୟଟକ ଟୟ ଟ୍ରେନର ମଜା ନେଉଥିବା ବେଳେ ହଠାତ ଟ୍ରେନର ପଛ ବଗିଟି ଟ୍ରାକରୁ ବାହାରିଯାଇଥିଲା ତେବେ ଅପରେଟରଙ୍କ ଉପସ୍ଥିତ ବୁଦ୍ଧି ଓ ଟ୍ରେନ ଚାଲିବା ସମୟରେ ଟ୍ରେନ ଉପରେ କଡା ନଜର ରଖିଥିବାରୁ ସେ ତୁରନ୍ତ ଟ୍ରେନକୁ ଅଟକାଇବାରେ ସଫଳ ହୋଇଥିଲେ। କାହାରି କିଛି କ୍ଷତି ହୋଇ ନ ଥିବା କୁହାଯାଇଛି। ତେବେ ଉକ୍ତ ଟ୍ରେନକୁ ମରାମତି କରାଯାଇ ପୁନଃ ଟ୍ରେନ ଗଡ଼ିଥିବା ହିଲଭିୟୁ ପାର୍କର ପରିଚାଳକ ଯୁବରାଜ ଅଧିକାରୀ କହିଛନ୍ତି।

## ଅସହାୟଙ୍କୁ ସହାୟତାର ହାତ ବଢ଼ାଇଲା ନ୍ୟୁ ଲାଇଫ ମିଶନ



**କେସିଙ୍ଗା,୨୫।୧୨(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ କୁର୍ଲୁପଡ଼ା ଗ୍ରାମର ନ୍ୟୁ ଲାଇଫ ମିଶନ ପରିସରରେ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ଡାଇରେକ୍ଟର ସିଆନି ହରପାଲ ଓ ଅଧକ୍ଷା ସୁଫଳା ନିଆଲଙ୍କ ନେତୃତ୍ୱରେ କ୍ରିସ୍‌ମାସ୍ ଡେ' ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଭାରତ ତୈଳ ଓ ଗ୍ୟାସ୍ ପ୍ରକଳ୍ପ ମ୍ୟାନେଜର ବିକାଶ ସମାଦ୍ଦେର ଯୋଗଦେଇ ଯୀଶୁଙ୍କ ବାଣୀ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ କେସିଙ୍ଗା ବ୍ଲକ୍ ଅଧକ୍ଷ ଚନ୍ଦନ କୁମାର ସେନାପତି ଓ କେସିଙ୍ଗା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ବିନୟା କୁମାର ନାୟକ ଯୋଗଦେଇ ଏହି ଦିବସ ଉପରେ ବକ୍ତବ୍ୟ ରଖିଥିଲେ। ଏହି ଉପଲକ୍ଷେ ବ୍ଲକ୍‌ର ୧ ହଜାର ଗରିବ ବୃଦ୍ଧାବୃଦ୍ଧଙ୍କୁ ଅତିଥିମାନେ ଶୀତବସ୍ତ୍ର ବଣ୍ଟନ କରିଥିଲେ। ନ୍ୟୁ ଲାଇଫ୍ ମିଶନର ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଦୟାନନ୍ଦ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ

**ସୁବର୍ଣ୍ଣପୁର,୨୫।୧୨ (ସଂଚାର ବ୍ୟୁରୋ):** ଦୟାନନ୍ଦ ପବ୍ଲିକ ସ୍କୁଲ ର ବାର୍ଷିକ ଉତ୍ସବ (ଉଦୟନ) ମହା ସମାରୋହ ରେ ପାଳିତ ହୋଇଯାଇଛି। ଶିକ୍ଷାନୁଷ୍ଠାନ ର ସଭାପତି ଶ୍ରୀ ରାଜେନ୍ଦ୍ର ଅଗ୍ରୱାଲ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏକ ସଭାରେ ମୁଖ୍ୟ ଅତିଥି ଭାବରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼ ନୃପ ରାଜ ସାହୁ ଯୋଗ ଦେଇ କେବଳ ଡ଼ିଗ୍ରୀ ହାସଲ କଲେ ଉଚ୍ଚ ଶିକ୍ଷିତ ହେଲେ ଉଚ୍ଚ ପଦବୀ ରେ ଉପସ୍ଥାପିତ ହେଇଗଲେ ପାଠ ର ମୂଲ୍ୟ କିଛି ନ ଥାଏ, ଯେଉଁ ପର୍ଯ୍ୟନ୍ତ ସେ ପାଠ ସହିତ ଡିଗ୍ରୀ ସହିତ ପଦବୀ ସହିତ ଗୋଟେ ସେବା ପ୍ରବଣତା ଆମ ଭିତରେ ରହି ନ ଥିବ ବୋଲି କହିଥିଲେ। ପୃଥିବୀ ରେ ଏମିତି କିଛି ନିୟମ ନାହିଁ ଯାହାକୁ ଆମେ ଉପକାର କରିବା ସେ ଆମ କୁ ପ୍ରତି ଉପକାର କରିବ, କିନ୍ତୁ ଆମେ ଯାହା ପାଇଁ ଉପକାର ସମବେଦନା ଦେଉଛୁ ଈଶ୍ୱର ଙ୍କ ପ୍ରତିଦାନ ନିଶ୍ଚିତ ବୋଲି ଜିଲ୍ଲାପାଳ ଡ଼. ସାହୁ କହିଥିଲେ। ବିଦ୍ୟାଳୟ ର ଅଧକ୍ଷା କେ. କୁମାରୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରି ବାର୍ଷିକ ବିବରଣୀ ପ୍ରଦାନ କରି ଥିବା ବେଳେ ମୁଖ୍ୟ ବକ୍ତା ଭାବେ ପଣ୍ଡିତ ଲକ୍ଷ୍ମଣ କୁମାର ଶାସ୍ତ୍ରୀ ବୈଦିକ ବିଦ୍ୱାନ ଗଞ୍ଜାମ, ବକ୍ତା ଭାବେ ଅଧକ୍ଷ ଦୟାନନ୍ଦ ଗ୍ରୁପ୍ ଅଫ ଇନ୍‌ଷ୍ଟିଚିୟୁଟ ସମ୍ବଲପୁର ଶ୍ରୀ ଈଶ୍ୱର ପାଣିଗ୍ରାହି ଯୋଗ ଦେଇ ବର୍ତ୍ତମାନ ଆମ ହିନ୍ଦୁ ମାନେ ଧର୍ମ ଓ ସଂସ୍କୃତି ପ୍ରତି ଅଧିକ ସଚେତନ ହେବା ଅତି ଜରୁରୀ ହୋଇ ପଡ଼ିଛି ବୋଲି କହିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ରଜତ ଜୟନ୍ତୀ ଉଦ୍‌ଯାପିତ

**କଣାସ,୨୫।୧୨(ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କଣାସ ବ୍ଲକର କଣାସ ଗ୍ରାମପଞ୍ଚାୟତରେ ପ୍ରତିଷ୍ଠିତ ସରସ୍ୱତୀ ଶିଶୁ ବଦ୍ୟାମନ୍ଦିରର ୨୫ବର୍ଷ ପୂର୍ତ୍ତି ଉପଲକ୍ଷେ ଗତ ୨୩ତାରିଖ ଠାରୁ ଆରମ୍ଭ ହୋଇଥିବା ରଜତ ଜୟନ୍ତୀ ସମାରୋହ ଆଜି ଉଦ୍‌ଯାପିତ ହୋଇଯାଇଛି। ଏହି ଉଦ୍‌ଘାଟନ ଉତ୍ସବରେ କଣାସ ବଡ ମଠ ମହନ୍ତ ପୂର୍ଣ୍ଣଚନ୍ଦ୍ରଦାସ ମହାରାଜ, ପୁରୀ ସାଂସଦ ଡ. ସମ୍ବିତ୍ ପାତ୍ର, ସତ୍ୟବାଦୀ ଯୁବ ବିଧାୟକ ଓମ ପ୍ରକାଶ ମିଶ୍ର, କଣାସ ସରପଞ୍ଚ ଭଗବାନ ସୁବୁଦ୍ଧି, ଜିଲ୍ଲା ପରିଷଦ ସଭ୍ୟା ଲତାମଣି ଜଗଦେବ, ପ୍ରମୁଖ ଯୋଗଦେଇ ବେଳେ ଆଜି ଉଦ୍‌ଯାପନ ଉତ୍ସବରେ ନବକୃଷ୍ଣ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ସତ୍ୟବାନ ଶ୍ରୀଚନ୍ଦନ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ କୃଷ୍ଣଚନ୍ଦ୍ର ମିଶ୍ର ଯୋଗଦେଇଥିଲେ। ଗିରିଜାଶଙ୍କର ସାମନ୍ତରାୟ, ସନ୍ତୋଷ କୁମାର ଦାସ, ସଞ୍ଜୟ କୁମାର ସେଠି, ପ୍ରଶନ୍ନ କୁମାର ପାଠୀ, ପଞ୍ଚାୟତ ସମିତି ଅଧକ୍ଷା ପ୍ରଭାତି ରାଉତ, କଣାସ ଥାନା ଅଧିକାରୀ ପ୍ରଶନ୍ନ କୁମାର ନାୟକ, ଡଃ କିଶ୍ୱର ଚନ୍ଦ୍ର ମହାନ୍ତି, ସୁବୋଧ କୁମାର ଦାସ, ହାଡିବନ୍ଧୁ ଚମ୍ପତି, ପ୍ରଧାନ ଆ•ର୍ଯ୍ୟ ସଞ୍ଜୟ କୁମାର ସେଠି ଯୋଗଦେଇ ରାଷ୍ଟ୍ରୀୟ ଶିକ୍ଷା ପ୍ରଣାଳୀର ବିକାଶ କରିବାକୁ ହେବ ଯାହାଦ୍ୱାରା ହିନ୍ଦୁତ୍ୱନିଷ୍ଠ ଓ ରାଷ୍ଟ୍ର ଭକ୍ତିରେ ଉତପ୍ରୋତ ତଥା ଶାରୀରିକ ଓ ପ୍ରାଣିକ, ମାନସୀକମ ବୌଦ୍ଧିକ ଏବଂ ଆଧାତ୍ମିକ ଦୃଷ୍ଟିରୁ ପୂର୍ଣ୍ଣ ବିକଶିତ ଯୁବ ପିଢି ନିର୍ମିତ ହେବ।

# ସାଂସଦ ଖେଳ ମହୋତ୍ସବ ଉଦ୍‌ଯାପିତ



**ଝରିଗାଁ,୨୫।୧୨(ସଂଚାର ବ୍ୟୁରୋ):** ନବରଙ୍ଗପୁର ଝରୀଗାଁ ବ୍ଲକ ସଦର ମହକୁମାସ୍ଥିତ ମିନି ଷ୍ଟାଡିୟମଠାରେ ସାଂସଦୀୟ ଖେଳ ମହୋତ୍ସବ ଉଦଯାପିତ । ସାଂସଦ ବଳଭଦ୍ର ମାଝୀ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ବିଧାୟକ ନରସିଂହ ଭତରା ଯୋଗଦେଇଥିଲେ । ଅନ୍ୟ ପ୍ରମୁଖ ମଧରେ ଅର୍ଜୁନ ତ୍ରିପାଠୀ ରାଜ୍ୟ ଉପସଭାପତି, କ୍ରିକେଟ୍ ଆସୋସିଏସନ, ବିଜେପି ଜିଲ୍ଲା ସଭାପତି କୁଞ୍ଜ ବିହାରୀ ଦାସ, ବିଡିଓ ମଧୁସୂଦନ ମାଝୀ, ତହସିଲଦାର ସୁମନ୍ତ ପାତ୍ର, ସାଂସଦୀୟ ଖେଳ କର୍ଡିନେଟର ରାମେଶ୍ୱର ଜେନା, ରାଜ୍ୟ ଉପସଭାପତି ରମେଶ ସାହୁ, ଉମରକୋଟ ସାଂସଦ ପ୍ରତିନିଧି ରାମ ନାୟକ, ତେନ୍ତୁଳି ଖୁଣ୍ଟି ସାଂସଦ ପ୍ରତିନିଧି ସନ୍ତୋଷ ପାତ୍ର, ପାପଡ଼ାହାଣ୍ଡି ସାଂସଦ ପ୍ରତିନିଧି ସମୋନାଥ ପୂଜାରୀ, ବିଜେପି ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଶୁଭ୍ରଜିତ୍ ପାଣିଗ୍ରାହୀ, ସାଂସଦୀୟ କ୍ଷେତ୍ରର ସହ ସଂଯୋଜକ ତଥା ବ୍ଲକ ସାଂସଦ ପ୍ରତିନିଧି ଚନ୍ଦ୍ରଭାନୁ ନାୟକ, ରାଜ୍ୟ ଯୁବ ମୋର୍ଚ୍ଚା କାର୍ଯ୍ୟକାରିଣୀ ସଭ୍ୟ କାହ୍ନୁ ଦାସ, ସାଂସଦୀୟ ବିକାଶ ପରିଯୋଜନା ସଂଯୋଜକ ପୁରୁସତୋମା ଗଣ୍ଡ, ଜିଲ୍ଲା ସମ୍ପାଦକ ବୁଲୁ ଷଡ଼ଙ୍ଗୀ, ବରିଷ୍ଠ ଦଳୀୟ କର୍ମକର୍ତ୍ତା ମଧରେ ଚିତ୍ରସେନ ତିୱାରୀ ପ୍ରଫୁଲ୍ଲ ପ୍ରଧାନି, ସନ୍ତୋଷ ରାଓ ଗଣପତି ସାହୁ, ଗିରି ପାଣ୍ଡେ, ସୁଦାମ ତିୱାରୀ ପିଣ୍ଟୁ ତିୱାରୀ, ପ୍ରମୁଖ ଉପସ୍ଥିତ ଥିଲେ। ଏହି ଭାରତ ଯୁବ ବିକାଶ କ୍ରୀଡ଼ା ମହୋତ୍ସବ ଉଦଯାପିତ ଅବସରରେ ଆୟୋଜିତ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଫାଇନାଲ ମ୍ୟାଚ୍ ଝରିଗାଁ ଏବଂ ପାପଡ଼ାହାଣ୍ଡି ମଧରେ ଅନୁଷ୍ଠିତ ହୋଇଥିଲା । ଏଥିରେ ପାପଡ଼ାହାଣ୍ଡି ବିଜୟ ଲାଭ କରିଥିଲା । ୧୫ ଓଭର୍ ବିଶିଷ୍ଟ ମ୍ୟାଚ୍ ରେ ପ୍ରଥମେ ଝରିଗାଁ ବ୍ୟାଟିଂ କରି ୧୫୩ ରନ କରି ଅଲଆଉଟ୍ ହୋଇଥିବା ବେଳେ ପାପଡ଼ାହାଣ୍ଡି ୧୫୪ ରନ୍ କରି ବିଜୟୀ ହୋଇଥିଲା ।

## ତୁଳସୀରେ ଅଛି ଅନେକ ଔଷଧୀୟ ଗୁଣ

● ବ୍ରାହ୍ମଣୀଗାଁ ରେ ତୁଳସୀ ପୂଜନ ଉତ୍ସବ



**ଦାରିଙ୍ଗବାଡି,୨୫।୧୨(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁ ରେ ତୁଳସୀ ପୂଜନ ଉତ୍ସବ ପାଇଁ ଅଞ୍ଚଳ ଉତ୍ସବ ମୁଖର ହୋଇଛି। ଏହି ଅବସରରେ ବ୍ରାହ୍ମଣୀଗାଁ ରେ ଶତାଧିକ ମହିଳା ଓ ପୁରୁଷ ଏକତ୍ରିତ ହୋଇ ତୁଳସୀ ଗଛ କୁ ମିଳିତ ପୂଜାର୍ଚ୍ଚନା କରିବା ସହ କଳସରେ ତୁଳସୀ ଗଛ ନେଇ ଗାଁ ପରିକ୍ରମା କରିଥିଲେ। ତୁଳସୀ ଗଛ ଆଧାତ୍ମିକ ପରିବେଶ ସୃଷ୍ଟି କରିବା ସହ ହିନ୍ଦୁ ଧର୍ମଲମ୍ବୀମାନେ ଏହାକୁ ଘର ଅଗଣାରେ ପୂଜା କରିଥାନ୍ତି ନିୟମିତ ତୁଳସୀ ଗଛରେ ପାଣି ଦିଆଯିବା ସହ ତୁଳସୀଙ୍କୁ ପବିତ୍ର ଦେବି ଭାବେ ପୂଜାର୍ଚ୍ଚନା କରାଯାଇଥାଏ ବୋଲି କୁହାଯାଏ। ଏହା ଦ୍ୱାରା ଘରର ପରିବେଶ ସଛ ରହିବା ସହ ସକାରାତ୍ମକ ପରିବେଶ ସୃଷ୍ଟି କରିଥାଏ ବୋଲି ବିଶ୍ୱାସ ଓ ଲୋକକଥା ରହିଛି। ସେହିପରି ତୁଳସୀର ଅନ୍ୟ ଏକ ମାହାତ୍ମ୍ୟ ରହିଛି,ଯାହାକୁ ସବୁ ବର୍ଗ ପକ୍ଷରୁ ଔଷଧ ଭାବେ ବ୍ୟବହାର କରିଥାନ୍ତି ଏଥିରେ ଆଣ୍ଟି ଅକ୍ସିଡେଣ୍ଟ ଗୁଣ ଭରପୁର ରହିଥିବା ସହ ଏକାଧିକ ଗୁଣରେ ଭରପୁର ରୁହେ ତୁଳସୀ ବହୁ ପ୍ରକାର ରହିଥିବା ବେଳେ ବଣ ତୁଳସୀ ସମେତ ଶ୍ୟାମ ତୁଳସୀ, ନିମ୍ବୁ ତୁଳସୀ, ରାମ ଓ ବିଷ୍ଣୁ ତୁଳସୀ ଆଦି ତୁଳସୀ ରହିଛିବୋଲି ଉପସ୍ଥିତଲୋକଙ୍କୁ କୁହାଯାଇଥିଲା।

## ୪୧ ଚୋରି ବାଇକ ସମେତ ଗୋଟିଏ କାର ଜବତ: ୫ ଚୋର ଗିରଫ

**ବାରିପଦା,୨୫।୧୨(ସଂଚାର ବ୍ୟୁରୋ):** ମୟୁରଭଞ୍ଜ ଜିଲ୍ଲା ପୁଲିସ କୁ ମିଳିଛି ବଡ଼ ସଫଳତା। ବାରିପଦା ସଦର ଥାନା ପୋଲିସ ପକ୍ଷରୁ ପାଞ୍ଚ ଜଣ ଗାଡି ଚୋର କୁ ଗିରଫ କରିବା ସହିତ ସେମାନଙ୍କ ପାଖରୁ ୪୧ ଗୋଟି ଚୋରି ବାଇକ ସମେତ ଗୋଟିଏ କାର ଜବତ କରିଛନ୍ତି। ଗିରଫ ଚୋର ମାନେହେଲେ ମୟୁରଭଞ୍ଜ ଜିଲ୍ଲା ଝାରପୋଖରିଆ, କୁଳିଅଣା, ଖୁଣ୍ଟା, ବଡ଼ସାହି ଏବଂ ବାରିପଦା ସଦର ଥାନା ଅଞ୍ଚଳର ଗୋବିନ୍ଦ ଚନ୍ଦ୍ର ସିଂ, ଶିବାଜୀ ବଗାଳ, ବାସୁଦେବ ହାତୀ, ରୋହିଦାସ ସିଂ ଏବଂ ଦିନେଶ୍ୱର ସିଂ। ଆଜି ଏ ବାବଦରେ ମୟୁରଭଞ୍ଜ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲି ସାମ୍ବାଦିକ ମାନଙ୍କୁ ସୂଚନା ଦେଇ କହିଛନ୍ତି ଚଳିତ ମାସ ୨୩ ତାରିଖ ରାତ୍ରିରେ ବାରିପଦା ସଦର ପୋଲିସ ପକ୍ଷରୁ ପେଟ୍ରୋଲିଙ୍ଗ କରାଯାଉଥିବା ସମୟରେ ସନ୍ଦେହ ହେବାରୁ ଦୁଇ ଜଣ କୁ ଅଟକାଇ ପଚାରା ଉଚରା କରିବାରୁ ସେମାନେ ଚୋର ବୋଲି ଜଣା ପଡିଥିଲା। ସେମାନଙ୍କ ପାଖରୁ ତିନିଗୋଟି ବାଇକ ଏବଂ ଗୋଟିଏ କାର ଜବତ କରାଯାଇଥିଲା। ସେମାନଙ୍କୁ ଅଧିକ ଜେରା କରାଯିବାପରେ ପୋଲିସ କୁ ମିଳିଥିଲା ବଡ଼ ସଫଳତା। ପୋଲିସ ଏବଂ ସ୍କ୍ୱାର୍ଡ ଟିମ ମିଳିତ ଭାବେ ଚଢ଼ାଉ କରି ଅନ୍ୟ ତିନିଜଣ ଚୋର କୁ ଗିରଫ କରିବା ସହ ବିଭିନ୍ନ ସ୍ଥାନରୁ ବାକି ସମସ୍ତ ଚୋରି ବାଇକ କୁ ପୋଲିସ ଜବତ କରିଥଲେ। ଏଥି ସହିତ ସେମାନଙ୍କ ପାଖରୁ ଛଅ ଗୋଟି ମୋବାଇଲ ଫୋନ ଏବଂ ଗାଡି ଚୋରି ପାଇଁ ବ୍ୟବହୃତ ବିଭିନ୍ନ ଉପକରଣ ଜବତ କରାଯାଇଅଛି। ଏ ବାବଦରେ ବାରିପଦା ସଦର ଥାନାରେ ଏକ କେସ ରୁଜୁ କରିବା ସହ ଅଧିକ ତଦନ୍ତ ଜାରିରହିଅଛି ।

## ଅଭିନବ ଉପାୟରେ ଠକେଇ

● ଖଲିକୋଟ ପୁଲିସ୍ ହାତରେ ଧରାପଡ଼ିଛି ଠକ

**କଣାସ,୨୫।୧୨(ସଂଚାର ବ୍ୟୁରୋ):** ଦିନକୁ ଦିନ ସମାଜ ଆଧୁନିକ ଆଡକୁ ଆଗେଇ ଥିବା ବେଳେ ସଚେତନତା ଅଭାବରୁ ଗାଁ ଗହଳିର ମହିଳାମାନେ ସରଳବିଶ୍ୱାସୀ ହୋଇ ଠକମାନଙ୍କ ହାବୁଡରେ ବାରମ୍ବାର ଶୀକାର ହେଉଛନ୍ତି। କଣାସ ବ୍ଲକ ଗଡ଼ିଶାଗୋଦା ଥାନା ପରିସରଭୁକ୍ତ ସାହୁପଡ଼ା ଗ୍ରାମପଞ୍ଚାୟତର ବାଲିପଡ଼ା ଗ୍ରାମର ସୁଲୋଚନା ବେହେରା ଏକ ଠକ ହାବୁଡରେ ପଡ଼ି ମଙ୍ଗଳସୂତ୍ର, ସୁନାସେନ୍, ଛୋଟଛୁଆଙ୍କ ସୁନା ଲକେଟ୍ ହରାଇ ଗଡ଼ିଶାଗୋଦା ଥାନାର ଦ୍ୱାରସ୍ତ ହୋଇଛନ୍ତି। ସୁଲୋଚନାଙ୍କ ଅଭିଯୋଗରୁ ପ୍ରକାଶ ଜଣେ ଯୁବକ ୨୨ତାରିଖ ଦିନ ମଧାହ୍ନ ସମୟରେ ଆସି ତାଙ୍କର ପ୍ରଧାନମନ୍ତ୍ରି ଆବାସ ଯୋଜନାରେ ଗୃହନିର୍ମାଣ ପାଇଁ ୪ଲକ୍ଷ ୫୦ହଜାର ଟଙ୍କା ମଞ୍ଜୁର ହୋଇଥିବା ଏକ ଭାରତୀୟ ଷ୍ଟେଟବ୍ୟାଙ୍କର ବ୍ଲାଙ୍କଚେକ୍ ଦେଖାଇଥିଲେ। ଦେଖାଇବା ସହିତ ତାଙ୍କୁ ତାଙ୍କ ଆକାଉଣ୍ଟରେ ଟଙ୍କା ନଥିବାରୁ ଚେକ୍ ପାସ୍ ହୋଇପାରିବ ନି ବୋଲି କହିବା ସହିତ ଟଙ୍କା ମାଗିଥିଲେ। ମହିଳା ଜଣଙ୍କ ପାଖରେ ଟଙ୍କା ନ ଥିବା କହିବାରୁ କଣ ସୁନାଜିନିଷ ଆଛି ଦିଅ କହିଥିଲେ। ମହିଳା ମଙ୍ଗଳସୂତ୍ର ଦେବାରୁ ଏତିକି ହେବନାହିଁ ଆଉଦିଅ କହିବାରୁ ମହିଳାଜଙ୍କ ପିଲାଙ୍କ ସୁନା ଚେନ୍ ଓ ସୁନାଲକେଟ୍ ଦେବାପରେ ଯୁବକ ଜଣଙ୍କ ବ୍ୟାଙ୍କ ପାଖକୁ ଆସବୋଲି କହି ଚମ୍ପଟ୍ ମାରିଥିଲେ। ମହିଳା ଜଣଙ୍କ ବ୍ୟାଙ୍କକୁ ଯାଇ ଦେଖନ୍ତିତ ଯୁବକ ଜଣକ ନାହାନ୍ତି। ବହୁ ଖୋଜାଖୋଜି ପରେ ଯୁବକଙ୍କୁ ନ ପାଇବାରୁ ସୁଲୋଚନା ବେହେରା ଗଡ଼ିଶାଗୋଦା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ଗଡ଼ିଶାଗୋଦା ଥାନା ଆଇ.ଆଇ.ସି ସୁଧିର କୁମାର ଦାସ ଗଡ଼ିଶାଗୋଦା ଥାନା କେସ୍ ନଂ-୨୦୭/୨୫ ଏକ ଠକେଇ ମକଦମା ରୁଜ କରିଥିବା ବେଳେ ଆଜି ବିଭିନ୍ନ ଗଣମାଧମରେ ଜଣେ ଯୁବକ ଖଲିକୋଟ ଅଞ୍ଚଳରୁ ଠକେଇ କରିଥିବ ଅଭିଯୋଗରେ ଖଲିକୋଟ ପୋଲିସ୍ ଉକ୍ତ ଯୁବକକୁ ଧରିଥିଲେ।

# ୧୪ରୁ ଡଗରା ବେଳାଭୂମି ମହୋତ୍ସବ

### ବିଡିଓଙ୍କ ଅଧକ୍ଷତାରେ ପ୍ରଥମ ପ୍ରସ୍ତୁତି ବୈଠକ



**ବାଲିଆପାଳ,୨୫।୧୨(ସଂଚାର ବ୍ୟୁରୋ):** ଆସନ୍ତା ଜାନୁଆରୀ ୧୪ ରୁ ୧୬ ପର୍ଯ୍ୟନ୍ତ ୩ ଦିନ ବ୍ୟାପି ଡଗରା ବେଳାଭୂମି ମହୋତ୍ସବ ଅନୁଷ୍ଠିତ ହେବା।ଏନେଇ ଡଗରା ଡାକ ବଙ୍ଗଳା ପରିସରରେ ବାଲିଆପାଳବିଡ଼ିଓ ରାଧାରଂଜନ ଦାସଙ୍କ ଅଧକ୍ଷତାରେ ବୁଧବାର ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।ଏହି ପ୍ରସ୍ତୁତି ବୈଠକରେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦେଇ ଚଳିତ ବର୍ଷ ଧୁମଧାମରେ ଡଗରା ମହୋତ୍ସବ ପାଳନ କରିବା ପାଇଁ ସେ ନିଜେ ପୂର୍ଣ୍ଣ ସହଯୋଗ କରିବା ସହିତ ସମସ୍ତଙ୍କର ସହଯୋଗ କାମନା କରିଥିଲେ।ସବୁ ବର୍ଷ ପରି ମହୋତ୍ସବ ଆୟୋଜନ କରୁଥିବା ପ୍ରେସ କ୍ଲବ ବାଲିଆପାଳ ଏବଂ ଡଗରା ମହୋତ୍ସବ କମିଟିର କର୍ମକର୍ତ୍ତାଙ୍କୁ ଶ୍ରୀମତୀ ଜେନା ସାଧୁବାଦ ଜଣାଇ ଥିଲେ।ବୈଠକରେ ଡଗରା ବେଳାଭୂମି ମହୋତ୍ସବ କମିଟିର ସଭାପତି ସାମ୍ବାଦିକ ପ୍ରଫୁଲ କୁମାର ପାତ୍ର ପ୍ରସ୍ତୁତି ବୈଠକକୁ ପରିଚାଳନା କରିଥିବା ବେଳେ ବାଲିଆପାଳ ପ୍ରେସ କ୍ଲବର ସଭାପତି ସାମ୍ବାଦିକ ଅଜୟ କୁମାର ସାହୁ, ଦିଲ୍ଲୀପ କୁମାର ଦାସ, ଗୋପନାରାୟଣ ଜେନା, ରମିତା ବିଶ୍ୱାଳ, ମୁରଲୀ ଧର ଦାସ, ଗୋପାଳ ଚନ୍ଦ୍ର ସାହୁ, ପ୍ରକାଶ ଚନ୍ଦ୍ର ପ୍ରଧାନ ଡଗରା ବେଳାଭୂମି ଉନ୍ନୟନ କମିଟିର ସଭାପତି ସରପଞ୍ଚ ସତ୍ୟାନନ୍ଦ ମହାନ୍ତି, ସମ୍ପାଦକ ନିତ୍ୟାନନ୍ଦ ଜେନା, ଜିଲ୍ଲା ପରିଷଦ ସଦସ୍ୟ ବାବାଜୀ ଦେହୁରୀ, ଜଙ୍ଗଲ ସୁରକ୍ଷା କମିଟିର ସଭାପତି ଗଣପତି ଜେନା, ଡଗରା ସମିତି ସଦସ୍ୟ ମନୋରଞ୍ଜନ ଦାସ, ସମାଜସେବୀ ହରିହର ଜେନା, ପୂର୍ବତନ ସରପଞ୍ଚ ରମେଶ ଖଟୁଆ, ବେତଗଡ଼ିଆ ସରପଞ୍ଚ ପ୍ରତିନିଧି ସନ୍ତୋଷ ଗିରି, ଅଳାଡିହା ସରପଞ୍ଚ ପ୍ରତିନିଧି ଗୋପାଳ ଚନ୍ଦ୍ର କୁଳାରୀ ପ୍ରମୁଖ ଯୋଗଦେଇ ଆଲୋଚନା ରେ ଭାଗ ନେଇଥିଲେ।ସବୁବର୍ଷ ପରି ଆସନ୍ତା ମକର ସଂକ୍ରାନ୍ତି ଜାନୁଆରୀ ୧୪ ତାରିଖରୁ ମହୋତ୍ସବ ଆରମ୍ଭ ହୋଇ ତିନିଦିନ ଧରି ଚାଲିବ ବୋଲି ସିଦ୍ଧାନ୍ତ ହୋଇଥିଲା। ଏ ବାବଦରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ନିର୍ଦ୍ଦେଶରେ ବାଲିଆପାଳ ବିଡିଓ ଶ୍ରୀ ଦାସ ଓ ସ୍ଥାନୀୟ ବିଧାୟିକାଙ୍କ ଯୋଗଦାନରେ ବୈଠକ ସଫଳ ହୋଇଥିଲା।